ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୨/୨୦୧୯ (୧୬ ପୃଷ୍ଠା) | Bhubaneswar, Tuesday, November 12/2019 | ★★★★
୪୫ଶ ଭାଗ ୩୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-



ଲକି ଡ୍ର ଅବସରରେ ଅଭିନେତା କୁନା ତ୍ରିପାଠୀ, ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ସହ ଲାଲ୍‌ଚାନ୍ଦ୍ ଜୁଏଲର୍ସର ଫାଉଣ୍ଡର ଚେୟାରମ୍ୟାନ୍ ସଂଜୟ ହଂସ

## ଲାଲ୍‌ଚାନ୍ଦ୍ ଜୁଏଲର୍ସ ଲକି ଡ୍ର

# ୧୦ ଜଣ ଲକ୍ଷପତି

## ୬ ଜଣଙ୍କୁ ମିଳିଲା ହୋଣ୍ଡା ଆକ୍ଟିଭା

ମହାସମାରୋହରେ ଶେଷ ହୋଇଛି ଲାଲ୍‌ଚାନ୍ଦ୍ ଜୁଏଲର୍ସର ବହୁ ପ୍ରତିକ୍ଷୀତ ଲକି ଡ୍ର । ଏଥରର ଲକି ଡ୍ର ଥିଲା ସବୁଠୁ ଅଲଗା । କାରଣ ଏଥର ଭୁବନେଶ୍ୱରର ନନ୍ଦନକାନନ ରୋଡ ସ୍ଥିତ ଫ୍ଲାଗ୍‌ସିପ୍ ଷ୍ଟୋର୍‌ର ଗ୍ରାହକମାନେ ମଧ୍ୟ ଲକି ଡ୍ରରେ ଭାଗନେଇଛନ୍ତି ଓ ପୁରସ୍କାରଗୁଡ଼ିକର ସଂଖ୍ୟା ଆଶାତୀତ ଭାବେ ବଢ଼ିଯାଇଛି । ଭୁବନେଶ୍ୱରରର ମାଷ୍ଟରକ୍ୟାଣ୍ଟିନ୍ ଓ ରଘୁନାଥପୁର ସୋରୁମ୍ ପାଇଁ ହୋଟେଲ୍ ନିଉ ମାରିଅନ୍‌ରେ ୭ ତାରିଖରେ ଲକି ଡ୍ର ଅନୁଷ୍ଠିତ ହୋଇଥିବାବେଳେ କଟକ ସୋରୁମ୍ ପାଇଁ ଲକି ଡ୍ର ଅନୁଷ୍ଠିତ ହୋଇଥିଲା ୬ ତାରିଖରେ କଟକର ଶହୀଦ ଭବନଠାରେ ।

ଖୁବ୍ ଜାକଜମକରେ ଅନୁଷ୍ଠିତ ଏହି ଉତ୍ସବରେ ଓଡ଼ିଶା ଫିଲ୍ମ ଡେଭଲପମେଣ୍ଟ କର୍ପୋରେସନ୍‌ର ଚେୟାରମ୍ୟାନ୍ ତଥା ଓଡ଼ିଆ ଚିତ୍ର ଜଗତର ବରିଷ୍ଠ ଅଭିନେତା କୁନା ତ୍ରିପାଠୀ, ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, ଅଭିନେତା ପୁପିନ୍ଦର ଓ ଅଭିନେତ୍ରୀ ସୁଲଗ୍ନା ରାଉତରାୟ ଯୋଗଦେଇଥିଲେ । ଲକି ଡ୍ର ପରିଚାଳନା କରିଥିଲେ ଓଲିଉଡ୍ ଅଭିନେତା ପୁପିନ୍ଦର ଓ ଅଭିନେତ୍ରୀ ସୁଲଗ୍ନା । ଦର୍ଶକମାନଙ୍କ ଗହଣରୁ ଛୋଟ ପିଲାମାନେ କୂପନ ଉଠାଇ ବିଜେତାମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଥିଲେ । ଭୁବନେଶ୍ୱର ଡ୍ରରେ ଲାଲ୍‌ଚାନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଶ୍ରୀ ସଂଜୟ ହଂସ ଯୋଗ ଦେଇଥିଲେ । ଅଭିନେତା କୁନା ତ୍ରିପାଠୀ କହିଲେ - ଶ୍ରୀ ହଂସ କଥାରେ ନୁହେଁ କାର୍ଯ୍ୟରେ ବିଶ୍ୱାସ କରନ୍ତି । ସେଥିପାଇଁ ତାଙ୍କୁ ସଭାସମିତିମାନଙ୍କରେ କ୍ୱଚିତ୍ ଦେଖିବାକୁ ମିଳେ । ସେ ଜଣେ ବ୍ୟବସାୟୀ ହେଲେ ମଧ୍ୟ ଗ୍ରାହକମାନଙ୍କୁ ନିଜର ପରିବାର ସଦସ୍ୟ ଭଳି ଦେଖନ୍ତି । ବ୍ୟବସାୟର ଲାଭ କ୍ଷତି ଅପେକ୍ଷା ସେ ଗ୍ରାହକମାନଙ୍କ ଖୁସିକୁ ବେଶି ଗୁରୁତ୍ୱ ଦିଅନ୍ତି । ସେଥିପାଇଁ ସେ ଏଭଳି ଲକି ଡ୍ର ଆୟୋଜନ କରି ଗ୍ରାହକମାନଙ୍କୁ ପୁରସ୍କୃତ କରୁଛନ୍ତି ।'

ଲାଲ୍‌ଚାନ୍ଦ୍‌ର ପ୍ରତିଷ୍ଠାତା ଚେୟାରମ୍ୟାନ୍ ଶ୍ରୀ ସଂଜୟ ହଂସ ଏହି ଅବସରରେ କହିଲେ - 'ଲାଲ୍‌ଚାନ୍ଦ୍ ନେବାରେ ନୁହେଁ, ଦେବାରେ ବିଶ୍ୱାସ କରେ । ଆମେ ଅଳଙ୍କାରର ମାନ ସହିତ କେବେ ବୁଝାମଣା କରୁନାହିଁ । ଯେପରି ଗ୍ରାହକମାନଙ୍କ ପାଖରେ ସୁଲଭ ମୂଲ୍ୟରେ ସର୍ବୋତ୍କୃଷ୍ଟ ଉତ୍ପାଦ ପହଞ୍ଚପାରିବ ସେଥିପ୍ରତି ଧ୍ୟାନ ରଖିଥାଉ । ଆମର ବିଶାଳ ଗ୍ରାହକ ପରିବାର ପାଇଁ ଆମେ ଗର୍ବିତ । ଲାଲ୍‌ଚାନ୍ଦ୍ ଉପରେ ଅତୁଟ ଆସ୍ଥା ରଖିଥିବାରୁ ସମସ୍ତଙ୍କୁ ମୋର ଧନ୍ୟବାଦ ଓ ଅଭିନନ୍ଦନ' ।

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶନୀ କହିଲେ - 'ଲାଲ୍‌ଚାନ୍ଦ୍ ସମସ୍ତଙ୍କୁ ଖୁସି ଦେଖିବାକୁ ଚାହେଁ । ସମସ୍ତେ ଆଜି ନହେଲେ ବି କାଲି ନିଶ୍ଚୟ ଜିତିବେ । ଲାଲ୍‌ଚାନ୍ଦ୍ ଜୁଏଲର୍ସର ଫାଉଣ୍ଡର ଚେୟାରମ୍ୟାନ୍ ଶ୍ରୀ ସଂଜୟ ହଂସଙ୍କ ସ୍ୱପ୍ନ ସତ ହୋଇଛି । ଲାଲ୍‌ଚାନ୍ଦ୍ ଆଜି ସମସ୍ତଙ୍କର ପ୍ରିୟ ହୋଇପାରିଛି । କ୍ୱାଲିଟି, ଡିଜାଇନ୍, ଗ୍ରାହକ ସେବା ସବୁଥିରେ ଲାଲ୍‌ଚାନ୍ଦ୍ ଏକ ନମ୍ବର । ଲାଲ୍‌ଚାନ୍ଦ୍ ମୋ ପାଇଁ ସବୁଠୁ ସ୍ପେସାଲ୍ । କାରଣ ମୋର ଜନ୍ମଦିନ ଠାରୁ ବିବାହ ବାର୍ଷିକୀ ପର୍ଯ୍ୟନ୍ତ ପ୍ରତ୍ୟେକ ସମୟରେ ମୁଁ ଲାଲ୍‌ଚାନ୍ଦ୍‌ରୁ ସପିଂ କରିଥାଏ । ଲାଲ୍‌ଚାନ୍ଦ୍ ସେମିତି ଆପଣମାନଙ୍କର ମଧ୍ୟ ପ୍ରଥମ ପସନ୍ଦ ହୋଇ ରହିଥାଉ ।'

କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ ସୋରୁମ୍‌ର ଗ୍ରାହକମାନଙ୍କ ମଧ୍ୟରୁ ହୋଣ୍ଡା ଆକ୍ଟିଭା ଜିତିଛନ୍ତି ଯାଜପୁରର ପଦ୍ମାଳୟା ସାହୁ ଓ କଟକର ସୁପ୍ରଭା ଜେନା । ସେହିପରି ଜୁଲାଇ ମାସ ପାଇଁ ଲକ୍ଷପତି ହୋଇଛନ୍ତି ସମିମ୍ ଖାନ୍, ଅଗଷ୍ଟ ମାସ ପାଇଁ ଲକ୍ଷପତି ହୋଇଛନ୍ତି କଟକର ସୁମିତ୍ରା ଦାସ, ସେପ୍ଟେମ୍ବର ମାସ ପାଇଁ ଲକ୍ଷପତି ହୋଇଛନ୍ତି - ଚାଉଳିଆଗଞ୍ଜ, କଟକର ଆଶୁତୋଷ ନାୟକ, ଅକ୍ଟୋବର ମାସ ପାଇଁ ଲକ୍ଷପତି ହୋଇଛନ୍ତି ସିଡିଏ, କଟକର ଧରିତ୍ରୀ ପ୍ରସାଦ ଷଡଙ୍ଗୀ । କେଲ୍‌ଭିନ୍ କ୍ଲେନ୍ ହାତଘଣ୍ଟା ଜିତିଛନ୍ତି ଅଶୋକ କୁମାର ପାଣିଗ୍ରାହୀ ଓ ଏସ୍ ଇସ୍‌ଲାମ୍ । ବ୍ଲୁଷ୍ଟୋନ୍ ହୀରା ଅଳଙ୍କାର ଜିତିଛନ୍ତି ଅନନ୍ୟା ବେହେରା, ବିକାଶ ରଞ୍ଜନ ମହାପାତ୍ର, ବୁବିନା ବେଗମ୍, ସଂଘମିତ୍ରା ପତି ଓ ଏ. ପଣ୍ଡା ।

ମାଷ୍ଟରକ୍ୟାଣ୍ଟିନ୍, ଭୁବନେଶ୍ୱର ସୋରୁମ୍‌ର ଗ୍ରାହକମାନଙ୍କ ମଧ୍ୟରୁ ହୋଣ୍ଡା ଆକ୍ଟିଭା ଜିତିଛନ୍ତି କେନ୍ଦ୍ରାପଡ଼ାର ନୟନ କିଶୋର ମଲ୍ଲିକ ଓ ଚିନ୍ତାମଣୀଶ୍ୱର, ଭୁବନେଶ୍ୱରର ଚାନ୍ଦିନୀ କୁମାରୀ । ଜୁଲାଇ ମାସର ଲକ୍ଷପତି ପୁରସ୍କାର ଜିତିଛନ୍ତି ବଡ଼ବିଲ, କେଉଁଝରର ସୌଦାମିନୀ ଆଚାର୍ଯ୍ୟ, ଭୁବନେଶ୍ୱର ଓୟୁଏଟିର ଦିବ୍ୟାଭାରତୀ ସାହୁ, ଫୁଲନଖରାର ସୁଧାକର ନାଥ, ଶହୀଦ ନଗରର ସୌମ୍ୟାଶ୍ରୀ ମହାପାତ୍ର । କେଲ୍‌ଭିନ୍ କ୍ଲେନ୍ ହାତଘଣ୍ଟା ଜିତିଛନ୍ତି ଏସ୍. ନାୟକ ଓ ଏସ୍. ଭଞ୍ଜ ।

ରଘୁନାଥପୁର ସୋରୁମ୍‌ର ଲକି ଡ୍ରରେ ହୋଣ୍ଡା ଆକ୍ଟିଭା ଜିତିଛନ୍ତି କଟକର ବିଜୟଲକ୍ଷ୍ମୀ ଦାସ, ଭୁବନେଶ୍ୱର ଚନ୍ଦ୍ରଶେଖରପୁରର ରେଖା ପାତ୍ର । ସେପ୍ଟେମ୍ବର ମାସ ପାଇଁ ଲକ୍ଷପତି ପୁରସ୍କାର ଜିତିଛନ୍ତି ରଘୁନାଥପୁରର ବର୍ଷା ସାଗରିକା, ଆଠଗଡ଼, ସାମନ୍ତରାପୁରର ଶିବପ୍ରସାଦ ଜେନା । ବ୍ଲୁଷ୍ଟୋନ୍ ହୀରା ଅଳଙ୍କାର ଜିତିଛନ୍ତି ଏନ୍. ସାହୁ, ବିଭୁତି ଦାସ, ଏନ୍. ନାୟକ, ଏନ୍. ପଟ୍ଟନାୟକ, ଶ୍ରୀରାମ ପତି, ଜେ. ପଣ୍ଡା, ପ୍ରଭାତି ରାଉତ, ପି. ସାହୁ, ଏମ୍.ଏମ୍. ସାମଲ ଓ ଏନ୍. ମହାପାତ୍ର ।

କଟକ ଭୁବନେଶ୍ୱର ସୋରୁମ୍‌ର ଯେଉଁ ଗ୍ରାହକମାନେ ଲକି ଡ୍ରରେ ଉପସ୍ଥିତ ଥିଲେ ସେମାନଙ୍କୁ ୧୦୦ଟି ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଛି । ଉଭୟ ଲକି ଡ୍ରରେ ଲାଲ୍‌ଚାନ୍ଦ୍ ଜୁଏଲର୍ସର ଫାଉଣ୍ଡର ଚେୟାରମ୍ୟାନ୍‌ଙ୍କ ତରଫରୁ ଶେଷ ମୁହୂର୍ତ୍ତରେ ଗ୍ରାହକମାନଙ୍କ ପାଇଁ ଏକ ଅପ୍ରତ୍ୟାଶିତ ପୁରସ୍କାର ଘୋଷଣା କରାଯାଇଥିଲା । ଏଥିରେ ଉପସ୍ଥିତ ଗ୍ରାହକମାନଙ୍କମଧ୍ୟରୁ ଲକି ଡ୍ର ମାଧ୍ୟମରେ ବିଜେତା ଚୟନ କରାଯାଇ ପ୍ରତ୍ୟେକ ବିଜେତାଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା । ଏହି କ୍ରମରେ କଟକ ଲକି ଡ୍ରରେ ୧୦ ଜଣ ଓ ଭୁବନେଶ୍ୱର ଲକି ଡ୍ରରେ ୨୦ ଜଣ ଗ୍ରାହକ ୧୦ ହଜାର ଟଙ୍କା ଲେଖାଏଁ ଜିତିଛନ୍ତି ।

LALCHND
Odisha's Most Trusted Jeweller

ଲକି ଡ୍ର ଅବସରରେ କେତେଜଣ ଗ୍ରାହକଙ୍କ ମତାମତ ନିଆଯାଇଥିଲା । ଭୁବନେଶ୍ୱର ଓୟୁଏଟିର ଦିବ୍ୟାଭାରତୀ ସାହୁ ଏଥର ଲକି ଡ୍ରରେ ୧ ଲକ୍ଷ ଟଙ୍କା ଜିତିଛନ୍ତି । ସେ କହିଲେ - ''ମୁଁ ଲକି ଡ୍ର ଜିତିବି ବୋଲି କେବେ ଭାବିନଥିଲି । ଆମକୁ ୫ଟି କୂପନ ମିଳିଥିଲା । ମୁଁ ଭାବୁଥିଲି ଏଗୁଡ଼ିକ ଫିଙ୍ଗିଦେବି ବୋଲି । କିନ୍ତୁ ମୋ ବାପା କହିଲେ, ବିଶ୍ୱାସ ରଖି କୂପନ ଗୁଡ଼ିକୁ ପକାଇବା ପାଇଁ । ଆମ ପରିବାରର ସମସ୍ତଙ୍କ ନାଁରେ ଗୋଟିଏ ଲେଖାଏଁ କୂପନ ପୂରଣ କରି ଆମେ ପକାଇଥିଲୁ । ୭ତାରିଖ ସନ୍ଧ୍ୟାରେ ଯେତେବେଳେ ମୋ ପାଖକୁ ଫୋନ୍ ଆସିଲା 'ଆପଣ ଲକ୍ଷେଟଙ୍କା ଜିତିଛନ୍ତି', ମୋର ତଥାପି ବିଶ୍ୱାସ ହୋଇନଥିଲା । ଏଠାକୁ ଆସିବା ପରେ ଯେତେବେଳେ ଜାଣିଲି ମୁଁ ସତରେ ଜିତିଛି- ମୋର ଖୁସିର ସୀମା ରହିଲା ନାହିଁ । ଆମେ ଅଳଙ୍କାର କିଣିବା ପାଇଁ କେବଳ ଲାଲ୍‌ଚାନ୍ଦ୍ ଜୁଏଲର୍ସ ଉପରେ ନିର୍ଭର କରିଥାଉ । ଏଠାରେ ମୋତେ ସବୁଠୁ ଭଲ ଲାଗେ ଗ୍ରାହକସେବା । ମୋ ମା' ଆଣ୍ଠୁରେ ସମସ୍ୟା ଯୋଗୁଁ ସିଡ଼ି ଉଠି ପାରନ୍ତି ନାହିଁ । ଅନ୍ୟ କେଉଁ ସୋରୁମ୍‌କୁ ଗଲେ ସେଠାରେ ଅସୁବିଧା ସତ୍ତ୍ୱେ ତଳ ମହଲାରୁ ଉପର ମହଲା ଯିବାଆସିବା କରିବାକୁ ପଡ଼େ । କିନ୍ତୁ ଆମେ ଯେତେବେଳେ ଲାଲ୍‌ଚାନ୍ଦ୍‌ରେ ଏକଥା ଜଣାଇଲୁ- ସେମାନେ ଉପର ଫ୍ଲୋର୍‌ମାନଙ୍କରୁ ଜିନିଷ ଆଣି ଆମକୁ ଗ୍ରାଉଣ୍ଡ୍ ଫ୍ଲୋର୍‌ରେ ଦେଖାଇଲେ ଓ ଆମେ ଅଳଙ୍କାର କିଣି ଘରକୁ ଆସିଲୁ । ମୁଁ ଲାଲ୍‌ଚାନ୍ଦ୍ ଭଳି ଗ୍ରାହକ ସେବା ଅନ୍ୟ କେଉଁଠି ଦେଖିନାହିଁ ।''

ଅନ୍ୟ ଜଣେ ଗ୍ରାହକ କଟକର ବିଜୟାରଶ୍ମୀ ନାୟକ କହିଲେ, ଅନ୍ୟ କେଉଁଠୁ କିଣିଲେ କିଛି ଗିଫ୍ଟ ମିଳେ ନାହିଁ । କିନ୍ତୁ ଲାଲ୍‌ଚାନ୍ଦ୍ ସବୁବେଳେ ଗ୍ରାହକମାନଙ୍କୁ ଖୁସି କରିବାକୁ କିଛି ନା କିଛି ରଖିଥାନ୍ତି । ସେଥିପାଇଁ ମୁଁ ଲାଲ୍‌ଚାନ୍ଦ୍‌ରୁ କିଣିବାକୁ ପସନ୍ଦ କରେ । ଲାଲ୍‌ଚାନ୍ଦ୍‌ରୁ ଖରିଦ୍ କରି ପୁଅ ନାଁରେ କୂପନ ପକାଇଥିଲି । ୬ ତାରିଖ ସଂଧ୍ୟା ୮ଟାରେ ଯେତେବେଳେ ଲାଲ୍‌ଚାନ୍ଦ୍‌ରୁ ଫୋନ୍ ଆସିଲା ମୁଁ ବିଶ୍ୱାସ କରିପାରିଲି ନାହିଁ ଯେ ମୁଁ ଲକ୍ଷେଟଙ୍କା ଜିତିଛି । ଧନ୍ୟବାଦ ଲାଲ୍‌ଚାନ୍ଦ୍ ।'

ଭୁବନେଶ୍ୱର, ଚନ୍ଦ୍ରଶେଖରପୁରର ରେଖା ପାତ୍ର ଯିଏ ଚଳିତ ଲକି ଡ୍ରରେ ଗୋଟିଏ ହୋଣ୍ଡା ଆକ୍ଟିଭା ଜିତିଛନ୍ତି - ସେ କହିଲେ, ଲାଲ୍‌ଚାନ୍ଦ୍‌ରେ ଅଳଙ୍କାରର ଶୁଦ୍ଧତା ଓ ଡିଜାଇନ୍ ଆମର ଖୁବ୍ ପସନ୍ଦ । ସେଥିପାଇଁ ଆମେ ସବୁବେଳେ ଲାଲ୍‌ଚାନ୍ଦ୍‌ରୁ ସପିଂ କରିବାକୁ ଭଲ ପାଉ ।'

ଆଠଗଡ଼ର ଶିବ ପ୍ରସାଦ ଜେନା, ଯିଏ ଚଳିତ ଥର ଲକ୍ଷପତି ପୁରସ୍କାର ଜିତିଛନ୍ତି ସେ କହିଲେ - ଲାଲ୍‌ଚାନ୍ଦ୍ ଓଡ଼ିଶାର ସବୁଠାରୁ ନିର୍ଭରଯୋଗ୍ୟ ଅଳଙ୍କାର ପ୍ରତିଷ୍ଠାନ । ଅଳଙ୍କାରର ଶୁଦ୍ଧତା, ଡିଜାଇନ୍ ଓ ସୁଲଭ ମୂଲ୍ୟ ପାଇଁ ଲାଲ୍‌ଚାନ୍ଦ୍ ଓଡ଼ିଶାବାସୀଙ୍କ ବିଶ୍ୱାସ ଜିତିପାରିଛନ୍ତି । ଲାଲ୍‌ଚାନ୍ଦ୍ ମୋର ଫେଭରିଟ୍ ।'

ରାଜକନିକାର ନୟନ କିଶୋର ମଲ୍ଲିକ କହିଲେ, ଆମେ ଲାଲ୍‌ଚାନ୍ଦ୍‌କୁ ଅଳଙ୍କାର କିଣିବା ପାଇଁ ସୁଦୂର ରାଜକନିକାରୁ ଏଠାକୁ ଆସୁ । ଅଳଙ୍କାରର ଡିଜାଇନ୍, ଶୁଦ୍ଧତା ପାଇଁ ଆମେ ଲାଲ୍‌ଚାନ୍ଦ୍ ସହ ବାନ୍ଧି ହୋଇଯାଇଛୁ ।'

ଲାଲ୍‌ଚାନ୍ଦ୍‌ର ସର୍ବବୃହତ ରଘୁନାଥପୁର ସ୍ଥିତ ଷ୍ଟୋର୍‌ରେ ରହିଛି ଫାଇନେଷ୍ଟ୍ ଡିଜାଇନ୍ ତଥା ଅନ୍ତର୍ଜାତୀୟ ସ୍ତରର ଅଳଙ୍କାର । ସୁନା, ହୀରା ଏବଂ ରୂପାର ନିଖୁଣ ଏବଂ ଅବର୍ଣ୍ଣନୀୟ କାରିଗରୀ ଏଠାରେ ଦେଖିବାକୁ ମିଳେ । ଯାହା ସଂପୂର୍ଣ୍ଣ ପୂର୍ବଭାରତରେ ବିରଳ । କେବଳ ଲାଲ୍‌ଚାନ୍ଦ୍ ଜୁଏଲର୍ସର ଷ୍ଟୋର୍ ମାନଙ୍କରେ ମଜୁରୀରେ ସବୁଠୁ ଅଧିକ ରିହାତି ମିଳେ । ସବୁଠୁ ବଡ଼ କଥା ହେଲା ଏଠାରେ ସମସ୍ତ ଅଳଙ୍କାର ବି.ଆଇ.ଏସ୍. ହଲ୍‌ମାର୍କ ପ୍ରମାଣିତ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଚଳିତ ମାସ ଠାରୁ ଆରମ୍ଭ ହେଉଛି ବିବାହ ଋତୁ । ଏହାକୁ ଦୃଷ୍ଟିରେ ରଖି ଲାଲ୍‌ଚାନ୍ଦ୍ ଜୁଏଲର୍ସ ଆଣିଛନ୍ତି ଅନେକ ରିହାତି ଅଫର । ଯାହାଫଳରେ ଲୋକେ ସୁଲଭ ମୂଲ୍ୟରେ ଅଳଙ୍କାର କ୍ରୟ କରିପାରିବେ । ବି.ଆଇ.ଏସ୍. ହଲ୍‌ମାର୍କଯୁକ୍ତ ୨୨ କ୍ୟାରେଟ୍ ସ୍ୱର୍ଣ୍ଣ ଅଳଙ୍କାରର ଗଢ଼ାମୂଲ୍ୟରେ ସର୍ବାଧିକ ରିହାତି । ସମସ୍ତ ହୀରା ଅଳଙ୍କାରରେ ଗଢ଼ାମୂଲ୍ୟ ସଂପୂର୍ଣ୍ଣ ଛାଡ଼ । ରୌପ୍ୟ ଅଳଙ୍କାରର ଗଢ଼ାମଜୁରୀରେ ୫୦ ପ୍ରତିଶତ ରିହାତି । ତା ସହ ବ୍ରାଣ୍ଡେଡ୍ ହାତଘଣ୍ଟା ଉପରେ ଫ୍ଲାଟ୍ ୧୦ ପ୍ରତିଶତ ରିହାତି ଅଛି । ଏସବୁ ଗଲା ରିହାତି । ଗ୍ରାହକମାନେ ଲାଲ୍‌ଚାନ୍ଦ୍‌ରୁ ଖରିଦ୍ କରି ଅନେକ କିଛି ଜିତିପାରିବେ । ବମ୍ପର ପୁରସ୍କାର ଭାବରେ ରହିଛି ତିନିଟି ମାରୁତୀ ସୁଜୁକୀ ଏସ୍‌ପ୍ରେସୋ କାର୍ । ଛଅଟି ହୋଣ୍ଡା ହର୍ଣ୍ଣେଟ୍ ମୋଟର ସାଇକେଲ୍ । ଛତିଶ ଜଣ ଗ୍ରାହକଙ୍କୁ ମିଳିବ ଲକ୍ଷପତି ହେବାର ସୁଯୋଗ । ଲାଲ୍‌ଚାନ୍ଦ୍‌ର ଅଫର ଏତିକିରେ ସରିନାହିଁ । ଲକି ଡ୍ରରେ ଭାଗନେଇ ଗ୍ରାହକମାନେ ଜିତିପାରିବେ ତିରିଶଟି ବ୍ଲୁଷ୍ଟୋନ୍ ହୀରା ଅଳଙ୍କାର ଓ ୧୦୦ଟି ସାନ୍ତ୍ୱନାମୂଳକ ପୁରସ୍କାର ।

## କୌନ୍ ବନେଗା ଲଖ୍‌ପତି ବିଜେତା



ସମିମ୍ ଖାନ୍
୮୨୭୮୯



ସୁମିତ୍ରା ଦାସ
୧୧୧୦୪୮



ଆଶୁତୋଷ ନାୟକ
୧୧୧



ଧରିତ୍ରୀ ପ୍ରସାଦ ଷଡ଼ଙ୍ଗୀ
୧୩୨୭୧୫



ସୌଦାମିନୀ ଆଚାର୍ଯ୍ୟ
୧୧୧୨୧୧



ଦିବ୍ୟାଭାରତୀ ସାହୁ
୧୧୧୫୪୮



ସୁଧାକର ନାଥ
୧୩୫୧୬୦



ସୌମ୍ୟାଶ୍ରୀ ମହାପାତ୍ର
୩୬୫୯୧



ବର୍ଷା ସାଗରିକା
୧୩୪୩୯୮



ଶିବପ୍ରସାଦ ଜେନା
୨୫୨୬୫

## ହୋଣ୍ଡା ଆକ୍ଟିଭା ବିଜେତା



ପଦ୍ମାଳୟା ସାହୁ
୮୫୩୫



ସୁପ୍ରଭା ଜେନା
୩୦୭୮୨



ନୟନ କିଶୋର ମଲ୍ଲିକ
୮୫୩୫



ଚାନ୍ଦିନୀ କୁମାରୀ
୨୧୪୦୩



ବିଜୟଲକ୍ଷ୍ମୀ ଦାସ
୧୦୮୪୫



ରେଖା ପାତ୍ର
୯୧୮୭



ଫିଲ୍ମ '୮୩'ରେ କ୍ରିକେଟ କିମ୍ବଦନ୍ତୀ କପିଳଦେବଙ୍କ ଭୂମିକାରେ ଅଭିନୟ କରିଥିବା ରଣବୀର ସିଂଙ୍କ ନଟରାଜ ଶଟ୍ ବେଶ୍ ଚମତ୍କାର ହୋଇଛି।
ସଞ୍ଜୟ ମଞ୍ଜରେକର, ଟିମ୍ ଇଣ୍ଡିଆର ପୂର୍ବତନ କ୍ରିକେଟର

# ନିମୋନିଆ ସ୍ଥିତି ସାଂଘାତିକ

## ଭାରତରେ ପ୍ରତି ୪ ମିନିଟ୍‌ରେ ଯାଉଛି ଜଣେ ଶିଶୁର ଜୀବନ

ବିଶ୍ୱରେ ୫ ବର୍ଷ ବୟସରୁ କମ୍ ଶିଶୁଙ୍କର ମ୍ୟାଲେରିଆ ଜନିତ ମୃତ୍ୟୁଠାରୁ ନିମୋନିଆ ମୃତ୍ୟୁ ହାର ଅଧିକ। ଏଣୁ ନିମୋନିଆ ସଂକ୍ରମଣ ରୋକିବା ଉଦ୍ଦେଶ୍ୟରେ ବିଶ୍ୱସ୍ତରରେ ପ୍ରତିବର୍ଷ ନଭେମ୍ବର ୧୨ରେ 'ବିଶ୍ୱ ନିମୋନିଆ ଦିବସ' ପାଳନ କରାଯାଉଛି। ଶହେରୁ ଉର୍ଦ୍ଧ୍ୱ ସଂସ୍ଥା ଶିଶୁମାନଙ୍କ ଜୀବନ ରକ୍ଷା ପାଇଁ 'ଗ୍ଲୋବାଲ କୋଆଲିଶନ ଏଗେନ୍‌ଷ୍ଟ ଚାଇଲ୍ଡ ନିମୋନିଆ' ଗଠନ କରି ୨୦୦୯ ନଭେମ୍ବର ୨ରେ ପ୍ରଥମେ ବିଶ୍ୱ ନିମୋନିଆ ଦିବସ ପାଳନ କରିଥିଲେ। ଏହାପରେ ୨୦୧୦ରୁ ଏହି ଦିବସ ନଭେମ୍ବର ୧୨ରେ ପାଳନ କରାଯାଉଛି।

ପ୍ରତିବର୍ଷ ବିଶ୍ୱରେ ୫ ବର୍ଷ ବୟସରୁ କମ୍ ୧୫୫ ମିଲିୟନ ଶିଶୁ ଆକ୍ରାନ୍ତ ହେଉଛନ୍ତି ଓ ୧.୬ ମିଲିୟନ ମୃତ୍ୟୁ ଘଟୁଛି। ଏଣୁ ୫ବର୍ଷ ବୟସରୁ କମ୍ ଶିଶୁଙ୍କ ମୃତ୍ୟୁର ଏହା ଏବେ ୧ ନମ୍ବର କାରଣ ପାଲଟିଛି ଓ ଏଡସ୍, ମ୍ୟାଲେରିଆ ଓ ମିଳିମିଳାର ମୋଟ ମୃତ୍ୟୁହାରଠାରୁ ଏହା ବେଶି। ବିଶ୍ୱରେ ବିଭିନ୍ନ ରୋଗରେ ସଂକ୍ରମିତ ହୋଇ ପ୍ରାଣ ହରାଉଥିବା ୫ ବର୍ଷ ବୟସରୁ କମ୍ ୬ ଜଣ ଶିଶୁଙ୍କ ମଧ୍ୟରୁ ଜଣଙ୍କର ନିମୋନିଆରେ ମୃତ୍ୟୁ ଘଟୁଛି। କେବଳ ଏହି ରୋଗରେ ସବୁଠୁ ଅଧିକ ଶିଶୁ ମୃତ୍ୟୁ(ମୋଟ୍ ମୃତ୍ୟୁର ୧୬ ପ୍ରତିଶତ) ହେଉଛି। କିନ୍ତୁ ଖୁବ କମ୍ ଲୋକ ଏହି ରୋଗ ସମ୍ପର୍କରେ ଅବଗତ। ଏହାର କାରଣ ଏହା ବିଶ୍ୱସ୍ତରରେ ସ୍ୱାସ୍ଥ୍ୟ ଏଜେଣ୍ଡାର ଆଢୁଆଳରେ ରହିଯାଉଛି। ନିମୋନିଆ ସମ୍ପର୍କରେ ଗଣମାଧ୍ୟମରେ କମ୍ ପ୍ରଚାର ପ୍ରସାର କରାଯାଉଛି। ଏହି ରୋଗ ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ କରିବା ସହ ପଲିସି ମେକର ଓ ତଳସ୍ତରରେ ବିଭିନ୍ନ ସଂଗଠନଗୁଡିକୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ଏହି ଦିବସ ପାଳନ କରାଯାଉଛି। ଉକ୍ତ ରୋଗକୁ ଆୟତ୍ତକୁ ଆଣିବା ପାଇଁ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଓ ୟୁନିସେଫ ତରଫରୁ ୨୦୦୯ରେ 'ଦି ଗ୍ଲୋବାଲ ଆକ୍ସନ ପ୍ଲାନ୍ ଫର୍ ଦି ପ୍ରିଭେନଶନ ଆଣ୍ଡ କଣ୍ଟ୍ରୋଲ ଅଫ୍ ନିମୋନିଆ' କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। କୁହାଯାଇଛି ଯେ,ଗରିବ ଦେଶଗୁଡିକରେ ଯଦି ନିମୋନିଆର ପ୍ରତିକାର କିମ୍ବା ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରାଯାଏ ତେବେ ପ୍ରତିବର୍ଷ ୧ ମିଲିୟନ ଶିଶୁଙ୍କ ଜୀବନ ରକ୍ଷା କରାଯାଇପାରିବ। ଜାତିସଂଘ 'ମିଲେନିୟମ ଡେଭେଲପମେଣ୍ଟ ଗୋଲ୍( ଏମ୍‌ଡିଜିସ) ବା ସହସ୍ରାବ୍ଦ ବିକାଶ ଲକ୍ଷ୍ୟରେ ନିମୋନିଆ ଜନିତ ଶିଶୁ ମୃତ୍ୟୁହାର ଦୁଇ ତୃତୀୟାଂଶ କମ୍ କରିବାର ଲକ୍ଷ୍ୟ ରଖାଯାଇଛି।

ନିମୋନିଆ ଜନିତ ଶିଶୁ ମୃତ୍ୟୁ ଅଧିକ ହେଉଥିବା ବିଶ୍ୱର ୧୦ଟି ଦେଶ ମଧ୍ୟରେ ଭାରତର ସ୍ଥାନ ରହିଛି। ଭାରତରେ ପ୍ରତି ଏକ ମିନିଟରେ ଜଣେ ଶିଶୁ ନିମୋନିଆରେ ଆକ୍ରାନ୍ତ ହେଉଛି। ପ୍ରତି ୪ ମିନିଟରେ ଜଣେ ଶିଶୁର ମୃତ୍ୟୁ ହେଉଛି। ଭାରତରେ ପ୍ରତିବର୍ଷ ୧.୫ ଲକ୍ଷ ଶିଶୁ ଏହା ଯୋଗୁ ମୃତ୍ୟୁ ଘଟୁଛି। ୨୦୩୦ ସୁଦ୍ଧା ଏହି ମୃତ୍ୟୁ ୧୭ ଲକ୍ଷରେ ପହଞ୍ଚିବ ବୋଲି ଏକ ଆକଳନରୁ ଜଣାପଡିଛି। ଯଦି ପ୍ରାଥମିକତା ଭିତ୍ତିରେ ଏହି ରୋଗ କବଳରୁ ଶିଶୁଙ୍କୁ ରକ୍ଷା କରିବା ପାଇଁ ପଦକ୍ଷେପ ନିଆ ନ ଯାଏ ତେବେ ଶିଶୁ ମୃତ୍ୟୁହାର କମାଇବା କଷ୍ଟକର ହୋଇଯିବ। ଟିକାକରଣ ମାଧ୍ୟମରେ ସରକାର ନିମୋନିଆରୁ ଶିଶୁଙ୍କୁ ରକ୍ଷା କରିବା ପାଇଁ ଯେଉଁ ରଣନୀତି ପ୍ରସ୍ତୁତ କରିଛନ୍ତି ତାହା ଅଧୁରା ରହିଯାଉଛି। ନିମୋନିଆରେ ଶିଶୁ ମୃତ୍ୟୁ କ୍ରମାଗତ ଭାବେ ବୃଦ୍ଧିପାଉଛି। ଭାରତ ସମେତ ଏସିଆର ଅନ୍ୟ ଦେଶଗୁଡିକରେ ନିମୋନିଆଜନିତ ମୃତ୍ୟୁ ହାର ବିଶ୍ୱରେ ଅଧିକ। ନିମୋନିଆ ବିରୋଧରେ ଲଢେଇ କରିବା ଲାଗି ଗଠିତ ଏସିଆନ ଷ୍ଟ୍ରେଟେଜିକ୍ ଆଲାଏନ୍ସ ଫର୍ ନ୍ୟୁମୋକୋକଲ ଡିଜିଜ ପ୍ରୋବେଶନ(ଏଏସ୍‌ଏପି) ପକ୍ଷରୁ କୁହାଯାଇଛି ଯେ, ଭାରତରେ ଦୁଇ ପ୍ରକାର ବ୍ୟାକ୍ଟେରିଆ ଦ୍ୱାରା ହେଉଥିବା ନିମୋନିଆ ଯୋଗୁ ପିଲାଙ୍କର ଅଧିକ ମୃତ୍ୟୁ ହେଉଛି। ଏହାକୁ ଟିକା ମାଧ୍ୟମରେ ରୋକାଯାଇପାରିବ ଏବଂ ଏଥିପାଇଁ ବି ପଦକ୍ଷେପ ଗ୍ରହଣ କରାଯାଇଛି। ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଚାଲୁରହିଛି, କିନ୍ତୁ ନିମୋନିଆରେ ମୃତ୍ୟୁହାର ବୃଦ୍ଧି ପାଇବା ଏବେ ଚିନ୍ତାର କାରଣ ହୋଇଛି।

### ବିଶ୍ୱ ନିମୋନିଆ ଦିବସ



### ଅତି ମାରାତ୍ମକ

ନିମୋନିଆ ବା ଫୁସ୍‌ଫୁସ୍ ପ୍ରଦାହ ଅତିମାରାତ୍ମକ। ବିଶେଷକରି ପାଞ୍ଚରୁ କମ୍ ବର୍ଷ ବୟସର ଶିଶୁମାନେ ଏହି ରୋଗରେ ଅଧିକ ଆକ୍ରାନ୍ତ ହୋଇଥାନ୍ତି। ଶିଶୁକୁ ଥଣ୍ଡା ଲାଗିବା ଏହି ରୋଗର ପ୍ରଧାନ କାରଣ। ଆଘାତ କାରଣ ମଧ୍ୟ ଅଛି। ଏଥିରେ ଶ୍ୱାସ ଘନ ଘନ ଆସେ, ଜ୍ୱରହୁଏ, ଶୀତ ଲାଗେ, କଥା କହିବାରେ ବେଳେ ବେଳେ କଷ୍ଟ ହୁଏ, ଛାତିରେ ଯନ୍ତ୍ରଣା, ଖଁ ଖଁ କାଶ, କଫର ରଙ୍ଗ ଲାଲ, ଅନିୟମିତ କ୍ଷୁଧା, ମାନ୍ଦାପଣ, ଜିହ୍ୱା ଶୁଷ୍କ ଓ କଳା ଦେଖାଯାଏ। କଡ଼ ଲେଉଟାଇବାରେ ଅସୁବିଧା, ଦ୍ରୁତ ନାଡ଼ି ଓ ଗଳା ସୁଡ଼ସୁଡ଼, କଫରେ ରକ୍ତକଣା ପଡ଼ିବା ଏବଂ ବେଳେବେଳେ ଝାଡ଼ା ବା ବାନ୍ତି ଇତ୍ୟାଦିର ଲକ୍ଷଣ ଦେଖାଯାଏ। ଗୁରୁତର ଆକ୍ରାନ୍ତ ହୋଇଥିବା ପିଲା ବା ବୟସ୍କ ମୁମୂର୍ଷୁ ହୋଇପଡ଼ିଲେ ତୁରନ୍ତ ଆଇସିୟୁ ସେବା ଆବଶ୍ୟକ ପଡ଼ିଥାଏ। ତେଣୁ ଆନାସ୍ଥେସିଆ ଓ କ୍ରିଟିକାଲ କେୟାର ସେବା ନିମୋନିଆ ରୋଗ ପାଇଁ ଏକ ଅତ୍ୟାବଶ୍ୟକ ଓ ମୂଲ୍ୟବାନ ସ୍ୱାସ୍ଥ୍ୟସେବା। ଏ ରୋଗ ସାଧାରଣତଃ ଆମ ଫୁସ୍‌ଫୁସ୍, ଶ୍ୱାସନଳୀ, ଅନ୍ତନଳୀ ସମ୍ପର୍କିତ ଏବଂ ବିଭିନ୍ନ ଜୀବାଣୁ, ଭୂତାଣୁ ଇତ୍ୟାଦି ସଂକ୍ରମଣ ଦ୍ୱାରା ହୋଇଥାଏ।

**–ଡା. ବିଷ୍ଣୁପ୍ରସାଦ ମହାପାତ୍ର**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ**

# ଦୀପିକାଙ୍କୁ ଜ୍ୱର



**ମୁମ୍ବାଇ:** ନିଜ ବେଷ୍ଟଫ୍ରେଣ୍ଡଙ୍କ ବାହାଘରରେ କିଏ ବା ମନଖୋଲି ମସ୍ତି ନ କରେ! ତେବେ ବାହାଘର ମାହୋଲରେ ଉତ୍ସାହିତ ହୋଇ ଅଧିକ ମସ୍ତି କଲେ, ଖାଦ୍ୟପେୟର ଠିକ୍ ଧ୍ୟାନ ନ ରଖିଲେ ପରେ ତା'ର ଫଳ ଭୋଗିବାକୁ ପଡ଼ିଥାଏ, ଯାହା ଏବେ ବଲିଉଡ୍ ମସ୍ତାନୀ ଦୀପିକା ପାଦୁକୋନ୍ ଭୋଗୁଛନ୍ତି। ହଁ ଦୀପିକା ହୋଇପଡ଼ିଛନ୍ତି ଅସୁସ୍ଥ। ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍‌ରେ ଏନେଇ ଫଟୋ ଶେୟାର କରି ଜଣାଇଛନ୍ତି। ଫଟୋରେ ଦୀପିକା ବହୁତ ଦୁର୍ବଳ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଫଟୋରେ ଏକ ଥର୍ମୋମିଟର ଇମୋଜି ଲଗାଇ ଦୀପିକା ଫ୍ୟାନଙ୍କୁ ତାଙ୍କୁ ଜ୍ୱର ହୋଇଥିବା ଜଣାଇଛନ୍ତି। ସେହିଭଳି ଫଟୋ କ୍ୟାପ୍‌ଶନରେ ନିଜ ବେଷ୍ଟଫ୍ରେଣ୍ଡଙ୍କ ବିବାହରେ ଅଧିକ ମଜାମସ୍ତି କରିଥିବାରୁ ଏପରି ହୋଇଥିବା ଲେଖିଛନ୍ତି।

ପ୍ରକୃତରେ ଦୀପିକା ପାଦୁକୋନ୍ ନିଜ ବେଷ୍ଟଫ୍ରେଣ୍ଡ ଉର୍ବଶୀ କେସୱାନୀଙ୍କ ବିବାହ ନିକଟରେ ବାଙ୍ଗାଲୋରରେ ହେଲା। ଦୀପି କା ଗତ କିଛିଦିନ ପୂର୍ବରୁ ବିବାହରେ ସାମିଲ ହେବାକୁ ସେଠାକୁ ଯାଇଥିଲେ ଓ ମନଖୋଲି ମସ୍ତି ମଧ୍ୟ କରୁଥିଲେ। ବିବାହର ସବୁ ରୀତିନୀତିରେ ସେ ଉତ୍ସାହର ସହ ନିଜକୁ ସାମିଲ କରିଥିଲେ। ରଣବୀର ମଧ୍ୟ ବିବାହ ସମାରୋହ ଦିନ ବାଙ୍ଗାଲୋର ଯାଇ ପହଞ୍ଚିଥିଲେ। ତେବେ ଦୀପିକାଙ୍କ ଉତ୍ସାହ ଏତେ ବଢ଼ିଗଲା ଯେ, ବିବାହର ତୁରନ୍ତ ପରେ ତାଙ୍କୁ ଜ୍ୱର ହୋଇଗଲା। ଏବେ ଅତ୍ୟଧିକ ମଜାମସ୍ତିର ପରିଣାମ ଭୋଗୁଛନ୍ତି ଦୀପିକା। ସେ ଯଥାଶୀଘ୍ର ସୁସ୍ଥ ହୋଇଯାଆନ୍ତୁ ତାଙ୍କ ଫ୍ୟାନ୍‌ମାନଙ୍କ କାମନା। ଅନ୍ୟପଟେ ଦୀପିକାଙ୍କୁ ବାହାଘର ଉପଲକ୍ଷେ ମେହେନ୍ଦି ଓ ସଙ୍ଗୀତ କାର୍ଯ୍ୟକ୍ରମରେ ବିଶିଷ୍ଟ ଫ୍ୟାଶନ୍ ଡିଜାଇନର୍ ସବ୍ୟସାଚୀଙ୍କ ଆଉଟ୍‌ଫିଟ୍‌ରେ ଦେଖିବାକୁ ମିଳିଥିଲା।

# ଉଟାହରେ ହୁଏ ମାଛବର୍ଷା

**ୱାଶିଂଟନ:** ଆମେରିକାର ଉଟାହରେ ଦେଖିବାକୁ ମିଳେ ଏକ ଅଦ୍ଭୁତ ଦୃଶ୍ୟ। ଏଠାରେ ଆକାଶରୁ ମାଛ ବର୍ଷା ହୋଇଥାଏ। ଏହି ଦୃଶ୍ୟ ଦେଖିବାକୁ ବେଶ୍ ମନଲୋଭା। ମାଉଣ୍ଟେନ୍ ଲେକ୍ ଉପରେ ହୋଇଥାଏ ଏହି ମାଛ ବର୍ଷା। ହେଲେ ଏହା ପ୍ରାକୃତିକ ଭାବେ



ନୁହେଁ, ବରଂ ଏହା ମନୁଷ୍ୟକୃତ। ସୂଚନା ଅନୁଯାୟୀ, ହେଲିକପ୍ଟର ଯୋଗେ ପାହାଡ ଉପରେ ତିଆରି କରାଯାଇଥିବା ମାଉଣ୍ଟେନ୍ ଲେକ୍‌ରେ ମାଛ ବର୍ଷା କରାଯାଇଥାଏ। ଏଥିମଧ୍ୟରୁ ୯୦ ପ୍ରତିଶତରୁ ଅଧିକ ମାଛ ବଞ୍ଚିବାର ସମ୍ଭାବନା ଥାଏ। ଏଭଳି କରିବାର ଉଦ୍ଦେଶ୍ୟ ହେଉଛି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଇବା। ତେବେ ଏହା ଖୁବ୍ ଉଚ୍ଚ ହୋଇଥିବାରୁ ମାଛମାନଙ୍କୁ ଅନ୍ୟ ଉପାୟରେ ନେବା ଏତେ ସହଜ ହୋଇ ନ ଥାଏ। ସଡ଼କ ପଥରେ ନେଲେ ଅଧିକାଂଶ ମାଛ ମରିଯାଇଥାଆନ୍ତି। ତେଣୁ ସେଠାକାର ହ୍ରଦରେ ମାଛଗୁଡିକୁ ହେଲିକପ୍ଟର ମାଧ୍ୟମରେ ଛଡା ଯାଇଥାଏ। ଯଦି ଏଭଳି ନ କରାଯାଏ ତେବେ ହ୍ରଦ ଖାଲି ଖାଲି ଲାଗିବ ଓ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ କମିଯିବ। ତେଣୁ ପ୍ରତିବର୍ଷ ଅଗଷ୍ଟ ମାସରେ ଏଠାରେ ହେଲିକପ୍ଟର ମାଧ୍ୟମରେ ମାଛ ଯାଆଁଳ ଛଡା ଯାଇଥାଏ।

# ପକ୍ଷୀଙ୍କ ପାଇଁ ଫ୍ଲାଟ୍

**ଗାଜିଆବାଦ:** ନିଦରୁ ଉଠିବା ପାଇଁ ଆଉ ଲୋଡ଼ାପଡ଼ିବନି ଆଲାର୍ମ। ଚଢ଼େଇଙ୍କ କିଚିରିମିଚିରି ଶବ୍ଦରେ ଆପଣାଛାଏଁ ଭାଙ୍ଗିଯିବ ନିଦ। ଚା' କପ୍ ଧରି ଖବରକାଗଜ ଉପରେ ଆଖି ବୁଲାଇ ଆଣିବା ବେଳକୁ ଆକାଶରେ ପୁଞ୍ଜା ପୁଞ୍ଜା ହୋଇ ଘୂରି ବୁଲୁଥିବେ ବିହଙ୍ଗଗଣ। ଘର ପାଖରେ ଏମିତି ପରିବେଶଟିଏ ପାଇବାକୁ କିଏ ବା ନ ଚାହିଁବ? ପ୍ରକୃତି ସହ ମଣିଷକୁ ଅଧିକ ନିକଟତର କରାଇବାକୁ ଏପରି ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି ଗାଜିଆବାଦ ଡେଭଲପ୍‌ମେଣ୍ଟ ଅଥରିଟି (ଜିଡିଏ), ଯାହାର ନାମ ହେଉଛି 'ବାର୍ଡ ଫ୍ଲାଟ'। ଏପରି ଅଭିନବ ଅଭିଯାନକୁ ଚାରିଆଡୁ ପ୍ରଶଂସା କରାଯାଉଛି।

କଂକ୍ରିଟ୍ ଜଙ୍ଗଲରେ ବଦଳୁଛି ସହର। ଉଜୁଡ଼ିଗଲାଣି ପରିବେଶ। ପେଟପାଟଣା ଚିନ୍ତାରେ ରେସ୍ ଲଗାଉଥିବା ମଣିଷ ପାଖରେ ପରିବେଶକୁ ଉପଭୋଗ କରିବାକୁ ସମୟ ନାହିଁ। ହେଲେ ଜିଡିଏ ପକ୍ଷରୁ ଗାଜିଆବାଦ ସହରରେ ପ୍ରଥମ ଥର ପାଇଁ ନିର୍ମାଣ କରାଯାଇଥିବା 'ବାର୍ଡ ଫ୍ଲାଟ୍' କର୍ମଜଞ୍ଜାଳ ଭିତରେ ବୁଡ଼ି ରହିଥିବା କର୍ମଜୀବୀଙ୍କ ମାନସିକ ଅବସାଦକୁ ଦୂରେଇପାରିବ ବୋଲି କୁହାଯାଉଛି।

ପ୍ରଥମ ପର୍ଯ୍ୟାୟରେ ପରୀକ୍ଷାମୂଳକ ଭାବେ 'ପକ୍ଷୀ ଫ୍ଲାଟ' ନିର୍ମିତ ହୋଇଛି ଗାଜିଆବାଦ ବିକାଶ ପ୍ରାଧିକରଣ ଉପାଧ୍ୟକ୍ଷଙ୍କ ସରକାରୀ ବାସଭବନରେ। ଏଠାରେ ୬୦ଟି ପକ୍ଷୀ ରହିପାରିବା ଭଳି ବ୍ୟବସ୍ଥା କରାଯାଇଛି। ଏଥିରେ ଖର୍ଚ୍ଚ ହୋଇଛି ପାଖାପାଖି ୨ ଲକ୍ଷ ଟଙ୍କା। ଏ ନେଇ ଜିଡିଏର ଉପାଧ୍ୟକ୍ଷା କଞ୍ଚନ ବର୍ମା କୁହନ୍ତି, 'ବାର୍ଡ ଫ୍ଲାଟ' ଜରିଆରେ ଆପାର୍ଟମେଣ୍ଟରେ ରହୁଥିବା ଲୋକମାନେ ପ୍ରକୃତିର ନିକଟତର ହେବାର ସୁଯୋଗ ପାଇବେ। ଆମେ ପ୍ରାଇଭେଟ ବିଲ୍ଡର୍ସମାନଙ୍କୁ ମଧ୍ୟ ଚଢ଼େଇଙ୍କ ପାଇଁ ଏପରି ଘର ନିର୍ମାଣ କରିବାକୁ ଅନୁରୋଧ କରିଛୁ।

ଲୁହାର ଖମ୍ବ ଉପରେ ଏହି 'ବାର୍ଡଫ୍ଲାଟ୍' ନିର୍ମାଣ କରାଯାଇଛି। ଏହାର ଉଚ୍ଚତା ୧୫ ଫୁଟ। ଫ୍ଲାଟର ବାହାର ପାର୍ଶ୍ୱ ଲୁହା ଫ୍ରେମ୍‌ରେ



ଏବଂ ଭିତର ପାର୍ଶ୍ୱ କାଠରେ ତିଆରି। ଖରାବର୍ଷାରୁ ରକ୍ଷା ପାଇଁ ଘର ଉପରେ ବଡ଼ ଛତା ଲଗାଯାଇଛି। କେବଳ ଏତିକି ନୁହେଁ, ପକ୍ଷୀମାନେ ସ୍ନାନ କରିବାକୁ ସୁଇମିଂ ପୁଲ ବ୍ୟବସ୍ଥା କରାଯାଇଛି। ଚଢ଼େଇଙ୍କୁ ସକାଳ ସନ୍ଧ୍ୟାରେ ଦାନା ଦିଆଯିବ। ନିୟମିତ ପିଇବା ପାଣି ବଦଳାଯିବ। ଆଗାମୀ ଦିନରେ ସହରର ବିଭିନ୍ନ ସ୍ଥାନରେ ଏପରି 'ବାର୍ଡ ଫ୍ଲାଟ' ବା 'ପକ୍ଷୀଙ୍କ ପାଇଁ ଘର' ନିର୍ମାଣ କରାଯିବାକୁ ଯୋଜନା ରହିଥିବା ଜିଡିଏର ଉପାଧ୍ୟକ୍ଷା ସୂଚନା ଦେଇଛନ୍ତି।

### ନିଃସର୍ତ୍ତ କ୍ଷମାପ୍ରାର୍ଥନା

ସାନ୍ତାଳ ଜନଜାତି ଏକ ସମୃଦ୍ଧ ଜନଜାତି ଭାବେ ପରିଚିତ। ସନ୍ତାନ ଜନ୍ମ ହେଲେ ସାନ୍ତାଳ ସମାଜର ପ୍ରଥା ଅନୁଯାୟୀ ଗ୍ରାମ ମୁଖିଆଙ୍କୁ ଖବର ଦିଆଯାଏ। ନବଜାତକର ନାମକରଣ ସହ ଅନ୍ୟାନ୍ୟ ସଂସ୍କାର କାର୍ଯ୍ୟ ଆନନ୍ଦ ଉଲ୍ଲାସରେ ପାଳନ କରାଯାଇଥାଏ। ତେବେ ୯ ନଭେମ୍ବର 'ଫୁରସତ୍' ପୃଷ୍ଠାରେ ପ୍ରକାଶିତ 'ସନ୍ତାନ ପ୍ରସବ ହେଲେ କାନ୍ଦନ୍ତି ଜନଜାତି' ଖବରଟି ଅସମର୍ଥିତ ସୂତ୍ରରୁ ପ୍ରକାଶିତ ଏକ ଖବରର ଉଦ୍ଧୃତି ମାତ୍ର। ଏହାକୁ ନେଇ ଠାକୁରଦାସ ହାଁସଦା, ବିଶୁ ସୋରେନ୍, ଏମ୍. ଶୀତଲ ମୁର୍ମୁ, ଆଦିବାସୀ ଷ୍ଟୁଡେଣ୍ଟସ ଆସୋସିଏଶନ, ହେମନ୍ତ କୁମାର ମୁର୍ମୁ, ରାଜ ନାରାୟଣ ମାର୍ଣ୍ଡି, ମହେନ୍ଦ୍ର ସୋରେନ, ହେମନ୍ତ କୁମାର ଟୁଡୁ, ଫଗୁ ମୁର୍ମୁ, ଅନୀଲ ମାଝୀ, ସାଲୁ ଚରଣ ସୋରେନ୍, ସାନ୍ତାଳ ଦ୍ୱାରିକା ମାଝୀ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ତେବେ ସାନ୍ତାଳ ସମାଜ ପ୍ରତି ଆମର ଗଭୀର ଶ୍ରଦ୍ଧା ଓ ସମ୍ମାନ ରହିଛି। ଏଭଳି ଅନିଚ୍ଛାକୃତ ଖବର ପ୍ରକାଶନ ଲାଗି ଆମେ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରୁଛୁ।

**ସମ୍ପାଦକ, ଧରିତ୍ରୀ**

# ଏସିଡିଟିର କାରଣ ଚକୋଲେଟ୍



**ନୂଆଦିଲ୍ଲୀ:** ଏବେ ଏସିଡିଟି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଏଥିପାଇଁ ମୁଖ୍ୟତଃ ଆମର ଖାଦ୍ୟଦାୟୀ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଯେଉଁମାନେ ଖାଦ୍ୟରେ ଖଟାଫଳ, ଆଲକୋହଲ, କଫି, ମସଲାଯୁକ୍ତ ଖାଦ୍ୟ, ଚର୍ବି ଜାତୀୟ ଖାଦ୍ୟ ଓ ଚକୋଲେଟ୍ ଅଧିକ ପରିମାଣରେ ଖାଇଥାଆନ୍ତି ସେମାନଙ୍କ ନିକଟରେ ଏସିଡିଟିର ପରିମାଣ ଅଧିକ ଦେଖାଯାଇଥାଏ। ବିଶେଷ କରି ଚକୋଲେଟର ସ୍ୱାଦ ସମସ୍ତଙ୍କୁ ବେଶ୍ ପସନ୍ଦ ଥାଏ। ହେଲେ ଏହାକୁ ଅଧିକ ପରିମାଣରେ ଖାଇଲେ କ୍ଷତିକାରକ। ଚକୋଲେଟ୍‌ରେ କୋକେନ୍ ଓ ଥିଓବ୍ରୋମାଇନ ରହିଥିବାରୁ ଏହା ଏସିଡିଟି କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ବୋଲି ଗବେଷକମାନେ କହିଛନ୍ତି।

# ବଲିଉଡ୍‌ରେ ୩୦ ବର୍ଷ

ଅଜୟ ଦେବ୍‌ଗନ୍



**ମୁମ୍ବାଇ:** ସିଂଘମ୍ ଷ୍ଟାର ଅଜୟ ଦେବ୍‌ଗନ୍ ବଲିଉଡ୍ ଇଣ୍ଡଷ୍ଟ୍ରିରେ ସଫଳତାର ସହ ୩୦ ବର୍ଷ ପୂରଣ କରିଛନ୍ତି। 'ତାନାଜୀ: ଦି ଅନ୍‌ସଙ୍ଗ ୱାରିୟର' ଅଜୟଙ୍କ କ୍ୟାରିୟରର ୧୦୦ତମ ଫିଲ୍ମ। ଫିଲ୍ମ 'ଫୁଲ୍ ଔର କାଣ୍ଟେ'ରୁ ଅଜୟ ବଲିଉଡ୍‌ରେ କ୍ୟାରିୟର ଆରମ୍ଭ କରିଥିଲେ। ଏହି ଫିଲ୍ମ ପାଇଁ ପ୍ରଯୋଜକଙ୍କ ପ୍ରଥମ ପସନ୍ଦ ଥିଲେ ଖିଲାଡି ହିରୋ ଅକ୍ଷୟ କୁମାର। ହେଲେ କୌଣସି କାରଣରୁ ଅକ୍ଷୟ ଫିଲ୍ମ କରିବାକୁ ମନା କରିବାରୁ ଅଜୟଙ୍କୁ ଏଥିରେ ନିଆଗଲା। ଫିଲ୍ମରେ ଅଜୟ ୨ଟି ମୋଟର ସାଇକେଲରେ ଗୋଡ଼ ରଖି ଏଣ୍ଟ୍ରି କରିଥିଲେ। ଏହି ଦୃଶ୍ୟକୁ ନେଇ ସେହି ସମୟରେ ଖୁବ୍ ଚର୍ଚ୍ଚା ହୋଇଥିଲା। ଫିଲ୍ମର ଆକ୍ସନ୍ ନିର୍ଦ୍ଦେଶକ ଥିଲେ ଅଜୟଙ୍କ ବାପା ଭୀରୁ ଦେବଗନ୍। ମାତ୍ର ଅଜୟ ଅଭିନେତା ବଦଳରେ ନିର୍ଦ୍ଦେଶକ ହେବାର ସ୍ୱପ୍ନ ଦେଖୁଥିଲେ। ତେଣୁ ପାଠପଢ଼ା ଶେଷ ହେବା ପରେ ସେ ନିର୍ଦ୍ଦେଶକ ଶେଖର କପୁରଙ୍କ ସହ ସହାୟକ ନିର୍ଦ୍ଦେଶକ ରୂପେ କାମ ଆରମ୍ଭ କଲେ। ଏହି ସମୟରେ ତାଙ୍କର ସାକ୍ଷାତ ହେଲା କୁକ୍କୁ କୋହଲିଙ୍କ ସହ। ସେ ଅଜୟଙ୍କୁ ଫିଲ୍ମ 'ଫୁଲ୍ ଔର କାଣ୍ଟେ'ରେ ଅଫର୍ ଦେଲେ। ଏହା ପରେ ଅଜୟ ଆଉ ପଛକୁ ଫେରି ଚାହିଁନାହାନ୍ତି। ଗୋଟିଏ ପରେ ଗୋଟିଏ ସଫଳତାର ଶିଡ଼ି ଚଢ଼ି ଚାଲିଲେ। ଫିଲ୍ମ ଇଣ୍ଡଷ୍ଟ୍ରିରେ ଆକ୍ସନ ହିରୋ ରୂପେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କଲେ। ପରେ ଅଜୟ କମେଡି ସିନେମାରେ ଅଭିନୟ କଲେ। ଅଜୟ ଏବଂ କାଜଲଙ୍କୁ ବଲିଉଡ୍‌ର ସଫଳ ସ୍ତ୍ରୀ–ସ୍ୱାମୀ ବୋଲି କୁହାଯାଏ।

# ବିଶ୍ୱ ତାପନରୁ ଲୋପ ପାଇବେ ପେଙ୍ଗୁଇନ୍



**ବୋଷ୍ଟନ୍:** ବିଶ୍ୱ ତାପମାନ ଧୀରେ ଧୀରେ ବଢିବାରେ ଲାଗିଛି। ଏହାର ପ୍ରଭାବରେ ଆଣ୍ଟାର୍କଟିକାରେ ଥିବା ହିମ ପାହାଡ଼ ତରଳିବାରେ ଲାଗିଛି। ଏହା ଯୋଗୁ ଜଳବାୟୁ ପରିବର୍ତ୍ତନ ହେବାରେ ଲାଗିଛି। ଏଭଳି ସ୍ଥିତି ଜାରି ରହିଲେ ଆସନ୍ତା ୨୧୦୦ ସୁଦ୍ଧା ଏଠାରେ ବାସ କରୁଥିବା ୮୬ ପ୍ରତିଶତ ପେଙ୍ଗୁଇନ୍ ଲୋପ ପାଇବେ ବୋଲି ବୋଷ୍ଟନର କରେଣ୍ଟ ବାୟୋଲୋଜି ନାମକ ଏକ ପତ୍ରିକାରେ ପ୍ରକାଶ ପାଇଛି। ଗବେଷକ ଦଳରେ ଆମେରିକା ଵୁଡସ୍ ହୋଲ୍ ଓସିନୋଗ୍ରାଫିକ୍ ଇନ୍‌ଷ୍ଟିଚ୍ୟୁଟ୍‌ର ସଦସ୍ୟ ମଧ୍ୟ ସାମିଲ୍ ହୋଇଥିଲେ। ଗବେଷକ ବିଭିନ୍ନ ଅଧ୍ୟୟନକରିବା ପରେ ଏହାର ରିପୋର୍ଟ ଉପସ୍ଥାପନ କରିଛନ୍ତି। ଗତ ୩୭ ବର୍ଷ ମଧ୍ୟରେ ଆଣ୍ଟାର୍କଟିକାରେ ଥିବା ପେଙ୍ଗୁଇନ୍ ବସତି ପରିସୀମା ୮୮ ପ୍ରତିଶତ ସଙ୍କୁଚିତ ହୋଇଛି। ଦକ୍ଷିଣ ସାଗରରେ ଥିବା ଆଲ୍ ଓକ୍ସ କୋଞ୍ଚସ୍ ଦ୍ୱୀପର ବୃହତ୍ ପେଙ୍ଗୁଇନ୍ ବସତି ହିମ ପାହାଡ଼ ତରଳିବା ଯୋଗୁ ଅଧିକ ପ୍ରଭାବିତ ହୋଇଛି ବୋଲି ଗବେଷକ କହିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୨/୨୦୧୯ | Bhubaneswar, Tuesday, November 12/2019 | ପୃଷ୍ଠା-୧




## ଗୁର୍ଜାରଙ୍କୁ ଟାଇଟଲ

ଭାରତର ସୁନ୍ଦର ସିଂ ଗୁର୍ଜାର ପୁରୁଷ ଏଫ୍‌୪୬ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଟାଇଟଲ ବଜାୟ ରଖିଛନ୍ତି।

୧୨ | ୦୨

## ମିସ୍ ଇଣ୍ଡିଆ ଗ୍ରାଣ୍ଡ ଫିନାଲେରେ ପ୍ରତୀକ୍ଷା

'ମିସ୍ ଇଣ୍ଡିଆ' ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତା ଗ୍ରାଣ୍ଡ ଫିନାଲେରେ ରହିଛନ୍ତି ଓଡ଼ିଆ ଝିଅ ପ୍ରତୀକ୍ଷା ମିଶ୍ର।



## ହସ୍ପିଟାଲରେ ଲତା ମଙ୍ଗେସ୍କର



ମୁମ୍ବାଇ,୧୧।୧୧(ପି.ଟି.)

ଶ୍ୱାସକ୍ରିୟାରେ ସମସ୍ୟା ଅନୁଭବ କରିବାରୁ କିମ୍ବଦନ୍ତୀ ଗାୟିକା ଲତା ମଙ୍ଗେସ୍କରଙ୍କୁ ମୁମ୍ବାଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଅସୁସ୍ଥ କୋକିଳକଣ୍ଠୀ ଗାୟିକାଙ୍କୁ ଆଇସିୟୁରେ ରଖାଯାଇଥିବା ହସ୍ପିଟାଲ ସୂତ୍ରରୁ ଜଣାପଡିଛି। ରବିବାର ରାତି ୨ଟାରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ଲତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଥିବା ତାଙ୍କ ଝିଆରୀ ରଚନା ଶାହ କହିଛନ୍ତି। ଗତ ସେପ୍ଟେମ୍ବର ୨୮ରେ ସେ ୯୦ ବର୍ଷରେ ପଦାର୍ପଣ କରିଥିଲେ।

ଇନ୍ଦୋରରେ ଜନ୍ମିତ ଲତା ଦୀର୍ଘ ୭ ଦଶନ୍ଧି ଧରି ତାଙ୍କର ଯାଦୁକରୀ କଣ୍ଠସ୍ୱରରେ ଲକ୍ଷ ଲକ୍ଷ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ୧୦୦୦ରୁ ଊର୍ଦ୍ଧ୍ୱ ହିନ୍ଦୀ ଚଳଚ୍ଚିତ୍ର ସମେତ ଆଞ୍ଚଳିକ ଓ ବିଦେଶୀ ଭାଷାରେ ସେ କଣ୍ଠଦାନ କରିଛନ୍ତି। ଚଳିତ ବର୍ଷ ତାଙ୍କର ଶେଷ ସଙ୍ଗୀତ 'ସୌଗନ୍ଧ ମୁଝେ ଇସ୍ ମିଟ୍ଟି କୀ' ମାର୍ଚ୍ଚ ୩୦ରେ ମୁକ୍ତିଲାଭ କରିଥିଲା। ୨୦୦୪ରେ ତାଙ୍କର ଶେଷ ପୂର୍ଣ୍ଣ ଆଲବମ୍ 'ବୀରଜରା' ରେକର୍ଡିଂ ହୋଇଥିଲା। ୧୯୪୨ରେ 'କିଟି ହସାଲ' ନାମକ ମରାଠୀ ଚଳଚ୍ଚିତ୍ରରେ ବସନ୍ତ ଜୋଗଲେକରଙ୍କ ସହ ପ୍ରଚ୍ଛଦପଟ ଗାୟିକା ଭାବେ ଲତା ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ତାଙ୍କୁ ୨୦୦୧ରେ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନରେ ସମ୍ମାନିତ କରାଯାଇଥିଲା। ୧୯୮୯ରେ ସେ ଦାଦାସାହେବ ଫାଲ୍‌କେ ପୁରସ୍କାର ପାଇଥିଲେ।

### ଆକାଶମାର୍ଗରୁ ବୁଲ୍‌ବୁଲ୍ ପ୍ରଭାବିତ ଅଞ୍ଚଳ ଦେଖିଲେ ମୁଖ୍ୟମନ୍ତ୍ରୀ

# କ୍ଷତିପୂରଣ ପ୍ୟାକେଜ୍ ଘୋଷିତ

ଭୁବନେଶ୍ୱର,୧୧।୧୧(ବ୍ୟୁରୋ)

ବାତ୍ୟା 'ବୁଲ୍‌ବୁଲ' ପ୍ରଭାବରେ ଉପକୂଳ ଓଡ଼ିଶାର ୬ ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଘରଦ୍ୱାର ଭାଙ୍ଗିବା ସହ ଲକ୍ଷ ଲକ୍ଷ ହେକ୍ଟର ଜମିରେ ଫସଲ ଉଜୁଡ଼ି ଯାଇଛି। ଧାନ, ବିରି, ମୁଗ ଓ ପରିବା ଫସଲ ନଷ୍ଟ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ମଧ୍ୟାହ୍ନରେ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର ଏବଂ ମୟୂରଭଞ୍ଜ ଜିଲାର ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳକୁ ଆକାଶମାର୍ଗରୁ ଅନୁଧ୍ୟାନ କରିଛନ୍ତି। ରାଜ୍ୟ ସରକାରଙ୍କ ପ୍ରାଥମିକ ଆକଳନ ଅନୁଯାୟୀ ୫୫୦୦ ଘର କ୍ଷତିଗ୍ରସ୍ତ ହୋଇଥିବାବେଳେ ୩ ଲକ୍ଷ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଲିକପ୍ଟରରୁ ବାତ୍ୟା ପ୍ରଭାବିତ ଅଞ୍ଚଳ ଅନୁଧ୍ୟାନ କରୁଛନ୍ତି।

- ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୩,୫୦୦ ଟଙ୍କାର ଇନ୍‌ପୁଟ ସବ୍‌ସିଡି
- ଅଣଜଳସେଚିତ ପାଇଁ ମିଳିବ ୬,୮୦୦ ଟଙ୍କା
- ଗୋରୁ, ମଇଁଷି, ଛେଳି, ମେଣ୍ଢା ପାଇଁ ୩ ହଜାର
- ପାନବରଜ ପୁନରୁଦ୍ଧାର ପାଇଁ ୧୫ ହଜାର
- ଛତୁ ଚାଷୀଙ୍କୁ ୪୦ ହଜାର
- ୧୮ ସୁଦ୍ଧା କ୍ଷୟକ୍ଷତି ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ୨୪ ସୁଦ୍ଧା ସହାୟତା ଦିଆଯିବ
- ୧୪ରେ ଓଡ଼ିଶା ଆସିବେ କେନ୍ଦ୍ରୀୟ ଟିମ୍

ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଲୋକସେବା ଭବନଠାରେ ବାତ୍ୟା କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି। ଏଥିସହିତ କ୍ଷତିଗ୍ରସ୍ତଙ୍କ ପାଇଁ କ୍ଷତିପୂରଣ ପ୍ୟାକେଜ୍ ଘୋଷଣା କରିଛନ୍ତି। ଏହି ପ୍ୟାକେଜ୍ ଅନୁଯାୟୀ ଜଳସେଚିତ ଜମି ପାଇଁ ୩୩% କିମ୍ବା ଏହାଠାରୁ ଅଧିକ ଫସଲ କ୍ଷତି ହୋଇଥିଲେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ହେକ୍ଟର ପିଛା ୧୩ ହଜାର ୫୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡି ଆକାରରେ ପ୍ରଦାନ କରାଯିବ। ସେହିପରି ଅଣଜଳସେଚିତ ଜମି ପାଇଁ ହେକ୍ଟର ପିଛା ୬୮୦୦ ଟଙ୍କା ଏବଂ ସବୁଦିନିଆ ଫସଲ ପାଇଁ ହେକ୍ଟର ପିଛା ୧୮ ହଜାର ଟଙ୍କା ପ୍ରଦାନ କରାଯିବ। କୌଣସି କ୍ଷେତ୍ରରେ ସବୁଦିନିଆ ଫସଲ ପାଇଁ ଇନ୍‌ପୁଟ ସବ୍‌ସିଡି ପରିମାଣ ୨ ହଜାର ଟଙ୍କାରୁ କମ୍ ଏବଂ ଅନ୍ୟାନ୍ୟ ଫସଲ ପାଇଁ ୧ ହଜାର ଟଙ୍କାରୁ କମ୍ ହେବ ନାହିଁ। ୨୦୧୯-୨୦ ରବି ଫସଲ ସକାଶେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଡାଲି ଓ ତୈଳବୀଜ ଜାତୀୟ ଫସଲ ପାଇଁ ୫୦ ହଜାର ବିହନ ମିନି କିଟ୍ ପ୍ରଦାନ କରାଯିବ। କ୍ଷତିଗ୍ରସ୍ତ ଜିଲାରେ ୪୫ ହଜାର ଏକର ଜମିରେ ଡେମୋନେଷ୍ଟ୍ରେଶନ କାର୍ଯ୍ୟକ୍ରମ କରାଯିବ। କ୍ଷତିଗ୍ରସ୍ତ ଚାଷୀଙ୍କୁ ୫୦% ରିହାତିରେ ୩ ହଜାର ସିଞ୍ଚନ ମେଶିନ ପ୍ରଦାନ କରାଯିବ। ବ୍ୟାଟେରିଚାଳିତ ସିଞ୍ଚନ ମେଶିନ ପାଇଁ ସର୍ବାଧିକ ରିହାତି ୩୮୦୦ ଟଙ୍କା ଏବଂ ହସ୍ତଚାଳିତ ସିଞ୍ଚନ ମେଶିନ ପାଇଁ ୭୫୦ ଟଙ୍କା ରିହାତି ଦିଆଯିବ। ୨୦୧୯-୨୦ ରବି ଫସଲ ପାଇଁ ୧୦ ହଜାର ପରିବା ମିନି କିଟ୍ ପ୍ରଦାନ କରାଯିବ ।

ପ୍ରତ୍ୟେକ ଚାଷୀଙ୍କୁ ୩୦ ୟୁନିଟ୍ ପର୍ଯ୍ୟନ୍ତ ପାନ ବରଜ ପୁନରୁଦ୍ଧାର ପାଇଁ ୧୫ ହଜାର ଟଙ୍କା ଦିଆଯିବ। ଛତୁ ଚାଷୀଙ୍କୁ ୫୦ ୟୁନିଟ୍ କ୍ଷତି ପାଇଁ ୪୦ ହଜାର ଟଙ୍କା ଦିଆଯିବ। ଫସଲ ବୀମା ଯୋଜନାର ସୁବିଧା ଚାଷୀଙ୍କୁ ତୁରନ୍ତ ଦେବା ପାଇଁ ଶୀଘ୍ର ଫସଲ କଟା (କ୍ରପ୍ କଟିଂ) କରାଯାଇ ବୀମା ପରିମାଣ ଚୂଡ଼ାନ୍ତ କରାଯିବ। ୩୩ ପ୍ରତିଶତ ବା ତା'ଠାରୁ ଅଧିକ କ୍ଷତି ହୋଇଥିବା ଚାଷୀଙ୍କୁ ୨୦୧୯ ରବି ଫସଲ ପାଇଁ ଦିଆଯାଇଥିବା ସ୍ୱଳ୍ପ ମିଆଦୀ ଋଣକୁ ମଧ୍ୟମ ମିଆଦୀ ଋଣରେ ପରିଣତ କରାଯିବ।

ବାତ୍ୟାରେ ମୃତ୍ୟୁ ଘଟିଥିବା ଗୃହପାଳିତ ପ୍ରାଣୀଙ୍କ ପାଇଁ କ୍ଷତିପୂରଣ ରାଶି ଘୋଷଣା ☞ପୃଷ୍ଠା-୨

## ମୋବାଇଲ ଫାଟି ଶ୍ରମିକ ମୃତ

ପାରାଦୀପ,୧୧।୧୧(ସ୍ୱ.ପ୍ର.)

ପାରାଦୀପ ମଡେଲ୍ ଥାନା ଅଧୀନ ଅଠରବାଙ୍କି ଲକ୍‌ଫଡ଼ାସ୍ଥିତ ଜଗନ୍ନାଥ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟରେ ମୋବାଇଲ ଫାଟିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁଘଟିଛି। ମୃତକ ହେଲେ ନୟାଗଡ଼ ଜିଲା ରଣପୁର ଅଞ୍ଚଳର ମୁନା ପ୍ରଧାନ(୩୫)। ସେ ସଂଘ କାର୍ଯ୍ୟାଳୟ ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ପ୍ରାୟ ଏକ ମାସ ହେବ କାର୍ଯ୍ୟ କରୁଥିଲେ। ରବିବାର ରାତିରେ ଶୋଇଥିବାବେଳେ ଛାତିରେ ମୋବାଇଲ ରଖି ଚାର୍ଜ କରୁଥିଲେ। ଏହି ସମୟରେ ମୋବାଇଲଟି ଫାଟି ଯିବାରୁ ତାଙ୍କ ମୁହଁ ସମେତ ଛାତି ପୋଡ଼ି ଯାଇଥିଲା। ଏହାର କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସୋମବାର ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଯାଇ ତଦନ୍ତ କରିଛନ୍ତି। ଏଥିସହିତ ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ ସେଠାରେ ଥିବା ଅନ୍ୟ ଦୁଇଜଣଙ୍କୁ ପଚରାଉଚରା କରିଛନ୍ତି। ସେମାନେ କହିଛନ୍ତି, ରାତିରେ ସଂଘ କାର୍ଯ୍ୟାଳୟର ଉପର ଘରେ ୩ଜଣ ଅଲଗା ଭାଗେ ଶୋଇଥିଲେ। ମୁନା ମୋବାଇଲରେ ଚାର୍ଜର ଲଗାଇ ବ୍ୟବହାର କରୁଥିଲେ। ସେହି ଭିତରେ ନୀଦ ଲାଗିବାରୁ ମୋବାଇଲକୁ ଛାତି ଉପରେ ରଖି ଶୋଇପଡ଼ିଥିଲେ। ପରେ ମୋବାଇଲ ଗରମ ହୋଇ ଫାଟିଥିଲା। ପ୍ରଚଣ୍ଡ ଶବ୍ଦ ଶୁଣି ଆମେ ଉଠି ପଡ଼ିଥିଲୁ।

### ଓଡ଼ିଶାକୁ ଆଇଏମ୍‌ଏଫ୍ ଟିମ୍‌ର ପ୍ରଶଂସା

# 'ରାଜ୍ୟର ଆର୍ଥିକ ସଂସ୍କାର ବିକାଶମୂଳକ'

ଭୁବନେଶ୍ୱର,୧୧।୧୧(ବ୍ୟୁରୋ)

ଓଡ଼ିଶାର ଆର୍ଥିକ ସଂସ୍କାର ଦିଗ ଠିକ୍ ଏବଂ ବିକାଶମୂଳକ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ଟିମ୍ ମତ ରଖିଛନ୍ତି। ସୋମବାର ରାଜ୍ୟ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସରକାରୀ ପାଣ୍ଠି ପରିଚାଳନା(ପିଏଫ୍‌ଏମ୍) ସମ୍ବନ୍ଧିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ଟିମ୍ ଯୋଗଦେଇ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ବୈଠକରେ ଏସିଆ-ପ୍ରଶାନ୍ତ ଅଞ୍ଚଳର ଉପନିର୍ଦ୍ଦେଶକ ଆନେ ମାରିଏ ଗୁଲ୍‌ଡେ ଯୋଗଦେଇ କହିଛନ୍ତି ଯେ, ଆର୍ଥିକ ସଂସ୍କାର କ୍ଷେତ୍ରରେ ଓଡ଼ିଶା ଏକ ସକ୍ରିୟ ରାଜ୍ୟ। ଏଠାରେ ଉତ୍ତମ ଆର୍ଥିକ ସଂସ୍କାର ଓ ପରିଚାଳନା ପାଇଁ ରାଜନୈତିକ ଇଚ୍ଛାଶକ୍ତି, ବୈଷୟିକ ପ୍ରସ୍ତୁତି ଏବଂ ପ୍ରଶାସନିକ ନିଷ୍ଠା ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ଅଗ୍ରଗତି ଉଲ୍ଲେଖନୀୟ। ଏହି ଅବସରରେ ଦକ୍ଷିଣ-ଏସିଆ ତାଲିମ ଏବଂ ବୈଷୟିକ ସହାୟତା କେନ୍ଦ୍ରର ନିର୍ଦ୍ଦେଶକ ସୁଖ୍‌ୱିନ୍ଦର ସିଂ କହିଛନ୍ତି, ଆର୍ଥିକ ପରିଚାଳନା ସମ୍ବନ୍ଧୀୟ ବିଷୟ କାର୍ଯ୍ୟକାରୀ କରିବାରେ ଓଡ଼ିଶା ଏକ ଆଗୁଆ ରାଜ୍ୟ। ଓଡ଼ିଶା କାର୍ଯ୍ୟାନ୍ୱୟନ ପଦ୍ଧତି ଜାତୀୟ ସ୍ତରରେ ଏକ ଆଦର୍ଶ। ଅନ୍ୟ ରାଜ୍ୟଗୁଡିକ ଲାଗି ଏହା ଅନୁକରଣୀୟ ବୋଲି ସୁଖ୍‌ୱିନ୍ଦର କହିଛନ୍ତି। ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା କହିଛନ୍ତି, ଲକ୍ଷ୍ୟଭିତ୍ତିକ ବଜେଟ୍ ପ୍ରସ୍ତୁତି ଏବଂ ଆର୍ଥିକ ପରିଚାଳନା ବ୍ୟବସ୍ଥା ପାଇଁ ସମସ୍ତ ବିଭାଗ ଲାଗି ଅର୍ଥ ବିଭାଗ ଯୋଜନା ପ୍ରସ୍ତୁତ କରିବନାହିଁ। ଅର୍ଥ ବିଭାଗ କେବଳ ସମସ୍ତ ବିଭାଗଗୁଡିକ ଲାଗି ଆପାତତଃ ଆର୍ଥିକ ସୀମା ଜଣାଇଦେବେ। ☞ପୃଷ୍ଠା-୨

# ଶିବସେନାର ଅନୁରୋଧକୁ ରାଜ୍ୟପାଳଙ୍କ ପ୍ରତ୍ୟାଖ୍ୟାନ

ନୂଆଦିଲ୍ଲୀ/ମୁମ୍ବାଇ,୧୧।୧୧

- ଏନ୍‌ସିପି ନେତାଙ୍କୁ ଡାକିଲେ
- ସମର୍ଥନ ନିଷ୍ପତ୍ତି ଝୁଲାଇ ରଖିଲା କଂଗ୍ରେସ
- କେନ୍ଦ୍ରମନ୍ତ୍ରୀ ଅରବିନ୍ଦ ସାୱନ୍ତଙ୍କ ଇସ୍ତଫା

ସରକାର ଗଠନ ଦାବିରୁ ଏକକ ସଂଖ୍ୟାଗରିଷ୍ଠ ଦଳ ଭାଜପା ଓହରିଯିବା ପରେ ଏବେ ଦ୍ୱିତୀୟ ବୃହତ ଦଳ ଶିବସେନା ଏଥିପାଇଁ ଅଣ୍ଟା ଭିଡିଛି। ଏହି ଦଳକୁ ସମର୍ଥନ ଦେବା ଲାଗି ଏନ୍‌ସିପି ପ୍ରସ୍ତୁତ ଥିଲାବେଳେ କଂଗ୍ରେସ ନିଷ୍ପତ୍ତିକୁ ଝୁଲାଇ ରଖିଛି। ସୋମବାର ସନ୍ଧ୍ୟାରେ ଶିବସେନା ପ୍ରତିନିଧି ରାଜ୍ୟପାଳ ଭଗତ ସିଂ କୋଶୟାରୀଙ୍କୁ ଭେଟିଥିଲେ। ସେମାନେ ସରକାର ଗଠନ ଲାଗି ପ୍ରସ୍ତୁତ ବୋଲି କହିବା ସହ ଏଥିପାଇଁ ୪୮ ଘଣ୍ଟା ସମୟ ମାଗିଥିଲେ। ତେବେ ଅଧିକ ସମୟ ଦେବା ଲାଗି ଶିବସେନାର ଅନୁରୋଧକୁ ରାଜ୍ୟପାଳ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ରାଜ୍ୟପାଳ ଏନ୍‌ସିପିକୁ ଡାକିଥିବା ଦଳର ନେତା ଅଜିତ ପାୱାର ସୂଚନା ଦେଇଛନ୍ତି। ଏନ୍‌ସିପିକୁ ୨୪ ଘଣ୍ଟା ମଧ୍ୟରେ ସରକାର ଗଠନ ନେଇ ସମୟ ଦିଆଯାଇଥିବା ଜଣାପଡିଛି। ଅନ୍ୟପକ୍ଷରେ କେନ୍ଦ୍ର ସରକାରରେ ଶିବସେନାର ଏକମାତ୍ର ମନ୍ତ୍ରୀ ଥିବା ଅରବିନ୍ଦ ସାୱନ୍ତ ସୋମବାର ଇସ୍ତଫା ଦେବା ଫଳରେ ଏହି ଦଳ ଜାତୀୟ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏନ୍‌ଡିଏ)ରୁ ଓହରିଯାଇଥିବା ସୂଚନା ଦେଇଛି।



ରାଜ୍ୟପାଳଙ୍କୁ ଭେଟୁଛନ୍ତି ଶିବସେନାର ନେତୃବୃନ୍ଦ।

ଶିବସେନା ନେତା ଆଦିତ୍ୟ ଠାକ୍‌ରେ କହିଛନ୍ତି, ତାଙ୍କ ଦଳ ସରକାର ଗଠନ ଲାଗି ପ୍ରସ୍ତୁତ ରହିଛି। ତେବେ ଏନ୍‌ସିପି ଏବଂ କଂଗ୍ରେସଠାରୁ ସମର୍ଥନ ପତ୍ର ପାଇବା ପାଇଁ ସମୟ ଆବଶ୍ୟକ। ଶିବସେନା ସରକାରଙ୍କୁ ସମର୍ଥନ ଦେବା ଲାଗି ଉଭୟ ଦଳ ନୀତିଗତ ଭାବେ ରାଜି ହୋଇଥିବା ଆଦିତ୍ୟ କହିଛନ୍ତି। ସରକାର ଗଢ଼ିବା ଲାଗି ସୋମବାର ସନ୍ଧ୍ୟା ୭ଟା ୩୦ ମିନିଟ ସୁଦ୍ଧା ଦାବି ଜଣାଇବା ନିମନ୍ତେ ରାଜ୍ୟପାଳ ଶିବସେନାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟସୀମା ଶେଷ ହେବାରୁ ୫ ମିନିଟ ପୂର୍ବରୁ କଂଗ୍ରେସ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି, ଯେଉଁଥିରେ କୁହାଯାଇଛି ସମର୍ଥନ ସମ୍ପର୍କରେ ଦଳ ସହଯୋଗୀ ଏନ୍‌ସିପି ସହ ଅଧିକ ଆଲୋଚନା କରିବା ଆବଶ୍ୟକ ରହିଛି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏନ୍‌ସିପି ନେତା ଶରଦ ପାୱାରଙ୍କ ସହ ଆଲୋଚନା କରିଥିଲେ। ତେବେ ସହଯୋଗୀ ଦଳ ସହ ଅଧିକ ଆଲୋଚନା କରିବା ଆବଶ୍ୟକ ଥିବା କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଛନ୍ତି।

ସୋମବାର ସକାଳେ କଂଗ୍ରେସ କାର୍ଯ୍ୟକାରିଣୀ କମିଟି ବୈଠକ ବସି ମହାରାଷ୍ଟ୍ରର ରାଜନୈତିକ ସ୍ଥିତି ସମ୍ପର୍କରେ ସବିଶେଷ ଆଲୋଚନା ☞ପୃଷ୍ଠା-୨

## ବିଧାନସଭା ଶୀତକାଳୀନ ଅଧିବେଶନ ପାଇଁ ତ୍ରିସ୍ତରୀୟ ସୁରକ୍ଷା

........୨........

**ଆଜିର ସମ୍ପାଦକୀୟ**

ଭାବିଚିନ୍ତି

**ଆଜିର ମନ୍ତବ୍ୟ**

"ମହାରାଷ୍ଟ୍ରରେ ସରକାର ଗଠନ ଲାଗି ଏନ୍‌ସିପି ଓ କଂଗ୍ରେସ ରାଜି ଅଛନ୍ତି। ରାଜ୍ୟପାଳ ମନା କରିଥିଲେ ହେଁ ପୁଣି ସରକାର ଗଠନ ଲାଗି ତାଙ୍କୁ ଅନୁରୋଧ କରାଯିବ।

-ଆଦିତ୍ୟ ଠାକ୍‌ରେ, ଶିବସେନା ନେତା

**କିଛି ତଥ୍ୟ**

୨୦୧୮-୧୯ରେ ଭାରତର ଆମଦାନୀ ୯% ବଢି ୫୦୭.୫ ବିଲିୟନ ଡଲାର ଛୁଇଁଛି। ଏହା ୨୦୧୭-୧୮ରେ ୪୬୫.୬ ବିଲିୟନ ଡଲାର ଥିଲା।

-ବାଣିଜ୍ୟ ମନ୍ତ୍ରଣାଳୟ


Vencobb CHICKEN — Taste the difference!

11.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 74 | 124 | 134 |
| CTC | 74 | 124 | 134 |
| DKL | 75 | 126 | 136 |
| BDK | 74 | 124 | 134 |
| BLS | 74 | 124 | 134 |
| ANG | 76 | 127 | 137 |
| BHM | 76 | 127 | 137 |

*Conditions Apply

Issued in the Interest of Consumers


# ପୁଅ ଅଙ୍ଗ ଦାନକରି ଉଦାହରଣ ପାଲଟିଲେ ମାତାପିତା

### ୫ ଲକ୍ଷ, ଘରଡିହ, ବିଜୁ ପକ୍କାଘର ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ଭୁବନେଶ୍ୱର,୧୧।୧୧(ବ୍ୟୁରୋ)

ମାତାପିତାଙ୍କ ପାଇଁ ସେମାନଙ୍କ ପିଲା ସବୁକିଛି। ଜୀବନର ସମସ୍ତ ଦୁଃଖକଷ୍ଟ ସହି ନିଜ ସନ୍ତାନସନ୍ତତିଙ୍କୁ ବଢ଼ାଇବା ସହ ସେମାନଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଦେଖିଥାଆନ୍ତି। ଯଦି ମାତାପିତାଙ୍କ ଆଗରେ ପିଲାର ମୃତ୍ୟୁ ହୁଏ, ତେବେ ଏହାଠୁ ବଡ଼ ଦୁଃଖ କିଛି ନ ଥାଏ। ଏଭଳି ଏକ ଦୁଃଖକୁ ସାମ୍ନା କରି ଗଞ୍ଜାମ ଜିଲା ଭଞ୍ଜନଗର ସହରତଳି ଛେଦାଭୂମି ରୋଡ଼ ବାସିନ୍ଦା ସ୍ୱର୍ଗତ ସୁରଜ ବେହେରାଙ୍କ ମାତାପିତା ନିଜ ପୁତ୍ରର ୬ଟି ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗ(୨ଟି କିଡ୍‌ନୀ, ଲିଭର, ହାର୍ଟ ଏବଂ ଦୁଇ ଆଖି) ଦାନକରି ରୋଗୀଙ୍କ ବହୁ ମୂଲ୍ୟ ଜୀବନ ବଞ୍ଚାଇପାରିଛନ୍ତି। ଆଉ ଏଥିପାଇଁ ସେମାନେ ମାନବ ସମାଜ ଲାଗି ଏକ ଉଦାହରଣ ପାଲଟିଛନ୍ତି। ଏଭଳି ମହାନତା ପାଇଁ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟିଛି। ଦାରିଦ୍ର୍ୟ ସତ୍ତ୍ୱେ ଏହି ମହାନତା ପାଇଁ



ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରୁଛନ୍ତି ସୁରଜଙ୍କ ପରିବାର।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ସାଧୁବାଦ୍ ଦେବା ସହିତ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦେବାକୁ ଘୋଷଣା କରିଛନ୍ତି। ଏହି ରାଶି ଆଗାମୀ ଦିନରେ ଏଭଳି ମାନବୀୟ କାର୍ଯ୍ୟ ପାଇଁ ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୁରଜଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର। ତାଙ୍କର କୌଣସି ଘରଡିହ କିମ୍ବା ଜମି ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କ ପରିବାରକୁ ଘରଡିହ ଓ ବିଜୁ ପକ୍କାଘର ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିସହିତ ଅଙ୍ଗଦାନ କରୁଥିବା ବ୍ୟକ୍ତିବିଶେଷ ଏବଂ ଏହି କାର୍ଯ୍ୟ ପାଇଁ ପ୍ରୋତ୍ସାହନ କରୁଥିବା ସଂସ୍ଥାଗୁଡ଼ିକୁ 'ସୁରଜ'ଙ୍କ ନାମରେ ପ୍ରତିବର୍ଷ ପୁରସ୍କାର ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

# ସାପକୁ ମାରି ମାଲିକଙ୍କ ପରିବାରକୁ ବଞ୍ଚାଇଲା ଡଗି

ଜୟପୁର, ୧୧।୧୧ (ନି.ପ୍ର/ଡ଼ି.ଏନ.ଏ)

ନିଜ ଜୀବନକୁ ବାଜି ଲଗାଇ ୬ ପ୍ରାଣୀଙ୍କ ଜୀବନ ବଞ୍ଚାଇଛି ଘରର ପୋଷା କୁକୁର ଡଗି । ଏକ ବିଷଧର ନାଗ ସାପ ସହ ଅଧଘଣ୍ଟା ଧରି ଲଢେଇ କରି ଶେଷରେ ସାପକୁ ଦୁଇଖଣ୍ଡ କରି ଦେଇଛି ଡଗି। ଏପରି ଘଟଣା ଦେଖିବାକୁ ମିଳିଛି ଜୟପୁର ସହରର ପାୱାର ହାଉସ ରିଙ୍ଗ୍‌ରୋଡ଼ରେ ।

ରିଙ୍ଗ୍‌ରୋଡ଼ ୭ମ ଗଳିରେ ଶଙ୍କର ପ୍ରସାଦ ତ୍ରିପାଠୀ ଓ ତାଙ୍କ ପରିବାର ରୁହନ୍ତି । ରବିବାର ଅପରାହ୍ଣ ୩ଟାରେ ୫ ଫୁଟ ଲମ୍ବର ଏକ ନାଗସାପ ଘର ଭିତରକୁ ପ୍ରବେଶ କରିଥିଲା । ଘର ଅଗଣାରେ ଥିବା ପୋଷା କୁକୁର ସାପଟିକୁ ଦେଖି ଜୋରରେ ଭୁକିଥିଲା । କୁକୁର ଭୋକିବା ଶବ୍ଦ ଶୁଣି ପରିବାରର ସମସ୍ତ ସଦସ୍ୟ ବାହାର ଅଗଣାକୁ ଚାଲି ଆସିଥିଲେ । କିନ୍ତୁ ଭୟରେ ସାପ ନିକଟକୁ କେହି ଯାଇ ନ ଥିଲେ। ପରେ ଶଙ୍କର ସ୍ଥାନୀୟ ବନ୍ୟଜନ୍ତୁ ଉଦ୍ଧାରକାରୀ ଦଳର ମୁଖ୍ୟ କୃଷ୍ଣକେଶବ ଷଡଙ୍ଗୀଙ୍କୁ ଯୋଗାଯୋଗ କରିଥିଲେ। ସେ ପହଞ୍ଚିବା ପୂର୍ବରୁ ସାପଟି ଡ଼ଗିକୁ ୨ ଥର ଚୋଟ ମାରିଥିଲେ ମଧ୍ୟ ତାହା ବାଜି ନ ଥିଲା । ପରେ ସାପ ଓ କୁକୁର ଡ଼ଗି ମଧ୍ୟରେ ଅଧ ଘଣ୍ଟା ଧରି ଲଢେଇ ହୋଇଥିଲା । ଶେଷରେ ଡଗି ସାପକୁ କାମୁଡ଼ି ୨ ଖଣ୍ଡ କରି ଦେଇଥିଲା। ସାପଟି ଫେଣା ଟେକି କିଛି ସମୟ ରହିବା ପରେ ସେଠାରୁ ବାହାରକୁ ଚାଲି ଯାଇଥିବା ଡଗିର ଲାଳନ ପାଳନ କରୁଥିବା ସଞ୍ଜୀବ ତ୍ରିପାଠୀ କହିଛନ୍ତି । ପରେ ବନ୍ୟଜନ୍ତୁ ଉଦ୍ଧାରକାରୀ ଦଳର ମୁଖ୍ୟ ଷଡଙ୍ଗୀ ସାପଟିକୁ ଧରିଥିଲେ । ହେଲେ କିଛି ସମୟ ପରେ ସାପଟିର ମୃତ୍ୟୁ ହୋଇଥିଲା। ଡ଼ଗି ନିଜ ଜୀବନକୁ ବାଜି ଲଗାଇ ୬ ପ୍ରାଣୀର ଜୀବନ ବଞ୍ଚାଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ବଦ୍ରୀନାଥ
ପରିବାରବର୍ଗ


କିଶୁ
ପରିବାରବର୍ଗ


ରେୟାଂଶ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ‘ମିସ୍ ଇଣ୍ଡିଆ’ ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତା

# ଫାଇନାଲରେ ଓଡ଼ିଆ ଝିଅ ପ୍ରତୀକ୍ଷା

**ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)**– ‘ମିସ୍ ଇଣ୍ଡିଆ’ ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତା ଗ୍ରାଣ୍ଡ୍ ଫିନାଲେରେ ରହିଛନ୍ତି ଓଡ଼ିଆ ଝିଅ। ଇଣ୍ଡୋନେସିଆର ଜାକର୍ତ୍ତାଠାରେ ହେଉଥିବା ଏହି ପ୍ରତିଯୋଗିତାର ଫାଇନାଲିଷ୍ଟ ହୋଇପାରିଛନ୍ତି ପ୍ରତୀକ୍ଷା ମିଶ୍ର। ଇଣ୍ଡିଆନ୍ ଫ୍ୟାଶନ୍ ଫିଏଷ୍ଟା ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ପ୍ରତୀକ୍ଷା ଭିନ୍ନ ଭିନ୍ନ ରାଉଣ୍ଡରେ ନିଜର ପାରଦର୍ଶିତା ଦେଖାଇ ଟପ୍-୨୫ରେ ପହଞ୍ଚିପାରିଛନ୍ତି। ଆସନ୍ତା ୧୮ରେ ହେବାକୁ ଥିବା ‘ମିସ୍ ଇଣ୍ଡିଆ’ ଇଣ୍ଟରନ୍ୟାଶନାଲ ଗ୍ରାଣ୍ଡ୍ ଫିନାଲେ ପାଇଁ ସେ ଏବେ ଜାକର୍ତ୍ତା ଯାତ୍ରା କରିଛନ୍ତି। ସମ୍ବଲପୁର ଜିଲାର ଝିଅ ପ୍ରତୀକ୍ଷା ଯୁକ୍ତ୨ ସାରି କୃଷି ବିଜ୍ଞାନୀ ହେବା ଲକ୍ଷ୍ୟ ରଖିଛନ୍ତି। ଫ୍ୟାଶନ୍ ଏବଂ ମଡେଲିଂରେ ତାଙ୍କର ସଉକ୍ ରହିଛି। ପିଲାଦିନରୁ ବିଭିନ୍ନ ଫ୍ୟାଶନ୍ ଶୋ’ରେ ଭାଗ ନେଇ ପୁରସ୍କୃତ ମଧ୍ୟ ହୋଇଛନ୍ତି। ଗ୍ରାଣ୍ଡ୍ ଫିନାଲେରେ ପ୍ରତୀକ୍ଷା କମାଲ୍ କରିବେ ବୋଲି ପରିବାର ଲୋକେ ଆଶା ରଖିଛନ୍ତି। ଏନେଇ ପ୍ରତୀକ୍ଷାଙ୍କ ମା’ କହିଛନ୍ତି ଯେ, ପ୍ରତୀକ୍ଷା ପିଲାବେଳୁ ଟିଭି ଦେଖି ମଡେଲିଂ କରିବାକୁ ଇଚ୍ଛା ପ୍ରକାଶ କରୁଥିଲେ। ମାତ୍ର ମୁଁ ତାକୁ ପାଠ ପଢ଼ିବାକୁ ପରାମର୍ଶ ଦେଉଥିଲି। କିନ୍ତୁ ସେ ପାଠ ପଢ଼ିବା ସହିତ ମଡେଲିଂ କରିବ ବୋଲି କହୁଥିଲା। ଏହା ଭିତରେ ମୋତେ କିଛି ନ କହି ଅଡିଶନ୍ ଦେଲା ଓ ସିଲେକ୍ସନ୍ ମଧ୍ୟ ହେଲା। ଆଉ ଏବେ ସେ ‘ମିସ୍ ଇଣ୍ଡିଆ’ ଇଣ୍ଟରନ୍ୟାଶନାଲ ଗ୍ରାଣ୍ଡ ଫିନାଲେରେ ଭାଗ ନେବାକୁ ଯାଉଛି।



# ବିଧାନସଭା ଶୀତକାଳୀନ ଅଧିବେଶନ ପାଇଁ ତ୍ରିସ୍ତରୀୟ ସୁରକ୍ଷା

### -୨୨ପ୍ଲାଟୁନ ପୋଲିସ ଫୋର୍ସ ସହ ୧୦୦ ଅଫିସର ମୁତୟନ
### -ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିବେ ଡିଜିପି, ପୋଲିସ କମିଶନର

**ଭୁବନେଶ୍ୱର,୧୧।୧୧(ବ୍ୟୁରୋ)** ଷୋଡ଼ଶ ବିଧାନସଭାର ଦ୍ୱିତୀୟ ଶୀତକାଳୀନ ଅଧିବେଶନ ବୁଧବାରଠାରୁ ଆରମ୍ଭ ହେବ। ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ବିଧାନସଭା ଓ ନିକଟବର୍ତ୍ତୀ ଅଞ୍ଚଳରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରାୟ ୨୨ ପ୍ଲାଟୁନ ପୋଲିସ ଫୋର୍ସ ଓ ୧୦୦ ଅଫିସର ନିୟୋଜିତ ରହିବେ। ଏଥିସହ ୨ ୟୁନିଟ୍ ଆର୍ମଡ୍ ଫୋର୍ସ, ମୋବାଇଲ୍ ସ୍କ୍ୱାଡ୍ ଓ କ୍ୟୁଏଟିକୁ ସାମିଲ୍ କରାଯିବ। ଏହି ସମୟରେ କଟକ ବାଲିଯାତ୍ରା ଥିବାରୁ ସେଠାରେ ଅଧିକ ଫୋର୍ସ ମୁତୟନ ରହିବେ। ତେଣୁ ଗତବର୍ଷ ଅପେକ୍ଷା ଏଥର ବିଧାନସଭା ପାଇଁ ଫୋର୍ସ ସଂଖ୍ୟା ସାମାନ୍ୟ କମାଇ ଦିଆଯାଇଛି। ବିକ୍ଷୋଭ ଓ ରାଲି ଆଦି ନଜରକୁ ରଖି ଆବଶ୍ୟକ ହେଲେ ଅଧିକ ଫୋର୍ସ ଅଣାଯିବ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି।

ତାଙ୍କ ସୂଚନାନୁସାରେ, ବିଧାସଭା ସୁରକ୍ଷା ବ୍ୟବସ୍ଥାକୁ ଡିସିପି ଅନୁପ କୁମାର ସାହୁ ତଦାରଖ କରିବେ। ଏହାବ୍ୟତୀତ ୪ଜଣ ଅତିରିକ୍ତ ଡିସିପି,୧୩ ଜଣ ଏସିପି, ୧୦ ଜଣ ଇନ୍ସପେକ୍ଟର, ୬୦ଜଣ ଏସ୍ଆଇ ଓ ଏଏସ୍ଆଇଙ୍କ ସହ ୫ଜଣ ଟ୍ରାଫିକ ପୋଲିସ ଦାୟିତ୍ୱରେ ରହିବେ। ସୁରକ୍ଷାକୁ ଦୃଷ୍ଟିରେ ରଖି ବିଧାନସଭା ସଂଲଗ୍ନ ରାସ୍ତାରେ ବ୍ୟାରିକେଡ କରାଯାଇଛି। ସେଠାରେ ମଧ୍ୟ ୪ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ରହିବେ। ସନ୍ଦିଗ୍ଧ ବ୍ୟକ୍ତି, ଗାଡ଼ି ଏବଂ ଏକାଧିକ ବ୍ୟକ୍ତି ଏକତ୍ରିତ ହୋଇଯାଉଥିଲେ ପୋଲିସ ସେମାନଙ୍କୁ ଯାଞ୍ଚ କରିବେ। ଏଥର ବିଧାନସଭା ସମୟରେ ଅଧିକ ସଂଗଠନ ଧାରଣା ଓ ବିକ୍ଷୋଭ କରିବେ। ବିକ୍ଷୋଭକାରୀଙ୍କ ଉପରେ ନଜର ରଖିବା ପାଇଁ ୩୦ ସିସିଟିଭି କ୍ୟାମେରା ଲଗାଯାଇଛି। ଏହାସହ ଗାନ୍ଧୀ ମାର୍ଗରେ ୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ବ୍ୟବସ୍ଥା ହୋଇଛି। ବିଭିନ୍ନ ସ୍ଥାନରେ ସାଦା ପୋଷାକଧାରୀ ପୋଲିସ ପଇଁତରା ମାରିବେ। ଅନ୍ୟପକ୍ଷରେ ମଙ୍ଗଳବାର ବିଧାନସଭା ଭିତର ଓ ବାହାର ପରିସରକୁ ବୋମା ନିଷ୍କ୍ରିୟକାରୀ ଦଳ ଯାଞ୍ଚ କରିବେ। ପୋଲିସ ଡିଜି ଓ କମିଶନର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବେ ବୋଲି ଜଣାପଡ଼ିଛି।

## ହୀରାକୁଦ ଡ୍ୟାମ୍‌କୁ ବିଦେଶୀ ପକ୍ଷୀଙ୍କ ଆଗମନ


ସମ୍ବଲପୁର ଜିଲା ହୀରାକୁଦ ଜଳଭଣ୍ଡାରେ ବିଦେଶୀ ପକ୍ଷୀଙ୍କ ଜଳକ୍ରୀଡ଼ା।

**ସମ୍ବଲପୁର,୧୧।୧୧(ବ୍ୟୁରୋ)** ସମ୍ବଲପୁର ଜିଲା ହୀରାକୁଦ ଜଳଭଣ୍ଡାରକୁ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଛି। ସୋମବାର ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ଜଳଭଣ୍ଡାରର ବିଭିନ୍ନ ସ୍ଥାନରେ ଏହି ବିଦେଶାଗତ ପକ୍ଷୀଙ୍କ ସମାଗମକୁ ଦେଖିବାକୁ ପାଇଛନ୍ତି। ଏହି ଅତିଥି ପକ୍ଷୀଙ୍କ ସୁରକ୍ଷା ଓ ଗତିବିଧି ଲକ୍ଷ୍ୟ କରିବା ପାଇଁ ବିଭାଗ ପକ୍ଷରୁ ୭ଟି ପାଟ୍ରୋଲିଂ ବୋଟ୍ ବ୍ୟବସ୍ଥା କରାଯାଇଛି। ଜିରୋ ପଏଣ୍ଟ, ବାରଖଣ୍ଡିଆ, ଚୌରାସୀମାଳ, ବଡମୁଣ୍ଡା, ମହୁଲତାଲୁ, ଗୋବିନ୍ଦପୁରରେ ଏହି ଟିମ୍ ରହି ଏମାନଙ୍କ ଗତିବିଧି ଲକ୍ଷ୍ୟ କରିବା ସହ ସୁରକ୍ଷା ପାଇଁ ଦୃଷ୍ଟି ରଖିବେ।

ପ୍ରଥମ ପୃଷ୍ଠାରୁ...

## କ୍ଷତିପୂରଣ...

କରାଯାଇଛି। ଏ କ୍ଷେତ୍ରରେ କ୍ଷୀର ଦେଉଥିବା ଗାଈ, ମଇଁଷି ପାଇଁ ୩୦ ହଜାର ଟଙ୍କା (ଜଣେ ବ୍ୟକ୍ତିଙ୍କ ସର୍ବାଧିକ ୩ଟି ପ୍ରାଣୀ), କ୍ଷୀର ଦେଉ ନ ଥିବା ପ୍ରାଣୀ ପାଇଁ ୨୫ ହଜାର ଟଙ୍କା, ବାଛୁରି(ସର୍ବାଧିକ ୬ଟି) ପାଇଁ ୧୬ ହଜାର ଟଙ୍କା, ଛେଳି ମେଣ୍ଢା ପାଇଁ ୩ ହଜାର ଟଙ୍କା(ସର୍ବାଧିକ ୩୦ ପ୍ରାଣୀ), କୁକୁଡ଼ା ପାଇଁ ମୁଣ୍ଡପିଛା ୫୦ ଟଙ୍କା (ସର୍ବୋଚ୍ଚ ୫ ହଜାର) ଦିଆଯିବ। ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ଡଙ୍ଗା ପାଇଁ ୪୧୦୦ ଟଙ୍କା, ଆଂଶିକ କ୍ଷତି ହୋଇଥିବା ଜାଲ ପାଇଁ ୨୧୦୦ ଟଙ୍କା, ସମ୍ପୂର୍ଣ୍ଣ କ୍ଷତି ହୋଇଥିବା ଡଙ୍ଗା ପାଇଁ ୯ ହଜାର ୬୦୦ ଟଙ୍କା ଏବଂ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଜାଲ ପାଇଁ ୨୬୦୦ ଟଙ୍କାର ସହାୟତା ଦିଆଯିବ। ମାଛ ଚାଷୀଙ୍କ ପାଇଁ ହେକ୍ଟର ପିଛା ୧୨ ହଜାର ୨୦୦ ଟଙ୍କା ଏବଂ ଇନ୍‌ପୁଟ ସବ୍‌ସିଡି ଭାବେ ହେକ୍ଟର ପିଛା ୮୨୦୦ ଟଙ୍କା ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଆସନ୍ତା ୧୮ ତାରିଖ ସୁଦ୍ଧା ଜିଲାପାଳମାନେ ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି)ଙ୍କୁ କ୍ଷୟକ୍ଷତି ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆସନ୍ତା ୨୪ ସୁଦ୍ଧା ସହାୟତା ବଣ୍ଟନ କରିବାକୁ ମଧ୍ୟ କୁହାଯାଇଛି। ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସିଂରେ କ୍ଷୟକ୍ଷତି ଆକଳନ ବିଷୟରେ ଆଲୋଚନା କରିବା ସହ ସହାୟତା ବଣ୍ଟନରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କିତ ସମସ୍ତ ବିବରଣୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦର୍ଶନ କରିବା ଏବଂ ସହାୟତା ରାଶି ଯେପରି କ୍ଷତିଗ୍ରସ୍ତଙ୍କ ଆକାଉଣ୍ଟକୁ ସିଧାସଳଖ ଯିବ ସେ ନେଇ ନିଶ୍ଚିତ କରିବାକୁ କୁହାଯାଇଛି। ବୈଠକରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଏସ୍ଆରସି ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବମାନେ ଯୋଗ ଦେଇଥିଲେ। ବୈଠକ ଶେଷରେ ଏସ୍ଆରସି ପ୍ରଦୀପ ଜେନା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, କ୍ଷୟକ୍ଷତି ଆକଳନ କରିବାକୁ ଆସନ୍ତା ୧୪ ତାରିଖରେ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଆସିବେ।

## ଶିବସେନାର...

ହୋଇଥିଲା। ଏହା ପରେ ମହାରାଷ୍ଟ୍ର କଂଗ୍ରେସ ନେତାମାନଙ୍କ ପରାମର୍ଶ ନିଆଯାଇଥିଲା। ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ କଂଗ୍ରେସ ଅଧ୍ୟକ୍ଷଙ୍କ ସହ ଟେଲିଫୋନରେ କଥା ହୋଇ ସରକାର ଗଠନ ଲାଗି ତାଙ୍କ ସହଯୋଗ ଲୋଡିଥିଲେ।

ଦିଲ୍ଲୀରେ ଦଳର ବରିଷ୍ଠ ନେତାମାନଙ୍କୁ ଭେଟିବା ପରେ ମହାରାଷ୍ଟ୍ରର ନବନିର୍ବାଚିତ କଂଗ୍ରେସ ବିଧାୟକମାନେ ଜୟପୁର ଫେରିଛନ୍ତି। ମହାରାଷ୍ଟ୍ରରେ ସରକାର ଗଠନ ଲାଗି ଶିବସେନାର ଦାବିକୁ ରାଜ୍ୟପାଳ ପ୍ରତ୍ୟାଖ୍ୟାନ କରିନାହାନ୍ତି। ତେବେ ଅଧିକ ସମୟ ଦେବା ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଛନ୍ତି ବୋଲି ଏହାର ନେତା ଆଦିତ୍ୟ ଠାକ୍‌ରେ କହିଛନ୍ତି। ୨୪ ଘଣ୍ଟା ମଧ୍ୟରେ ସରକାର ଗଠନ ନେଇ ଦାବି ଜଣାଇବା ନିମନ୍ତେ ରାଜ୍ୟପାଳ ରବିବାର ଶିବସେନା ନେତା ଏକନାଥ ସିନ୍ଦେଙ୍କ ପାଖକୁ ପତ୍ର ଲେଖିଥିଲେ। ଏନେଇ ଆମେ ସହଯୋଗୀ ଦଳଙ୍କ ସହ ଆଲୋଚନା କରିବା ପରେ ରାଜ୍ୟପାଳଙ୍କୁ ଜଣାଇଦେଇଛୁ। ତେବେ ଏପର୍ଯ୍ୟନ୍ତ ଆମେ ସମର୍ଥନ ପତ୍ର ପାଇ ନ ଥିବାରୁ ଅଧିକ ସମୟ ମାଗିଥିଲୁ, କିନ୍ତୁ ରାଜ୍ୟପାଳ ଆମକୁ ସମୟ ଦେଲେନି ବୋଲି ଆଦିତ୍ୟ କହିଛନ୍ତି।

## ରାଜ୍ୟର...

ବିଭାଗଗୁଡିକ ନିଜର ଅଗ୍ରାଧିକାର ବିଷୟ ନିର୍ଦ୍ଧାରଣକରି ତଦନୁଯାୟୀ ବିଭିନ୍ନ କାର୍ଯ୍ୟକ୍ରମ ଓ ପରିଯୋଜନା ପାଇଁ ଅର୍ଥ ଆବଣ୍ଟନ କରିବେ ବୋଲି ମୀନା କହିଛନ୍ତି। ରାଜ୍ୟର ଆର୍ଥିକ ବିଷୟ ସମ୍ପର୍କରେ ସମୀକ୍ଷା କରି ମୀନା କହିଛନ୍ତି, ରାଜ୍ୟର ବଜେଟ୍ ୨୦୦୧-୦୨ ମସିହାରେ ୧୮,୫୧୨.୫୨ କୋଟି ଟଙ୍କା ଥିବାବେଳେ ୨୦୧୯-୨୦ରେ ଏହା ୧୮ଗୁଣା ବୃଦ୍ଧି ପାଇଛି। ବର୍ତ୍ତମାନ ଓଡିଶା ଏକ ବଳକା ରାଜସ୍ୱ ରାଜ୍ୟରେ ପରିଣତ ହୋଇଛି। ୨୦୦୧-୦୨ ଆର୍ଥିକ ବର୍ଷରେ ରାଜସ୍ୱ ନିଅଣ୍ଟ ସମୁଦାୟ ଘରୋଇ ଉତ୍ପାଦନର ବିଯୁକ୍ତ ୫.୪୮ପ୍ରତିଶତ ଥିଲା। ୨୦୧୯-୨୦ରେ ଏହା ବଳକା ୧.୨୫ଶତକଡା ରାଜସ୍ୱ ହାସଲ କରିଛି। ରାଜ୍ୟ ଋଣଭାର ସମୁଦାୟ ଘରୋଇ ଉତ୍ପାଦନର ୪୬.୪୮ଶତକଡାରୁ ହ୍ରାସ ପାଇ ଚଳିତ ଆର୍ଥିକବର୍ଷ ସୁଦ୍ଧା ୧୯.୭ ଶତକଡାରେ ପହଞ୍ଚିଛି। ଭିତ୍ତିଭୂମି ବିକାଶ ନିମନ୍ତେ ପୁଞ୍ଜି ବିନିଯୋଗ ୧.୭୨ଶତକଡାରୁ ବୃଦ୍ଧି ପାଇ ଚଳିତବର୍ଷ ସମୁଦାୟ ଘରୋଇ ଉତ୍ପାଦନର ୪.୫୩ ଶତକଡାରେ ପହଞ୍ଚିଛି ବୋଲି ମୀନା କହିଛନ୍ତି। ଆସନ୍ତା ୨ବର୍ଷ ପର୍ଯ୍ୟନ୍ତ ଓଡିଶା ଆଇଏମ୍ଏଫ୍‌ର ନୂଆଦିଲ୍ଲୀସ୍ଥିତ ଏସିଆ-ପ୍ରଶାନ୍ତ ଅଞ୍ଚଳର ତାଲିମ ବୈଷୟିକ ସହାୟତା କେନ୍ଦ୍ର ସହ ମିଳିତଭାବେ କାର୍ଯ୍ୟ କରିବାକୁ ସ୍ଥିର ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପ୍ରତିକୂଳତା କେତେକାଂଶରେ ଦୂରେଇଯାଇଥିଲେ ମଧ ଛୋଟ ଛୋଟ ସମସ୍ୟା ଲାଗିରହିବ। କାର୍ଯ୍ୟ ହାସଲକଲେ ମଧ ଟେନ୍‌ସନରୁ ମୁକ୍ତି ମିଳି ନ ପାରେ। ଅବଶ୍ୟ ସାହିତ୍ୟ, ଗବେଷଣା,ଆଲୋଚନା, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ଯାତ୍ରାରେ ଲକ୍ଷ୍ୟହାସଲ କରିବେ ଓ ବିବାଦରେ ବିଜୟୀ ହେବେ।

**ବୃଷ** ଆର୍ଥିକ ଦିଗଟି ଭଲ ରହିବା ସହ ପାରିବାରିକ ଓ କର୍ମକ୍ଷେତ୍ର ପୂର୍ବପରି ରହିବ। କିନ୍ତୁ ସନ୍ତାନଙ୍କ ଦୁଶ୍ଚିନ୍ତା, ଯାନବାହନରେ କ୍ଷତି ମନସ୍ତାପର କାରଣ ହୋଇପାରେ। ଘରୋଇ ସମସ୍ୟାରେ କୌଣସି ଗୁରୁବର୍ଗୀୟ ବ୍ୟକ୍ତିଙ୍କ ସହୃଦୟତାରେ ସନ୍ଦେହମୁକ୍ତ ହେବେ। ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ।

**ମିଥୁନ** ଶାରୀରିକ ଓ ମାନସିକ ସ୍ଥିତି ବହୁତ ଭଲ ରହିଲେ ମଧ ଧନହାନି ମନସ୍ତାପର କାରଣ ହୋଇପାରେ। ସନ୍ତାନଙ୍କ ଉନ୍ନତି, ଶିକ୍ଷା, ସାକ୍ଷାତ୍‌କାର, ଆନୁଷ୍ଠାନିକ ଆଲୋଚନା ପ୍ରଭୃତିରେ ସଫଳତା ପାଇପାରିବେ। ସାହିତ୍ୟସଭା, ରାଜନୈତିକ ସଂଗଠନ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ପ୍ରଶାସନ, ଗବେଷଣା, କୃଷି, ବାଣିଜ୍ୟରେ ଚେଷ୍ଟା ସଫଳ ହେବ।

**କର୍କଟ** କର୍ମକ୍ଷେତ୍ରରେ ସହକର୍ମୀଙ୍କୁ ନୂତନ ଦିଗ୍‌ଦର୍ଶନ ଦେଇ ପ୍ରଶଂସିତ ହେବେ। ଆବଶ୍ୟକତା ପୂରଣ ସକାଶେ ଟଙ୍କା ଯୋଗାଡ଼ କରିବାରେ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ନୂତନ ଗାଡ଼ି, ଯାନ୍ତ୍ରିକ ଜିନିଷ,ଧାତୁ ଅଳଙ୍କାର, ପୋଷାକପତ୍ର କିଣିବା ପାଇଁ ମନ ବଳାଇ ପାରନ୍ତି। ସଭାସମିତି, ସାହିତ୍ୟ ଚର୍ଚ୍ଚା,ସଙ୍ଗୀତ ଆସରରେ ନିଜକୁ ସାମିଲ କରିପାରନ୍ତି।

**ସିଂହ** ପରିବାରର ଖର୍ଚ୍ଚଭାରର ଆଧିକ୍ୟ, ପୁରାତନ ରୋଗପୀଡ଼ା, ପୂର୍ବ ଶତ୍ରୁତା ବିଚଳିତତାର କାରଣ ହୋଇପାରେ। କର୍ମକ୍ଷେତ୍ରର ପ୍ରତିଟି ସମସ୍ୟାକୁ ସୁଧାରି ନେବାରେ କିଛି ଅସୁବିଧା ହେବନାହିଁ। ଶିଳ୍ପ, ବାଣିଜ୍ୟ, ନିର୍ମାଣ, ପରିବହନ ସାଙ୍ଗକୁ ବ୍ୟବସାୟିକ ସ୍ଥିତି ପ୍ରାୟତଃ ହାଲୁକା ରହିବ। ସଭାସମିତି, କଳା, ସାହିତ୍ୟ ସବୁ ଦିଗରୁ ଖୁସି ମନେଇବେ।

**କନ୍ୟା** ଆଜିର ପ୍ରତ୍ୟୁଷ ଯାତ୍ରା ସାଙ୍ଗକୁ ବନ୍ଧୁମିଳନର ସୁଯୋଗ ମାନସିକ ପ୍ରଫୁଲ୍ଲତା ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଅନୁକୂଳ ପରିବେଶ କାମ ହାସଲ ଦିଗରେ ସାହାଯ୍ୟ କରିବ। କୌଣସି ଆଲୋଚନାରେ ତର୍କ ଓ ବିବାଦୀୟ କଥା କିମ୍ବା ପିଲାଙ୍କ ସମସ୍ୟା ନେଇ ବ୍ୟସ୍ତତା ବଢ଼ିପାରେ। ପରିବହନ କ୍ଷେତ୍ରରେ ସମସ୍ୟା ଓ ପରୋକ୍ଷ ଶତ୍ରୁତା ହେତୁ ଚିନ୍ତା କରିପାରନ୍ତି।

**ତୁଳା** ମନ ଅନୁଯାୟୀ କାମ କରିବାର ସୁବିଧା ସୁଯୋଗ ପାଇ ଖୁସି ହେବେ। ଧାର ନେଇଥିବା ବନ୍ଧୁଙ୍କୁ ବକେୟା ମାଗିବା କାରଣରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ଆନୁଷ୍ଠାନିକ କାମ, ବ୍ୟବସାୟ ଓ ପରିବହନରେ କିଛିଟା ସମସ୍ୟାର ସୂଚନା ପାଇବେ। କୌଣସି ଅଜଣା ଲୋକ ସହ ବାକ୍‌ବିତଣ୍ଡା ସୃଷ୍ଟିହେବା ଆଶଙ୍କା ରହିଛି।

**ବିଛା** କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ସମ୍ମୁଖୀନ ହୋଇ କାମ କରିବାକୁ ପଡ଼ିବ। ସହକର୍ମୀ ଦୋଷାରୋପ କରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। ପାରିବାରିକ କ୍ଷେତ୍ରରେ ପୁରୁଣା ସମସ୍ୟାଗୁଡ଼ିକ ତୁଟିଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ଅବଶ୍ୟ ବ୍ୟବସାୟ, ନୂତନ କର୍ମାରମ୍ଭ ପାଇଁ ସୁବିଧା ସୁଯୋଗ ମିଳିପାରେ।

**ଧନୁ** ବନ୍ଧୁ ଗହଣରେ ମନକଥା ମନରେ ରଖି ଯଥାସମ୍ଭବ ଔପଚାରିକତାକୁ ଭୁଲିଯିବା ଠିକ୍ ହେବନାହିଁ। ପାଖ ପଡ଼ୋଶୀଙ୍କ ସହାୟତାରେ ହଜିଯାଇଥିବା ଜିନିଷ ପୁଣି ଫେରିପାଇବେ। ପରିବହନ,ବ୍ୟବସାୟ, ନିର୍ମାଣ, ସଙ୍ଗଠନ ଓ ରାଜନୀତି ପାଇଁ ଦିନଟି ମନ୍ଦ ନୁହେଁ। ନୂତନ କର୍ମାରମ୍ଭ ସକାଶେ ପ୍ରସ୍ତୁତି ପର୍ବରେ ବ୍ୟସ୍ତ ରହିପାରନ୍ତି।

**ମକର** କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ। ସହକର୍ମୀଙ୍କ ଘରୋଇ ବ୍ୟାପାର କିମ୍ବା ସ୍ପର୍ଶକାତର କଥାରେ ଚିହ୍ନା ପଡ଼ିବା ସମସ୍ୟାକୁ ବଢ଼ାଇଦେଇପାରେ। ବ୍ୟବସାୟ, ବାଣିଜ୍ୟ, ପରିବହନ, ଲୋକ ସମ୍ପର୍କ, ଗଠନମୂଳକ କିମ୍ବା ଆନୁଷ୍ଠାନିକ କାମରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ।

**କୁମ୍ଭ** ନୂତନ କର୍ମାରମ୍ଭ ପାଇଁ ପ୍ରେରଣା ପାଇ ଯୋଜନା ଆରମ୍ଭ କରିବେ। ଆକସ୍ମିକ ଭାବେ ବନ୍ଧୁଙ୍କ ଅନୁରୋଧ କ୍ରମେ ଦୂରଯାତ୍ରା କରିବାକୁ ପଡ଼ିପାରେ। ପରିବାର ମଧ୍ୟରେ ଟିକିଏ ଟିକିଏ କଥାରେ ବିରକ୍ତି ପ୍ରକାଶ କଲେ ପରିସ୍ଥିତି ବିଗିଡ଼ିଯାଇପାରେ। ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାର ସୁଯୋଗ ପାଇବେ। ପ୍ରତୀକ୍ଷିତ ଖବରଟି ଅପରାହ୍ନେ ପାଇବେ।

**ମୀନ** ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ବାଣିଜ୍ୟ, ବ୍ୟବସାୟ, ସାମ୍ବାଦିକତା, ସାହିତ୍ୟ ଚର୍ଚ୍ଚା, ସଭା ସମିତି କ୍ଷେତ୍ରରେ ନିୟୋଜିତ ହୋଇପାରନ୍ତି। ଆର୍ଥିକ ସ୍ଥିତି ଦୁର୍ବଳ ରହିବ, ଫଳରେ କେତେକ କାମ ଅଟକି ରହିଯାଇପାରେ। ପୂର୍ବ ସ୍ଥିରୀକୃତ ଯୋଜନା ପରିସ୍ଥିତି ଅନୁଯାୟୀ ବଦଳିଯିବା ସୂଚନା ରହିଛି।

ଆଜି କାର୍ତ୍ତିକ ଶୁକ୍ଳପକ୍ଷ ପୂର୍ଣ୍ଣିମା ମଙ୍ଗଳବାର, ନଭେମ୍ବର ୧୨ ତାରିଖ, ଶ୍ରୀମନ୍ଦିରରେ ରାଜରାଜେଶ୍ୱର ବେଶ, କାର୍ତ୍ତିକ ପୂର୍ଣ୍ଣିମା, କାର୍ତ୍ତିକେଶ୍ୱର ପୂଜା, ବାଲିଯାତ୍ରା, କେଦାର ବ୍ରତ, ଗୁରୁ ନାନକ ଜୟନ୍ତୀ, ରାଷ୍ଟ୍ରୀୟ ପ୍ରସାରଣ ଦିବସ, ରାଶି/ନକ୍ଷତ୍ର- ବୃଷ/ମେଷ, ମକର ରାଶିର ଘାତବାର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୫।୫୮ମି. ଗତେ ଘ୬।୪୨ମି. ମଧ୍ୟେ, ଘ୭।୨୭ମି. ଗତେ ଘ୧୧।୦୯ମି. ମଧ୍ୟେ ଅମୃତବେଳା। ଦିବା ଘ୨।୧୮ମି. ଗତେ ଘ୩।୪୧ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



### HIRE

JCB Machine Excavators 38T, 21T, 10T, 8T, Excavator & Loader- 2DX, 3DX, JCB Compactor, JCB Load all available for hire/sale. Contact immediately: 9556240228, 9937292015. Email-enquiry@kttorissa.com D-15185



### SALE

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲଓ୍ୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68416

କଟକ-ଗୋପାଳପୁର ଧାକୁଲେଇପାଠରୁ 3k.m sqft.250/-, ଭୁବନେଶ୍ୱର ବାଳକାଟି ବଜାରରୁ 2k.m 550/-, ନଖରା DPS ପାଖରେ sqft.700/- ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440. D-68409

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68169

ଭୁବନେଶ୍ୱର ବାଲିଅନ୍ତାରେ Ready to move Duplex, Tamandoରେ yellowzone plot କିଣନ୍ତୁ। 9348767829. D-68412

Plot for sale at Puri, Sanatan Nagar ploting project per sqft. 700/- including registration, mutation, electricity, gharabari with patta, boundarywall. Plot size minimum 1200 sqft. 1km from Bus-stand & Railway station. Contact: 9861793775, 7077125889. D-68164

30’ revenue ରାସ୍ତାଥାଇ 3200sqft. ଘରବାରି, BDA yellowzone boundary plot AIIMS Hospital ପାଖରେ ବିକ୍ରିହେବ। 6370292040. D-68424

(Schedule Caste) 19 ଗୁଣ୍ଠ ଜମି ଭିଙ୍ଗାରପୁର ହସଂପାଳଠାରେ ବିକ୍ରିହେବ। 9937816565, 9937568585. D-68170

Gharabari 5ft boundarywall complete plot sale Chhatabar bypass roadside 3k.m. from 2nd infosys 6000sqft. 36,00,000/- (3side simplex) 9861281504. D-68423

NH-16 ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ ପୋଜେସନ୍ ଥାଇ 399/ରେ ମିଳୁଛି। 7873894075. D-68415

ତିନିତାଲା ନୂଆ କୋଠାଘର ବିକ୍ରିହେବ। ହାତିଶାଳ, ପହଲି ମହାନ୍ତି ବଗିଚା, ପୁରୀ। Contact No. 9452684397. D-68508

Do you want a land in Bhubaneswar, Sundarpada near Xavier University at Lowprice? Litigation free land, first possession then registration. 8847851850. D-68413

ଭୁବନେଶ୍ୱର ନୁଆଗାଁରେ Yellowzone ଘରବାରି ପ୍ଲଟ୍ 1200sqft. @2300/- ବିକ୍ରିହେବ- 9861082584. D-68417

Land for sale near AMRI Hospital Boundrywall & Foundation completed. Contact: 9861096613. D-15181

ଭୁବନେଶ୍ୱର ପିତାପଲ୍ଲି Biswas +2 Science College backsideରେ Yellowzone ପ୍ଲଟ୍ ମିଳୁଅଛି। 8594954102. D-68419

ସ୍ଥିତିବାନ ବାସପୋଯୋଗୀ ଜମି 60ft ପିଚୁରାସ୍ତାକୁ ଲାଗି ବିକ୍ରିହେବ। 9937816565, 9937568585. D-68171

Luxurious 1BHK home at Puri with AC, LED, Refrigerator and many more. Book just @1.68 lakhs. 9078711724. D-15183

BDA Yellow zone plot for sale @ Patrapada location. 9776341255, 7064229141. D-15184

### GENERAL SALE

Running Masala Grinding & Packaging unit for sale. Contact: 9861096613. D-15180



1500sqft. Office space available at Goutam Nagar, Bhubaneswar. 9337117523. D-67507



Rejuvenate and ayurvedic full body massage by smart therapist. 9114402304. D-68145

Full body herbal massage with refreshment expert therapist. 7381239385, 06742540855. D-68158

Experience full body massage with us (expert). Call: 7377048581, 06742597822. D-68159

Herbal full body massage by smart / expert therapist. Contact: 8338067247. D-68160

Summer special mesmerizing offer expert therapeutic refreshing massage appointment. 9668374480. D-68161

Refresh your mind and soul with best therapy at Orchid Salon/Spa. 9937287222. D-66998

Monalisa Massage Club: All types body massage with hiprofile smart lady rooms service available- 9708545108. D-15137

### BUSINESS

Part time business start କରନ୍ତୁ। Monthly:- 5,000/- 15,000/- କମାନ୍ତୁ। Mob: 9777434078. D-15040

### AFFIDAVIT

By virtue of an affidavit before the Notary, Talcher, I have changed my surname Baijayanti Mala Dehury to Baijayanti Mala Pradhan on Dt.04.05.2019. Henceforth, I shall be known as Baijayanti Mala Pradhan W/o Ranjan Kumar Pradhan, Vill/PO. Danara, PS- Colliery, Dist. Angul for all purposes. D-15186

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## ୯ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୧୧।୧୧ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକୁମା ଜିଲାରେ ୯ ଜଣ ମାଓବାଦୀ ଲାଲବାହିନୀ ହାତ ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ସୁକୁମା ଜିଲା ମଦନବାଡ଼ା ଅଞ୍ଚଳର ମିଲିଟ୍ରି କମାଣ୍ଡର ଇଡମାଙ୍କ ସମେତ ତାଙ୍କର ସହଯୋଗୀ ସୋମବାର ସୁକମା ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ମାଓବାଦୀ ସଙ୍ଗଠନରେ ପୂର୍ବ ଆଦର୍ଶ ନ ଥିବା, ଆଦିବାସୀଙ୍କ ବିକାଶ କ୍ଷେତ୍ରରେ ଲାଲବାହିନୀ ବାଧକ ସାଜୁଥିବା ଏବଂ ତାଙ୍କ ଦ୍ୱାରା ଲୋକଙ୍କୁ ହତ୍ୟା କରାଉଥିବା ଅଭିଯୋଗ କରି ସେମାନେ ସଙ୍ଗଠନ ଛାଡିଥିବା କହିଛନ୍ତି। ଏମାନେ ମାଲକାନଗିରି ଜିଲା ଦରଭା ମାଓବାଦୀ ଡିଭିଜନରେ କାର୍ଯ୍ୟ କରୁଥିଲେ। ପୋଲିସ ସହ ଗୁଳି ବିନିମୟ, ଇନ୍‌ଫର୍ମର ସନ୍ଦେହରେ ହତ୍ୟା, ଠିକା କାର୍ଯ୍ୟରେ ନିୟୋଜିତ ଗାଡ଼ିପୋଡ଼ି ଏବଂ ଲାଣ୍ଡ୍‌ମାଇନ ବିସ୍ଫୋରଣ ଭଳି ବହୁ ହିଂସାରେ ସମ୍ପୃକ୍ତ ଥିଲେ। ଆତ୍ମସମର୍ପଣକାରୀ ମାଓବାଦୀଙ୍କୁ ସରକାରଙ୍କ ପକ୍ଷରୁ ଥିବା ସମସ୍ତ ସୁବିଧା ସୁଯୋଗ ମିଳିବ ବୋଲି ଏସ୍‌ପି କହିଛନ୍ତି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଜ୍ୟୋତିର୍ମୟୀ ସାସମଲ


ରାଜଦୀପ୍ ଦାସ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

**ଆଜି କାର୍ତ୍ତିକ ପୂର୍ଣ୍ଣିମା**

# ଶାନ୍ତି ଶୃଙ୍ଖଳା ପାଇଁ ୪୦ ପ୍ଲାଟୁନ ଫୋର୍ସ

- ଶ୍ରୀମନ୍ଦିର ସିଂହଦ୍ୱାରରେ ପ୍ରବେଶ, ତିନିଦ୍ୱାରରେ ପ୍ରସ୍ଥାନ
- ସମୁଦ୍ରକୂଳ ଓ ବିଭିନ୍ନ ପୁଷ୍କରିଣୀ ତଟରେ ଜଗିବେ ପୋଲିସ

**ପୁରୀ ଅଫିସ, ୧୧।୧୧**

ମଙ୍ଗଳବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା। ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀ ଓ ମହୋଦଧିରେ ଲକ୍ଷାଧିକ ଶ୍ରଦ୍ଧାଳୁ ସ୍ନାନ ଓ ବୋଇତ ବନ୍ଦାଣ କରିବା ପରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ରତ୍ନସିଂହାସନରେ ଠାକୁରମାନଙ୍କ ଦୁର୍ଲ୍ଲଭ ସୁନାବେଶ ଦର୍ଶନ ଲାଗି ପ୍ରାୟ ୩ ଲକ୍ଷରୁ ଅଧିକ ଭକ୍ତଙ୍କ ସମାଗମ ହେବ ବୋଲି ପ୍ରଶାସନ ଆକଳନ କରିଛି। ସୋମବାର ଅପରାହ୍ନରୁ ପୁରୀକୁ ଭକ୍ତଙ୍କ ଆଗମନ ହୋଇଛି। ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ, ଭକ୍ତଙ୍କ ସୁରକ୍ଷିତ ସ୍ନାନ, ଡଙ୍ଗାଭସା ଓ ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ଲାଗି ମୋଟ ୪୦ ପ୍ଲାଟୁନ ଫୋର୍ସ ମୁତୟନ ରହିବେ।

ବିଶେଷକରି ଶ୍ରୀମନ୍ଦିରରେ ପ୍ରବଳ ଗହଳିକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗହଳି ନିୟନ୍ତ୍ରଣ ପାଇଁ ଏକମୁଖୀ ପ୍ରବେଶ ବ୍ୟବସ୍ଥା ଲାଗୁ କରାଯିବ। ଅର୍ଥାତ୍ ଭକ୍ତମାନେ କେବଳ ସିଂହଦ୍ୱାର ଦେଇ ପ୍ରବେଶ କରିବେ। ଦର୍ଶନ ସାରି ଆନନ୍ଦ ବଜାରକୁ ଯାଇପାରିବେ। ଭିତର ବେଢା ବୁଲିସାରିବା ପରେ ଅନ୍ୟ ତିନିଦ୍ୱାର ଦେଇ ବାହାରିବେ। ମନ୍ଦିର ଭିତର ଗହଳି ସିଂହଦ୍ୱାରଠାରୁ ନିୟନ୍ତ୍ରଣ କରାଯିବ ଅର୍ଥାତ୍ ଭକ୍ତମାନଙ୍କୁ ସିଂହଦ୍ୱାରରୁ ନିୟନ୍ତ୍ରଣ କରାଯାଇ ଭିତରକୁ ଛଡ଼ାଯିବ। ସେହିପରି ସ୍ୱତନ୍ତ୍ର ନୀତି ବେଳେ ଦର୍ଶନ ବନ୍ଦ ରହିବା ନେଇ ଡାକବାଜି ଯନ୍ତ୍ର ଯୋଗେ ଶ୍ରଦ୍ଧାଳୁଙ୍କୁ ସଚେତନ କରିବା ଲାଗି ମଧ୍ୟ ବ୍ୟବସ୍ଥା ହୋଇଛି। ବରିଷ୍ଠ ନାଗରିକ, ମହିଳା ଏବଂ ଦିବ୍ୟାଙ୍ଗ ଭକ୍ତଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସହରକୁ ସଂଯୋଗ କରୁଥିବା ପ୍ରତ୍ୟେକ ରାସ୍ତାର ପ୍ରବେଶ ପଥରେ ଟ୍ରାଫିକ ନିୟନ୍ତ୍ରଣ କରାଯିବ। ଏ ସମ୍ପର୍କରେ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, କାର୍ତ୍ତିକ ପୂର୍ଣ୍ଣିମାରେ ବିଗତ ବର୍ଷଗୁଡ଼ିକ ଭଳି ଭକ୍ତଙ୍କ ଭିଡ଼ ହେବ ବୋଲି ଆଶା କରୁଛୁ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୪୦ ପ୍ଲାଟୁନ ଫୋର୍ସ ଏବଂ ୧୦୦ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ବଡ଼ିଭୋରୁ ସମୁଦ୍ର ସମେତ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ଲୋକେ ଡଙ୍ଗା ଭସାଇବେ। ଏହାକୁ ଦୃଷ୍ଟିରେ ରଖି ସମୁଦ୍ରକୂଳ, ନରେନ୍ଦ୍ର ପୁଷ୍କରିଣୀ, ଶ୍ୱେତଗଙ୍ଗା ପ୍ରଭୃତି ତୀର୍ଥ ପୁଷ୍କରିଣୀରେ ଫୋର୍ସ ମୁତୟନ କରାଯାଇଛି। ସେହିପରି ଟ୍ରାଫିକ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ମଧ୍ୟ ପଦକ୍ଷେପ ନିଆଯାଇଛି। ବିଗତ ବର୍ଷଗୁଡ଼ିକରେ ବଡ଼ଦାଣ୍ଡ ଉଭୟ ପାର୍ଶ୍ୱରେ ବାଇକ୍ ପାର୍କିଂ କରାଯାଉଥିଲା। ଏଥର ମାର୍କେଟ ଛକସ୍ଥିତ ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ ପରିସରରେ ବାଇକ୍‌ଗୁଡ଼ିକ ପାର୍କିଂ କରାଯିବ। ସେହିପରି ପୁରୁଣା ଜେଲ୍, ଜଗନ୍ନାଥ ବଲ୍ଲଭ ପରିସରରେ ଚାରିଚକିଆ ଯାନ ପାର୍କିଂ ହେବ। ଯଦି ଅଧିକ ଗାଡ଼ି ଆସିବ ତେବେ ତାଳବଣିଆ କିମ୍ବା ମଙ୍ଗଳାଘାଟରେ ପାର୍କିଂ କରାଯିବ ସେ ନେଇ ନିଷ୍ପତ୍ତି ନିଆଯିବ।

## ବୁଲ୍‌ବୁଲ୍ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଲା ଭାଜପା ପ୍ରତିନିଧିମଣ୍ଡଳୀ

**ଭୁବନେଶ୍ୱର, ୧୧।୧୧ (ବ୍ୟୁରୋ)**

ବାତ୍ୟା ବୁଲ୍‌ବୁଲ୍ ପ୍ରଭାବରେ କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, ଯାଜପୁର, ମୟୂରଭଞ୍ଜ ଆଦି ୬ ଜିଲା ପ୍ରଭାବିତ ହୋଇଛି। ପ୍ରାଥମିକ ଆକଳନ ଅନୁଯାୟୀ ଏହି ସବୁ ଜିଲାରେ ପ୍ରାୟ ୩ ଲକ୍ଷ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି। ମୁଖ୍ୟତଃ ବାତ୍ୟା ଯୋଗୁ ଥୋଡ଼ୁଓ ଧାନ ଅତ୍ୟଧିକ ମାତ୍ରାରେ କ୍ଷତି ହୋଇଛି। ଥୋଡ଼ୁଅ ସମୟରେ ବର୍ଷା ହେବା ଫଳରେ ଧାନ ଫସଲ ନଷ୍ଟ ହୋଇଯାଇଛି। ରାଜ୍ୟ ସରକାର ତୁରନ୍ତ ସେମାନଙ୍କ ପାଇଁ କ୍ଷତିପୂରଣ ଘୋଷଣା କରିବାକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଦାବି କରିଛନ୍ତି। ଅନ୍ୟପଟେ ବିରୋଧୀ ଦଳ ନେତାଙ୍କ ନେତୃତ୍ୱରେ ରାଜ୍ୟ ଭାଜପାର ଏକ ପ୍ରତିନିଧି ଦଳ ସୋମବାର କେନ୍ଦ୍ରାପଡା ଜିଲାର ପ୍ରଭାବିତ ରାଜନଗର, ରାଜକନିକା, ଆଳି, ପଟ୍ଟାମୁଣ୍ଡାଇ ଆଦି ଅଞ୍ଚଳ ବୁଲିବା ସହିତ ମୃତକ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ବାତ୍ୟା ବୁଲ୍‌ବୁଲ୍ ପ୍ରଭାବରେ ଉକ୍ତ ଅଞ୍ଚଳରେ ହୋଇଥିବା ବ୍ୟାପକ କ୍ଷୟକ୍ଷତିର ଅନୁଧ୍ୟାନ କରିବାକୁ ଯାଇଥିଲେ। ସ୍ଥାନୀୟ ଜନସାଧାରଣଙ୍କ ଦୁଃଖକୁ ଜାଣିବାକୁ ଯାଇ ଏହି ପ୍ରତିନିଧିଦଳ ଜିଲା ପ୍ରଶାସନ ଲୋକଙ୍କୁ ଯଥେଷ୍ଟ ପାନୀୟ ଜଳ, ରାସ୍ତାଘାଟକୁ ବ୍ୟବସ୍ଥିତ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏପରି କି ରିଲିଫ୍ ଆକାରରେ କୌଣସି ଅତ୍ୟାବଶ୍ୟକୀୟ ସାମଗ୍ରୀ ମିଳିନି। ଏଭଳି ସମୟରେ ରାଜ୍ୟ ସରକାର ବିଳମ୍ବ ନ କରି ସମସ୍ତ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ କରାଯିବାକୁ ଭାଜପା ଦାବି କରିଛି।

### ଓଏଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳ

## ୫୮ ତହସିଲଦାରଙ୍କୁ ବିଡିଓ ନିଯୁକ୍ତି

**ଭୁବନେଶ୍ୱର, ୧୧।୧୧ (ବ୍ୟୁରୋ):** ରାଜ୍ୟ ସରକାର ଓଏଏସ ସ୍ତରରେ ବଡ଼ ଧରଣର ଅଦଳ ବଦଳ କରିଛନ୍ତି। ୫୮ ଜଣ ତହସିଲଦାରଙ୍କୁ ବିଡିଓ ଭାବେ ନିଯୁକ୍ତି ଦିଆଯିବା ସହିତ ସେମାନଙ୍କୁ ତହସିଲଦାର ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏ ନେଇ ସୋମବାର ପଞ୍ଚାୟତିରାଜ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଆଳି ତହସିଲଦାର ଜୟନ୍ତ କୁମାର ପୃଷ୍ଟି, ବାହନଗା ତହସିଲଦାର ଦେବଯାନୀ ଭୂୟାଁ, ବିଷମ କଟକ ତହସିଲଦାର ଆଲବର୍ଟ ଲାକ୍ରାଙ୍କୁ ବିଡିଓ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହିତ ସେମାନଙ୍କୁ ସେହି ତହସିଲର ତହସିଲଦାର ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ଗୁମା ତହସିଲଦାର ନଟବର ଗରଡା, କାଳିମେଳା ତହସିଲଦାର ଉମା ଶଙ୍କର ଦଳେଇ, କୁଚିଣ୍ଡା ତହସିଲଦାର ନିଶି ପୋନମ ମିଞ୍ଜ, କୋମନା ତହସିଲଦାର ଶ୍ୟାମଲ କୁମାର ରାୟ, କୁନ୍ଦ୍ରା ତହସିଲଦାର ଶ୍ୱେତା ସ୍ନିଗ୍ଧା, ରାଜକନିକା ତହସିଲଦାର ଡି.ଏସ. ସୁଭଦର୍ଶିନୀ ଯୋଶୀ ପ୍ରମୁଖଙ୍କୁ ବିଡିଓ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହିତ ସେହି ତହସିଲର ତହସିଲଦାର ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

## ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ ଦେଖିଲେ ଭକ୍ତ

**ପୁରୀ ଅଫିସ, ୧୧।୧୧**

**ଆଜି ସୁନାବେଶ**



କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ସୋମବାର ରତ୍ନସିଂହାସନରେ ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ ହୋଇଛି। ଏହି ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥିଲା। ପ୍ରାତଃରେ ଠାକୁରଙ୍କ ଅବକାଶ ନୀତି ପରେ ଏହି ବେଶ କରାଯାଇଥିଲା। ମଙ୍ଗଳବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା। ରତ୍ନସିଂହାସନରେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ସୁନାବେଶ ଅନୁଷ୍ଠିତ ହେବ।

ଲକ୍ଷ୍ମୀନୃସିଂହ ବେଶରେ ଠାକୁରମାନେ ସୁବର୍ଣ୍ଣର ଶ୍ରୀଭୁଜ, ଶ୍ରୀପୟର, କିରୀଟ, କୁଣ୍ଡଳ, ଚନ୍ଦ୍ରିକା ଆଦି ଧାରଣ କରିଥିଲେ। ବଡଠାକୁର ସୁବର୍ଣ୍ଣର ହଳ ମୂଷଳ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ ରୁପାର ଶଙ୍ଖ ଓ ସୁବର୍ଣ୍ଣ ଚକ୍ର ଧାରଣ କରିଥିଲେ। ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ଚୂଳରେ ସୁବର୍ଣ୍ଣ କିଆ ଖଞ୍ଜା ଯାଇଥିଲା। ଏଥିସହ ସୋଲ ଓ ଜରିରେ ନିର୍ମିତ ବିଭିନ୍ନ ଫୁଲ ଧାରଣ କରିଥିଲେ। ଏହି ବେଶରେ ଠାକୁରମାନେ ପାଟବସ୍ତ୍ରରେ ବିଭୂଷିତ ହେବା ସହ ବିଭିନ୍ନ ସୁବାସିତ ପୁଷ୍ପରେ ମଣ୍ଡିତ ହୋଇଥିଲେ। ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣିମା। ଧର୍ମ ମାସ କାର୍ତ୍ତିକର ଶେଷ ଦିବସ। ରତ୍ନସିଂହାସନରେ ମହାପ୍ରଭୁଙ୍କ ରାଜ ରାଜେଶ୍ୱର ବେଶ ଅନୁଷ୍ଠିତ ହେବ। ଏହି ବେଶକୁ ସୁନାବେଶ କୁହାଯାଇଥାଏ। ବିଭିନ୍ନ ପାଟ ବସ୍ତ୍ର ଏବଂ ରତ୍ନ ଅଳଙ୍କାରରେ ମହାପ୍ରଭୁ ବିଭୂଷିତ ହେବେ। ଭକ୍ତଙ୍କ ସୁନାବେଶ ଦର୍ଶନ ଏବଂ ନୀତି ସୁରୁଖୁରୁରେ ସମ୍ପନ୍ନ ଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ନୂଆପଦର ସରପଞ୍ଚଙ୍କ ପଦ ରଦ୍ଦ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୧।୧୧:** ୨ରୁ ଅଧିକ ସନ୍ତାନ ଥାଇ ନିର୍ବାଚନ ଲଢ଼ିବା କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ନୂଆପଦର ସରପଞ୍ଚ ଲାଲୁ କହଁରଙ୍କୁ ମହଙ୍ଗା ପଡିଛି। ଏନେଇ ଆଗତ ଏକ ମାମଲାର ବିଚାର କରି ଜିଲାପାଳ ଡା. ବୃନ୍ଦା ଡି. ସରପଞ୍ଚଙ୍କ ପଦବୀ ରଦ୍ଦ କରିଛନ୍ତି। ତାଙ୍କ ସ୍ଥାନରେ ନାଏବ ସରପଞ୍ଚ ଦାୟିତ୍ୱରେ ରହିବେ। ପ୍ରକାଶ ଯେ, ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଲାଲୁ କହଁର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ହେଲେ ତାଙ୍କର ୩ ସନ୍ତାନ ଥିବା ଦର୍ଶାଇ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ହାରି ଯାଇଥିବା ଗୟାଧର ୨୦୧୭ରେ ଏ ନେଇ ଅଭିଯୋଗ କରିଥିଲେ। ୨ ବର୍ଷ ପରେ ଗୟାଧରଙ୍କ ପକ୍ଷରୁ ଆଗତ ଅଭିଯୋଗର ଶୁଣାଣି ହୋଇଥିଲା। ପ୍ରମାଣକୁ ଆଧାର କରି ଘଟଣାରେ ସତ୍ୟତା ଥିବା ଜିଲାପାଳ ଅବଗତ ହେବାପରେ ଉପରୋକ୍ତ ରାୟ ଶୁଣାଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ସେପ୍ଟେମ୍ବର ୨୩ରେ ପଞ୍ଚାୟତର କିଛି ବ୍ୟକ୍ତି ଆସି ସରପଞ୍ଚ ଲାଲୁ କହଁରଙ୍କୁ ବହିଷ୍କାର କରିବାକୁ ଜିଲାପାଳଙ୍କ ପାଖରେ ଦାବି କରିଥିଲେ। ସରପଞ୍ଚ ୩ ସନ୍ତାନର ଜନକ। ତାଙ୍କ ସଭ୍ୟପଦ ରଦ୍ଦ ପାଇଁ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ଏହାର ବିଚାର କରି ୨ ମାସ ମଧ୍ୟରେ ପଦକ୍ଷେପ ନେବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ କାହିଁକି ପଦକ୍ଷେପ ନିଆଯାଉନାହିଁ ବୋଲି ପଞ୍ଚାୟତବାସୀ ଦାବିପତ୍ରରେ ଦର୍ଶାଇଥିଲେ।

- ଅଯୋଧ୍ୟା ରାୟକୁ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ବିରୋଧ

## 'ସୁପ୍ରିମକୋର୍ଟଙ୍କ ରାୟ ଦେଶ ପାଇଁ ବିପଜ୍ଜନକ'

**ଭୁବନେଶ୍ୱର, ୧୧।୧୧ (ବ୍ୟୁରୋ)**



ବହୁଚର୍ଚ୍ଚିତ ଅଯୋଧ୍ୟା ବିବାଦର ସୁପ୍ରିମକୋର୍ଟଙ୍କ ରାୟ ଉପରେ ସୋମବାର ପ୍ରଥମଥର ପାଇଁ ମନ୍ତବ୍ୟ ରଖିଛନ୍ତି ଜଗଦଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ। ସୁପ୍ରିମକୋର୍ଟଙ୍କ ରାୟକୁ ବିରୋଧ କରି ଏହା ଦେଶ ପାଇଁ ବିପଜ୍ଜନକ ହେବ ଏବଂ ଅଶାନ୍ତି ସୃଷ୍ଟି କରିବ ବୋଲି ଶଙ୍କରାଚାର୍ଯ୍ୟ ପ୍ରତିକ୍ରିୟା ରଖିଛନ୍ତି। ଅଯୋଧ୍ୟାରେ ମସ୍‌ଜିଦ ନିର୍ମାଣ ପାଇଁ ସୁପ୍ରିମକୋର୍ଟ ସୁନ୍ନୀ ୱାକ୍‌ଫ ବୋର୍ଡକୁ ୫ଏକର ଜମି ପ୍ରଦାନ କରିବା ଦୁର୍ଭାଗ୍ୟଜନକ ଏବଂ ଭବିଷ୍ୟତରେ ଏହା ଆତଙ୍କବାଦୀଙ୍କ ପ୍ରମୁଖ ଠିକଣାରେ ପରିଣତ ହେବ ବୋଲି ସେ କହିଛନ୍ତି। ସ୍ଥାନୀୟ ରେଲ୍‌ୱେ ଅଡିଟୋରିୟମ୍‌ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରି ଶଙ୍କରାଚାର୍ଯ୍ୟ କହିଥିଲେ, ହିନ୍ଦୁ ଓ ମୁସଲମାନ୍‌ମାନେ ଶାନ୍ତିରେ ରହିବେ ବୋଲି ପାକିସ୍ତାନ ଓ ଭାରତ ପରସ୍ପରଠାରୁ ଅଲଗା ହୋଇଥିଲେ। ହେଲେ ଏବେ ଦୁଇ ଦେଶ ମଧ୍ୟରେ ଶାନ୍ତି ନାହିଁ। ପାକିସ୍ତାନ ଆତଙ୍କବାଦୀଙ୍କ କେନ୍ଦ୍ରସ୍ଥଳୀ ବୋଲି ଖୋଦ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ସ୍ୱୀକାର କରିଛନ୍ତି। ଏହାପରେ ମଧ୍ୟ ଆମେ ନିଜ ଜମିକୁ ଆତଙ୍କବାଦୀଙ୍କୁ ଦେଉଛୁ। ଉକ୍ତ ୫ଏକର ଜମିରେ ଯଦି ମସ୍‌ଜିଦ ନିର୍ମାଣ ହୁଏ ତାହେଲେ ଅଯୋଧ୍ୟା ଆଉ ଏକ ମକ୍କାରେ ପରିଣତ ହେବ। ଆତଙ୍କବାଦୀଙ୍କ ପ୍ରବେଶ ଦ୍ୱାର ହେବା ସହ ଉତ୍ତରପ୍ରଦେଶ ଆଉ ଏକ ପାକିସ୍ତାନରେ ପରିଣତ ହେବ ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି।

ଗୋଟିଏ ସ୍ଥାନରେ ଯଦି ଉଭୟ ମନ୍ଦିର ଓ ମସ୍‌ଜିଦ ନିର୍ମାଣ ହେବାର ଥିଲା ତା'ହେଲେ ଆଗରୁ କ'ଣ ପାଇଁ ହେଉ ନ ଥିଲା ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି। ନରସିମ୍ହା ରାଓ, ବାଜପେୟୀ ସରକାରଙ୍କ ସମୟରେ ଏହି ସମାନ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଆମେ ଏଥିରେ ରାଜି ନ ହେବାରୁ ନିଷ୍ପତ୍ତିକୁ ରଦ୍ଦ କରାଯାଇଥିଲା। ସୁପ୍ରିମକୋର୍ଟ ରାୟ ପ୍ରକାଶ କରିବା ପୂର୍ବରୁ ୪ ଧାମର ଶଙ୍କରାଚାର୍ଯ୍ୟମାନଙ୍କ ପରାମର୍ଶ କିମ୍ବା ମତାମତ ଲୋଡ଼ିନାହାନ୍ତି। ରାଜନେତାମାନେ ନିଜ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଧର୍ମଗୁରୁ ସୃଷ୍ଟି କରୁଛନ୍ତି ଓ ସେମାନଙ୍କ ମତକୁ ଆଧାର କରି ନିଜ ନିଜର ସ୍ୱାର୍ଥସାଧନ କରୁଛନ୍ତି। ତେଣୁ ପାର୍ଲାମେଣ୍ଟରେ ସ୍ୱତନ୍ତ୍ର ଅଧିବେଶନ କରି ସୁପ୍ରିମକୋର୍ଟ ଦେଇଥିବା ରାୟକୁ ଖାରଜ କରିବାକୁ ଶଙ୍କରାଚାର୍ଯ୍ୟ ଦାବି କରିଛନ୍ତି।



ତୁମେ ଯଦି ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେଉ ବୋଲି ଚାହୁଁଥାଅ– ତେବେ ଆଗ ନିଜ ହୃଦୟରେ ଶାନ୍ତି ସ୍ଥାପନ କର । ... ଜଣେ ତା'ର ପ୍ରଗାଢ ନିଦ୍ରାରୁ ଜାଗି ଉଠିପାରେ । କିନ୍ତୁ ଥରେ ପ୍ରଗାଢ ଶାନ୍ତି ତୁମ ଭିତରେ ସ୍ଥାପିତ ହେଲେ– ତାହା ଆଉ ଭାଙ୍ଗେ ନାହିଁ । -ଶ୍ରୀମା



# ଭାବିଚିନ୍ତି

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ୨୪ ଅକ୍ଟୋବରରେ ପ୍ରକାଶ ପାଇବା ପରେ ଇତିମଧ୍ୟରେ ୧୮ ଦିନ ଅତିକ୍ରମ କରିସାରିଲାଣି । ଏପରି କି ଗତ ବିଧାନସଭାର କାର୍ଯ୍ୟକାଳ ମଧ୍ୟ ଶେଷ ହୋଇଗଲାଣି । ତଥାପି ସେଠାରେ ସରକାର ଗଠନ ହୋଇପାରୁନାହିଁ । ଏହାର ମୂଳ ଗଣ୍ଠିଟି ରହିଛି ମୁଖ୍ୟମନ୍ତ୍ରୀ ଆସନକୁ ନେଇ । ଭାଜପା ଓ ତା'ର ସହଯୋଗୀ ଭାବେ ଦୀର୍ଘବର୍ଷ ଧରି ସମ୍ପର୍କରେ ରହିଆସିଥିବା ଶିବସେନା ମଧ୍ୟରେ ଏହି ପଦବୀକୁ ନେଇ ଟଣାଓଟରା ଚାଲିଥିବାରୁ ସରକାର ଗଠନ ଲାଗି ସମୟ ଗଡ଼ିଚାଲିଛି । ୨୮୮ ଆସନ ବିଶିଷ୍ଟ ବିଧାନସଭାରେ ଭାଜପା ୧୦୫ ଆସନ ପାଇ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଛି । ଶିବସେନା ୫୬ ଆସନ ଅକ୍ତିଆର କରିଥିବା ବେଳେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ କଂଗ୍ରେସ ଯଥାକ୍ରମେ ୫୪ ଓ ୪୪ ଆସନ ଧରି ବସିଛନ୍ତି । ଆସନ ସଂଖ୍ୟାକୁ ଦେଖି ରାଜ୍ୟପାଳ ଭାଜପାକୁ ସରକାର ଗଠନ ପାଇଁ ନିମନ୍ତ୍ରଣ କରିଥିଲେ ମଧ୍ୟ ଦଳ ନିଜର ଅକ୍ଷମତା ପ୍ରକାଶ କରିଦେଇଛି । ଅନ୍ୟପକ୍ଷରେ ଶିବସେନା ସରକାର ଗଠନ ଲାଗି ପାଗ ଭିଡ଼ିଛି । ତାହାକୁ ସମର୍ଥନ କରିବା ଲାଗି କଂଗ୍ରେସ ଓ ଏନ୍‌ସିପି ମଧ୍ୟରେ ଆଲୋଚନା ଚାଲିଥିବା ଶୁଣିବାକୁ ମିଳିଛି । ୧୧ ନଭେମ୍ବରରେ ଭାରି ଉଦ୍ୟୋଗ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମନ୍ତ୍ରୀ ତଥା ଶିବସେନା ନେତା ଅରବିନ୍ଦ ସାୱନ୍ତ ଏନ୍‌ଡିଏ ସରକାରରୁ ଇସ୍ତଫା ଦେଇଛନ୍ତି । ଏହିସବୁ ରାଜନୈତିକ ଗତିବିଧିକୁ ଦେଖିଲେ ଶିବସେନା ସରକାର ଗଢ଼ିପାରେ ।

ଦିଲ୍ଲୀର କେତେକ ମହଲରେ ଗୁଜବ ଉଠିଥିଲା ଯେ, ୨୦୨୯ ସାଧାରଣ ନିର୍ବାଚନ ପାଇଁ ଉଭୟ ଅମିତ ଶାହ ଓ ଦେବେନ୍ଦ୍ର ଫଡ୍‌ନବିସ୍‌ ପ୍ରଧାନମନ୍ତ୍ରୀ ପଦବୀକୁ ଆଖିରେ ରଖିଛନ୍ତି । ସେହିଦୃଷ୍ଟିରୁ ଦେଖିଲେ ଫଡ୍‌ନବିସ୍‌ଙ୍କୁ ଏବେଠାରୁ ଦୌଡ଼ରୁ ବିଦା କରିଦେବା ସକାଶେ ଏହା ହେଉଛି ଭାଜପାର ଆଭ୍ୟନ୍ତରୀଣ ରାଜନୀତି । ବିଶେଷକରି ମହାରାଷ୍ଟ୍ର ଭଳି ଧନୀ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଲଗାତର ଦୁଇ ଥର ରହିଥିଲେ ଫଡ୍‌ନବିସ୍‌ଙ୍କ ସର୍ବୋଚ୍ଚ ଆସନ ପାଇଁ ଦାବି ଶକ୍ତିଶାଳୀ ହୋଇଥାଆନ୍ତା ।

ଭାଜପା ସହ ଶିବସେନାର ମନୋମାଳିନ୍ୟ ଯୋଗୁ ନିର୍ବାଚନରେ ବିପକ୍ଷରେ ଲଢ଼ୁଥିବା ଏନ୍‌ସିପି ଓ କଂଗ୍ରେସ ଏବେ ସରକାର ଗଠନ ପ୍ରକ୍ରିୟାର ଅଂଶୀଦାର ହେବାକୁ ଯାଉଛନ୍ତି । ବର୍ତ୍ତମାନ ସୁଦ୍ଧା ୪୦ କଂଗ୍ରେସ ବିଧାୟକ ଦଳର ମଧ୍ୟବର୍ତ୍ତୀକାଳୀନ ସଭାପତି ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖି ଶିବସେନାକୁ ସମର୍ଥନ କରିବାକୁ ରାଜି ଅଛନ୍ତି ବୋଲି କହିଛନ୍ତି । ଶିବସେନା ମୁଖ୍ୟ ଉଦ୍ଧବ ଠାକରେ ଓ ଏନ୍‌ସିପି ମୁଖ୍ୟ ଶରଦ ପାୱାର ସରକାର ଗଠନ ନେଇ ଆଲୋଚନା କରିବାକୁ ଆଗେଇ ଆସିଛନ୍ତି । କୁହାଯାଉଛି, ଯଦି ଶିବସେନା ନେତୃତ୍ୱରେ ମହାରାଷ୍ଟ୍ରରେ ସରକାର ଗଠନ ହୁଏ, ତେବେ ଉଦ୍ଧବଙ୍କ ପୁତ୍ର ତଥା ପ୍ରଥମ ଥର ବିଧାୟକ ହୋଇଥିବା ୨୯ ବର୍ଷୀୟ ଆଦିତ୍ୟ ଠାକରେ ମୁଖ୍ୟମନ୍ତ୍ରୀ ହେବେ । ଭାଜପା ସହ ଦୀର୍ଘବର୍ଷର ସମ୍ପର୍କ ତୁଟାଇ ଆଦିତ୍ୟ ସରକାରର ମଙ୍ଗ ଧରିଲେ ସେଠାକାର ରାଜନୀତି କିଭଳି ରୂପ ଧାରଣ କରିବ ତାହା ବୁଝିବା କଷ୍ଟକର ନୁହେଁ । କନିଷ୍ଠ ଠାକରେଙ୍କ ନେତୃତ୍ୱ ନିଶ୍ଚିତ ଭାବେ ମହାରାଷ୍ଟ୍ରରେ ଏକ ଯୁବପିଢ଼ିର ଶାସନ ଆଣିପାରିବ । ମାତ୍ର ଭାରତୀୟ ରାଜନୀତିର ଇତିହାସ ଦେଖିଲେ କ୍ଷମତା ସର୍ବସ୍ୱ ଚିନ୍ତାଧାରା ସ୍ଥିର ସରକାର ଦେବାରେ ଅନେକ ସମୟରେ ବିଫଳ ହୋଇଛି । ନିକଟ ଅତୀତକୁ ଦେଖିଲେ କର୍ଣ୍ଣାଟକରେ କମ୍ ଆସନ ପାଇ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)ର ନେତା ଏଚ୍. ଡି. କୁମାରସ୍ୱାମୀ ମୁଖ୍ୟମନ୍ତ୍ରୀ ହୋଇଥିଲେ । ଭାଜପାକୁ କ୍ଷମତାରୁ ଦୂରେଇ ରଖିବା ସକାଶେ କଂଗ୍ରେସ କୁମାରସ୍ୱାମୀଙ୍କୁ ସମର୍ଥନ ଦେଇଥିଲା । ହେଲେ ଉକ୍ତ ମେଣ୍ଟକୁ ୧୫ ମାସ ପୂରିଲା ନାହିଁ । କର୍ଣ୍ଣାଟକ ନାଟକକୁ ଲକ୍ଷ୍ୟ କରି ବିଶେଷଜ୍ଞମାନେ ମତ ରଖୁଛନ୍ତି ଯେ, ମହାରାଷ୍ଟ୍ରରେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଆଦର୍ଶଗତ ପାର୍ଥକ୍ୟ ସରକାର ନିମନ୍ତେ ବିପଦ ସୃଷ୍ଟି କରିପାରେ । କିନ୍ତୁ କର୍ଣ୍ଣାଟକ ଓ ମହାରାଷ୍ଟ୍ର ବିଧାନସଭା ଆସନ ମଧ୍ୟରେ ବିରାଟ ସଂଖ୍ୟାଗତ ତଫାତ୍ ରହିଛି । କର୍ଣ୍ଣାଟକ ବିଧାନସଭା ଲାଗି ନିର୍ବାଚନ ହୋଇଥିବା ୨୨୪ ଆସନରୁ ଭାଜପା ୧୦୫ ଆସନ ଜିତିଥିଲା । ସେଠାରେ କୁହୁକ ନମ୍ବର ଥିଲା ୧୧୩ । ସରକାର ଗଢ଼ିବା ଲାଗି ଭାଜପାର ମାତ୍ର ୮ ଆସନ କମ୍ ରହିଥିଲା । ଭାଜପା ପରବର୍ତ୍ତୀ ସମୟରେ କଂଗ୍ରେସର କିଛି ବିଧାୟକଙ୍କୁ ହାତ କରିବାରୁ କୁମାରସ୍ୱାମୀ ସରକାରଙ୍କ ପତନ ଘଟିଥିଲା । କିନ୍ତୁ ମହାରାଷ୍ଟ୍ରର ୨୮୮ ଆସନ ବିଶିଷ୍ଟ ବିଧାନସଭାରେ ଭାଜପାର ୧୦୫ ବିଧାୟକ ଅଛନ୍ତି । ସେଠାରେ ମ୍ୟାଜିକ୍ ନମ୍ବର ୧୪୫ । ତଦନୁଯାୟୀ ଦେଖିଲେ ସରକାର ଗଢ଼ିବା ପାଇଁ ଭାଜପାର ସର୍ବନିମ୍ନ ୪୦ ବିଧାୟକଙ୍କୁ କିଣିବାକୁ ପଡ଼ିବ । ଏହି କିଣାବିକାରେ ଶିବସେନା କିମ୍ବା ଏନ୍‌ସିପି ବିଧାୟକ ଶିକାର ହେବେ ବୋଲି ବିଶ୍ୱାସ ହେଉନାହିଁ । ଅପରପକ୍ଷରେ ଦୁର୍ବଳ କଂଗ୍ରେସର ନୂଆ ବିଧାନସଭାରେ ମୋଟ ୪୪ ଆସନ ଥିବା ବେଳେ ଏତେସଂଖ୍ୟକ ବିଧାୟକ ପଟ ପରିବର୍ତ୍ତନ କରିବା କଷ୍ଟକର ହୋଇପାରେ । ମାତ୍ର ଆଜିର ରାଜନୀତିରେ କୌଣସି କଥା ଅସମ୍ଭବ ନୁହେଁ ବୋଲି ବାରମ୍ବାର ପ୍ରମାଣିତ ହେଉଛି । ଆଉ ଏକ ବିଷୟକୁ ଦେଖିଲେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପା ଓ ଶିବସେନା ୫୦-୫୦ ସୂତ୍ରରେ ମୁଖ୍ୟମନ୍ତ୍ରୀ ପଦ ଭାଗ କରାଯିବ ବୋଲି ଦୁଇ ଦଳ ସ୍ଥିର କରିଥିଲେ । ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ଶିବସେନା ମୁଖ୍ୟ ଉଦ୍ଧବ ଠାକରେ ମିଛ କହୁଛନ୍ତି ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଥିଲା । ଅନ୍ୟପକ୍ଷରେ ଉଦ୍ଧବ ମିଛୁଆ ନୁହନ୍ତି କହି ଭାଜପାକୁ ସମାଲୋଚନା କରିଛନ୍ତି । ଫଳରେ ଦୁଇ ଦଳ ମଧ୍ୟରେ ତିକ୍ତତା ଦେଖାଦେବାରୁ ନିର୍ବାଚନ ପୂର୍ବର ବନ୍ଧୁତା ଏବେ ଶତ୍ରୁତାରେ ପରିଣତ ହୋଇଯାଇଛି ବୋଲି କୁହାଯାଉଛି ।

ବର୍ତ୍ତମାନ ଦେଶ ଅର୍ଥନୈତିକ ମାନ୍ଦାବସ୍ଥା ଦେଇ ଗତିକରୁଛି । ମହାରାଷ୍ଟ୍ର ରାଜଧାନୀ ମୁମ୍ବାଇ ହେଉଛି ଦେଶର ବାଣିଜ୍ୟ ରାଜଧାନୀ । ସେଠାରେ ଅସ୍ଥିର ସରକାର ଗଢ଼ିଉଠିଲେ, ଦେଶକୁ କ୍ଷତି । ଏଭଳି ଏକ ରାଜନୈତିକ ଓ ଅର୍ଥନୈତିକ ସଙ୍କଟଜନକ ପରିବେଶରେ ଯିଏ ଯାହା ସାଥିରେ ମିଶି ସରକାର ଗଢ଼ନ୍ତୁ ପଛେ, କାର୍ଯ୍ୟକାଳ ପୂର୍ଣ୍ଣ କରିବା ଉଚିତ । ଆଜିର ବାତାବରଣରେ କୌଣସି ସ୍ଥାନରେ ମେଣ୍ଟ ସରକାର ପ୍ରତି କେତେକ ଲୋକଙ୍କ ଅସହିଷ୍ଣୁଭାବ ରହୁଛି । ସେଭଳି ଚିନ୍ତାଧାରା ଗଣତନ୍ତ୍ର ପାଇଁ ମାରାତ୍ମକ । ତେଣୁ ନୂଆ ସରକାରରେ ଅଂଶୀଦାର ହେବାକୁ ଚାହୁଁଥିବା ରାଜନୈତିକ ଦଳଗୁଡ଼ିକ ଭାବିଚିନ୍ତି ନିଷ୍ପତ୍ତି ନେବା ଜରୁରୀ ହୋଇପଡ଼ିଲାଣି ।

# ନିର୍ବାଚନରେ ଜିତିବା କ୍ଲିନ୍‌ଚିଟ୍ ନୁହେଁ



ସହଦେବ ସାହୁ

ନିର୍ବାଚନରେ ଯେତେ କମ୍‌ରେ ଜିତିଲେ ବି ରାଜନେତାମାନେ ଭାବନ୍ତି ବୁଦ୍ଧିଜୀବୀମାନେ ବା ମିଡିଆ ତାଙ୍କୁ ଯେତେ ଖରାପ କହୁଥିଲେ ବି ଜନମତ ତାଙ୍କୁ ଖରାପ ଭାବୁନାହିଁ, ଦୋଷ ତ୍ରୁଟି ପାଇଁ ଲୋକେ ତାଙ୍କୁ ବୟକଟ୍ କରୁନାହାନ୍ତି! ନିର୍ବାଚନରେ ବିଜୟ ଏକ କ୍ଲିନ୍‌ଚିଟ୍ । ତେଣୁ ମିଡିଆ ବା ବୁଦ୍ଧିଜୀବୀଙ୍କ ଦାବି ଅନୁସାରେ ଶଂସିତ ନେତା ପ୍ରାୟଶ୍ଚିତ୍ତ କରିବା ପ୍ରଶ୍ନ ଉଠୁନାହିଁ । କେବଳ ଶଂସିତ ବ୍ୟକ୍ତି ଜଣକ ଯଦି ଏମିତି ଭାବୁଥାନ୍ତା ତେବେ ତ ତାଙ୍କୁ ଭୋଟ ଦେଇ ନ ଥିବା ଅର୍ଦ୍ଧଶତାଧିକ ଜନତା ତାଙ୍କ ଅଜ୍ଞତାକୁ କ୍ଷମା କରନ୍ତେ; କିନ୍ତୁ ଦଳର ହାଇକମାଣ୍ଡ ବା ସୁପ୍ରିମୋ ଯେତେବେଳେ ଏ ପ୍ରକାରର ବିଜୟୀ ଅପରାଧୀମାନଙ୍କୁ ଘେନି ସରକାର ଗଢ଼ିବାକୁ ଚେଷ୍ଟା କରନ୍ତି, ଗଣତନ୍ତ୍ର ଧ୍ୱଂସାଭିମୁଖୀ ହେଉଛି ବୋଲି କହିବାକୁ ପଡ଼ିବ ।

୨୦୦୯ରେ ସରକାର ଗଠନ ପାଇଁ ଆବଶ୍ୟକ ସଂଖ୍ୟକ ଆସନ ପାଇଗଲା ପରେ ମନମୋହନ ସିଂଙ୍କ ଭଳି ସଚ୍ଚୋଟ ବ୍ୟକ୍ତି ବି କହିଥିଲେ ଯେ, ନିର୍ବାଚନ ଫଳ ଦର୍ଶାଇଛି କଂଗ୍ରେସ ଦୁର୍ନୀତିଗ୍ରସ୍ତ ନୁହେଁ । ଅର୍ଥାତ୍ ଭୋଟରେ ବିଜୟୀ ହେବା ପ୍ରାର୍ଥୀର ଚରିତ୍ର ସମ୍ବନ୍ଧରେ ଏକ କ୍ଲିନ୍‌ଚିଟ୍, ଏକ ପ୍ରମାଣପତ୍ର, ତେଣୁ ସେମାନଙ୍କ ସମଷ୍ଟିରେ ଗଠିତ ସରକାର ବି କ୍ଲିନ୍‌ଚିଟ୍ ପାଇଛି । କିନ୍ତୁ ନିର୍ବାଚନରେ ବିଜୟୀ ହେବା କ୍ଲିନ୍‌ଚିଟ୍ ନୁହେଁ ବୋଲି ହିମାଚଳ ପ୍ରଦେଶ ନିର୍ବାଚନରେ ବିଜୟୀ ହୋଇଥିବା ସ୍ୱାଧୀନ ବିଧାୟକ ଗୋପାଳ ଗୋୟଲ କାଣ୍ଡା (୫୩)ଙ୍କ ସମର୍ଥନରେ ଭାଜପା ସରକାର ଗଢିବା ମସୁଧା କରୁଥିବା ଶୁଣି ଅକ୍ଟୋବର ୨୫ରେ ଉମା ଭାରତୀ ଏକ ଟୁଇଟ୍ କରିଥିଲେ । ୨୦୦୫ରେ ଏମ୍‌ଡିଏଲ୍‌ଆର୍ ଏୟାରଲାଇନ୍ସ ପ୍ରତିଷ୍ଠା କରିଥିବା କାଣ୍ଡା ତାଙ୍କ କମ୍ପାନୀର ଏୟାର୍ ହୋଷ୍ଟେସ୍ ଗୀତିକା ଶର୍ମାଙ୍କୁ ବଳାତ୍କାର କରିଥିବା ଓ ସେହି କାରଣରୁ ସେ ଆତ୍ମହତ୍ୟା (୨୦୧୨ ଅଗଷ୍ଟ) କରୁଛନ୍ତି ବୋଲି ଗୀତିକା ତାଙ୍କ ସୁଇସାଇଡ୍ ନୋଟ୍‌ରେ ଉଲ୍ଲେଖ କରିଥିଲେ । ଗୀତିକାଙ୍କ ମା' ବି କାଣ୍ଡାଙ୍କ ଉପରେ ଦୋଷ ଲଦି ଆତ୍ମହତ୍ୟା କରିଥିଲେ । କାଣ୍ଡା ଗିରଫ ହୋଇ ଦେଢ଼ବର୍ଷ ଜେଲ ଜୀବନ କାଟି ଏବେ ବି ଜାମିନରେ ଅଛନ୍ତି । ପ୍ରଥମେ ଗାଁ ସିର୍ସା ନିକଟ ବିଳାସପୁରରେ ଚପଲ ଦୋକାନ କରିଥିବା କାଣ୍ଡା ୧୯୯୦ ଦଶକରେ ରିୟଲ୍ ଇଷ୍ଟେଟ୍ ଆରମ୍ଭ କଲେ ଏବଂ ୧୯୯୯ରେ ଓମ୍ ଚୌତାଲା ମୁଖ୍ୟମନ୍ତ୍ରୀ ହେଲା ପରେ ରାଜନୀତିରେ ପ୍ରବେଶ କଲେ । ସେହି ଦିନଠୁ ତାଙ୍କ ପତିଆରା ବଢ଼ିଲା ଓ ବିମାନ କମ୍ପାନୀ ଗଢିପାରିଲେ । ଏଭଳି ନେତାଙ୍କ ସମର୍ଥନ ନେଇ ସରକାର ଗଢ଼ିବା ଅର୍ଥ ନୈତିକ ମୂଲ୍ୟବୋଧକୁ ଭୁଲିଯିବା ବୋଲି ଭାଜପା ନେତ୍ରୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏବଂ ୨୦୦୩-୦୪ରେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଥିବା ଉମା ଭାରତୀ ଟୁଇଟ୍ କରିଥିଲେ । ତାଙ୍କ କଥା ଭାଜପା ଶୁଣିଛି ।

ମନେ ରଖିବା କଥା ଯେ ଗତ ନିର୍ବାଚନରେ କଂଗ୍ରେସ ଦଳରୁ କେତେକ ନେତା ଭାଜପାରେ ମିଶିଥିଲେ, ସେମାନଙ୍କ ଜିତିବାର ସମ୍ଭାବନା ଉଜ୍ଜ୍ୱଳ ଭାବି ଭାଜପା ମଧ୍ୟ ସେମାନଙ୍କୁ ନେଇଥିଲା । ଟଙ୍କା ହେରଫେର (ମନି ଲଣ୍ଡରିଂ) ମାମଲାରେ ଦିଲ୍ଲୀ ଜେଲରେ ଥିବା କଂଗ୍ରେସ ନେତା ଡି.କେ. ଶିବଶଙ୍କର (୫୭) ଜାମିନରେ ଯାଇ ବାଙ୍ଗାଲୋରରେ ପହଞ୍ଚିବାର କେଇ ଘଣ୍ଟା ଭିତରେ (୨୬ ଅକ୍ଟୋବର) ତାଙ୍କୁ ପ୍ରକାଣ୍ଡ ଶୋଭାଯାତ୍ରାରେ ନିଆଯାଇଥିଲା । ମହୀଶୂରର ଭୋକ୍କାଲିଗା ସମ୍ପ୍ରଦାୟର ଜଣେ ଟାଣୁଆ ନେତା, ଷ୍ଟ୍ରଙ୍ଗ ମ୍ୟାନ୍ ଏବଂ କଂଗ୍ରେସ ନେତା ଶିବକୁମାରଙ୍କୁ ଗତ ସେପ୍ଟେମ୍ବର ୩ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରି ତିହାର ଜେଲରେ ରଖିଥିଲା, ଦିଲ୍ଲୀ ହାଇକୋର୍ଟ ଜାମିନ ମଞ୍ଜୁର କଲା ପରେ ସେ ବାଙ୍ଗାଲୋର ଫେରନ୍ତେ ମହୀଶୂର, ବାଙ୍ଗାଲୋର, ମାଣ୍ଡ୍ୟା ଓ ଆଖପାଖ ଲୋକେ ଫୁଲ, ଫୋଟକା ଓ ବଡ ବଡ ସେଓର ମାଳ ସହ ତାଙ୍କୁ ପାଛୋଟି ନେଇଥିଲେ । ହଜାର ହଜାର ସଂଖ୍ୟାର ଭୋକ୍କାଲିଗା ସମ୍ପ୍ରଦାୟର ଲୋକେ ତାଙ୍କୁ ମୁଣ୍ଡରେ ଟେକି ନେଇଥିଲେ । କର୍ଣ୍ଣାଟକର ପ୍ରାକ୍ତନ ଲୋକାୟୁକ୍ତ ସନ୍ତୋଷ ହେଗ୍‌ଡେ କହିଲେ, ଲୋକେ ଭ୍ରଷ୍ଟାଚାରୀଙ୍କୁ ବୟକଟ୍ କରିବେ କ'ଣ ସେମାନଙ୍କୁ ପୂଜା କରୁଛନ୍ତି । ହେଗ୍‌ଡେଙ୍କ ମତରେ ସଚ୍ଚୋଟ ବ୍ୟକ୍ତିଙ୍କ ପୂଜା ଖରାପ ନୁହେଁ, କିନ୍ତୁ ଭ୍ରଷ୍ଟାଚାରୀଙ୍କୁ ପୂଜା କରିବା ଏକ ମସ୍ତବଡ଼ ଭୁଲ । ଏହାକୁ ରାଜନୈତିକ ଦଳମାନେ ଉତ୍ସାହିତ କରୁଛନ୍ତି । ଏମିତିକା ସମାଜକୁ ବଦଳାଇବାକୁ ପଡିବ । ସମାଜରେ ମୂଲ୍ୟବୋଧ ହଜିଯାଉଛି, ତା'ର ପୁନରୁଦ୍ଧାର କରିବାକୁ ପଡିବ, ଲୋକେ ଯେମିତି ସେ ଦିଗରେ କାମ କରନ୍ତି ଦେଖିବାକୁ ପଡିବ ।

ଓଡ଼ିଶାର ବିଜେଡି କାହିଁକି ପଛରେ ପଡ଼ିବ ? ଭ୍ରଷ୍ଟାଚାରୀ ଏମ୍‌ଏଲ୍‌ଏ ଜେଲରୁ ଜାମିନରେ ଆସିଲେ ବିଜେଡିର କର୍ମୀମାନେ ସେମାନଙ୍କୁ ଫୁଲର ବଡ଼ ବଡ଼ ତୋଡା ଦେଇ ପାଛୋଟି ନିଅନ୍ତି, ସିଏ ତ୍ରିପାଠୀ ହୁଅନ୍ତୁ କି ବିଶ୍ୱାଳ । ବିଜେଡି ଶାସନରେ କେବଳ ବିଧାୟକମାନେ ନୁହନ୍ତି, ଏଠି ସରକାରଙ୍କ ଆଡଭୋକେଟ୍ ଜେନେରାଲ ବି ପଦର ଅପବ୍ୟବହାର କରି ଚିଟ୍‌ଫଣ୍ଡବାଲାଙ୍କୁ ସାହାଯ୍ୟ କରନ୍ତି । ଓଡ଼ିଶାରେ ୪୦ରୁ ବେଶି କମ୍ପାନୀ ଚିଟ୍‌ଫଣ୍ଡ ସ୍କିମ୍ ଚଳାଇଛନ୍ତି ବୋଲି ସୁପ୍ରିମ୍‌କୋର୍ଟଙ୍କୁ କୁହାଯାଇଛି, ପ୍ରତି କମ୍ପାନୀରେ ଏକାଧିକ ରାଜନେତା ସମ୍ପୃକ୍ତ ।

୧୯୫୦ ଦଶକରେ ଆମ ପିଲା ବେଳର କଥା । ଆମ ଧୋୟା ଅଞ୍ଚଳର ଭେଣ୍ଡିଆ ଯୁବକମାନେ କଲିକତା ପଳାଉଥିଲେ, ସେଠାରେ ଚଟକଳରେ ବା ବଙ୍ଗାଳୀବାବୁଙ୍କ ଘରେ କାମ କରୁଥିଲେ । ସେଠାରୁ କେହି ଯଦି ଝିଅଟିଏ ନେଇ ଗାଁକୁ ଆସୁଥିଲା ଆମ ଗାଁ ଲୋକେ ନାଲିଆଖି ଦେଖାଉଥିଲେ, ଗାଁରେ ପୂରେଇ ଦେଉ ନ ଥିଲେ । ଯୁବକଟିର ପରିବାର ଏକ ପ୍ରକାର ବାସନ୍ଦର ସାମନା କରୁଥିଲା । କାହାର ଧନ କି ଝିଅ ଲୁଚାଇ ନେଇ ଆସିବା ଏକ ଅନୈତିକ କାରବାର, ଏକ ପାପ ବୋଲି ଗାଁ ଲୋକେ କହୁଥିଲେ । ନୈତିକତାର ଖିଅ ଏତେ ଟାଣ ଥିଲା ଯେ ଯୁବକକୁ ତ ଗାଁରେ ପୂରେଇ ଦେଉ ନ ଥିଲେ, ତା' ପରିବାରକୁ ରୋକଠୋକ୍ କହୁଥିଲେ ଗାଁକୁ ବଦନାମ କରୁଥିବା ଟୋକାଙ୍କୁ ଜାଗା ଦେବେ ନାହିଁ । ଏବେ ନୈତିକତାର ସଂଜ୍ଞା ବଦଳିଗଲାଣି । ଚୋର, ଡାକୁ, ଲମ୍ପଟ, ଠକ ଭଳି ଲୋକଙ୍କ ଅନୁଗାମୀ ସଂଖ୍ୟା ଖୁବ୍ ବଢୁଛି । ଟଙ୍କା ନୈତିକତାର ମାନଦଣ୍ଡ ହୋଇଗଲାଣି । ନିର୍ବାଚନରେ ବିଜୟୀ ହେବା କ୍ଲିନ୍‌ଚିଟ୍ ବୋଲି ପ୍ରତ୍ୟେକ ରାଜନୈତିକ ଦଳ ଓ ଦଳର ସଦସ୍ୟମାନେ ଭାବୁଛନ୍ତି । ଏହି ଚିଟ୍ ପାଇବା ପାଇଁ ଦଳ ବେଶ୍ କିଛି କଳାଧନ ଖର୍ଚ୍ଚ କରି ସମାଜକୁ କଳୁଷିତ କରୁଛି । ହର୍ଷଦ ମେହେଟ୍ଟା କାଳରୁ ଶେୟାର କିଣି ନିଜ ସ୍ତ୍ରୀଙ୍କୁ ଆୟକର ବିଭାଗର ଓକିଲ କରାଇ ଥିବା ଚିଦାମ୍ବରମ୍ ଏବେ ପୁଅ କାର୍ତ୍ତିଙ୍କୁ ଆଇଏନ୍‌ଏକ୍ସ ମିଡିଆର ପରୋକ୍ଷ ଲାଞ୍ଚ ନେବା ମାମଲାରେ ଉସୁକାଇଥିବା ଓ ନିଜ ଅଫିସ୍‌ର ଅପବ୍ୟବହାର କରିଥିବା ଦୋଷରେ ଚିଦାମ୍ବରମ୍‌ଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗିରଫ କରି ଜେଲ୍ ପଠାଇବା ଘଟଣାକୁ କଂଗ୍ରେସ ରାଜନୈତିକ ଅଭିସନ୍ଧି କହୁଛି; ରାଜନୈତିକ ଦଳମାନଙ୍କ ମାନସିକତା କେତେ ତଳକୁ ଗଲାଣି ତାହା ଦର୍ଶାଉଛି । କିନ୍ତୁ ଲୋକେ ବି ଧର୍ମ ଆଳରେ ଭ୍ରଷ୍ଟାଚାରକୁ ପ୍ରଶ୍ରୟ ଦେଉଛନ୍ତି । ହରିୟାଣାରେ ଭାଜପା କମ୍ ଭୋଟ୍ ପାଇବାର ଏକ କାରଣ ସଚ୍ଚାସୌଦା ଗୁରୁ ଯୌନ ଅପରାଧରେ ଜେଲ୍ ଯାଇଥିବା ବୋଲି କୁହାଯାଉଛି । ଆମ ରାଜ୍ୟର ଦୁଇଜଣ ନାରୀଭୋଗୀ ତଥା ଧନଠୁଳକାରୀ ଭଣ୍ଡ ଗୁରୁ ସନ୍ତୋଷ ରାଉଳ (ସାରଥିବାବା) ଏବଂ ସୁରେନ୍ଦ୍ରନାଥ ମିଶ୍ର (ସୁରବାବା)ଙ୍କ ପଛରେ କେତେ ନେତା ଥିଲେ କିଏ ନ ଜାଣିଛି! ମୁନି, ଋଷିଙ୍କ ଦେଶ ଭାରତ ଏବେ ମୁନି, ଋଷିବେଶଧାରୀ ଠକ ଓ ଦୁରାଚାରୀମାନଙ୍କ ଦେଶ ହୋଇଗଲାଣି ଏବଂ ରାଜନୈତିକ ନେତାମାନେ ସେମାନଙ୍କୁ ହାତ କରି ସେମାନଙ୍କ ଅନୁଗତମାନଙ୍କ ଭୋଟ ହାତେଇବା ବେଳେ ଭାବୁନାହାନ୍ତି ଯେ, ଭୋଟ ସଂଖ୍ୟା ବଢ଼ାଇବା ଆଶାରେ ସେମାନେ ମିଛ ବାବାମାନଙ୍କୁ ନିର୍ବାଚନୀ କଳରେ ସାମିଲ କରିଦେଉଛନ୍ତି । ତାହା ଗଣତନ୍ତ୍ରକୁ ଧ୍ୱଂସାଭିମୁଖୀ କରୁଛି ।

ଇମେଲ୍: sahadevas@yahoo.com

# ମୋଗଲ ଅମଳରେ କଳିଙ୍ଗର ନୌବାଣିଜ୍ୟ

ହରିଗୁରୁ ଦାସ

ଯୁଗେଯୁଗେ ଶିଳ୍ପ ଓ ବାଣିଜ୍ୟ ଉତ୍କର୍ଷ ଓ ବିସ୍ତାର ନିମନ୍ତେ ପରସ୍ପର ଉପରେ ନିର୍ଭରଶୀଳ । ଶିଳ୍ପ ଉତ୍କୃଷ୍ଟ ଓ ପ୍ରଚୁର ନ ହେଲେ ବାଣିଜ୍ୟ ଅସମ୍ଭବ । ଅତୀତରେ ରାଜ୍ୟବାସୀଙ୍କ ଅଭାବ ପୂରଣ କରି କଳିଙ୍ଗ ଶିଳ୍ପବାଣିଜ୍ୟର ଉତ୍କର୍ଷ ଓ ବହୁଳତା ଯୋଗୁ ଦେଶବିଦେଶରେ ଆଦୃତ ଥିଲା । କଳିଙ୍ଗର ବାଣିଜ୍ୟ ଉଭୟ ଜଳ ଓ ସ୍ଥଳରେ ମହାଭାରତ ଯୁଗରୁ ପ୍ରସିଦ୍ଧିଲାଭ କରିଥିବାର ପ୍ରମାଣ ମିଳେ । ଏଥିରୁ କଳିଙ୍ଗବାସୀଙ୍କ ବୁଦ୍ଧି, ବୃତ୍ତି, କୌଶଳ ଓ ରୁଚି କେତେ ଉନ୍ନତ ଜାଣିହୋଇଥାଏ । କଳିଙ୍ଗ ବଣିକମାନେ ବହିର୍ବାଣିଜ୍ୟ ଉଦ୍ଦେଶ୍ୟରେ ସାଗର ବକ୍ଷରେ ବଡ଼ ବଡ଼ ବୋଇତ ଭସାଇ ସାଗର ପରପାରିରେ ଉପନିବେଶ ବା ବସତି ସ୍ଥାପନ କରିଥିଲେ । କଳିଙ୍ଗର ବାଣିଜ୍ୟ ତରୀ ସୁଦୂର ପ୍ରଶାନ୍ତ ମହାସାଗର ଓ ଭାରତ ମହାସାଗର ଅତିକ୍ରମ କରି ଚାଇନା, ଜାପାନ, ଆରବ, ଆଫ୍ରିକା ଏବଂ ମାଡାସ୍କର ପ୍ରଭୃତି ଦେଶ ଓ ଦ୍ୱୀପଗୁଡ଼ିକରେ ଉତ୍କଳୀୟ ପଣ୍ୟଗୁଡ଼ିକର ବିପଣି ସର୍ଜନା କରୁଥିଲା । ଏହି ବାଣିଜ୍ୟ ପ୍ରଭାବରେ କଳିଙ୍ଗର ରାଜାମାନେ ଦୂର ଦ୍ୱୀପଦେଶ ସହ ଅନ୍ତର୍ଜାତୀୟ ରାଷ୍ଟ୍ରୀୟ ସୁସମ୍ପର୍କ ରଖିପାରିଥିଲେ ।

ଚାଇନା ପରିବ୍ରାଜକ ହୁଏନ୍‌ସାଂଙ୍କ ମତରେ କଳିଙ୍ଗର ବନ୍ଦରଗୁଡ଼ିକରେ ବହୁ ଦୂର ବିଦେଶରୁ ବାଣିଜ୍ୟ ପୋତମାନ ଆସି ଆଶ୍ରୟ ନେଉଥିଲେ ଏବଂ ମାଲ୍ ଖଲାସ, ବୋଝେଇ କରୁଥିଲେ । ବହୁସଂଖ୍ୟକ ବିଦେଶୀ ବୋଇତ ମଧ୍ୟ ଉକ୍ତ ବନ୍ଦରଗୁଡ଼ିକରେ ଅବସ୍ଥାନ କରୁଥିଲେ ଏବଂ ନାନା ମୂଲ୍ୟବାନ ଓ ଦୁଷ୍ପ୍ରାପ୍ୟ ବାଣିଜ୍ୟ କାରବାର ସେ ବନ୍ଦରରେ ହେଉଥିଲା । ସେ ସମୟର ରାଜ୍ୟବାସୀ ବଡ଼ ସରଳ, ସତ୍ୟବାଦୀ ଓ ସୁରୁଚିସମ୍ପନ୍ନ ଥିଲେ । ଅଧିକ ବିଳାସବ୍ୟସନ ଓ ଆଡ଼ମ୍ବର ସେ ସମୟରେ ସମାଜରେ ପଶି ନ ଥିଲା । ଶିକ୍ଷା ସାଧାରଣ ଥିଲା । ସମଗ୍ର ଭାରତବର୍ଷରେ କଳିଙ୍ଗବାସୀଙ୍କ ଦୁଃସାହସିକ ନୌବାଣିଜ୍ୟ ଯାତ୍ରା ଭାରତ ଇତିହାସରେ ଗୌରବାବହ ଥିଲା । ସମଗ୍ର ବଙ୍ଗୋପସାଗର, ଆରବସାଗର ଓ ଭାରତ ମହାସାଗରରେ କଳିଙ୍ଗ ପୋତ ଚାଳ

ଏହି ବାଣିଜ୍ୟ ବ୍ୟବସାୟ ଗଜପତିଙ୍କ ଉତ୍କଳରେ ଯେଭଳି ନିରାପଦରେ ଚାଲୁଥିଲା, ମୋଗଲ ରାଜତ୍ୱ ବେଳକୁ ଅବଶ୍ୟ ସେପରି ନ ଥିଲା । ବାରମ୍ବାର ଆକ୍ରମଣ, ଲୁଣ୍ଠନ ଏବଂ ମୋଗଲ କର୍ମଚାରୀ ଓ ଶାସନକର୍ତ୍ତାମାନଙ୍କର ଯଥେଚ୍ଛ ଅତ୍ୟାଚାରରେ ଶିଳ୍ପବାଣିଜ୍ୟରେ ବହୁ ବାଧା ପଡ଼ିଥିଲା । ଏହା ସତ୍ତ୍ୱେ ମୋଗଲ ରାଜତ୍ୱରେ କଳିଙ୍ଗର ସାମୁଦ୍ରିକ ବାଣିଜ୍ୟ ଉନ୍ନତିର ଚରମ ସୋପାନରେ ପହଞ୍ଚିଥିଲା । କଳିଙ୍ଗର ବଣିକମାନେ ବଙ୍ଗୋପସାଗର ପାର ହୋଇ ଦୂର ଦ୍ୱୀପଦେଶକୁ ଯାଉଥିଲେ । ଏଥିମଧ୍ୟରେ ୟୁରୋପୀୟ ବଣିକମାନଙ୍କ ପ୍ରତିଯୋଗିତା ସାଙ୍ଗକୁ ପର୍ତ୍ତୁଗୀଜ୍ ଓ ଆରାକାନ୍‌ବାସୀଙ୍କ ଜଳଦସ୍ୟୁ ବୃତ୍ତି କଳିଙ୍ଗ ବଣିକମାନଙ୍କର ସାମୁଦ୍ରିକ ବାଣିଜ୍ୟରେ ବହୁ ବାଧା ଦେଉଥିଲା । ବନ୍ଦରଗୁଡ଼ିକ ମଧ୍ୟରେ ତମଲୁକ୍ ପୂର୍ବ ବାଣିଜ୍ୟ ସମ୍ଭାର ସବୁ ହରାଇଥିଲା । ମାତ୍ର ହିଜିଲି, ପିପିଲି, ବାଲେଶ୍ୱର, ଧାମରା, କନିକା, ହରିଶ୍‌ପୁର, ଜଟାଧାର, ବୋଇତରାକୁଦ, ଜମ୍ଭୁ, ପୁରୀ, ଚିଲିକା ପ୍ରଭୃତି ବନ୍ଦରଗୁଡ଼ିକ ସାମୁଦ୍ରିକ ବାଣିଜ୍ୟର ପ୍ରଧାନ ସ୍ଥାନ ଥିଲା । ସାହାବୁଦ୍ଦିନ ତାଲିସ୍‌ଙ୍କ ମତରେ, ୧୬୬୫ ଖ୍ରୀ:ଅ:ରେ ତମଲୁକ୍‌ରେ ଦାସ ବ୍ୟବସାୟ ଚାଲୁଥିଲା । ଆକବରଙ୍କ ରାଜତ୍ୱ କାଳରୁ ଶାୟସ୍ତ ଖାଁଙ୍କ ବଙ୍ଗ ସୁବାଦାରି ପର୍ଯ୍ୟନ୍ତ ଆରାକାନ୍‌ବାସୀ ଓ ଇଂରେଜ ଜଳଦସ୍ୟୁମାନେ ବଙ୍ଗ ଆକ୍ରମଣ କରି ଲୋକଙ୍କୁ ଧରିନେଉଥିଲେ ଏବଂ ବାଲେଶ୍ୱର, ତମଲୁକ୍ ପ୍ରଭୃତି ବନ୍ଦରରେ ଦାସରୂପେ ବିକ୍ରି କରୁଥିଲେ । ୧୭୨୪ରେ ଭାଲେଣ୍ଟାଇନ୍ ନାମକ ଜଣେ ପର୍ଯ୍ୟଟକ ତମଲୁକ୍, ବାଲେଶ୍ୱର ଓ ହିଜିଲି ବନ୍ଦରର ବାଣିଜ୍ୟ ବିଭବର ସାକ୍ଷ୍ୟ ଦେଇଥିଲେ । ଚାଉଳ, ଗହମ ଓ ଅନ୍ୟାନ୍ୟ ଜିନିଷ ଉକ୍ତ ବନ୍ଦରମାନଙ୍କରୁ ବିଶେଷ ପରିମାଣରେ ରପ୍ତାନି ହେଉଥିଲା । ୧୮୮୬ରେ ରାଲଫ୍ ଚିଚ୍ ସାକ୍ଷ୍ୟ ଦେଇଥିଲେ ଯେ ହିଜିଲି ବନ୍ଦର ସହିତ ଇଣ୍ଡିଆ ନେଗାପଟମ୍, ସୁମାତ୍ରା, ମଲକସ୍ ପ୍ରଭୃତିର ବାଣିଜ୍ୟିକ ସମ୍ବନ୍ଧ ଥିଲା । ବାଣିଜ୍ୟ ତରୀ ଦ୍ୱାରା ହିଜିଲିରୁ ଚାଉଳ, ଲୁଗା, ପାଟ, ପଶମବସ୍ତ୍ର, ଚିନି, ଲଙ୍କା, ମାଖନ ଇତ୍ୟାଦି ଉକ୍ତ ଦେଶଗୁଡ଼ିକୁ ରପ୍ତାନି ହେଉଥିଲା । ବାଲେଶ୍ୱର ବନ୍ଦର ଜାହାଜ ନିର୍ମାଣର କେନ୍ଦ୍ର ଥିଲା । ସୁଜା ଓ ଶାୟସ୍ତ ଖାଁଙ୍କ ଶାସନ କାଳରେ ବାଲେଶ୍ୱରରେ ଜାହାଜ ନିର୍ମାଣର ତତ୍ତ୍ୱ ବୁଝିବା ନିମନ୍ତେ ଜଣେ ଦାରୋଗା ନିଯୁକ୍ତ ଥିଲେ । ପ୍ରାଚ୍ୟ ସମୁଦ୍ରରେ ଶାନ୍ତିରକ୍ଷା ନିମନ୍ତେ ମୋଗଲ ସମ୍ରାଟ୍‌ଙ୍କର ଯୁଦ୍ଧଜାହାଜମାନ ସେହି ବନ୍ଦରରେ ତିଆରି ହେଉଥିଲା । ଜଳଦସ୍ୟୁମାନଙ୍କୁ ଦମନ କରିବା ଏବଂ ଚିଟାଗଙ୍ଗ ଜୟ କରିବା ନିମନ୍ତେ ବଙ୍ଗ ସୁବାଦାର ଶାୟସ୍ତ ଖାଁ ବାଲେଶ୍ୱର ବନ୍ଦରରେ ବହୁ ଯୁଦ୍ଧଜାହାଜ ତିଆରି କରାଇଥିଲେ । ସେଥିନିମନ୍ତେ ହରିଶ୍‌ପୁର ପ୍ରଭୃତି ଦକ୍ଷିଣାଞ୍ଚଳ ବନ୍ଦରମାନଙ୍କୁ 'କଳାପତି' ଓ ନାଜରା (ଜାହାଜ ମିସ୍ତ୍ରି ଓ କମାର) ପ୍ରଭୃତିଙ୍କୁ ନେଇ ବାଲେଶ୍ୱରରେ ରୁଣ୍ଡ କରାଇଥିଲେ । ବାଲେଶ୍ୱର ଓ ଓଡ଼ିଶାର ଅନ୍ୟାନ୍ୟ ବନ୍ଦରଗୁଡ଼ିକରେ ଜାହାଜ ନିର୍ମାଣ ଏକ ସାଧାରଣ ଜୀବିକା ଥିଲା ।

କଟକରେ ଗୋଟିଏ ମୁଦ୍ରାଶାଳ ପ୍ରଥମରୁ ହିଁ ଥିଲା । ପରେ ହରିହରପୁରଠାରେ ଆଉ ଗୋଟିଏ ମୁଦ୍ରାଶାଳ ସ୍ଥାପିତ ହୋଇଥିଲା । ଏହି ମୁଦ୍ରାଶାଳରେ ମୋଗଲ ସମ୍ରାଟ୍‌ଙ୍କ ସାମ୍ରାଜ୍ୟ ମଧ୍ୟରେ ପ୍ରଚଳିତ ଟଙ୍କା ଆଦି ନିର୍ମିତ ହେଉଥିଲା । ଏହିପରି ଶିଳ୍ପବାଣିଜ୍ୟର ସମୃଦ୍ଧିରେ ଦେଶବାସୀଙ୍କ ଆର୍ଥିକ ଅବସ୍ଥା ଅତ୍ୟନ୍ତ ସ୍ୱଚ୍ଛଳ ଥିଲା । ଏତେ ଆକ୍ରମଣ, ଅତ୍ୟାଚାର ସତ୍ତ୍ୱେ ସେମାନେ ବର୍ତ୍ତମାନ ପରି ସବୁ ଥାଇ ବି ଦାରିଦ୍ର୍ୟ ଦୁଃଖ ଭୋଗ କରୁ ନ ଥିଲେ ।

Email: harigurudas123@gmail.com

## ଏଇ ଭାରତରେ

ବୁଲା କୁକୁରଙ୍କ ଉପରେ ସବୁଠି ଅତ୍ୟାଚାର କରାଯାଉଥିବା ବେଳେ ସେମାନଙ୍କ ଦେଖାରଖା ପାଇଁ ଜଣେ ମହିଳା ନିଜର ଗହଣା ବିକିଦେବା ଭଳି ରୋଚକ ଖବର ଏବେ ସାମ୍ନାକୁ ଆସିଛି । ପଶ୍ଚିମବଙ୍ଗ ନଦୀୟା ଜିଲା ନିବାସୀ ନୀଳାଞ୍ଜନା ବିଶ୍ୱାସ ଏପରି କାର୍ଯ୍ୟରେ ଲାଗିଛନ୍ତି । ବିଶ୍ୱାସଙ୍କୁ ବର୍ତ୍ତମାନ ବୟସ ୪୫ । ସେ ନଦୀୟା ସହରରେ ୪୦୦ କୁକୁରଙ୍କୁ ପ୍ରତିଦିନ ଖାଇବାକୁ ଦେଉଛନ୍ତି । ଅନେକ ସମୟରେ ସେମାନେ ରୋଗାକ୍ରାନ୍ତ ହୋଇପଡନ୍ତି ଏବଂ ବିଶ୍ୱାସ ସେମାନଙ୍କୁ ଔଷଧ ଓ ଟିକା ଦେବାର ବ୍ୟବସ୍ଥା ମଧ୍ୟ କରିଥାନ୍ତି । ଏ ବାବଦରେ ସମସ୍ତ ଖର୍ଚ୍ଚ ସେ ବହନ କରୁଛନ୍ତି । କୁକୁରଙ୍କୁ ଖାଇବାକୁ ଦେବା ପାଇଁ ବ୍ୟାଙ୍କରୁ ୩.୩ ଲକ୍ଷ ଟଙ୍କା ଋଣ ମଧ୍ୟ କରିଛନ୍ତି । ଏହି କାର୍ଯ୍ୟରେ ତାଙ୍କୁ ସହଯୋଗ କରିବା ପାଇଁ ତିନି ଜଣ ଲୋକଙ୍କୁ ବି ସେ ନିଯୁକ୍ତ କରିଛନ୍ତି । ଏମାନେ ଗୋଟିଏ ତିନିଚକିଆ ଯାନରେ ବସି ପୂରା ସହର ବୁଲି କୁକୁରଙ୍କୁ ଭୋଜନ ଦେଉଛନ୍ତି । ନୀଳାଞ୍ଜନା ଚିକେନ ଓ ଭାତ ନେଇ ସହକର୍ମୀଙ୍କ ସହ ପୂରା ସହର ବୁଲନ୍ତି ଏବଂ କୁକୁରଙ୍କୁ ଖାଇବାକୁ ଦେଇଥାନ୍ତି । ଏହି ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ସେ ଏକ ରୋଷେଇଘର କରିଛନ୍ତି । ଫ୍ରିଜ୍‌ର ବ୍ୟବସ୍ଥା ମଧ୍ୟ ରଖିଛନ୍ତି । ନୀଳାଞ୍ଜନା କୁହନ୍ତି, ତାଙ୍କ ଘରେ ୧୪ଟି କୁକୁର ରହିଛନ୍ତି ଓ ସେଥି ମଧ୍ୟରୁ ୧୩ଟି ବୁଲା କୁକୁର । ଏମାନଙ୍କ ଦାୟିତ୍ୱ ସହ ସହରର ରାସ୍ତାରେ ବୁଲୁଥିବା ଅନ୍ୟ କୁକୁରଙ୍କ ଦାୟିତ୍ୱ ବି ତାଙ୍କର ବୋଲି ସେ ମନେକରନ୍ତି ଓ ସେଥିପାଇଁ ଏପରି କାର୍ଯ୍ୟ କରୁଛନ୍ତି । ଏହି କାର୍ଯ୍ୟକୁ ନୀଳାଞ୍ଜନାଙ୍କ ସ୍ୱାମୀଙ୍କ ସମେତ ପଡୋଶୀମାନେ ବିରୋଧ କରୁଛନ୍ତି । କିନ୍ତୁ ତାଙ୍କ କଲେଜପଢୁଆ ଝିଅ ଓ ପଞ୍ଚମଶ୍ରେଣୀରେ ପଢୁଥିବା ପୁଅ ତାଙ୍କୁ ସମର୍ଥନ କରୁଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ନଭେମ୍ବର ୧୯୯୪

- ଶ୍ରୀଲଙ୍କାର ରାଷ୍ଟ୍ରପତି ନିର୍ବାଚିତ ଚନ୍ଦ୍ରିକା ବନ୍ଦରନାୟକେ କୁମାରତୁଙ୍ଗାଙ୍କ ମା' ସିରିମା ବନ୍ଦରନାୟକେ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବା ନେଇ ସୂଚନା ।
- ବାଂଲାଦେଶରେ ଦେଖା ଦେଇଥିବା ଝାଡ଼ାବାନ୍ତି ରୋଗରେ ଗତ ଏକମାସ ମଧ୍ୟରେ ୮୦୦ ଜଣଙ୍କ ମୃତ୍ୟୁ ।

## ଚିରନ୍ତନୀ

ଜୋଛନାର ପଥେ ସେ ଆସଇ ଝରି
ଏହି ଚାନ୍ଦ ତଳେ କି ବିହାର ବିଧି
ବସନ୍ତର ବତାସେ ବହଇ ଥରି,
ରଚିଥିବେ ରସିକ ଯଶୋଦାନିଧି ?
(ବଂଶୀ ଧ୍ୱନି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | | | | | | | | 3 | 7 | 9 | | 5 | E | 8 |
| 5 | | 0 | | 8 | 2 | | | | E | | | D | | 9 |
| B | | | | | 9 | 1 | | A | | | 3 | | | |
| D | | 2 | | | 6 | | | 7 | 4 | | | 3 | | A |
| | 4 | | | | | | | | | 8 | | | 2 | |
| | E | | 6 | 9 | | | | | | 0 | B | | | |
| 6 | | | 4 | | | | 2 | | 3 | | A | | | 1 |
| | | C | 0 | | | | | 4 | 9 | 7 | | | | |
| | | 1 | | | | | | | | | | E | | |
| 9 | 2 | 4 | | | | | | 8 | | | | A | D | C |
| | D | | 3 | A | | | | | | | 9 | | 8 | E |
| | | | | | | | D | 9 | | | 0 | C | | |
| | | | | | 5 | 4 | C | 2 | | | 1 | | 9 | |
| 2 | | | | 0 | | | | | | E | | | | |
| E | | | | | 1 | | | | 8 | A | 2 | | 5 | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | A | 2 | 4 | 7 | 3 | 9 | E | 6 | 5 | 8 | 1 | B | D | C |
| 9 | 4 | B | 5 | 0 | A | 2 | 7 | 3 | C | E | D | 1 | 6 | 8 |
| 6 | 3 | 5 | 8 | 1 | 2 | 4 | C | D | 7 | 9 | B | A | 0 | E |
| E | 8 | C | D | 9 | 6 | 0 | 1 | B | 3 | A | 4 | 7 | 5 | 2 |
| 1 | 7 | D | E | B | C | A | 5 | 8 | 0 | 2 | 6 | 3 | 9 | 4 |
| C | 2 | 3 | B | A | 8 | 6 | 4 | 7 | 9 | D | 0 | E | 1 | 5 |
| A | 6 | 4 | 2 | D | 1 | 5 | 8 | 0 | E | 3 | 7 | 9 | C | B |
| 7 | 9 | 1 | C | 5 | 0 | 3 | 2 | E | 4 | B | 8 | 6 | A | D |
| 8 | B | E | 7 | 4 | 9 | D | A | 1 | 6 | C | 5 | 2 | 3 | 0 |
| D | 5 | 0 | 6 | 3 | E | C | B | 9 | A | 1 | 2 | 4 | 8 | 7 |
| 3 | D | 6 | 0 | 8 | B | 7 | 9 | A | 2 | 5 | E | C | 4 | 1 |
| B | C | 9 | 3 | 2 | 4 | 8 | D | 5 | 1 | 7 | A | 0 | E | 6 |
| 4 | E | 7 | A | 6 | 5 | 1 | 3 | 2 | D | 0 | C | 8 | B | 9 |
| 5 | 0 | A | 1 | E | 7 | B | 6 | C | 8 | 4 | 9 | D | 2 | 3 |
| 2 | 1 | 8 | 9 | C | D | E | 0 | 4 | B | 6 | 3 | 5 | 7 | A |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସରକାର କାହିଁକି ମନ୍ଦିର ବା ମସ୍‌ଜିଦ କରିବେ

ମହାଶୟ,

ଆଜିର ଧରିତ୍ରୀ ପୃଷ୍ଠାରେ ସଂପାଦକ ତଥାଗତ ସତପଥୀଙ୍କ ଅଗ୍ରଲେଖ ଅତ୍ୟନ୍ତ ଉପାଦେୟ ଓ ଯୁଗୋପଯୋଗୀ । ସାରା ଦେଶର ଛାପା ଓ ଦୃଶ୍ୟଶ୍ରାବ୍ୟ ଗଣମାଧ୍ୟମ ସର୍ବୋଚ୍ଚ ନ୍ୟାୟାଳୟର ରାୟକୁ ନେଇ ବହୁଳ ପ୍ରଚାର କରୁଥିବାବେଳେ ଦେଶର ମୂଳ ସମସ୍ୟାକୁ ସତେ ଯେମିତି ଭୁଲିଯାଇଛନ୍ତି । କିନ୍ତୁ ଆପଣଙ୍କ ସଂପାଦକୀୟ ସମସ୍ତଙ୍କ ଆଖି ଖୋଲିଦେଲା ଭଳି ହୋଇଛି । ସତରେ ରାମ ମନ୍ଦିର ହେଲେ କିମ୍ବା ବାବ୍ରୀ ମସ୍‌ଜିଦ ନିର୍ମାଣ ହେଲେ ଦେଶର ଲୋକେ ଅବା କ'ଣ ପାଇବେ ? ଧର୍ମକୁ ଅସ୍ତ୍ର କରି କିଛି ଲୋକ ହୁଏତ ସଫଳତାର ଶିଖରକୁ ଯାଇପାରନ୍ତି । ତେବେ ଏହାଦ୍ୱାରା ଦେଶର ସାମୂହିକ ବିକାଶ ସାଧନ କେତେଦୂର ହେବ ଏହା ସମସ୍ତେ ଭାବିବା ଉଚିତ । ମୁଁ କୌଣସି ଧର୍ମ କିମ୍ବା ଧର୍ମାନୁଷ୍ଠାନର ବିରୋଧୀ ନୁହେଁ । ମୋର ପ୍ରଶ୍ନଟି ହେଲା, ଯଦି ସରକାର ମନ୍ଦିର ଓ ମସ୍‌ଜିଦ ପାଇଁ ହାତଖୋଲା ଅର୍ଥ ବ୍ୟୟ କରିବେ, ତା'ହେଲେ ଲକ୍ଷଲକ୍ଷ କୋଟି ଟଙ୍କାର ସଂପତ୍ତି ଗଚ୍ଛିତ ରଖିଥିବା ଦେଶର ଧର୍ମାନୁଷ୍ଠାନଗୁଡିକୁ ନିଜ ହାତକୁ ନେଇ ଦେଶର ବିକାଶରେ ଖର୍ଚ୍ଚ କଲେ ହୁଅନ୍ତାନି ।

ସୁଶୀଲ ବାଗ, ଗୋପାଳପୁର, ମଧୁପୁର, ନର୍ଲାରୋଡ, କଳାହାଣ୍ଡି

### ବେଆଇନ ଟୋଲ୍ ଆଦାୟ

ପରିବହନ ବିଭାଗ ବିଭିନ୍ନ ନିୟମ ମାନିବା ପାଇଁ ଜନସାଧାରଣଙ୍କୁ ନାଲିଆଖି ଦେଖାଉଥିଲା ବେଳେ ବର୍ଷ ବର୍ଷ ଧରି କିପରି ଜାତୀୟ ରାଜପଥରେ ବେଆଇନ ଟୋଲଗେଟଗୁଡ଼ିକ ଟୋଲ ଆଦାୟ କରୁଛନ୍ତି । ରାଜ୍ୟର ବିଭିନ୍ନ ଟୋଲଗେଟ୍‌ରେ ୨୦୦୯ରୁ ଟୋଲ ସଂଗ୍ରହ ଚାଲିଛି । ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଗାଇଡଲାଇନ ଅନୁଯାୟୀ ପୌରସଂସ୍ଥାର ୧୦ କି.ମି. ପରିଧି ଭିତରେ କୌଣସି ଟୋଲଗେଟ ରହିବ ନାହିଁ । ପିପିଲିରେ ଥିବା ଟୋଲଗେଟ ପିପିଲି ଏନ୍‌ଏସି ନିକଟରେ ରହିଛି । ରାଜ୍ୟରେ ଏବେ ୮ଟି ଟୋଲ ପ୍ଲାଜା ଅଛି । ତାହା ମଧ୍ୟରୁ ୫ଟି ବେଆଇନ ଭାବେ ନିର୍ମାଣ ହୋଇଥିବା ସରକାର ମାନିଛନ୍ତି । କମିଶନରଙ୍କ ନେତୃତ୍ୱରେ ଏକ ଟିମ୍ ଗଢ଼ିଥିଲେ ସରକାର । କମିଟି ରିପୋର୍ଟ ଦେବାର ୩ ବର୍ଷ ପରେ ମଧ୍ୟ ସରକାରଙ୍କର ଚିନ୍ତା ନାହିଁ । ବେଆଇନ ଟୋଲପ୍ଲାଜାଗୁଡ଼ିକରେ ପୂର୍ବଭଳି ଟୋଲ ଆଦାୟ ଚାଲିଛି ।

ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଗଣତନ୍ତ୍ରର ଅସମ୍ମାନ

ଗତ ଅକ୍ଟୋବର ୨୪ରେ ଜମ୍ମୁ-କଶ୍ମୀରର ୩୧୦ ବ୍ଲକ ଉନ୍ନୟନ ପରିଷଦ ମଧ୍ୟରୁ ୨୮୩ଟିର ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ହୋଇଥିଲା । ପୂର୍ବରୁ ୨୭ଟି ପରିଷଦର ଅଧ୍ୟକ୍ଷ ଭାବେ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ୨୮୩ଟି ମଧ୍ୟରୁ ଭାଜପା ୮୧ଟିରେ ଓ ସ୍ୱାଧୀନ ପ୍ରାର୍ଥୀମାନେ ଅବଶିଷ୍ଟ ଆସନରେ ବିଜୟୀ ହେଲେ । ତିନୋଟି ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ନ୍ୟାଶ୍‌ନାଲ କନ୍‌ଫରେନ୍ସ ଓ ପିଡିପିର ୩ ଜଣ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ତୁଙ୍ଗନେତା ନଜରବନ୍ଦୀ ଥିବାରୁ ଏହି ଦଳଗୁଡ଼ିକ ନିର୍ବାଚନକୁ ବର୍ଜନ କରିଥିଲେ । ତିନୋଟି ପ୍ରମୁଖ ଦଳର ଶୀର୍ଷ ନେତାଙ୍କୁ ଅଟକ ରଖି ନିର୍ବାଚନ କରାଇବା ଯଥାର୍ଥ ନୁହେଁ । ଏହା ଗଣତନ୍ତ୍ର ପ୍ରତି ଅସମ୍ମାନ ନୁହେଁ କି ?

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କାର୍ତ୍ତିକ ପୂର୍ଣ୍ଣିମା ପାଇଁ ପୁରୀରୁ ସ୍ୱତନ୍ତ୍ର ଟ୍ରେନ



**ଭୁବନେଶ୍ୱର, ୧୧।୧୧(ବ୍ୟୁରୋ):** କାର୍ତ୍ତିକ ପୂର୍ଣ୍ଣିମା ପାଇଁ ପୂର୍ବତଟ ରେଳପଥ ସ୍ୱତନ୍ତ୍ର ଟ୍ରେନର ଯୋଜନା କରିଛି। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଯାତ୍ରୀ ଭିଡ଼କୁ ଲକ୍ଷ୍ୟ କରି ଗୋଟିଏ ସ୍ୱତନ୍ତ୍ର ଟ୍ରେନ ପୁରୀ-ପଲାସା ଓ ପୁରୀ-ଖୋର୍ଦ୍ଧା ରୋଡ଼ ପାସେଞ୍ଜରକୁ ନୟାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯିବ। ପୁରୀ-ପଲାସା ସ୍ୱତନ୍ତ୍ର ଟ୍ରେନ ପୁରୀଠାରୁ ଅପରାହ୍ନ ୨ଟାରେ ଛାଡ଼ିବ। ନୟାଗଡ଼କୁ ସମ୍ପ୍ରସାରିତ ପୁରୀ-ଖୋର୍ଦ୍ଧାରୋଡ଼ ପାସେଞ୍ଜର ନିୟମିତ ସମୟରେ ଚଳାଚଳ କରିବ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

## ୧୩ରୁ ବିଧାନସଭା ଶୀତ ଅଧିବେଶନ

# ଶାସକ ଦଳକୁ ଘେରିବାକୁ ବିରୋଧୀଙ୍କ ପ୍ରସ୍ତୁତି

ଭୁବନେଶ୍ୱର,୧୧।୧୧(ବ୍ୟୁରୋ)

ବିଧାନସଭା ଶୀତ ଅଧିବେଶନ ଆରମ୍ଭ ହେବାକୁ ମଝିରେ ଆଉ ମାତ୍ର ଗୋଟିଏ ଦିନ ବାକି ଅଛି। ଆସନ୍ତା ୧୩ରୁ ଆରମ୍ଭ ହେବାକୁ ଥିବା ଶୀତଅଧିବେଶନ ଡିସେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥର ଅଧିବେଶନରେ ୩୦ଟି କାର୍ଯ୍ୟଦିବସ ରହିଛି। ଅଧିବେଶନ ଆରମ୍ଭ ଦିନ ରାଜ୍ୟ ସରକାର ଗୃହରେ ଅତିରିକ୍ତ ବଜେଟ୍ ସମ୍ପର୍କିତ ପ୍ରସ୍ତାବ ଆଗତ କରିବେ। ଏଥିପାଇଁ ସରକାରୀ ଦଳ ଜୋର୍‌ଦାର ପ୍ରସ୍ତୁତି ଚଳାଇଛନ୍ତି। ଅନ୍ୟପଟେ ବିରୋଧୀ ଭାଜପା ଏବଂ କଂଗ୍ରେସ କିନ୍ତୁ ଶାସକ ଦଳକୁ ଘେରିବା ଲାଗି ବହୁ ପ୍ରସଙ୍ଗ ସମ୍ପର୍କିତ ତାଲିକା ଏକାଠି କଲେଣି। ବିଧାନସଭା ଅଧିବେଶନ ଆରମ୍ଭ ପୂର୍ବରୁ ଭାଜପାର ବିଧାୟକ ଦଳ ବୈଠକ ସୋମବାର ଅନୁଷ୍ଠିତ ହୋଇଥିବା ବେଳେ ମଙ୍ଗଳବାର କଂଗ୍ରେସ ବିଧାୟକମାନେ ସେମାନଙ୍କ ଚୂଡାନ୍ତ ରଣନୀତି ପ୍ରସ୍ତୁତ କରିବେ। ବିରୋଧୀଙ୍କ ରଣନୀତିକୁ ସାମ୍ନା କରିବା ସକାଶେ ଶାସକ ଦଳ ମଧ୍ୟ କେନ୍ଦ୍ର ବିରୋଧୀ ପ୍ରସଙ୍ଗ ଉଠାଇବ ବୋଲି ଯୋଜନା କରିଥିବାବେଳେ ଆସନ୍ତା ୧୩ରେ ହେବାକୁ ଥିବା ବିଜେଡି ବିଧାୟକ ଦଳ ବୈଠକରେ ଏନେଇ ଚୂଡାନ୍ତ ନିଷ୍ପତ୍ତି ନିଆଯିବ।

ଭାଜପା ବିଧାୟକ ଦଳ ବୈଠକ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି। ନାରୀ ନିର୍ଯାତନା ରାଜ୍ୟରେ ବଢିଚାଲିବା, ଯାଜପୁର ଜିଲାର ସ୍ମିତାରାଣୀ ବିଶ୍ୱାଳ ମୃତ୍ୟୁ ଘଟଣା, କେନ୍ଦ୍ରାପଡାର କାର୍ଯ୍ୟରତ କର୍ମଚାରୀଙ୍କ ପ୍ରତି ଅସଦାଚରଣ ଘଟଣା ପ୍ରସଙ୍ଗକୁ ଭାଜପା ଜୋର୍‌ଦାର କରିବ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ରାଜ୍ୟ ସରକାର ନିଜ ନାଁରେ କରି ପ୍ରଚାର କରିବା, ବାତ୍ୟା ଫନୀ ପ୍ରଭାବରେ ପୁରୀ ଜିଲାରେ ଭାଙ୍ଗିଥିବା ଘର ବାବଦରେ ବଣ୍ଟାଯାଇଥିବା ସହାୟତାରେ ଅନିୟମିତତା ହେବା ପ୍ରସଙ୍ଗ ଏବଂ ବିଗତ ଦିନଗୁଡିକରେ ଯେଉଁ ପ୍ରସଙ୍ଗଗୁଡିକରେ ଦଳ ରାସ୍ତାକୁ ଓହ୍ଲାଇଛି ସେହି କଥାଗୁଡିକୁ ବିଧାନସଭାରେ ଉଠାଯିବ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି। ଭାଜପା ବିଧାୟକ ଦଳ ବୈଠକରେ ସମସ୍ତ ସଦସ୍ୟ ଉପସ୍ଥିତ ନ ଥିବାରୁ ଆଉଥରେ ଆସନ୍ତା ବୁଧବାର ସମସ୍ତେ ଏକାଠି ହେବେ ବୋଲି ମାଝି କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ବୈଠକ ମଙ୍ଗଳବାର ଅନୁଷ୍ଠିତ ହେବ। ଏଥର କଂଗ୍ରେସ ଫସଲ କ୍ଷୟକ୍ଷତି ସବୁ ଜିଲାରେ ଠିକ୍‌ରେ ବଣ୍ଟା ନ ଯିବା, ନାରୀ ନିର୍ଯାତନା, ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ପ୍ରସଙ୍ଗ, ମୋ ସରକାର ଏବଂ ୫-ଟି କାର୍ଯ୍ୟକ୍ରମ, ଫନୀ ସହାୟତା ବଣ୍ଟନରେ ଅନିୟମିତତା ଏବଂ ଭାଜପା-ବିଜେଡି ଭିତିରି ବୁଝାମଣା ଆଦି ପ୍ରସଙ୍ଗ ଗୃହରେ ଜୋର୍‌ଦାର କରିବ। ସେହିପରି ବିଜେଡି ମଧ୍ୟ ବିରୋଧୀଙ୍କ ସମ୍ମୁଖୀନ ହେବାକୁ ପ୍ରସ୍ତୁତ ହୋଇଥିବା ଜଣାପଡିଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି, ବିରୋଧୀଙ୍କ ସବୁ କଥାକୁ ଗୃହରେ ଆଲୋଚନା କରାଯିବ। ଏହାସହ କେନ୍ଦ୍ରୀୟ ସହାୟତା ବକେୟା ରହିବା, ୬ ହଜାର କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ନ ମିଳିବା, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ କଥା ମଧ୍ୟ ଉଠାଯିବ ବୋଲି ଆରୁଖ କହିଛନ୍ତି।

## ଜିଲା ଟିଠି — ବରଗଡ଼



### ନିଯୁକ୍ତି ଚିନ୍ତା

ଜିଲା ଗଠନ ପୂର୍ବରୁ ବରଗଡ଼ରେ ଅନେକ ସରକାରୀ ଶିଳ୍ପ, କାରଖାନା ଥିଲା। ହେଲେ ଆଉ ସେସବୁ ନାହିଁ। ଜିଲାରେ ଶ୍ୟାମଳା ସାର କାରଖାନା, ଡୋରା ସମବାୟ ଚିନିକଳ, ସୂତାକଳ ଭଳି ଯେଉଁ କେତୋଟି ଶିଳ୍ପାନୁଷ୍ଠାନ ରହିଛି ତାହା ବନ୍ଦ ତଥା ଅଚଳ ହୋଇ ପଡ଼ିଛି। ସିମେଣ୍ଟ କାରଖାନା କାର୍ଯ୍ୟକ୍ଷମ ଥିଲେ ହେଁ ଶାଗମାଛ ଦରରେ ସରକାର ବିକ୍ରି କରିଦେବାରୁ ତାହା ଏବେ ଘରୋଇ ସଂସ୍ଥା ହାତରେ ରହିଛି। ଏହା ସହିତ ବରଗଡ଼ର ଡୋରା ପାୱାର ଲୁମ୍, ବରପାଲିର ସମବାୟ ବାଲଟି କାରଖାନା, ଶୀତଳ ଭଣ୍ଡାର ଭଳି ଅନେକ ଶିଳ୍ପାନୁଷ୍ଠାନ ସମ୍ପୂର୍ଣ୍ଣ ଲୋପ ପାଇଗଲାଣି। ଶିଳ୍ପ, କାରଖାନା ହେଲେ ସ୍ଥାନୀୟ ନିଯୁକ୍ତି ସୃଷ୍ଟି ହୁଏ। ଏବେ ସେଥିରେ ବ୍ୟତିକ୍ରମ ଦେଖାଦେଇଛି। ଅନେକ ଶ୍ରମିକ, କର୍ମଚାରୀ ରୋଜଗାର ହରାଇଛନ୍ତି। ସରକାରୀ କଳ ବେରୋଜଗାର କଥା ଉଠାଉଥିଲେ ହେଁ ଅଚଳ କିମ୍ବା ଲୋପ ପାଇଥିବା ଶିଳ୍ପାନୁଷ୍ଠାନକୁ ନେଇ ମୁହଁ ଖୋଲୁ ନାହାନ୍ତି। ଯଦିଓ ସେ ନେଇ କେବେ କଥା ଉଠିଲା, ଜିଲାବାସୀଙ୍କୁ ଭୂଆଁ ବୁଲାଇବା ଛଡ଼ା ଅନ୍ୟକିଛି ଠୋସ୍ ପଦକ୍ଷେପ ସେମାନେ ନେଉ ନାହାନ୍ତି ବୋଲି ଅଭିଯୋଗ ହୋଇଛି। ଅପରପକ୍ଷେ ସିମେଣ୍ଟ କାରଖାନା ପରେ ଜିଲାର ବାଉଲସିଂହାରେ ଇଥାନଲ ପ୍ଲାଣ୍ଟ ଭଳି ଏକ ବଡ଼ ଶିଳ୍ପାନୁଷ୍ଠାନ ଗଢ଼ି ଉଠୁଛି। ତାହା ନିର୍ମାଣାଧୀନ ରହିଛି। ଏହି ଶିଳ୍ପାନୁଷ୍ଠାନ ଜିଲାରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି କୁହାଯାଉଛି। ଶିଳ୍ପାନୁଷ୍ଠାନଟି ସମ୍ପୂର୍ଣ୍ଣ ହେବା ତ ଦୂରର କଥା, ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଜିଲା ପରିବର୍ତ୍ତେ ରାଜ୍ୟ ବାହାର ଲୋକଙ୍କୁ ଅଧିକ ନିଯୁକ୍ତି ମିଳୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଜିଲା ପ୍ରଶାସନକୁ ଅବଗତ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି। ଇଥାନଲ ପ୍ଲାଣ୍ଟ ହେଉ କିମ୍ବା ବରଗଡ଼ ସିମେଣ୍ଟ କାରଖାନା, ସେଠାକାର ପଦ ପଦବୀରେ ଅବସ୍ଥାପିତ ହେବାକୁ ହେଲେ ଯେଭଳି ଯୋଗ୍ୟତା ଦରକାର, ତାହା ହାସଲ କରିବା ପାଇଁ ଜିଲାରେ ଏପର୍ଯ୍ୟନ୍ତ କୌଣସି ପ୍ରତିଷ୍ଠାନ ଖୋଲାଯାଇ ପାରିନାହିଁ। ଫଳରେ ଜିଲାବାସୀ ସମ୍ପୃକ୍ତ ଶିଳ୍ପାନୁଷ୍ଠାନରେ ନିଯୁକ୍ତି ପାଇଲେ ମଧ୍ୟ ସେମାନଙ୍କୁ ଶ୍ରମିକ, ସୁରକ୍ଷା କର୍ମୀ କିମ୍ବା ଅଳ୍ପ ସଂଖ୍ୟାରେ ଛୋଟ ପଦବୀରେ ନିଯୁକ୍ତି ଦିଆଯାଉଛି। ଅର୍ଥନୈତିକ ବିକାଶ କିମ୍ବା ଜିଲାରେ ଅଧିକ ନିଯୁକ୍ତି ସୃଷ୍ଟି କରିବାକୁ ହେଲେ, ଏଠାରେ ଯେଭଳି ଶିଳ୍ପାନୁଷ୍ଠାନ ରହିଛି କିମ୍ବା ଗଢ଼ାଯାଉଛି, ସେଥିପାଇଁ ଉଦ୍ଦିଷ୍ଟ ପଦବୀ ସକାଶେ ବୈଷୟିକ, ଗୁଣାତ୍ମକ ଜ୍ଞାନ କୌଶଳ ଶିକ୍ଷା ଦେଉଥିବା ପ୍ରତିଷ୍ଠାନ ଖୋଲାଯିବାର ଆବଶ୍ୟକତା ରହିଛି।

– ପ୍ରେମାନନ୍ଦ ଖମାରୀ

## ଆବୁଧାବୀରେ ଅନ୍ତର୍ଜାତୀୟ ପେଟ୍ରୋଲିୟମ ସମ୍ମିଳନୀ

# 'ତୈଳ, ଗ୍ୟାସ କ୍ଷେତ୍ରରେ ୧୦୦ ବିଲିୟନ ପୁଞ୍ଜିନିବେଶ କରିବ ଭାରତ'

ଭୁବନେଶ୍ୱର,୧୧।୧୧(ବ୍ୟୁରୋ)

ତୈଳ ଓ ଗ୍ୟାସ କ୍ଷେତ୍ରରେ ବିଶ୍ୱ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ଆମର ଲକ୍ଷ୍ୟ। ଏହି ମର୍ମରେ ୨୦୨୪ ସୁଦ୍ଧା ଭାରତ ରିଫାଇନିଂ, ପାଇପ୍‌ଲାଇନ ଏବଂ ଗ୍ୟାସ ଟର୍ମିନାଲରେ ୧୦୦ ବିଲିୟନ ପୁଞ୍ଜିନିବେଶ କରିବ। ଉର୍ଜା କ୍ଷେତ୍ରରେ ପୁଞ୍ଜିନିବେଶ କରିବା ପାଇଁ ଭାରତ ଉତ୍କୃଷ୍ଟ ସ୍ଥାନ ବୋଲି ଦୁଇଦିନିଆ ୟୁଏଇ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସୋମବାର ଆବୁଧାବୀଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପେଟ୍ରୋଲିୟମ ପ୍ରଦର୍ଶନୀ ସମ୍ମିଳନୀରେ(ଆଡିପେକ-୨୦୧୯)ରେ ଧର୍ମେନ୍ଦ୍ର ଯୋଗଦେଇ ଭାରତ ପ୍ୟାଭିଲିୟନକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଭାରତକୁ କମ୍ କାର୍ବନ ନିର୍ଗମନ ଅର୍ଥ ବ୍ୟବସ୍ଥା କରିବା ପାଇଁ ତଥା ଉର୍ଜାର ନିରନ୍ତର ଆବଶ୍ୟକତା ପୂରଣ କରାଯିବ। ଏଥିପାଇଁ କେନ୍ଦ୍ର ସରକାର ଭାରତକୁ ଗ୍ୟାସ୍ ଆଧାରିତ ଅର୍ଥନୀତି କରିବାକୁ ଯୋଜନା କରୁଛନ୍ତି। ୨୦୩୦ ସୁଦ୍ଧା ଗ୍ୟାସର ଶେୟାରକୁ ୧୫ପ୍ରତିଶତ ବୃଦ୍ଧି କରିବାକୁ ସରକାର ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ମୁଣ୍ଡ ପିଛା ଉର୍ଜାର ଉପଯୋଗ କ୍ଷେତ୍ରରେ ଦେଖିଲେ ବିଶ୍ୱ ହାରାହାରି ଠାରୁ ଭାରତରେ ଉର୍ଜାର ବ୍ୟବହାର କମ୍। ତେଣୁ ୨୦୨୦ ମଧ୍ୟଭାଗ ସୁଦ୍ଧା ଉର୍ଜା କ୍ଷେତ୍ରରେ ଭାରତ ବୃହତ୍ ବଜାର ହେବା ନେଇ ଆଶା ରଖିଛି। ଭାରତରେ ସିଟି ଗ୍ୟାସ ନେଟୱର୍କର ସମ୍ପ୍ରସାରଣ ହୋଇଛି, ଯାହା ଭାରତ ଭୌଗୋଳିକର ୫୦ପ୍ରତିଶତ ଆଚ୍ଛାଦିତ କରୁଥିବାବେଳେ ଜନସଂଖ୍ୟାର ୭୦ପ୍ରତିଶତ ଲୋକ ଏହାର ସୁବିଧା ପାଇଛନ୍ତି। ଭାରତକୁ ଗ୍ୟାସ୍ ଆଧାରିତ ଅର୍ଥବ୍ୟବସ୍ଥା କରିବା ପାଇଁ ୬୦ନିୟୁତ ଆମେରିକୀୟ ଡଲାର ବ୍ୟୟ ବରାଦରେ ଗ୍ୟାସ୍ ଭିତ୍ତିଭୂମି ଯଥା ଗ୍ୟାସ୍ ପାଇପ୍ ଲାଇନ୍, ଟର୍ମିନାଲ, ସିଟି ଗ୍ୟାସ୍ ବିତରଣ ବ୍ୟବସ୍ଥା ଆଦି ବିଭିନ୍ନ କାର୍ଯ୍ୟ ଚାଲିଛି। ଭାରତର ତୈଳ ଏବଂ ଗ୍ୟାସ କ୍ଷେତ୍ର ବହୁତ ଭଲ ଉପାୟରେ ସେବେ କାମ କରିପାରିବ, ଯେତେବେଳେ ବିଶ୍ୱ ବିକାଶ ସହିତ ସମନ୍ୱୟ ରଖିବ। ଫଳରେ କେବଳ ଭାରତରେ ଉର୍ଜା ପରିବର୍ତ୍ତନ ପ୍ରଭାବିତ ହେବ ନାହିଁ ବରଂ ବିଶ୍ୱ ଉର୍ଜା ଗତିଶୀଳତାକୁ ଦାୟିତ୍ୱପୂର୍ଣ୍ଣ ଭାବେ ପ୍ରଭାବିତ କରିବ। ଆଗାମୀ ଦିନରେ ଭାରତ ବିଶ୍ୱ ଉର୍ଜା ଚାହିଦାର କେନ୍ଦ୍ରବିନ୍ଦୁ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।




କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

# ହାତୀ ଆକ୍ରମଣରେ ୨ ମୃତ

- ବୃଦ୍ଧା ଗୁରୁତର, ଉତ୍ତେଜନା
- ମୃତଦେହକୁ ଉଠାଇବାକୁ ଦେଲେନି ଗ୍ରାମବାସୀ

ଦେବଗଡ଼/ରିଆମାଳ, ୧୧।୧୧(ଡି.ଏନ.ଏ.)

ଦେବଗଡ଼ ବନଖଣ୍ଡ ପଳସମା ଫରେଷ୍ଟ ସେକ୍ସନ ଅଧୀନ ରିଆମାଳ ବ୍ଲକରେ ହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ମହିଳା ଗୁରୁତର ହୋଇଛନ୍ତି। ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସୋମବାର ସକାଳ ପ୍ରାୟ ୭ଟା ସମୟରେ ଲୁଲୁଙ୍ଗ ପଞ୍ଚାୟତ ବଡକୁଦର ଗ୍ରାମର ସାନିଆ ବିରୁଆ ପାଖ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିଲେ। ଏହି ସମୟରେ ଏକ ହାତୀ ତାଙ୍କୁ ହଠାତ୍ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଲୋକେ ମୃତଦେହକୁ ଗାଁକୁ ଆଣିଥିଲେ। ଅନ୍ୟ ଏକ ଘଟଣା ଅପରାହ୍ନରେ ଘଟିଛି। ଟିଙ୍କବୀର ପଞ୍ଚାୟତ ଅନ୍ତର୍ଗତ ସାତକିଆରି ଗ୍ରାମର କୁହ୍ଲୁ ବାଘ(୬୦) ପାଖ ଶୁଣ୍ଡିନାଳୀ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇବା ପରେ ଘଟଣାସ୍ଥଳରେ ପଳସମା ଫରେଷ୍ଟର ପ୍ରଶାନ୍ତ ଶତପଥୀ ଓ ବନ ବିଭାଗ କର୍ମଚାରୀମାନେ ପହଞ୍ଚିଛନ୍ତି। ହେଲେ ଗ୍ରାମବାସୀ ମୃତଦେହ ଉଠାଇବାକୁ ଦେଇ ନ ଥିଲେ। ଏହି ଖବର ଲେଖା ପର୍ଯ୍ୟନ୍ତ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ସେହିପରି କଣ୍ଟାବାହାଳ ପଞ୍ଚାୟତ ସାତକିଆରି ଗ୍ରାମର ବସନ୍ତ ସାହୁଙ୍କ ସ୍ତ୍ରୀ ସୀତା (୫୮) ପାଖ ଜଙ୍ଗଲକୁ ଶୌଚ ପାଇଁ ଯାଇଥିଲେ। ସେ ମଧ୍ୟ ଏକ ହାତୀ ଆକ୍ରମଣର ଶିକାର ହୋଇଥିଲେ। ସୀତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।


## ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଶିବ ପ୍ରସାଦ ମିଶ୍ର
ସ୍ୱର୍ଗତ ପିତା: ନାରାୟଣ ମିଶ୍ର
ସ୍ୱର୍ଗତା ମାତା: ଲକ୍ଷ୍ମୀ ମିଶ୍ର
ଛତାଘର, ବଡ଼ଦାଣ୍ଡ, ପୁରୀ
ଆବିର୍ଭାବ: ୦୩।୦୫।୧୯୫୮
ତିରୋଧାନ: ୦୩।୧୧।୨୦୧୭
(କାର୍ତ୍ତିକ ପୂର୍ଣ୍ଣମୀ)
ଶୋକସନ୍ତପ୍ତ:
ପରିବାରବର୍ଗ ।
ଧ-୧୫୧୮୮

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଇଂ. ଶିଳାଦିତ୍ୟ ପଟ୍ଟନାୟକ
ଆବିର୍ଭାବ: ଆଶ୍ୱିନ ଶୁକ୍ଳପକ୍ଷ, ଏକାଦଶୀ-୧୯୮୪
ତିରୋଧାନ: କାର୍ତ୍ତିକ ପୂର୍ଣ୍ଣିମା-୨୦୧୬
ଏହି ଶ୍ରେଷ୍ଠ ପୁଣ୍ୟ ଦିବସରେ ଆମ୍ଭ ସମସ୍ତଙ୍କୁ ଛାଡି ପରମେଶ୍ୱରଙ୍କ ପାଖକୁ ଚାଲିଗଲୁ। ଏହି ସ୍ୱଳ୍ପ ସମୟ ମଧ୍ୟରେ ତୋର କାର୍ଯ୍ୟକଳାପ, ଅଧ୍ୟବସାୟ ସମସ୍ତଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିଥିବ। ଠାକୁରଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଆଦର୍ଶ, ପ୍ରେରଣା ଆମ୍ଭସମସ୍ତଙ୍କୁ ଶକ୍ତି ଓ ସାହସ ପ୍ରଦାନ କରୁ ଏବଂ ସୁପଥ ପ୍ରଦର୍ଶନ କରୁ। ଶୋକସନ୍ତପ୍ତ: ପରିବାର, ବନ୍ଧୁ ଏବଂ ଆତ୍ମୀୟସ୍ୱଜନବୃନ୍ଦ।
ଧ-୧୫୧୭୯

### ଦଶମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ରାମକୃଷ୍ଣ ମହାପାତ୍ର
ସଂସ୍କୃତ କଲେଜ ରୋଡ୍, ଦୋଳମଣ୍ଡପ ସାହି, ପୁରୀ
ଆବିର୍ଭାବ: ୦୨।୧୧।୧୯୪୮
ତିରୋଧାନ: ୦୨।୧୧।୨୦୦୯
ଆଜି ଆପଣଙ୍କର ଦଶମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ ।
ଧ-୧୫୧୩୨

### ଦଶମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଚିନ୍ମୟ ପଟ୍ଟନାୟକ (ଲିଙ୍କନ)
ସମେଇଗଡ଼ିଆ, ଭୁବନେଶ୍ୱର
ଆବିର୍ଭାବ: ୦୬।୦୨।୧୯୮୪
(ବସନ୍ତ ପଞ୍ଚମୀ)
ତିରୋଧାନ: ୦୨।୧୧।୨୦୦୯
(କାର୍ତ୍ତିକ ପୂର୍ଣ୍ଣିମା)
ଆଜି ଦଶମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ପ୍ରାର୍ଥନା କରୁଛି। ହତଭାଗ୍ୟ ବାପା ଜୟକୃଷ୍ଣ ପଟ୍ଟନାୟକ।
ଧ-୯୧୦୮୭

### MISS YOU KUNU



DOB : 04/06/2013
DOD : 14/11/2016
A day spent away from you is as good as a day not worth being alive ...
We miss you KUNU
Felu & Family
Nikirai , Kendrapara
Odisha
ଧ-୧୫୧୮୭

Your Classified Advertisement published in Dharitri will be listed free in Dharitri Online Edition: www.dharitri.com


# ଇନ୍ଦ୍ରାବତୀର କପୁର ଡ୍ୟାମରୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା

ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି, ୧୧।୧୧(ବି.ପ୍ର/ଡି.ଏନ.ଏ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀ ଜଳଭଣ୍ଡାରର କପୁର ଡ୍ୟାମରୁ ଜଣେ ମହିଳା ସୋମବାର ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ଜଣକ ହେଲେ ଜୟନ୍ତୀ ହରିଜନ (୧୮)। ତେନ୍ତୁଳିଖୁଣ୍ଟି ବ୍ଲକ ବେଡାପଦର ଗ୍ରାମର ଭାସ୍କର ହରିଜନଙ୍କ ଝିଅ ଜୟନ୍ତୀ ଡୁମୁରିଗୁଡା ଗ୍ରାମର ନବ ହରିଜନଙ୍କ ପୁଅ ଭୁବନଙ୍କୁ ୮ ମାସ ତଳେ ପ୍ରେମ ବିବାହ କରିଥିଲେ। ସେହି ସମୟରେ ଜୟନ୍ତୀ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀ ଥିଲେ। ରବିବାର ଶାଶୁଘରେ ଗଣ୍ଡଗୋଳ ହେବା ପରେ ଜୟନ୍ତୀ ବାପ ଘରକୁ ଚାଲି ଆସିଥିଲେ। ନିଜ ଭବିଷ୍ୟତ କଥା ଚିନ୍ତା କରି ପୁଣି ଶାଶୁ ଘର ଡୁମୁରିଗୁଡାକୁ ଜୟନ୍ତୀ ଆସିଥିଲେ। ସେଠାରେ ଜୟନ୍ତୀଙ୍କ ସହ ଶାଶୁ, ନଣନ୍ଦ ଓ ସ୍ୱାମୀ ଗଣ୍ଡଗୋଳ କରିଥିଲେ। ସୋମବାର ସକାଳେ ଇନ୍ଦ୍ରାବତୀ କଲେଜକୁ ଯିବି କହି ଜୟନ୍ତୀ ଆସି କପୁର ଡ୍ୟାମରୁ ଜଳ ଭଣ୍ଡାରକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଖବର ପାଇ ଖାତିଗୁଡା ଥାନା ଅଧିକାରୀ ଦାମୋଦର ବିହାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଅଗ୍ନିଶମ ବାହିନୀ ପହଞ୍ଚି ଜଳଭଣ୍ଡାରରୁ ଜୟନ୍ତୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ମୃତଦେହକୁ ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ବିବାହ ପରେ ଝିଅକୁ ଶ୍ୱଶୁର ଘର ଲୋକ ମାରପିଟ କରୁଥିଲେ। ନିର୍ଯାତନା ସହି ନ ପାରି ଜୟନ୍ତୀ ଡ୍ୟାମରୁ ଡେଇଁ ଆତ୍ମହତ୍ୟା କରିଛି ବୋଲି ଭାସ୍କର ଖାତିଗୁଡା ଥାନାରେ ଅଭିଯୋଗ କରିଛନ୍ତି। ଶାଶୁ ଘର ଲୋକଙ୍କ ଯୋଗୁ ମାନସିକ ଭାରସାମ୍ୟ ହରାଇ ଜୟନ୍ତୀ ଆତ୍ମହତ୍ୟା କରିଛନ୍ତି ବୋଲି ଭଉଣୀ ଛବି ହରିଜନ ଅଭିଯୋଗ କରିଛନ୍ତି।

# ୧୪ରୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି ୨୦୧୯'

## ଅଂଶଗ୍ରହଣ କରିବେ ୩ ହଜାର ଶିକ୍ଷାର୍ଥୀ

ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)

ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଆସନ୍ତା ୧୪ରୁ ତିନିଦିନିଆ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୧୯' ଆରମ୍ଭ ହେବ। ତିନିଦିନ ବ୍ୟାପୀ ଏହି ମହୋତ୍ସବ ୟୁନିଟ୍-୯ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବା ଲାଗି ପ୍ରତ୍ୟେକ ଶିକ୍ଷାମଣ୍ଡଳରୁ ପ୍ରତି ବିଭାଗ ପାଇଁ ଶ୍ରେଷ୍ଠ ଶିକ୍ଷାର୍ଥୀଙ୍କୁ ମଣ୍ଡଳସ୍ତରରେ ସମ୍ପୃକ୍ତ ଶିକ୍ଷା ପରିଦର୍ଶକମାନେ ମନୋନୀତ କରି ପ୍ରାୟ ୩ହଜାର ଶିକ୍ଷାର୍ଥୀଙ୍କୁ ରାଜ୍ୟସ୍ତରକୁ ପଠାଇଛନ୍ତି। ମହୋତ୍ସବରେ ବର୍ଜ୍ୟବସ୍ତୁର ବ୍ୟବହାର, ବିଜ୍ଞାନ କୌତୁକ କର୍ମଶାଳା, ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟ ପ୍ରଦର୍ଶନୀର ଆୟୋଜନ କରାଯାଇଛି। ଏହାସହ ୩୦ଜିଲାର ପ୍ରାଥମିକ ଓ ମାଧ୍ୟମିକସ୍ତରୀୟ ଶିକ୍ଷାର୍ଥୀଙ୍କ ପାଇଁ ରାଜ୍ୟସ୍ତରରେ ବକ୍ତୃତା, କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଛି।

ମହୋତ୍ସବର ପ୍ରଥମ ଦିନ ସକାଳେ 'ଶିକ୍ଷା ସଚେତନତା' ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହା ସ୍ଥାନୀୟ ବିଜୁ ପଟ୍ଟନାୟକ ଫରେଷ୍ଟ ପାର୍କରୁ ଉତ୍ସବସ୍ଥଳୀ ପର୍ଯ୍ୟନ୍ତ ପ୍ରାୟ ୩ କିଲୋମିଟର ରାସ୍ତା ଅତିକ୍ରମ କରିବ। ଏଥିରେ ୬ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗନେବେ। ଚଳିତବର୍ଷ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓସେପା, ଶିକ୍ଷା ଓ ଶିକ୍ଷକ ତାଲିମ ନିର୍ଦ୍ଦେଶାଳୟ ଆଦି ସରକାରୀ ବିଭାଗୀୟ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଷ୍ଟଲ ଥାଇ ପ୍ରଦର୍ଶନୀ, ଶିକ୍ଷାର୍ଥୀଙ୍କ ଦ୍ୱାରା ଛାୟା ବିଧାନସଭା, ସୃଜନାତ୍ମକ ଲେଖା ପ୍ରସ୍ତୁତି, କଳା ଓ ସ୍ଥାପତ୍ୟ, ସଙ୍ଗୀତ, ନୃତ୍ୟ, ଗଣିତ କଳିକା, ମୃଣ୍ମୟ ପ୍ରକାଶନ/ପ୍ରସାରଣ ନିମନ୍ତେ ଗଣମାଧ୍ୟମ ପାଇଁ ସୂଚନା କଳାକୃତି, ବିଜ୍ଞାନ କର୍ମଶାଳା, କାଗଜ ଭାଙ୍ଗ କଳାକୃତି ଓ କଣ୍ଢେଇ ନାଚ, ଚିତ୍ରକଳା, ବର୍ଜ୍ୟବସ୍ତୁରୁ ସୃଜନକଳା ଆଦି କର୍ମଶାଳାମାନ ଆୟୋଜନ କରାଯାଇଛି। ଚଳିତ ବର୍ଷ ଶିଶୁ ଉତ୍ସବରେ ସ୍ୱତନ୍ତ୍ର ଭାବେ ପୁସ୍ତକ ପ୍ରଦର୍ଶନୀର ଆୟୋଜନ କରାଯାଇଛି।

ଏହି ରାଜ୍ୟସ୍ତରୀୟ ଉତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିରେ ଶ୍ରେଷ୍ଠ ବିବେଚିତ କୃତୀ ଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରାଯିବ। ଉତ୍ସବ ପ୍ରସ୍ତୁତି କମିଟି ପକ୍ଷରୁ ରାଜ୍ୟସ୍ତରୀୟ ଉତ୍ସବରେ ଯୋଗଦାନ ନିମନ୍ତେ ମନୋନୀତ ଶିକ୍ଷାର୍ଥୀଙ୍କୁ ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲାଇ ଦେଖାଇବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ରାଜ୍ୟସ୍ତରରେ ଗଠିତ ପ୍ରସ୍ତୁତି କମିଟିରେ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ମୁଖ୍ୟ ସଞ୍ଚାଳକ ରହିଛନ୍ତି। ପ୍ରାଥମିକ ଶିକ୍ଷା, ମାଧ୍ୟମିକ ଶିକ୍ଷା, ଶିକ୍ଷା ଓ ଶିକ୍ଷକ ତାଲିମ ପ୍ରତିଷ୍ଠାନ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ବରିଷ୍ଠ ପଦାଧିକାରୀଙ୍କ ମିଳିତ ସହଯୋଗରେ ଏହି ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି ୨୦୧୯' ଆୟୋଜନ କରାଯାଇଛି। ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।


## CLASSIFIED DISPLAY



Wanted additional dealers for DIVYA SHAKTI Power Tillers and other agro implements from all Odisha Districts/Blocs. Marketing Staff also Required. Contact: 91-9007174231, 91-9830528042, Email: chiragcorp@gmail.com

ଶ୍ରବଣ ସମସ୍ୟା?
ଅଡ଼ିଜୋନ୍ ଏବେ ସମ୍ବଲପୁରରେ
For FREE hearing checkup : 7853086497, 9078672409
ଶ୍ରବଣ ଯନ୍ତ୍ର DIGITAL HEARING AID
signia Life sounds brilliant. SIEMENS Hearing Systems
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

## ସଂକ୍ଷେପରେ

### ଓଲଢ଼ି ମଠରେ ରାହାସ ଉତ୍ସବ

ଡେରାବିଶ, ୧୧।୧୧ (ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନସ୍ଥ ଓଲଢ଼ି ମଠରେ ରାସ ଉତ୍ସବ ଶୁକ୍ରବାର ସନ୍ଧ୍ୟାରୁ ଆରମ୍ଭ ହୋଇ ସୋମବାର ଚତୁର୍ଥ ଦିନରେ ପହଞ୍ଚିଛି। ପଞ୍ଚୁକ ତିଥିରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ଉପଲକ୍ଷେ ଓଲଢ଼ି ମଠରେ ପ୍ରତ୍ୟେହ ସନ୍ଧ୍ୟାରେ ଶ୍ରୀଗୋପିନାଥ ଜୀଉଙ୍କୁ ଆଲଟ ଚାମର ଘଣ୍ଟ, ସଙ୍କୀର୍ତ୍ତନ ଶୋଭାଯାତ୍ରାରେ ଅଣାଯାଇ ମନ୍ଦିର ବେଢ଼ାରେ ପ୍ରସ୍ତୁତ ଥିବା ଫୁଲ ରଥରେ ଉପବେଶନ କରାଯାଏ। ଏହାପରେ ପୂଜାର୍ଚ୍ଚନା ଓ ଆଳତି କରାଯାଇ ଶ୍ରୀରାଧାକୃଷ୍ଣଙ୍କ ରାହାସ ଗୀତ ପରିବେଷଣ କରାଯାଏ। ମଠ ପରିଚାଳନା କମିଟି ଟ୍ରଷ୍ଟି ହଳଧର ଦାଶ, ପ୍ରାଧାପକ ପ୍ରଭାକର ସାମଲ, କ୍ଷୀରୋଦ ନାୟକ, ଚାଟରାଚକଡ଼ା ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା ଓ ହୃଷୀକେଶ ଦାସଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

### ସରକାରୀ ଯୋଜନାରୁ ବଞ୍ଚିତ ଦିବ୍ୟାଙ୍ଗ ନୟନା

କେନ୍ଦ୍ରାପଡା ଅଫିସ, ୧୧।୧୧
ଗରଦପୁର ବ୍ଲକ ନଡ଼ିଆବରେଇ ଗ୍ରାମର ଦିବ୍ୟାଙ୍ଗ ନୟନା ପଟ୍ଟନାୟକଙ୍କ ପାଇଁ ସରକାରୀ ଯୋଜନା ସାତସପନ ପାଲଟିଛି। ତାଙ୍କ ଝାଟିମାଟି ଘର ୧୯୯୯ ମସିହା ମହାବାତ୍ୟାରେ ଭାଙ୍ଗି ଯାଇଥିବା ବେଳେ ଏବେ ମଧ ବୃଦ୍ଧା ମା'ଙ୍କ ସହ ନୟନା ସେହି ଘରେ ପଡିରହିଛନ୍ତି। ୧୮ ବର୍ଷ ପୂର୍ବେ ବାପାଙ୍କ ମୃତ୍ୟୁ ହୋଇଥିବା ବେଳେ ମା'ଝିଅ ଦିଓଳି ଦିମୁଠା ଖାଇବା ଯୋଗାଡ଼ କରିବା ମଧ କଷ୍ଟକର ହୋଇପଡ଼ିଛି ବୋଲି ନୟନା କହିଛନ୍ତି। ସ୍ଥାନୀୟ ଲୋକ ପ୍ରତିନିଧି, ପ୍ରଶାସନ ନିକଟରେ ବିପିଏଲ କାର୍ଡ, ଅନ୍ତ୍ୟୋଦୟ କାର୍ଡ ଓ ବାସଗୃହ ଯୋଜନାରେ ସାମିଲ ପାଇଁ ଗୁହାରି କଲେ ମଧ୍ୟ କିଛି ସୁଫଳ ମିଳିନାହିଁ ବୋଲି କୋହଭରା କଣ୍ଠରେ କହିଛନ୍ତି ଦିବ୍ୟାଙ୍ଗ ନୟନା। ନୟନାଙ୍କୁ ମିଳୁଥିବା ଦିବ୍ୟାଙ୍ଗ ଭତ୍ତା ଓ ମା'ଙ୍କୁ ବିଧବା ଭତ୍ତା ହିଁ ସେମାନଙ୍କ ପାଇଁ ସବୁକିଛି। ଗରଦପୁରଠାରେ ସୋମବାର ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ନୟନା ଏ ସମ୍ପର୍କରେ ଜିଲାପାଳଙ୍କୁ ଜଣାଇଛନ୍ତି।

### ୨ ବଖରା ଜଳିଗଲା

ମହାକାଳପଡ଼ା, ୧୧।୧୧ (ଡି.ଏନ୍.ଏ.): ମହାକାଳପଡ଼ା ବ୍ଲକ ବଡ଼କୁଳ ପଞ୍ଚାୟତ ଅଧୀନ ଆୟତ୍ତପୁରର ଗ୍ରାମରେ ଅଗ୍ନିକାଣ୍ଡ ଘଟି କାଙ୍ଗାଳି ପ୍ରଧାନଙ୍କ ୨ବଖରା ଜଳିଯାଇଛି। ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବପତ୍ର ସହ ବର୍ଷକର ଖାଦ୍ୟ ସାମଗ୍ରୀ ଜଳିଯାଇଛି। ମାର୍ଶାଘାଇ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

■ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

# ଦିନକ ମଧ୍ୟରେ ଟଙ୍କା ପାଇବେ ଚାଷୀ

କେନ୍ଦ୍ରାପଡା ଅଫିସ, ୧୧।୧୧


ବୈଠକରେ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

ଚଳିତ ବର୍ଷ କେନ୍ଦ୍ରାପଡ଼ା ଜିଲାରେ ଚାଷୀଙ୍କଠାରୁ ବଳକା ଧାନ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ ସମ୍ପର୍କରେ କୌଣସି ଲକ୍ଷ୍ୟ ଧାର୍ଯ୍ୟ ହୋଇନାହିଁ। ଆସନ୍ତା ଡିସେମ୍ବର ଶେଷ ସପ୍ତାହ ଅଥବା ଜାନୁଆରୀ ପ୍ରଥମ ସପ୍ତାହରେ ଏହା ସ୍ଥିର ହେବ ବୋଲି ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ସୋମବାର ନିଷ୍ପତ୍ତି ହୋଇଛି। ଗତ ଆର୍ଥିକ ବର୍ଷରେ ୭୮୭୧୦.୩୮୫ ମେଟ୍ରିକ ଟନ ଧାନ ଆରଏମ୍‌ସି ଅଧୀନରେ ସଂଗ୍ରହ ହୋଇଥିଲା। ଜିଲାର ୧୧୫ଟି ପ୍ୟାକ୍ସ ଓ ଲ୍ୟାମ୍ପ୍ସ ମାଧ୍ୟମରେ ଧାନ ସଂଗ୍ରହ ହେବାକୁ ଥିବା ବେଳେ ଦିନକ ମଧ୍ୟରେ ବିକ୍ରୟକାରୀ ଚାଷୀଙ୍କ ପାସ୍‌ବୁକରେ ଟଙ୍କା ପହଞ୍ଚିବ ବୋଲି ସ୍ଥିର ହୋଇଛି। ଏଥିରେ ବ୍ୟତିକ୍ରମକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲାପାଳ ସମର୍ଥ ବର୍ମା ବୈଠକରେ ପ୍ରକାଶ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ବର୍ମା ଅଧ୍ୟକ୍ଷତା କରିଥିଲେ। ଏଥିରେ ଆଜି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ଜିଲା ପରିଷଦ ସଭାପତି ମାନସ କୁମାର ପରିଡ଼ା, ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର, ଜିଲା ବେସାମରିକ ଯୋଗାଣ ଅଧିକାରୀ ରଜନୀକାନ୍ତ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ୨୦୧୮-୧୯ ଆର୍ଥିକ ବର୍ଷର ଲକ୍ଷ୍ୟଧାର୍ଯ୍ୟ ଓ ସଫଳତା ଉପରେ ଆଲୋଚନା କରାଯାଇଥିଲା। ପରେ ୨୦୧୯-୨୦ ଆର୍ଥିକବର୍ଷ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ରାଜ୍ୟ ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ, ଜିଲାରେ ବଳକା ଧାନ ସଂଗ୍ରହ, ଚଳିତ ବର୍ଷ ପାଇଁ ଲକ୍ଷ୍ୟଧାର୍ଯ୍ୟ ଆବଣ୍ଟନ, ତହସିଲଦାରଙ୍କ ଦ୍ୱାରା କୃଷକ ପଞ୍ଜୀକରଣ ତଥ୍ୟ, ବ୍ୟାଙ୍କ ଆକାଉଣ୍ଟ ପଞ୍ଜୀକରଣ, ନିୟମିତ ଯାଞ୍ଚ, ଆରଏମ୍‌ସି ଏବଂ ପଞ୍ଚାୟତସ୍ତରୀୟ ପ୍ୟାକ୍ସ ଓ ଲ୍ୟାମ୍ପସର ଆବଶ୍ୟକ ପାରିପାର୍ଶ୍ୱିକ ସମ୍ବଳ, ଧାନ ସଂଗ୍ରହର ତାରିଖ ଧାର୍ଯ୍ୟକୁ ନେଇ ଆଲୋଚନା ହୋଇଥିଲା। ଚଳିତବର୍ଷ ଡିସେମ୍ବର ମାସରୁ ୨୦୨୦ ଅପ୍ରେଲ ୩୦ତାରିଖ ପର୍ଯ୍ୟନ୍ତ ଚାଷୀଙ୍କଠାରୁ ବଳକା ଧାନ ସଂଗ୍ରହ କରାଯିବ ବୋଲି ଏଠାରେ ନିଷ୍ପତ୍ତି ହୋଇଥିଲା। ପ୍ରତି ଏକର ଜଳସେଚିତ ଜମି ପାଇଁ ଜଣେ ଚାଷୀ ୧୯ କୁଇଣ୍ଟାଲ ଓ ପ୍ରତି ଏକର ଅଣ ଜଳସେଚିତ ଜମି ପାଇଁ ୧୩ କୁଇଣ୍ଟାଲ ଧାନ ବିକ୍ରୟ କରିପାରିବେ ବୋଲି ଏଠାରେ ସୂଚନା ମିଳିଥିଲା। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କଠାରୁ ଅଗ୍ରାଧିକାର ଭିତ୍ତିରେ ଧାନ ସଂଗ୍ରହ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ସାଧାରଣ ଗ୍ରେଡ୍ ଧାନ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ୧୮୧୫ ଟଙ୍କା, ଏ ଗ୍ରେଡ ଧାନ ପାଇଁ କୁଇଣ୍ଟାଲ ପିଛା ୧୮୫୦ ଟଙ୍କା ସର୍ବନିମ୍ନ ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି। ସୂଚନାଯୋଗ୍ୟଯେ, ଚଳିତବର୍ଷ ମୋଟ ୩୪,୨୦୫ ଜଣ ଚାଷୀ ବଳକା ଧାନ ବିକ୍ରୟ ପାଇଁ ନାମ ପଞ୍ଜିକରଣ କରିଛନ୍ତି। ବୈଠକରେ ଏଆରସିଏସ ଅଶୋକ କୁମାର ବେହେରା, ଆରଏମ୍‌ସି ସମ୍ପାଦକ ଅଜୟ କୁମାର ରାଉତ, ସମସ୍ତ ତହସିଲଦାର, ଏମଆଇ, ଚାଷୀ ପ୍ରତିନିଧିମାନେ ସାମିଲ ହୋଇଥିଲେ।

# ଦାଦନ ଖଟିବା ପାଇଁ ବାଟ ଦେଖାଇଲା ବୁଲ୍‌ବୁଲ୍

କେନ୍ଦ୍ରାପଡା ଅଫିସ, ୧୧।୧୧

ସାମୁଦ୍ରିକ ଝଡ ବୁଲ୍‌ବୁଲ୍‌ର ମାଡରେ କେନ୍ଦ୍ରାପଡା ଜିଲା ଦୋହଲି ଯାଇଛି । ବିଦ୍ୟୁତ, ପାନୀୟ ଜଳ, ଗମନାଗମନ ପଥକୁ ଜିଲା ପ୍ରଶାସନ ସଜାଡିବାରେ ଲାଗି ପଡିଛି । ତେବେ ଜିଲାର ୪ ବ୍ଲକ ଅଞ୍ଚଳରେ ହୋଇଥିବା କ୍ଷତି ଅଞ୍ଚଳବାସୀଙ୍କୁ ଦାଦନ ଖଟିବା ପାଇଁ ବାହାରକୁ ଯିବାକୁ ବାଧ୍ୟ କରିଛି । ଜିଲା ପ୍ରଶାସନ ପକ୍ଷରୁ ଶନିବାର ଜାରି ହୋଇଥିବା ରିପୋର୍ଟ ଅନୁଯାୟୀ ଜିଲାରେ ମୋଟ ୪୭୮ଟି ଘର ଭାଙ୍ଗିଥିବା ଆକଳନ କରାଯାଇଛି । ଆଳି, ରାଜକନିକା, ରାଜନଗର ଓ ମହାକାଳପଡା ଅଞ୍ଚଳରେ ୮ ହଜାରରୁ ଅଧିକ କଚ୍ଚା ଘର ବିଭିନ୍ନ କାରଣରୁ ନଷ୍ଟ ହୋଇଛି । ସେହିପରି ପନିପରିବା ଓ ଖରିଫ ଚାଷ ଜିଲାର ବିଭିନ୍ନ ସ୍ଥାନରେ ନଷ୍ଟ ହୋଇଥିବା ସୂଚନା ମିଳିଛି । ବୁଲବୁଲ ପାଇଁ ହୋଇଥିବା କ୍ଷତି ସମ୍ପର୍କରେ ରାଜନଗରର ଚାଷୀ ପ୍ରତ୍ୟୁଷ ନାୟକ କହିଛନ୍ତି ଯେ, ଏହି ବ୍ଲକ ଅଞ୍ଚଳରେ ସର୍ବାଧିକ ବର୍ଷା ହୋଇଥିବା ବେଳେ ଝଡ ପ୍ରକୋପ ବହୁତ ଥିଲା । ଫଳରେ ଚାଷ ଜମିରେ ପାଣି ଜମି ରହିଛି । ପବନରେ ସମସ୍ତ ଚାଷ ଉଜୁଡି ଯାଇଛି । ବିଭିନ୍ନ ସ୍ଥାନରୁ ଚାଷୀ ଋଣ କରି ଚାଷ କରିଥିଲେ । ଅମଳ ସମୟ ଆସିବା ପୂର୍ବରୁ ବୁଲବୁଲ ଚାଷୀର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି । ଏବେ ଋଣ ଶୁଝିବା ପାଇଁ ଦାଦନ ଖଟିବାକୁ ବିଦେଶକୁ ଯିବାକୁ ହେବ ବୋଲି ଚାଷୀ ନାୟକ ପ୍ରକାଶ କରିଛନ୍ତି । ମହାକାଳପଡା ବ୍ଲକ ରାମନଗରର ସୁକାନ୍ତି ସ୍ୱାଇଁ କହିଛନ୍ତି ଯେ, ବୁଲବୁଲ ତଳିତଳାନ୍ତ କରିଛି । କଚ୍ଚାଘର ମାଟିରେ ମିଶି ଯାଇଛି । ଦୈନିକ ମଜୁରୀ ଖଟି ୬ ପ୍ରାଣୀ କୁଟୁମ୍ବର ଭରଣପୋଷଣ ପରେ ଘର ଖଣ୍ଡେ କରି ହେଉନାହିଁ । ବିଭିନ୍ନ କାରଣରୁ ସରକାରଙ୍କ ବାସଗୃହ ଯୋଜନାରେ ସାମିଲ ହେଉନାହିଁ । ଗତ ଫନୀ ବାତ୍ୟା ଆମର ବହୁ କ୍ଷତି ଘଟାଇ ଥିବା ବେଳେ ବୁଲବୁଲ ଏବେ ସର୍ବସ୍ୱାନ୍ତ କରିଛି । ଆଗାମୀ ସମୟ କେମିତି କଟିବ ସେହି ଚିନ୍ତାରେ ଥିବା ସୁକାନ୍ତି ପ୍ରକାଶ କରିଛନ୍ତି । ରାଜନଗର ବ୍ଲକ ବାରହାପୁର ଗ୍ରାମର ପରିବେଶବିତ୍ ହେମନ୍ତ କୁମାର ରାଉତ କୁହନ୍ତି ଯେ, କେନ୍ଦ୍ରାପଡା ଜିଲା ଏବେ ପ୍ରାକୃତିକ ବିପର୍ଯ୍ୟୟର ପେଣ୍ଠସ୍ଥଳ ହୋଇଛି । ଏହାର କାରଣ ପରିବେଶ ଏବେ ଅସନ୍ତୁଳିତ ହୋଇପଡିଛି । ଜିଲାର ସୁରକ୍ଷା ପ୍ରାଚୀର ହେନ୍ତାଳ ବଣକୁ କଟାଯାଇ ଚିଙ୍ଗୁଡି ଚାଷ ହେଉଛି । ସମୁଦ୍ର ମାଡି ଆସିବା ଫଳରେ ସାତଭାୟାବାସୀଙ୍କୁ ଏହି ବ୍ଲକର ବଗପାଟିଆରେ ଥଇଥାନ କରାଯାଇଛି । ସେହିପରି ଭିତରକନିକାରେ ଦେଶୀୟ ପକ୍ଷୀ ବାରମ୍ବାର ବାସସ୍ଥାନ ପରିବର୍ତ୍ତନ କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଅଦ୍ୟାବଧି କୌଣସି କାର୍ଯ୍ୟକ୍ରମ ହାତକୁ ନିଆଯାଇନାହିଁ । ବୁଲବୁଲ ବାତ୍ୟା ଜିଲାର ଚାଷୀ, ଶ୍ରମିକଙ୍କ ଅଣ୍ଟା ଭାଙ୍ଗିଥିବାରୁ ଅର୍ଥ ପାଇଁ ବାହାରକୁ ଯିବା ନିଶ୍ଚିତ ହୋଇଯାଇଛି । ଜଇପୁରା ଗ୍ରାମର ସାମାଜିକ କର୍ମୀ ସାବିର ଖାନ କହିଛନ୍ତି ଯେ, ବୁଲବୁଲ ଯିବାର ଇତିମଧ୍ୟରେ ୨୪ ଘଣ୍ଟା ବିତିଛି । ତେବେ ପ୍ରଶାସନିକ ଅଧିକାରୀ ଜିଲାର କ୍ଷୟକ୍ଷତିର ଆକଳନ କରିନାହାନ୍ତି । କ୍ଷୟକ୍ଷତିର ଆକଳନ କରି ତୁରନ୍ତ କ୍ଷତିପୂରଣ ପ୍ରଦାନ କରା ନ ଗଲେ ଜିଲାର ବହୁ ଶ୍ରମିକ ଓ କୃଷି ଶ୍ରମିକ ଦାଦନ ଖଟିବେ ବୋଲି ସେ ମତ ଦେଇଛନ୍ତି । ଏନେଇ ଜିଲାପାଳ ସମର୍ଥ ବର୍ମା କହିଛନ୍ତି ଯେ, ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଉଛି । ଆସନ୍ତା ୩ ଦିନ ମଧ୍ୟରେ ଏହାର ରିପୋର୍ଟ ପ୍ରଦାନ କରାଯିବ । କ୍ଷତିଗ୍ରସ୍ତଙ୍କୁ ସହଯୋଗ ମିଳିବ ବୋଲି ଜିଲାପାଳ ବର୍ମା ଆଶ୍ୱାସନା ଦେଇଛନ୍ତି ।

### ହଜାର ହଜାର ହେକ୍ଟର ଫସଲ ନଷ୍ଟ

ରାଜକନିକା, ୧୧।୧୧ (ଡି.ଏନ୍.ଏ.)

ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା 'ବୁଲ୍‌ବୁଲ୍' ରାଜକନିକା ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହା ପ୍ରଭାବରେ ହଜାର ହଜାର ହେକ୍ଟର ଫସଲ ହାନି ଘଟିଥିବା ବେଳେ ଅନେକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଛି। ଏଥିସହିତ ବାତ୍ୟା ବେଳେ ବ୍ଲକ ଅଞ୍ଚଳର ୨ ବୃଦ୍ଧ (ଗଜରାଜପୁର ଗଣେଶ୍ୱର ମଳିକ ଓ ବାଜପୁରର ଗୟାଧର ସାହୁ)ଙ୍କ ମୃତ୍ୟୁ ଘଟିଛି। ତେବେ ବାତ୍ୟା ମୁକାବିଲା ପାଇଁ ପ୍ରଶାସନିକସ୍ତରରେ ଆବଶ୍ୟକ ବ୍ୟବସ୍ଥା କରାଯାଇ ନ ଥିବାରୁ ଅଦ୍ୟାବଧି ଅଧିକାଂଶ ସ୍ଥାନକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇ ପରିନାହିଁ। ଧାନ ଅମଳ ହେବାକୁ ଆଉ ଅଳ୍ପ ଦିନ ଥିବା ବେଳେ ଜମିରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଥିବାରୁ ଧାନ ପଚିବା ଆରମ୍ଭ ହେଲାଣି। ସହସ୍ରାଧିକ ହେକ୍ଟର ଧାନ ଫସଲ ନଷ୍ଟ ହୋଇଥିବା ବେଳେ ପ୍ରାୟ ୨୪ ହଜାର ହେକ୍ଟର ଜମିରେ ବିରି ଓ ପନିପରିବା ସମୂଳେ ନଷ୍ଟ ଯାଇଛି। ତେବେ ସ୍ଥାନୀୟ ଆର୍‌ଆଇମାନଙ୍କୁ କ୍ଷୟକ୍ଷତିର ଆକଳନ କରିବାକୁ ଦାୟିତ୍ୱ ଦିଆଯାଇଥିବା ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଜ୍ଞାନ ଜାଣେନା କିଛି;
ଅମଣିଷ ମାନେନା କିଛି ।**

ଯିଏ ଅଜ୍ଞାନ, ବିଚାର ବୁଦ୍ଧି ହୀନ ସିଏ କିଛି ଭଲମନ୍ଦ ଜାଣିପାରି ନ ଥାଏ। ଅତି ସାଧାରଣ ବିଷୟରେ ମଧ ତା'ର ଜ୍ଞାନ ନ ଥାଏ। ସେହିପରି ଯିଏ ଅମଣିଷ ତାକୁ ବାଟକୁ ଆଣିବା କଷ୍ଟକର ହୋଇଯାଇଥାଏ। କାହା କଥାକୁ ଏମାନଙ୍କ ଭ୍ରୂକ୍ଷେପ ନ ଥାଏ କି କାହାର ହିତୋପଦେଶ ଏମାନଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅନ୍ତରରେ ଗୁହ,
ଆଖିରେ ଲୁହ ।**

ଆପଣାର ଭାବ ଦେଖାଇ ମୁହଁ ସାମ୍‌ନାରେ ଚାଟୁବଚନ, ପରୋକ୍ଷରେ ଶତ୍ରୁତା ଆଚରଣ । ଯିଏ ପଛରୁ ଛୁରି ଭୁସେ, ସାମ୍‌ନାରେ ଭଲେଇ ହୋଇ ପଛରେ ଅନିଷ୍ଟ ଘଟାଏ ସେ ସବୁଠାରୁ କ୍ଷତିକାରକ ଏବଂ ଘୃଣ୍ୟ ବ୍ୟକ୍ତି ରୂପେ ପରିଗଣିତ ହୋଇଥାଏ। କିଛି ବ୍ୟକ୍ତି ମୁହଁରେ ଭଲେଇ ହୋଇ କଥାକହି ବିଶ୍ୱାସ ଜନ୍ମେଇଥାନ୍ତି। କିନ୍ତୁ ପଛରେ ଗାତଖୋଳି ଖାଲରେ ପକାଇବାକୁ ଚେଷ୍ଟା ଚଳେଇଥାନ୍ତି। ମୁହଁରେ ହସ ପେଟରେ ବିଷ ଭରି ରହିଥିବା ଏପରି କପଟାଚାରୀ ବିଶ୍ୱାସଘାତକ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଜିଲାସ୍ତରୀୟ ଶିଶୁ ମହୋତ୍ସବ


ସୁରଭି ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

କେନ୍ଦ୍ରାପଡା ଅଫିସ୍, ୧୧।୧୧
କେନ୍ଦ୍ରାପଡ଼ା ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସୋମବାର ସହରର ଟାଉନ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଶିକ୍ଷା ପକ୍ଷରୁ ଆୟୋଜିତ ଏହି ମହୋତ୍ସବରେ ଡିଇଓ କଳ୍ପନା ବେହେରା ଅଧ୍ୟକ୍ଷତା କରିଥିଲେ। ଉଦ୍‌ଘାଟନୀ ସଭାରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ଜିଲା ପରିଷଦ ସଭାପତି ମାନସ କୁମାର ପରିଡ଼ା, ଜିଲା ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ନାୟକ, ବିଇଓ ଅନ୍ତର୍ଯ୍ୟାମୀ ନାୟକ, ଏବିଇଓ ଭାଗୀରଥୀ ନନ୍ଦ, ଶିକ୍ଷାବିତ୍ ସୁଧାଂଶୁ କୁମାର ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମଞ୍ଚାସୀନ ସମସ୍ତ ଅତିଥି ସୁରଭିର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ପ୍ରାଚୀନ ଓ ଆଧୁନିକ ଶିକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ତର୍ଜମା କରିଥିଲେ। ସେମାନେ କହିଥିଲେ ଯେ, ଗୁରୁକୁଳ ପରମ୍ପରା ହେଉ ଅଥବା ଆଧୁନିକ ଶୈଳୀରେ ପାଠପଢ଼ା ହେଉ, ସବୁ ସମୟରେ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଶିଶୁଙ୍କ ବିକାଶ ପାଇଁ ମାତାପିତାଙ୍କଠାରୁ ଆରମ୍ଭ କରି ସ୍କୁଲର ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବ୍ଲକସ୍ତରୀୟ କୃତୀ ପ୍ରତିଯୋଗୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରରେ ଭାଗ ନେବା ପାଇଁ ବଛାଯାଇଥିଲା। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ସେହିପରି ଜିଲାର ୪୨୫ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଗରିମା ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଂଗୀତ ଗାନ କରିବା ସହ ନୃତ୍ୟ ପ୍ରଦର୍ଶନ କରିଥିଲେ। ସିଆରସିସି ଅନନ୍ତ କୁମାର ନାୟକ, ରାଜେନ୍ଦ୍ର ପ୍ରସାଦ ରାଉତ, ରାଧାନାଥ ମିଶ୍ର, ସେକ୍ ରସିଉଦ୍ଦିନ, ବଳଦେବ ଜେନା, ଚିତ୍ତରଞ୍ଜନ ଜେନା ପ୍ରମୁଖ ସଭା ପରିଚାଳନା କରିଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
MICRO FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8278449759
8901395759
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

LOAN DHAMAKA
1) Mudra Loan
2) Term Loan
3) Cash Credit
4) Vehicle Loan
5) Housing Loan
6) Agriculture Loan
7) Used Car Loan
8) Mortgaged Loan
PD ASSOCIATE
91, Kharvela Nagar, BBSR
8895436156

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

BUSINESS

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

EDUCATION

LAST DATE OF ADMISSION ON 10/11/2019
B.Ed
Acharya Nagarjuna University Equivalent to Govt. of Odisha
FREE Practical, Study Material, Formfillup fees & Weekend Class
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

DHARITRI Career appointment Every Wednesday and Saturday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଗରଦପୁରରେ ଜିଲାସ୍ତରୀୟ ଜନଶୁଣାଣି

# ୨୭୫ ଅଭିଯୋଗ ଶୁଣିଲେ ଜିଲାପାଳ, ଏସ୍‌ପି

**ପାଟକୁରା ୧୧।୧୧ (ଡ଼ି.ଏନ୍.ଏ)**

କେନ୍ଦ୍ରାପଡ଼ା ଜିଲାପାଳ ସମର୍ଥ ବର୍ମା ଓ ଏସ୍‌ପି ନୀତିଶେଖରଙ୍କ ମିଳିତ ଜିଲାସ୍ତରୀୟ ଜନଶୁଣାଣି ଶିବିର ସୋମବାର ଗରଦପୁର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଓ ଏସ୍‌ପି ଉପସ୍ଥିତ ରହି ୨୭୫ ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ୧୯ଜଣଙ୍କୁ ୪୪ହଜାର ଟଙ୍କା ଚିକିତ୍ସା ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ କେନ୍ଦ୍ରାପଡ଼ା ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ ପରିଡ଼ା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ଉର୍ମିଳା ମିଶ୍ର, ଉପଜିଲାପାଳ ଅଙ୍କିତା ଆନନ୍ଦିତା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ କୁମାର ଦାସ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଚିନ୍ମୟୀ ରଥ, ଗରଦପୁର ବିଡିଓ ଧରଣୀଧର ବେହେରା ଉପସ୍ଥିତ ଥିଲେ।

ଆବାସ ଯୋଜନାରେ ଘର ପାଇ ନ ଥିବା ନେଇ ପାଖଡ଼ ଗ୍ରାମର ଭାଗବତ ସାହୁ ଓ ପାଟକୁରା ଗ୍ରାମର ସେକ୍ ବୁଦ୍ଧୁ ଅଭିଯୋଗ କରିଥିଲେ। କାଳିଆ ଟଙ୍କା ପାଇ ନଥିବା ପନ୍ଦିଆ ଗ୍ରାମର ହେମନ୍ତ ପାଣି ଓ ବାସୁଦେଇପୁର ଗ୍ରାମର ସଂଗ୍ରାମ ନାୟକ ଅଭିଯୋଗ କରିଥିଲେ। ସେହିପରି ୨୦୧୩ରେ ମ୍ୟୁଟେସନ୍ ପାଇଁ ଦାଖଲ କରିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଗରଦପୁର ତହସିଲ୍‌ରେ କାର୍ଯ୍ୟ ହୋଇନଥିବା ଅଣ୍ଡାଲୋ ଗ୍ରାମର ପ୍ରମୋଦ ଦ୍ୱିବେଦୀ ଅଭିଯୋଗ କରିଥିଲେ। ପର୍ଯ୍ୟଟନ କ୍ଷେତ୍ର ଗଦାଧର ପୀଠର ଉନ୍ନତି ପାଇଁ ଗୋଲେଖ ସାହୁ ଦାବି କରିଥିଲେ। ଧରଣୀଧର ବେହେରା ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଇଦେବାକୁ ନିବେଦନ କରିଥିଲେ। ଗରଦପୁର ବ୍ଲକକୁ ସମ୍ପୂର୍ଣ୍ଣ ବାହ୍ୟ ମଳମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିବା ପାଇଁ ଆଇନ କଡ଼ାକଡ଼ି କରିବାକୁ ନଡ଼ିଆବରାଇ ଗ୍ରାମର ଶେଷଦେବ ପରିଜା ନିବେଦନ କରିଥିଲେ। ବଙ୍ଗାରୀ ଗ୍ରାମର ଶରତ ସ୍ୱାଇଁଙ୍କ ଜାଗାରେ ପଡ଼ୋଶୀ ଘର କରିଥିବା ନେଇ ସେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାନଅଡ଼ଙ୍ଗା ଗ୍ରାମରୁ ମଦ ଦୋକାନ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଗ୍ରାମର ରଞ୍ଜିତ କୁମାର ଆଚାର୍ଯ୍ୟ, ଅମିୟ କୁମାର ସାହୁ ପ୍ରମୁଖ ନିବେଦନ କରିଥିଲେ। କୋଶିଦା ଗ୍ରାମର ପ୍ରତିମା ବେହେରା ଜୀବିତ ଥିବା ବେଳେ ତାଙ୍କୁ ମୃତ ଦର୍ଶାଇ ତାଙ୍କ ରାଶନ କାର୍ଡ ଦିଆଯାଇଥିବା ପ୍ରତିମା ଅଭିଯୋଗ କରିଥିଲେ। କେତେକ ଅଭିଯୋଗର ସଙ୍ଗେସଙ୍ଗେ ସମାଧାନ କରାଯାଇଥିବା ବେଳେ ଅନ୍ୟ ଅଭିଯୋଗଗୁଡ଼ିକୁ ତୁରନ୍ତ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଧୀର ବେହେରା, ପ୍ରାଣୀଧନ ଚିକିତ୍ସକ ଡ.ସଞ୍ଜୟ ବେହେରା, ସବ୍‌ରେଜିଷ୍ଟ୍ରାର ଦିଲୀପ ସେଠୀ, ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ମହାନ୍ତି, ଅତିରିକ୍ତ ତହସିଲଦାର ଉମାକାନ୍ତ ବିଶ୍ୱାଳ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ମତ୍ସ୍ୟ ଅଧିକାରୀ ଶଙ୍କର୍ଷଣ ପଣ୍ଡା ଓ ଚୈତନ୍ୟ ବିଶ୍ୱାଳ ପ୍ରମୁଖ ଶିବିରରେ ଉପସ୍ଥିତ ରହି ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ।



କ୍ଷତିପୂରଣ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଅନଶନରେ ବସିଛନ୍ତି।

# ତିତ୍‌ଲି କ୍ଷତିପୂରଣ ଦାବିରେ ଅନଶନ

**କେନ୍ଦ୍ରାପଡା ଅଫିସ, ୧୧।୧୧**

୨୦୧୮ ଅକ୍ଟୋବରରେ ସାମୁଦ୍ରିକ ଝଡ଼ ତିତ୍‌ଲି ପ୍ରଭାବରେ କେନ୍ଦ୍ରାପଡା ଜିଲାରେ ଅନେକ ଫସଲ ନଷ୍ଟ ହୋଇଥିଲା। ତେବେ ଏ ପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଫସଲ ବୀମା ମିଳି ନ ଥିବାରୁ କପାଳେଶ୍ୱର ପଞ୍ଚାୟତ ଜଜାଙ୍ଗ ଗ୍ରାମର ହରେକୃଷ୍ଣ ବେହେରାଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଅନଶନରେ ବସିଥିଲେ। କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ଓ ଏଡିଏମ୍ ବସନ୍ତ କୁମାର ରାଉତ ଏହି ସମସ୍ୟା ଆସନ୍ତା ସପ୍ତାହକ ମଧ୍ୟରେ ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଛି। ଏ ନେଇ ହରେକୃଷ୍ଣ କହିଛନ୍ତି, ତିତ୍‌ଲି ପ୍ରଭାବରେ ସ୍ଥାନୀୟ ପଞ୍ଚାୟତ ଚାଷଜମିରେ ବହୁଦିନ ଧରି ବର୍ଷା ଜଳ ଜମି ରହିଥିଲା। ଏହାଫଳରେ ୭୦ରୁ ୮୦ ଭାଗ ଫସଲ ନଷ୍ଟ ହୋଇଥିବା କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଥିଲା। ଜିଲାର ବିଭିନ୍ନ ପଞ୍ଚାୟତରେ ୫୦ ପ୍ରତିଶତ ଫସଲ ନଷ୍ଟ ହୋଇଥିବା ବେଳେ ଫସଲ ବୀମା ଅର୍ଥ ଚାଷୀଙ୍କୁ ମିଳିସାରିଛି। କିନ୍ତୁ ଅଦ୍ୟାବଧି କପାଳେଶ୍ୱର ପଞ୍ଚାୟତର ଚାଷୀଙ୍କୁ ଏହି ପ୍ରାପ୍ୟ ମିଳିନାହିଁ। ତେଣୁ ତୁରନ୍ତ ଚାଷୀଙ୍କୁ ଫସଲ ବୀମା ବାବଦ ରାଶି ଯୋଗାଇ ଦେବାକୁ ଅନଶନ କରାଯାଇଥିବା ହରେକୃଷ୍ଣ କହିଛନ୍ତି। ଅନଶନସ୍ଥଳରେ ହରେକୃଷ୍ଣଙ୍କ ସହ ଚାଷୀ ପରମାନନ୍ଦ ମହାନ୍ତି, ମହେଶ୍ୱର ପଣ୍ଡା, ଜିତେନ୍ଦ୍ର କୁମାର ସାହୁ, ନୃସିଂହ ଚରଣ ନାୟକ, ଚୈତନ୍ୟ ଭଦ୍ର ପ୍ରମୁଖ ସାମିଲ ହୋଇଥିଲେ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ସେମିନାର

**କେନ୍ଦ୍ରାପଡା ଅଫିସ, ୧୧।୧୧**

ସହରର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟ ପରିସରରେ ସଂସ୍କୃତ ଓ ଗଣିତ ବିଭାଗର ସେମିନାର ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ସ୍ମୃତିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଂସ୍କୃତ ସେମିନାରରେ ପାଣିନୀଙ୍କ ବ୍ୟାକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ବ୍ୟାକରଣବିତ୍ ଡ. ପ୍ରଦୀପ କୁମାର ମିଶ୍ର, ଅଧ୍ୟାପକ ଡ. ନିର୍ମଳ ସୁନ୍ଦର ମିଶ୍ର ଆଲୋଚକ ଭାବେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ପଦ୍ମଜା କବି ଶତପଥୀ, ଛାତ୍ରୀ ସୁବାସିନୀ ଦାଶ ଏହାକୁ ପରିଚାଳନା କରିଥିଲେ। ସେହିପରି ଅଧ୍ୟକ୍ଷ ଡ. ବେହେରାଙ୍କ ଅଧ୍ୟକ୍ଷତାରେ ଗଣିତ ବିଭାଗ ସେମିନାରରେ ମଲଟି ଭାଲ୍ୟୁଡ ଲଜିକ ଆଣ୍ଡ ପରଫେକ୍ଟ ନମ୍ବର୍ସ ଶୀର୍ଷକ ବିଷୟରେ ଆଲୋଚନା ହୋଇଥିଲା। ପ୍ରାଧ୍ୟାପକ ଡ. ସୁରେନ୍ଦ୍ର ପ୍ରସାଦ ଜେନା, ପ୍ରାଧ୍ୟପକ ଅଶୋକ କୁମାର ଦାସ ରିସୋର୍ସ ପର୍ସନ ଭାବେ ଏନେଇ ଆଲୋଚନା କରିଥିଲେ।

## ଅଳିଆ ହଟାଇବାକୁ ନେଇ ଗଣ୍ଡଗୋଳ: ୩ କୋର୍ଟ ଚାଲାଣ

**ମାର୍ଶାଘାଇ, ୧୧।୧୧ (ଡି.ଏନ୍.ଏ.):** ମାର୍ଶାଘାଇ ଥାନା ଦହିମାଛ ଗ୍ରାମ ଉନ୍ନୟନ ବିଭାଗ ସରକାରୀ ରାସ୍ତାରୁ ଅଳିଆ ହଟାଇବାକୁ କେନ୍ଦ୍ର କରି ଉଭୟ ପାର୍ଶ୍ୱରେ ଥିବା ଦୁଇ ପରିବାର ମଧରେ ଗଣ୍ଡଗୋଳ ହୋଇଛି। ଏଥିରେ ଉଭୟ ପରିବାରର ୨ ଜଣ ଆହତ ହୋଇଥିବା ବେଳେ ୩ ଜଣଙ୍କୁ ଗିରଫ ହୋଇଛନ୍ତି। ସେମାନେ ହେଲେ ପ୍ରତାପ ରାଉତ (୫୨), କାଞ୍ଚନବାଳା ଖଟୁଆ (୪୦) ଓ ମନୋରଞ୍ଜନ ଖଟୁଆ(୫୦)। ପ୍ରକାଶ ଯେ, ଅପରାହ୍ଣରେ କାଞ୍ଚନବାଳା ରାସ୍ତା ଓଳାଉଥିବା ବେଳେ ପ୍ରତାପଙ୍କ ଘର ଆଗରେ ଅଳିଆ ପଡ଼ିଯାଇଥିଲା। ପ୍ରତାପ ତାଙ୍କୁ ଅଳିଆ ହଟାଇବାକୁ କହିବା ପରେ ଉଭୟ ପରିବାର ମଧରେ ଯୁକ୍ତିତର୍କ ହେବା ସହ ଉଭୟ ପକ୍ଷ ପରସ୍ପରକୁ ଆକ୍ରମଣ କରିଥିଲେ। ଏଥିରେ ପ୍ରତାପ ଓ କାଞ୍ଚନବାଳାଙ୍କ ସ୍ୱାମୀ ମନୋରଞ୍ଜନ ସାମାନ୍ୟ ଆହତ ହୋଇଥିଲେ। ଉଭୟ ପକ୍ଷରୁ ଥାନାରେ ପୃଥକ୍ ଅଭିଯୋଗ ହୋଇଥିଲା। କାଞ୍ଚନବାଳାଙ୍କ ଅଭିଯୋଗ ଆଧାରରେ ପୋଲିସ ୨୭୪/୧୯ ନଂ.ରେ ଏକ ମାମଲା ରୁଜୁ କରି ପ୍ରତାପଙ୍କୁ ଗିରଫ କରିଛି। ଏଥିସହ ପ୍ରତାପଙ୍କ ପରିବାର ସଦସ୍ୟ ସୁଶାନ୍ତଙ୍କ ଅଭିଯୋଗକ୍ରମେ ୨୭୫/୧୯ ନଂ.ରେ ମାମଲା ରୁଜୁ କରି କାଞ୍ଚନବାଳା ଓ ମନୋରଞ୍ଜନଙ୍କୁ ଗିରଫ କରାଯାଇଛି।

## ଅସ୍ତ୍ରୋପଚାର ବେଳେ ପ୍ରସୂତିଙ୍କ ଖାଦ୍ୟନଳୀ କଟି ମୃତ୍ୟୁ ଘଟଣା

# ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି



ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ।

**କେନ୍ଦ୍ରାପଡା ଅଫିସ, ୧୧।୧୧**

କେନ୍ଦ୍ରାପଡା ଟାଉନ ଥାନା ଅଧୀନ ଚାଟରାପାଟଣା ଗ୍ରାମର ମଧୁସ୍ମିତା ସାହୁଙ୍କ ଅସ୍ତ୍ରୋପଚାର ବେଳେ ଖାଦ୍ୟ ନଳୀ କଟିଯିବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଏହି ଘଟଣାର ତଦନ୍ତ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଶ୍ରୀଶ୍ରୀ ରାଧାଗୋବିନ୍ଦ ଜୀଉ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସୋମବାର ଦାବି କରିଛନ୍ତି। ଏ ନେଇ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନ ହେବ ବୋଲି ଗୋଷ୍ଠୀ ସଦସ୍ୟାମାନେ ଚେତାବନୀ ଦେଇଛନ୍ତି। ସଦସ୍ୟା ମମତା ପୃଷ୍ଟି ଓ ନିରୁପମା ପୃଷ୍ଟି ଏ ସମ୍ପର୍କରେ କହିଛନ୍ତି, ଗତ ଅକ୍ଟୋବର ୨୨ ତାରିଖରେ ମଧୁସ୍ମିତାଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ଅସ୍ତ୍ରୋପୋଚାର ସମୟରେ ପ୍ରସୂତିଙ୍କ ଖାଦ୍ୟନଳୀ କାଟି ଦେଇଥିଲେ। ଅସ୍ତ୍ରୋପଚାର ପରେ କ୍ଷତ ନ ଶୁଖିବାରୁ ପରିବାର ଲୋକେ ତାଙ୍କୁ କଟକ ବଡ ମେଡିକାଲ ନେବାକୁ ଚାହିଁଥିଲେ। କିନ୍ତୁ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ମଧୁସ୍ମିତାଙ୍କୁ ୮ଦିନ ମେଡିକାଲରେ ରଖିବା ପରେ କଟକ ରେଫର କରିଥିଲେ। କିନ୍ତୁ ପରିବାର ଲୋକେ ତାଙ୍କୁ କଟକ ବଡ଼ ମେଡିକାଲକୁ ନ ନେଇ ଏକ ନର୍ସିଂହୋମ୍‌କୁ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୮ ତାରିଖରେ ମଧୁସ୍ମିତାଙ୍କର ମୃତ୍ୟୁ ଘଟିଛି। ଡାକ୍ତରଙ୍କର ଭୁଲ୍ ଚିକିତ୍ସା ଯୋଗୁ ମଧୁସ୍ମିତାଙ୍କ ମୃତ୍ୟୁ ହୋଇଥିବା ବେଳେ ଏ ନେଇ ଥାନାରେ ଅଭିଯୋଗ ହୋଇଛି। ହେଲେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନହିଁ। ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ ନ କଲେ ଆନ୍ଦୋଳନ ହେବ ବୋଲି ରାଧାଗୋବିନ୍ଦ ଜୀଉ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ କହିଛନ୍ତି। ଦାବି ପତ୍ର ପ୍ରଦାନ ସମୟରେ ଗୋଷ୍ଠୀର ୩୦ରୁ ଊର୍ଦ୍ଧ୍ୱ ସଦସ୍ୟା ଉପସ୍ଥିତ ଥିଲେ।

## ବାତ୍ୟା ବିପନ୍ନଙ୍କୁ ଭେଟିଲେ ଏମ୍‌ପି

**ରାଜନଗର, ୧୧।୧୧ (ଡି.ଏନ୍.ଏ.):** ବୁଲବୁଲ ବାତ୍ୟାରେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକରେ ବ୍ୟାପକ କ୍ଷତି ହୋଇଛି। ସୋମବାର କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ରାଜନଗରର ପେଣ୍ଠ ଗ୍ରାମରେ ପହଞ୍ଚି ବିପନ୍ନଙ୍କୁ ଭେଟିଛନ୍ତି। ଏହାପରେ ସେ ପ୍ରସନ୍ନପୁର, କୁରୁଣ୍ଟି, ଓକିଲପାଳ ଏବଂ ବଗପାଟିଆ ଥଇଥାନସ୍ଥଳୀରେ ପହଞ୍ଚିଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଉଜୁଡି ଯାଇଥିବା ଧାନ ଫସଲ ସମ୍ପର୍କରେ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦେବେ ବୋଲି ଏମ୍‌ପି ମହାନ୍ତି ପ୍ରତିଶ୍ରୁତି ଦେଇଛନ୍ତି। ଏମ୍‌ପିଙ୍କ ଗସ୍ତ ସମୟରେ ରାଜନଗର ବିଧାୟକ ଧ୍ରୁବ ସାହୁ, ଏମ୍‌ପିଙ୍କ ପ୍ରତିନିଧି ଅଶୋକ କୁମାର ପ୍ରତିହାରୀ, ସରପଞ୍ଚ ଶ୍ରୀକାନ୍ତ ପ୍ରଧାନ, ଜ୍ଞାନର କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ରାଉତ, ସବିତା ସେଠୀ, ଭଗବତୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଖୋଲା ଆକାଶ ତଳେ ପରିବାର

# ଘର ଭାଙ୍ଗିଦେଲା ବୁଲ୍‌ବୁଲ୍



ଭଙ୍ଗା ଘର ଆଗରେ ପରିବାର ସହ ଶୁକ।

**ମହାକାଳପଡ଼ା, ୧୧।୧୧ (ଡି.ଏନ୍.ଏ.)**

ବାତ୍ୟା ବୁଲ୍‌ବୁଲ୍ ପ୍ରଭାବରେ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଧାନ, ପନିପରିବା, ମୁଗ, ବିରି ଆଦି ଫସଲ ନଷ୍ଟ ହେବା ସହ ଅନେକ କଚ୍ଚାଘର ଭାଙ୍ଗି ଲୋକଙ୍କୁ ବାସହରା କରିଦେଇଛି। ଏହି ବାତ୍ୟାରେ ମହାକାଳପଡ଼ା ବ୍ଲକ ଅଧୀନ ପେଟ୍‌ଛେଲା ପଞ୍ଚାୟତ ଅଧୀନ ଶବରପଡ଼ାର ଶୁକ ଭକ୍ତାଙ୍କ ଚାଳ ଉଡିଯିବା ସହ ମାଟି କାନ୍ଥ ଭୁଶୁଡ଼ି ପଡ଼ିଛି। ଏବେ ସ୍ତ୍ରୀ, ପିଲାଙ୍କ ସହ ଖୋଲା ଆକାଶ ତଳେ ଦିନ କାଟୁଛନ୍ତି ଶୁକ। ଘର ଭାଙ୍ଗି ଯାଇଥିବାରୁ ରୋଷେଇ କରି ଖାଇବା ସମ୍ଭବ ହେଉ ନଥିବା ବେଳେ ଶୁକଙ୍କ ପରିବାର ଲୋକେ ଭୋକ ଉପାସରେ ରହିଛନ୍ତି। ତେବେ ସହାୟତା ପାଇଁ ଏ ପର୍ଯ୍ୟନ୍ତ ତାଙ୍କ ପରିବାରକୁ କୌଣସି ପ୍ରଶାସନିକ ଅଧିକାରୀ ଭେଟି ନ ଥିବା ଶୁକ କହିଛନ୍ତି। ଶବରପଡ଼ାର ଆହୁରି ଅନେକ ଘର ବାତ୍ୟାରେ ଭାଙ୍ଗିଛି। କିନ୍ତୁ ବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେବା ପାଇଁ ଏ ପର୍ଯ୍ୟନ୍ତ ପ୍ରଶାସନିକସ୍ତରରେ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଭରତ ଚନ୍ଦ୍ର ପରିଡାଙ୍କୁ ପଚାରିବାରେ ସେଠାକାର ରାଜସ୍ୱ ନିରୀକ୍ଷକ ଅଞ୍ଚଳ ଗସ୍ତ କରି କ୍ଷୟକ୍ଷତି ରିପୋର୍ଟ ଦେବାପରେ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ପୋଖରୀରେ ବୁଡ଼ି ଶିଶୁ ମୃତ

**ମହାକାଳପଡ଼ା, ୧୧।୧୧ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ଜମ୍ବୁ ପଞ୍ଚାୟତ ଜମ୍ବୁ ଗ୍ରାମର ଶ୍ରୀକାନ୍ତ ମଣ୍ଡଳ ପୁଅ ଦେବବ୍ରତ (୧)ଙ୍କର ସୋମବାର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ଘର ନିକଟରେ ଖେଳୁଥିବା ବେଳେ ପରିବାର ଲୋକଙ୍କ ଅଜାଣତରେ ପୋଖରୀ ନିକଟକୁ ପଳାଇଥିଲେ। ବହୁ ଖୋଜାଖୋଜି ପରେ ଉକ୍ତ ପୋଖରୀରୁ ଦେବବ୍ରତଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଦେବବ୍ରତଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।


ପାରାଦୀପ ବନ୍ଦର ନ୍ୟାସ
ପସନ୍ଦିତ ବନ୍ଦର
SAGARMALA
ଏକ ଆଇଏସ୍‌ଓ ୯୦୦୧-୨୦୧୫ ପ୍ରମାଣିତ ଓ ଆଇଏସ୍‌ପିଏସ୍ ମାନ୍ୟ ବନ୍ଦର

୧୨ ନଭେମ୍ବର, ୨୦୧୯ ଦିନ
ବନ୍ଦର ଦିବସ
ପାଳନ ଅବସରରେ ସମସ୍ତ ହିତାଧିକାରୀମାନଙ୍କୁ ଶୁଭ ଅଭିନନ୍ଦନ

- ଭାରତର ପୂର୍ବତଟରେ ସାମୁଦ୍ରିକ ପ୍ରବେଶପଥରେ ଏହାର ଅବସ୍ଥିତି।
- ଗୋଟିଏ ସ୍ଥଳରେ ସମସ୍ତ ସେବା ଉପଲବ୍ଧ।
- ପଣ୍ୟ କାରବାର ନିମିତ୍ତ ଆଧୁନିକ ଯନ୍ତ୍ରପାତିର ସୁବ୍ୟବସ୍ଥା।
- ଦକ୍ଷ ଏବଂ ସୁଲଭ ସେବା ଉପଲବ୍ଧ।
- ବର୍ତ୍ତମାନ କେପ୍ ସାଇଜ ଜାହାଜ ଅଭ୍ୟନ୍ତରୀଣ ପୋତାଶ୍ରୟ ମଧ୍ୟରେ ଏବଂ ୩,୫୦,୦୦୦ ଡିଡବ୍ଲ୍ୟୁଟି କ୍ଷମତା ବିଶିଷ୍ଟ ଜାହାଜ ସିଙ୍ଗଲ୍ ପଏଣ୍ଟ୍ ମୁରିଂ (ଏସ୍‌ପିଏମ୍)ଠାରେ କାରବାର କରାଯାଉଅଛି।
- ପାରାଦୀପ ବନ୍ଦରରେ ସାର ପଣ୍ୟର କାରବାର କରାଯାଉଅଛି।
- ପାର୍ଶ୍ୱ ବ୍ୟବସାୟିକ କ୍ଷେତ୍ର ସହିତ ରେଳ ଓ ସଡ଼କର ଉତ୍ତମ ଯୋଗାଯୋଗ ବ୍ୟବସ୍ଥା।
- ଶୁଷ୍କ ପୋତାଶ୍ରୟ (ଡ୍ରାଏ ଡକ୍) ସୁବିଧା ଉପଲବ୍ଧ।
- କମ୍ପ୍ୟୁଟରଭିତ୍ତିକ କାର୍ଯ୍ୟ ପରିଚାଳନା ସହ ଇଲେକ୍‌ଟ୍ରୋନିକ୍ ଡାଟା ଇଣ୍ଟରଚେଞ୍ଜ (ଇ.ଡି.ଆଇ) ବ୍ୟବସ୍ଥା ଉପଲବ୍ଧ।
- ଜାହାଜ ଯାତାୟତ ପ୍ରବନ୍ଧନ (ଭି.ଟି.ଏମ୍.ଏସ୍) ବ୍ୟବସ୍ଥା ଉପଲବ୍ଧ।
- ଆର୍ଥିକବର୍ଷ ୨୦୧୮-୧୯ ରେ ୧୦୯.୨୭ ନିୟୁତ ଟନ୍ ପଣ୍ୟ କାରବାର କରାଯାଇଛି।
- ଆଗାମୀ ୨୦୨୦ରେ ବନ୍ଦରର ପଣ୍ୟ କାରବାର କ୍ଷମତା ୩୨୫ ନିୟୁତ ମେଟ୍ରିକ୍ ଟନ୍‌ରେ ପହଞ୍ଚିବ।
- ଦେଶର ସମସ୍ତ ବୃହତ ବନ୍ଦରଗୁଡ଼ିକ ମଧ୍ୟରେ ପଣ୍ୟ କାରବାରରେ ପାରାଦୀପ ବନ୍ଦର ନିଜର ଦ୍ୱିତୀୟ ସ୍ଥାନ ବଜାୟ ରଖିଛି।
- ସମ୍ଭବତଃ ଦେଶରେ ପ୍ରଥମ ଥର ପାଇଁ ପାରାଦୀପ ବନ୍ଦରରେ ଭୂମଧ୍ୟସାଗରୀୟ ମୁରିଂ ପଦ୍ଧତିରେ ପଣ୍ୟ ଖଲାସ ପ୍ରକ୍ରିୟା ଆରମ୍ଭ କରାଯାଇଛି ଓ ଏହି ପଦ୍ଧତିରେ ବିନା ବର୍ଥରେ ଜାହାଜରୁ ଖାଇବା ତେଲ ଖଲାସ କରଯାଉଛି।

paradipport.gov.in www.paradipport.gov.in paradipport
SIDDHARTHA ADVERTISING



ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECT.),
E.H.T. (O&M) DIVISION, JAJPUR ROAD, P.O: Sobra, Dist: Jajpur, Pin: 755019 (Odisha), Phone/Fax No: 06726-220218, E-mail: ehtm.div.jjp@optcl.co.in,
CIN: U40102OR2004SGC007553
TENDER CALL NOTICE NO. 01/19-20
Sealed tenders are invited by the undersigned from the eligible reputed travel agencies/ vehicle owners for supply of Diesel run Hired vehicle (Non AC Bolero or equivalent) for 220/132/33 KV Grid S/S Duburi. Cost of tender paper is Rs. 2240/-, EMD is Rs. 3,000/-. Sale of tender documents is from Dt. 13.11.2019 to Dt. 27.11.2019 (during office hours). Last date of submission of tender is Dt. 28.11.2019 upto 01.00 PM. Date of opening of tender is Dt. 28.11.2019 at 3.30 PM. For details visit our website www.optcl.co.in.
Corrigendum if any will be published in the website only.
Sd./- Dy. General Manager (Ele.),
EHT O/M Divn., OPTCL, Jajpur Road








ପୂର୍ବ ତଟ ରେଳପଥ
ବ୍ରାହ୍ମଣୀ ଏବଂ ଧଉଳି ମୁହଁ ପାସେଞ୍ଜର ହଲ୍ଟ ନିମନ୍ତେ ହଲ୍ଟ ଏଜେଣ୍ଟ୍ ନିଯୁକ୍ତି ପାଇଁ ଅଧିସୂଚନା

ବିଜ୍ଞପ୍ତି ସଂଖ୍ୟା.G.51/P.H/BRMI & DLMH, ତା. 07.11.2019

ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବ୍ରାହ୍ମଣୀ ପାସେଞ୍ଜର ହଲ୍ଟ (ଜଖପୁରା ଓ ଜେନାପୁର ମଧ୍ୟରେ) ଏବଂ ଧଉଳି ମୁହଁ ପାସେଞ୍ଜର ହଲ୍ଟ (କାଇପଦର ରୋଡ଼ ଓ ତାପଙ୍ଗ ମଧ୍ୟରେ) ଷ୍ଟେସନଗୁଡ଼ିକଠାରେ ଟିକଟ ବିକ୍ରୟ ନିମନ୍ତେ ପାସେଞ୍ଜର ହଲ୍ଟ ଏଜେଣ୍ଟ୍ ଭାବେ ନିଯୁକ୍ତି ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷଙ୍କ ଠାରୁ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି।

ହଲ୍ଟ ଏଜେଣ୍ଟଙ୍କୁ ପ୍ରଦାନଯୋଗ୍ୟ କମିଶନ ନିମ୍ନପ୍ରକାର କରାଯିବ :
ମାସିକ ଟିକଟ ବିକ୍ରୟ ପରିମାଣ ଏବଂ ଦେୟ କମିଶନ : • ଟ.1-15,000/- : 15%, • ଟ.15,001-50,000/- : 12%, • ଟ.50,001-1,00,000/- : 9%, • ଟ.1,00,001-2,00,000/- : 6%, • ଟ.2,00,001 ଏବଂ ତଦୂର୍ଦ୍ଧ୍ୱ : 3%

ସୁରକ୍ଷା ଜମା ରାଶି : ଟ.2,500/- (ସୁରକ୍ଷା ଜମା ବାବଦକୁ ଟ.2,000/- + ରେଳବାଇ ସାମଗ୍ରୀ ମୂଲ୍ୟର 50% ବାବଦକୁ ଟ.500/-)।

କିପରି ଆବେଦନ କରିବେ : ଆବାସ ଦୃଷ୍ଟିକୋଣରୁ ଯୋଗ୍ୟ ସାବ୍ୟସ୍ତ ହୋଇଥିବା ପ୍ରାର୍ଥୀମାନେ ଉପରୋକ୍ତ ପାସେଞ୍ଜର ହଲ୍ଟ ନିମନ୍ତେ ନିର୍ଦ୍ଧାରିତ ଫର୍ମାଟ୍‌ରେ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼, ପୋଷ୍ଟ-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ପିନ୍-752050 ଙ୍କ ଠିକଣାରେ ଆବେଦନ କରିବେ ଏବଂ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼, ପୋଷ୍ଟ-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା କାର୍ଯ୍ୟାଳୟରେ ଏହି ଉଦ୍ଦେଶ୍ୟରେ ରଖା ଯାଇଥିବା ବାକ୍ସରେ ପକାଇ ପାରିବେ। ଡାକ ସେବା କିମ୍ବା କୌଣସି ଅନ୍ୟାନ୍ୟ ସେବା ମାଧ୍ୟମରେ ଆସିଥିବା ଆବେଦନପତ୍ରଗୁଡ଼ିକୁ ଗ୍ରହଣ କରାଯିବ ନାହିଁ।

ଉପଯୁକ୍ତ ଭାବେ ଫର୍ମାଟ୍ ଅନୁଯାୟୀ ପୂରଣ କରାଯାଇଥିବା ଆବେଦନ ପତ୍ରଗୁଡ଼ିକୁ ଏହି କାର୍ଯ୍ୟାଳୟରେ ତା.13.12.2019ରିଖ (ଶୁକ୍ରବାର) 1500 ଘଟିକା କିମ୍ବା ତା ପୂର୍ବରୁ ପହଁଞ୍ଚିବା ଆବଶ୍ୟକ। ଯଦି ଅନ୍ତିମ ଦିବସ ଅର୍ଥାତ୍ ତା.13.12.2019ରିଖ ଦିନ ଛୁଟି ଦିବସ ରୂପେ ଘୋଷିତ ହୁଏ, ତେବେ ଦରଖାସ୍ତଗୁଡ଼ିକ ପରବର୍ତ୍ତୀ କାର୍ଯ୍ୟ ଦିବସର ସେହି ସମୟ ମଧ୍ୟରେ ଗ୍ରହଣ କରାଯିବ। ଗ୍ରହଣ କରାଯାଇଥିବା ଆବେଦନ ପତ୍ର ତା.13.12.2019ରିଖ (ଶୁକ୍ରବାର) 1530 ଘଟିକାରେ ଖୋଲାଯିବ।

ରେଳବାଇ ପ୍ରଶାସନ ଯେକୌଣସି ଦରଖାସ୍ତକୁ କୌଣସି କାରଣ ନ ଦର୍ଶାଇ ଗ୍ରହଣ କିମ୍ବା ଖାରଜ କରିବାର ଅଧିକାର ନିଜ ପାଖରେ ସୁରକ୍ଷିତ ରଖିଛନ୍ତି।

ସବିଶେଷ ବିବରଣୀ, ନିୟମ ଏବଂ ସର୍ତ୍ତାବଳୀ ତଥା ଦରଖାସ୍ତ ଫର୍ମାଟ୍ ପାଇଁ ୱେବ୍‌ସାଇଟ୍ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।

PR-507/K/19-20 ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ଖୋର୍ଦ୍ଧା ରୋଡ଼



ଭାରତ ସରକାର
କାର୍ମିକ, ଜନ ଅଭିଯୋଗ ଏବଂ ପେନ୍‌ସନ ମନ୍ତ୍ରଣାଳୟ
ପ୍ରଶାସନିକ ସଂସ୍କାର ଏବଂ ଜନ ଅଭିଯୋଗ ବିଭାଗ
ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାର ୨୦୧୯-୨୦
ନାମାଙ୍କନ ଆମନ୍ତ୍ରଣକାରୀ ବିଜ୍ଞପ୍ତି

ଇ-ଗଭର୍ଣ୍ଣାନ୍ସ ପ୍ରୟାସଗୁଡ଼ିକର ରୂପାୟନରେ ଉତ୍କର୍ଷତାକୁ ସ୍ୱୀକୃତି ପ୍ରଦାନ କରିବା ଓ ପ୍ରୋତ୍ସାହିତ କରିବା ପାଇଁ, ଭାରତ ସରକାର ପ୍ରତିବର୍ଷ ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାର ବିତରଣ କରିଥାନ୍ତି।

ପୁରସ୍କାର ଯୋଜନାରେ ବିସ୍ତୃତ ଭାବେ ଦର୍ଶାଯାଇଥିବା ଯୋଗ୍ୟତା ମାନଦଣ୍ଡ ଅନୁଯାୟୀ ୬ଟି ବର୍ଗରେ ବିଚାର ପାଇଁ କେନ୍ଦ୍ରୀୟ ମନ୍ତ୍ରଣାଳୟ/ବିଭାଗ, ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ସରକାର, ଜିଲ୍ଲା, ସ୍ଥାନୀୟ ନିକାଶ, କେନ୍ଦ୍ରୀୟ ଏବଂ ରାଜ୍ୟ ପିଏସ୍‌ୟୁ, ଶିକ୍ଷାଗତ ଏବଂ ଗବେଷଣା ଅନୁଷ୍ଠାନ (ସରକାରୀ ହୁଅନ୍ତୁ କି ବେସରକାରୀ), ଷ୍ଟାର୍ଟଅପ୍ ସମେତ ବେସରକାରୀ ଅନୁଷ୍ଠାନ (ଯାହାଦ୍ୱାରା ଜନସଂଖ୍ୟା ବହୁସଂଖ୍ୟାରେ ଉପକୃତ ହେଉଥିବେ)ଗୁଡ଼ିକଠାରୁ ନାମାଙ୍କନ ଆମନ୍ତ୍ରଣ କରାଯାଉଛି।

ନାମାଙ୍କନ ପଠାଇବାର ପଦ୍ଧତି ସମେତ ପୁରସ୍କାର ଯୋଜନାର ଦିଗ୍‌ନିର୍ଦ୍ଦେଶାବଳୀ ଏବଂ ଅନ୍ୟାନ୍ୟ ବିବରଣୀ ବିଭାଗର ୱେବ୍‌ସାଇଟ୍ www.darpg.gov.in/ www.nceg.gov.inରେ ଉପଲବ୍ଧ। ସମସ୍ତ ନାମାଙ୍କନ କେବଳ ପୁରସ୍କାର ଯୋଜନାରେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ ଦାଖଲ କରାଯିବ। ହାତ/ଡାକ/କୋରିୟର୍/ଫ୍ୟାକ୍ସ କିମ୍ବା ଅନ୍ୟକୌଣସି ହାର୍ଡ କପି ଆକାରରେ ପଠାଯାଇଥିବା ନାମାଙ୍କନଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ। ଦାଖଲର ଶେଷ ତାରିଖ ପର୍ଯ୍ୟନ୍ତ ସମ୍ପାଦନ/ପରିବର୍ତ୍ତନ ଅନୁମତିଯୋଗ୍ୟ ହେବ।

ନାମାଙ୍କନ ଦାଖଲର ଶେଷ ତାରିଖ: - ୦୯।୧୨।୨୦୧୯

ଯୋଗାଯୋଗ ବିବରଣୀ: ଶ୍ରୀମତୀ ବିଭୂତି ପଞ୍ଜିୟାର, ଅନୁସଚିବ (ଇ-ଗଭ୍), ପ୍ରଶାସନିକ ସଂସ୍କାର ଏବଂ ଜନ ଅଭିଯୋଗ ବିଭାଗ, ୫ମ ମହଲା, ସର୍ଦ୍ଦାର ପଟେଲ ଭବନ, ସଂସଦ ମାର୍ଗ, ନୂଆଦିଲ୍ଲୀ-୧୧୦୦୦୧। ଇମେଲ୍: vibhuti.panjiyar@nic.in; ଟେଲି. +୯୧-୧୧-୨୩୪୦୧୪୫୬ davp 32101/11/0001/1920

## ସଂକ୍ଷେପରେ

### ବର ଶୋଭାଯାତ୍ରା ବେଳେ ମାଡିଗଲା କାର
### ୩ ମୃତ, ୧୫ ଆହତ

ଦିଲ୍ଲୀ,୧୧।୧୧- କଙ୍କେରଖେଡା ଅଞ୍ଚଳ ଅନ୍ତର୍ଗତ ଦିଲ୍ଲୀ-ଡେରାଡୁନ୍ ଜାତୀୟ ରାଜପଥରେ ରବିବାର ରାତିରେ ବର ଶୋଭାଯାତ୍ରା ଯାଉଥିବାବେଳେ ଦୁଇଟି କାର ମାଡ଼ିଯିବାରୁ ୩ ଜଣଙ୍କ ମୃତ୍ୟୁ ହେବା ସହ ୧୫ ଜଣ ଆହତ ହୋଇଛନ୍ତି। ଦୁଇଟି କାର ପରସ୍ପର ମଧ୍ୟରେ ଧକ୍କା ହୋଇଥିଲେ। ଫଳରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଏହା ଶୋଭାଯାତ୍ରା ଉପରକୁ ମାଡ଼ିଯାଇଥିଲା। ଅଙ୍କିତ୍ ବଲିୟାନ ବିବାହ କରିବାକୁ ଶୋଭାଯାତ୍ରାରେ ଯାଉଥିଲାବେଳେ ତାଙ୍କ ସହ ଅନେକ ବନ୍ଧୁ ଓ ପରିବାର ସଦସ୍ୟ ଥିଲେ ବୋଲି କଙ୍କେରଖେଡା ପୋଲିସ ଏସ୍ଏଚ୍ଓ ବ୍ରିଜେନ୍ଦ୍ର ରାଣା କହିଛନ୍ତି। କାର ଦୁଇଟି ମୁଜାଫରନଗର ଅଭିମୁଖେ ଯାଉଥିଲେ। ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ଓ ଜଣେ ଡେଲିଭରି ବଏ ଅଛନ୍ତି। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ହସ୍ପିଟାଲରେ ସଞ୍ଜୟ୍ ରାଉତ



ମୁମ୍ବାଇ,୧୧।୧୧(ପି.ଟି.): ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ଶିବସେନା ନେତା ସଞ୍ଜୟ୍ ରାଉତଙ୍କୁ ସୋମବାର ଅପରାହ୍ଣ ୩ଟା ୩୦ରେ ଲୀଳାବତୀ ହସ୍ପିଟାଲକୁ ଚିକିତ୍ସା ଲାଗି ନିଆଯାଇଛି। ମହାରାଷ୍ଟ୍ର ରାଜନୀତିର ପରିବର୍ତ୍ତିତ ସ୍ଥିତି ଓ ଶିବସେନାର ଗୋଟିଚାଳନା ସମ୍ପର୍କରେ ସେ ଦୈନିକ ମିଡିଆକୁ ଅବଗତ କରାଉଥିଲେ। ଏବେ ତାଙ୍କୁ ହସ୍ପିଟାଲରେ ଡାକ୍ତର ଜଲୀଲ୍ ପାର୍କର ଚିକିତ୍ସା କରୁଛନ୍ତି। ଦୁଇଦିନ ତଳେ ସେ ହସ୍ପିଟାଲକୁ ଇସିଜି ଚେକ୍ଅପ୍ କରିବା ଲାଗି ଆସିଥିଲେ। ଏବେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଜଣାପଡ଼ିଛି। ମଙ୍ଗଳବାର ଦେହ ଭଲହେବା ପରେ ତାଙ୍କୁ ଡିସ୍ଚାର୍ଜ କରାଯିବ ବୋଲି ଶିବସେନା ଏମ୍ପି ସଞ୍ଜୟଙ୍କ ଭାଇ ତଥା ବିଧାୟକ ସୁନୀଲ ରାଉତ ପ୍ରକାଶ କରିଛନ୍ତି। ଡାକ୍ତର ଆଞ୍ଜିଓଗ୍ରାଫି କରିବା ପରେ ସବୁକିଛି ଜଣାପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ମହାରାଷ୍ଟ୍ର ସରକାର ଗଠନ ନେଇ ଦ୍ୱନ୍ଦ୍ୱ ଲାଗିରହିଥିବା ବେଳେ ଶିବସେନା ମୁଖପତ୍ର 'ସାମନା'ର କାର୍ଯ୍ୟନିର୍ବାହୀ ସମ୍ପାଦକ ସଞ୍ଜୟ୍ ଦଳ ସପକ୍ଷରେ ଦୃଢ଼ମତ ରଖି ଚର୍ଚ୍ଚାକୁ ଆସିଛନ୍ତି।

### ଅକ୍ଟୋବରରେ ୩୫୦ ଥର ଅସ୍ତ୍ରବିରତି ଉଲ୍ଲଂଘନ

ଦିଲ୍ଲୀ,୧୧।୧୧(ଆଇଏଏନ୍ଏସ୍)- ଜମ୍ମୁ-କଶ୍ମୀରର ନିୟନ୍ତ୍ରଣ ରେଖାରେ ପାକିସ୍ତାନ ସେନା ଅକ୍ଟୋବର ମାସରେ ୩୫୦ ଥର ଅସ୍ତ୍ରବିରତି ଉଲ୍ଲଂଘନ କରିଛି। ୨୦୧୯ ବର୍ଷରେ ଏହା ସର୍ବାଧିକ ଅସ୍ତ୍ରବିରତି ଉଲ୍ଲଂଘନ ବୋଲି ସେନାର ଜଣେ ଅଧିକାରୀ କହିଛନ୍ତି। ନଭେମ୍ବର ମାସର ପ୍ରଥମ ୧୧ ଦିନରେ ପାକ୍ ଯବାନମାନେ ୯୭ ଥର ଅସ୍ତ୍ରବିରତି ଉଲ୍ଲଂଘନ କରିସାରିଲେଣି। ଏହା ପୂର୍ବରୁ ଅଗଷ୍ଟ ମାସରେ ଅସ୍ତ୍ରବିରତି ଉଲ୍ଲଂଘନ ୩୦୦ ଅତିକ୍ରମ କରିଥିଲା। ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟିବା ପରେ ଅସ୍ତ୍ରବିରତି ଉଲ୍ଲଂଘନ ବୃଦ୍ଧି ପାଇଛି।

### ଇତିହାସର ଆଇନାରେ
### ନଭେମ୍ବର ୧୨ର ପ୍ରମୁଖ ଘଟଣା

୨୦୧୧ ନଭେମ୍ବର ୧୨ରେ ଇରାନ୍ର ଶହୀଦ ମୋଦାରେସ୍ କ୍ଷେପଣାସ୍ତ୍ର ଘାଟିରେ ବିସ୍ଫୋରଣ ହେବା ଫଳରେ ହାସାନ୍ ତେହେରାନୀ ମୋଘଦମ୍ଙ୍କ ସହ ଅତି କମ୍ରେ ୧୭ ଜଣ ରିଭୋଲ୍ୟୁଶନ ଗାର୍ଡର ସଦସ୍ୟ ପ୍ରାଣ ହରାଇଥିଲେ। ଏଥିରେ ଅନେକ ଆହତ ମଧ ହୋଇଥିଲେ। ଇରାନ୍ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମର ମୋଘଦମ୍ ଜଣେ ପ୍ରମୁଖ କର୍ମକର୍ତ୍ତା ଥିଲେ।

୨୦୧୭ ନଭେମ୍ବର ୧୨ରେ ଇରାକ୍-ଇରାନ୍ ସୀମାରେ ଭୟଙ୍କର ଭୂକମ୍ପ ଅନୁଭୂତ ହେବାରୁ ୬୩୦ ଜଣ ପ୍ରାଣ ହରାଇଥିଲେ। ୮ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏଥିରେ ଆହତ ହୋଇଥିଲେ। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲ୍ରେ ୭.୩ ଥିଲା। ଇରାକ୍ର କୁର୍ଦ୍ଦିଶ ଓ ଇରାନ୍ର କର୍ମାନ୍ଶ ସହର ଏହାଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲା। ଏହାର ପ୍ରଭାବ ୟୁ.ଏ.ଇ. ଓ ଇସ୍ରାଏଲରେ ମଧ ଅନୁଭୂତ ହୋଇଥିଲା।

## ■ ଦେୟ ବୃଦ୍ଧି ବିରୋଧରେ ଜେଏନ୍ୟୁରେ ବିକ୍ଷୋଭ
# ଛାତ୍ର-ପୋଲିସ ସଂଘର୍ଷ

### ମନ୍ତ୍ରୀ ପୋଖରିୟାଲ ୬ ଘଣ୍ଟା ଅଟକ



ନୂଆଦିଲ୍ଲୀ,୧୧।୧୧(ପି.ଟି.)

ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍ୟୁ) କର୍ତ୍ତୃପକ୍ଷଙ୍କ ଛାତ୍ର ବିରୋଧୀ ନୀତି ପ୍ରତିବାଦରେ ହଜାର ହଜାର ଛାତ୍ରୀଛାତ୍ର ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସକାଳଠାରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ହଷ୍ଟେଲ ଦେୟ ବୃଦ୍ଧି ନିଷ୍ପତ୍ତି ପ୍ରତ୍ୟାହାର ଏବଂ କୁଳପତିଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ ତୀବ୍ରତର ହୋଇଥିଲା। ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କୁ ଘଉଡାଇବା ପାଇଁ ପୋଲିସ ମାତ୍ରାଧିକ ବଳ ପ୍ରୟୋଗ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଛାତ୍ର ଓ ପୋଲିସ ମୁହାଁମୁହିଁ ହୋଇଥିଲେ। ବିକ୍ଷୋଭକାରୀଙ୍କୁ ଘଉଡାଇବା ପାଇଁ ପୋଲିସ ଲାଠିଚାଳନା କରିବା ସହ ପାଣିମାଡ଼ କରିଥିଲା। ଉତ୍ୟକ୍ତ ଛାତ୍ରୀଛାତ୍ର ମଧ ବ୍ୟାରିକେଡ୍ ଭାଙ୍ଗିବା ସହ ପୋଲିସ ଉପରକୁ ଜୋତା ଫିଙ୍ଗିଥିଲେ। ଅଖିଳ ଭାରତ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ) ଅଡିଟୋରିୟମରେ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ ଚାଲିଥିଲାବେଳେ ସେଠାରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଉଦ୍ବୋଧନ ଦେଉଥିଲେ। ଆନ୍ଦୋଳନରତ ଛାତ୍ରୀଛାତ୍ର ଦକ୍ଷିଣ ଦିଲ୍ଲୀ କ୍ୟାମ୍ପସ୍ରୁ ସେଠାକୁ ଶୋଭାଯାତ୍ରାରେ ବାହାରିଥିଲାବେଳେ ପୋଲିସ ସେମାନଙ୍କୁ ବାଧା ଦେଇଥିଲା। ଉତ୍ୟକ୍ତ ଛାତ୍ର 'ଦିଲ୍ଲୀ ପୋଲିସ ଫେରିଯାଅ' ସ୍ଲୋଗାନ ଦେବା ସହ କୁଳପତି ଏମ୍ ଜଗଦେଶ କୁମାର ମାମିଦଲାଙ୍କୁ କଡ଼ା ଭାଷାରେ ସମାଲୋଚନା କରିଥିଲେ। ଦେୟ ବୃଦ୍ଧି ଓ ଡ୍ରେସ୍ କୋଡ ଏବଂ ସମୟ କଟକଣା ଆଦି ବ୍ୟବସ୍ଥା ଥିବା ଚିଠା ହଷ୍ଟେଲ୍ ମାନୁଆଲ ପ୍ରତ୍ୟାହାର ପାଇଁ ସେମାନେ ଦାବି କରିଥିଲେ। ଅଧିକ ଦେୟ ବୃଦ୍ଧି ହୋଇ ନ ଥିବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହୁଥିଲାବେଳେ ଗରିବ ପରିବାରରୁ ଆସିଥିବା ପିଲାଙ୍କୁ ଏହା ବାଧିବ ବୋଲି ଆନ୍ଦୋଳନକାରୀ ଛାତ୍ରୀଛାତ୍ର କହିଛନ୍ତି।

ଜେଏନ୍ୟୁ ଛାତ୍ରଛାତ୍ରଙ୍କ ବିକ୍ଷୋଭ ଯୋଗୁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ ଏଆଇସିଟିଇ ଅଡିଟୋରିୟମ୍ରେ ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅଟକି ରହିଥିଲେ। ଫଳରେ ତାଙ୍କୁ ଦୁଇଟି କାର୍ଯ୍ୟକ୍ରମ ବାତିଲ କରିବାକୁ ପଡିଥିଲା। ଜେଏନ୍ୟୁର ତୃତୀୟ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ପାଇଁ ଉପରାଷ୍ଟ୍ରପତିଙ୍କ ସହ ମନ୍ତ୍ରୀ ପୋଖରିୟାଲ ଏଆଇସିଟିଇ ଅଡିଟୋରିୟମକୁ ଯାଇଥିଲେ। ବିକ୍ଷୋଭ ବଢ଼ିବା ପୂର୍ବରୁ ଉପରାଷ୍ଟ୍ରପତି ସେଠାରୁ ଚାଲିଯାଇଥିଲାବେଳେ ନିଶଙ୍କ ରହିଯାଇଥିଲେ।

ପିଲାମାନଙ୍କ ଅଭିଯୋଗର ସମାଧାନ କରାଯିବ ବୋଲି ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। କେନ୍ଦ୍ରମନ୍ତ୍ରୀ ଜେଏନ୍ୟୁ ଛାତ୍ରସଂସଦର ସଭାପତି ଐଶି ଘୋଷଙ୍କ ସହ ଏନେଇ ଆଲୋଚନା କରିଥିଲେ। ୧୫ ତାରିଖ ବୈଠକରେ ଛାତ୍ରୀଛାତ୍ରଙ୍କ ଦାବି ସମ୍ପର୍କରେ ଆଲୋଚନା କରାଯିବ ବୋଲି ଡିନ୍ ଆନ୍ଦୋଳନକାରୀଙ୍କୁ ଭେଟି କହିଥିଲେ।

## ସଂସଦୀୟ ଷ୍ଟାଣ୍ଡିଂ କମିଟିକୁ ମନମୋହନ ମନୋନୀତ

ନୂଆଦିଲ୍ଲୀ,୧୧।୧୧(ପି.ଟି.)



ରାଜ୍ୟ ସଭା ଅଧକ୍ଷ ଏମ୍ ଭେଙ୍କାୟା ନାଇଡୁ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ମନମୋହନ ସିଂଙ୍କୁ ଅର୍ଥ ସଂକ୍ରାନ୍ତ ସଂସଦୀୟ ଷ୍ଟାଣ୍ଡିଂ କମିଟିକୁ ମନୋନୀତ କରିଛନ୍ତି। ଦିଗ୍ବିଜୟ ସିଂଙ୍କ ସ୍ଥାନରେ ତାଙ୍କୁ ନିଆଯାଇଛି। ଦିଗ୍ବିଜୟ ସହରାଞ୍ଚଳ ବିକାଶ ଷ୍ଟାଣ୍ଡିଂ କମିଟିକୁ ମନୋନୀତ ହୋଇଥିବା ଜଣାପଡିଛି। ମନମୋହନଙ୍କୁ ଅର୍ଥ କମିଟିରେ ନେବା ଲାଗି ଦିଗ୍ବିଜୟ ସେଥିରୁ ଇସ୍ତଫା ଦେଇଥିଲେ। ଗତ ଜୁନ୍ରେ ମନମୋହନଙ୍କ ରାଜ୍ୟ ସଭା କାର୍ଯ୍ୟକାଳ ଶେଷ ହୋଇଥିଲାବେଳେ ଅଗଷ୍ଟରେ ସେ ରାଜସ୍ଥାନରୁ ପୁଣିଥରେ ଉଚ୍ଚ ସଦନକୁ ନିର୍ବାଚିତ ହୋଇଛନ୍ତି।

## ସରକାରଙ୍କ ନିଷ୍ପତ୍ତି ନିବେଶ ବଢ଼ାଇବ: ଭେଙ୍କାୟା ନାଇଡୁ

ନୂଆଦିଲ୍ଲୀ,୧୧।୧୧



କେନ୍ଦ୍ର ସରକାର ନିକଟରେ ନେଇଥିବା କେତେକ ପଦକ୍ଷେପ ନିବେଶ ବଢ଼ାଇବ ବୋଲି ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ କହିଛନ୍ତି। ସରକାରଙ୍କ ସଂସ୍କାରମୂଳକ ପଦକ୍ଷେପ ଯୋଗୁ ଅଧିକ ପୁଞ୍ଜି ଆକର୍ଷିତ ହେବା ସହ ଆଗାମୀ ମାସରେ ଜିଡିପି ଅଭିବୃଦ୍ଧି ତ୍ୱରାନ୍ୱିତ ହେବ ବୋଲି ଆସୋଚାମ୍ ଜେଆର୍ଡି ଟାଟା ମେମୋରିଆଲ ବକ୍ତୃତା ସମାରୋହରେ ଉଦ୍ବୋଧନ ଦେଇ ଭେଙ୍କାୟା କହିଛନ୍ତି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଭାରତର ଜିଡିପି ଅଭିବୃଦ୍ଧି ୫ ପ୍ରତିଶତକୁ ଖସିଆସିଥିଲା, ଯାହାକି ୬ ବର୍ଷ ମଧ୍ୟରେ ସର୍ବନିମ୍ନ। ଜେଆର୍ଡି ଟାଟା ଭାରତୀୟ ଶିଳ୍ପଜଗତରେ କେବଳ ଜଣେ ଆଗଧାଡିର ଶିଳ୍ପପତି ନୁହନ୍ତି, ଜଣେ ଦୂରଦୃଷ୍ଟିସମ୍ପନ୍ନ ନେତା ଥିଲେ। ସେ ଭାରତର ଅଭିବୃଦ୍ଧିର ସ୍ୱପ୍ନ ଦେଖିଥିଲେ। ରାଷ୍ଟ୍ର ଗଠନରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଥିଲା ବୋଲି ଉପରାଷ୍ଟ୍ରପତି କହିଛନ୍ତି। ସରକାରଙ୍କ ବିଭିନ୍ନ ବିକାଶମୂଳକ ପଦକ୍ଷେପ ଯୋଗୁ ଭାରତ ଆଗାମୀ ୧୦ ବର୍ଷରେ ଏକ ଅଗ୍ରଣୀ ଅର୍ଥନୀତିରେ ପରିଣତ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।



ଗୁରୁ ନାନକ ଦେବଙ୍କ ୫୫୦ତମ ଜୟନ୍ତୀ ଲାଗି ଅମୃତସରର ସ୍ୱର୍ଣ୍ଣ ମନ୍ଦିରକୁ ରଙ୍ଗିନ ଆଲୋକରେ ସଜାଯାଇଛି।

## ୨୦୨୨ ପୂର୍ବରୁ ସରିବ ରାମ ମନ୍ଦିର ନିର୍ମାଣ

ନୂଆଦିଲ୍ଲୀ,୧୧।୧୧(ପି.ଟି.)



ଅଯୋଧ୍ୟାର ରାମ ଜନ୍ମଭୂମିରେ ବହୁପ୍ରତୀକ୍ଷିତ ମନ୍ଦିର ନିର୍ମାଣ କାର୍ଯ୍ୟ ଖୁବ୍ଶୀଘ୍ର ଆରମ୍ଭ ହୋଇ ୨୦୨୨ ପୂର୍ବରୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ବିଶାଳ ମନ୍ଦିର କମ୍ପ୍ଲେକ୍ସରେ ପ୍ରାର୍ଥନା କକ୍ଷ, ରାମକଥା କୁଞ୍ଜ, ବୈଦିକ ପାଠଶାଳା, ସନ୍ଥ ନିବାସ ଓ ଯାତ୍ରୀ ନିବାସ ରହିବ। ଏହା ବ୍ୟତୀତ ଡିଜିଟାଲ ମ୍ୟୁଜିୟମ, ଗ୍ରନ୍ଥାଗାର, କାଫେଟେରିଆ ଓ ପାର୍କିଂ ସ୍ଥାନ ରହିବ ବୋଲି ଜଣାପଡିଛି। ୨୦୨୨ରେ ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପାଳନ ହେବ। ଏଥିସହିତ ସେହିବର୍ଷ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ଏହା ପୂର୍ବରୁ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍ପି)ର କହିବା ଅନୁଯାୟୀ ସ୍ଥପତି ଚନ୍ଦ୍ରକାନ୍ତ ସୋମପୁରାଙ୍କ ପ୍ରସ୍ତୁତ ଡିଜାଇନ ଅନୁଯାୟୀ ରାମ ମନ୍ଦିର ନିର୍ମାଣ ହେବ। ଏହାର ପ୍ରାକ୍ ନିର୍ମାଣ କାର୍ଯ୍ୟ ଆସନ୍ତା ଜାନୁୟାରୀ ମାସ ମକର ସଂକ୍ରାନ୍ତିଠାରୁ ଆରମ୍ଭ ହେବ ବୋଲି ଜଣେ ଭିଏଚ୍ପି ନେତା ସୂଚନା ଦେଇଛନ୍ତି। ସ୍ତମ୍ଭ ପାଇଁ ପଥର ଖୋଦେଇ କାର୍ଯ୍ୟ ଜାରି ରହିଥିଲାବେଳେ ମନ୍ଦିର ନିର୍ମାଣ ୨୦୨୦ ଏପ୍ରିଲ୍ ୨ ରାମ ନବମୀରୁ ଆରମ୍ଭ ହେବ ବୋଲି ଏକ ସୂତ୍ରରୁ ସୂଚନା ମିଳିଛି। ରାମ ନବମୀ ହେଉଛି ଭଗବାନ ରାମଚନ୍ଦ୍ରଙ୍କ ଜନ୍ମଦିବସ।

■ ମକର ସଂକ୍ରାନ୍ତିରୁ କାର୍ଯ୍ୟ ଆରମ୍ଭ

■ ଟ୍ରଷ୍ଟ ଗଠନ ପ୍ରକ୍ରିୟା ଆରମ୍ଭ କଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ

ମନ୍ଦିର ନିର୍ମାଣ ଲାଗି ୩ ମାସ ମଧ୍ୟରେ ଟ୍ରଷ୍ଟ ଗଠନ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲାବେଳେ ଏହାର ସମୟସୀମା ଫେବୃୟାରୀରେ ଶେଷ ହେବ। ସେତେବେଳକୁ ସମସ୍ତ ପ୍ରସ୍ତୁତି ସରିଯାଇଥିବ। ୧୯୮୯ ନଭେମ୍ବରରେ ରାମ ମନ୍ଦିର ନିର୍ମାଣ ଲାଗି ଶିଳାନ୍ୟାସ ହୋଇଥିଲା। ତେଣୁ ଆଉ ଥରେ ଶିଳାନ୍ୟାସ ହେବାର ଆବଶ୍ୟକତା ନାହିଁ ବୋଲି ଜଣେ ଭିଏଚ୍ପି ନେତା କହିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଇତିମଧ୍ୟରେ ଟ୍ରଷ୍ଟ ନିର୍ମାଣ ପ୍ରକ୍ରିୟା ଆରମ୍ଭ କରିଦେଇଛି। ଏହି ଟ୍ରଷ୍ଟକୁ ମନ୍ଦିର ନିର୍ମାଣ ଦାୟିତ୍ୱ ଦିଆଯିବ। ସୁପ୍ରିମକୋର୍ଟ ଗତ ଶନିବାର ଦୀର୍ଘବର୍ଷର ଅଯୋଧ୍ୟା ଜମି ବିବାଦ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। ବିବାଦୀୟ ସ୍ଥାନରେ ରାମଲାଲାଙ୍କ ମନ୍ଦିର ନିର୍ମାଣ ଲାଗି ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସାମ୍ବିଧାନିକ ପୀଠ ନିର୍ଦ୍ଦେଶ ଦେବା ସହ ମସ୍ଜିଦ ନିର୍ମାଣ ନିମନ୍ତେ ସୁନ୍ନୀ ୱାକଫ୍ ବୋର୍ଡକୁ ଅନ୍ୟତ୍ର ୫ ଏକର ଜମି ଯୋଗାଇଦେବାକୁ କହିଥିଲେ।

## ■ ସୁପ୍ରିମକୋର୍ଟଙ୍କୁ ଜଣାଇଲେ ସରକାର
# ୩୭୦ ଉଚ୍ଛେଦ ନିଷ୍ପତ୍ତି ଯଥାର୍ଥ

ନୂଆଦିଲ୍ଲୀ,୧୧।୧୧(ପି.ଟି.)



ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ଦେଉଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରାଯିବା ନିଷ୍ପତ୍ତି ଯଥାର୍ଥ ଥିଲା ବୋଲି କେନ୍ଦ୍ର ସରକାର ସୋମବାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି। ଅନୁଚ୍ଛେଦ ୩୭୦ର ସୁଯୋଗ ନେଇ ଆତଙ୍କବାଦୀ ଓ ବିଚ୍ଛିନ୍ନତାବାଦୀମାନେ ଭାରତର ଶତ୍ରୁ ବିଦେଶୀ ଶକ୍ତିର ସହଯୋଗରେ ପରିସ୍ଥିତିର ଫାଇଦା ଉଠାଉଥିଲେ ବୋଲି କେନ୍ଦ୍ର କହିଛି। ଜଷ୍ଟିସ୍ ଏନ୍.ଭି. ରମାନା, ଏସ୍.କେ. କୌଲ, ଆର୍. ସୁଭାଷ ରେଡ୍ଡୀ, ବି.ଆର୍ ଗଭାଇ ଏବଂ ସୂର୍ଯ୍ୟ କାନ୍ତଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟର ୫ ଜଣିଆ ପୀଠ ମାମଲାର ପରବର୍ତ୍ତୀ ଶୁଣାଣି ୧୪ ତାରିଖକୁ ଧାର୍ଯ୍ୟ କରିଛନ୍ତି। ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଉଚ୍ଛେଦ ଲାଗି କେନ୍ଦ୍ର ସରକାର ଅଗଷ୍ଟ ୫ରେ ନିଷ୍ପତ୍ତି ନେବା ପରେ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଏହି ଅନୁଚ୍ଛେଦ ଏକ କ୍ଷଣସ୍ଥାୟୀ ବ୍ୟବସ୍ଥା ବୋଲି ସମ୍ବିଧାନରେ ଉଲ୍ଲେଖ ଥିବା ସରକାର ଜଣାଇଛନ୍ତି। ସତ୍ୟପାଠ ମାଧ୍ୟମରେ ସରକାର ଦର୍ଶାଇଛନ୍ତି, ଏହି ଧାରା ଜମ୍ମୁ-କଶ୍ମୀରର ଲୋକଙ୍କୁ ସୁବିଧା ଦେବା ପରିବର୍ତ୍ତେ ବିକାଶ ପଥରେ ପ୍ରତିବନ୍ଧକ ଥିଲା।

## ବୁଲ୍ବୁଲ୍ ମୃତକଙ୍କ ପରିବାରକୁ ୨ ଲକ୍ଷ ସହାୟତା ଘୋଷଣା କଲେ ମମତା

କୋଲକାତା,୧୧।୧୧

ପଶ୍ଚିମବଙ୍ଗରେ ବାତ୍ୟା ବୁଲ୍ବୁଲ୍ରେ ୧୦ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଘୋଷଣା କରିଛନ୍ତି। ଆକାଶମାର୍ଗରୁ ବାତ୍ୟା କ୍ଷୟକ୍ଷତି ଅଞ୍ଚଳ ବୁଲି ଦେଖିବା ପରେ ମୁଖ୍ୟମନ୍ତ୍ରୀ ଉଚ୍ଚ ପଦାଧିକାରୀମାନଙ୍କ ଏକ ବୈଠକ ଡାକି ମୁଖ୍ୟ ସଚିବ ରାଜୀବ ସିହ୍ନାଙ୍କ ନେତୃତ୍ୱରେ ରିଲିଫ ଓ ପୁନଃନିର୍ମାଣ କାର୍ଯ୍ୟ ପାଇଁ ଏକ ଟାସ୍କଫୋର୍ସ ଗଠନ କରିବାକୁ କହିଥିଲେ। ବାତ୍ୟା ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ତୁରନ୍ତ ବିଶୁଦ୍ଧ ପାଣି ଓ ଔଷଧ ଯୋଗାଇଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ୨ ଟ୍ରେନ୍ ମଧ୍ୟରେ ଧକ୍କା: ୧୨ ଆହତ




ହାଇଦ୍ରାବାଦ,୧୧।୧୧(ପି.ଟି.)

ଦକ୍ଷିଣ କେନ୍ଦ୍ରୀୟ ରେଳପଥର କଚେଗୁଡା ଷ୍ଟେଶନରେ ଦୁଇଟି ଧୀରଗାମୀ ଟ୍ରେନ ମଧ୍ୟରେ ଧକ୍କା ହେବା ଫଳରେ ୧୨ ଜଣ ଆହତ ହୋଇଛନ୍ତି। ଲିଙ୍ଗମପାଲି-ଫଲକନୁମା ମଲ୍ଟିମୋଡାଲ ଟ୍ରାନ୍ସପୋର୍ଟ ସିଷ୍ଟମ (ଏମ୍ଏମ୍ଟିଏସ୍) ଏବଂ କୁର୍ନୁଲ-ସିକନ୍ଦରାବାଦ ହୁନ୍ଦ୍ରୀ ଇଣ୍ଟରସିଟି ଏକ୍ସପ୍ରେସ୍ ମଧ୍ୟରେ ଧକ୍କା ହୋଇଥିଲା ବୋଲି ରେଲୱେର ଜଣେ ଅଧିକାରୀ କହିଛନ୍ତି। ଏମ୍ଏମ୍ଟିଏସ୍ର କ୍ୟାବିନ୍ କ୍ଷତିଗ୍ରସ୍ତ ହୋଇଥିଲାବେଳେ ଏହା ଭିତରେ ଡ୍ରାଇଭର ରହିଯାଇଥିଲେ। ଗୁରୁତର ଆହତ ହୋଇଥିବା ଡ୍ରାଇଭରଙ୍କୁ ଅକ୍ସିଜେନ ଦିଆଯିବା ସହ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କୁ ଉଦ୍ଧାର କରିବା ଲାଗି ଗ୍ୟାସ୍ କଟର ବ୍ୟବହାର କରାଯାଇଥିଲା। ସିଗ୍ନାଲକୁ ଅଣଦେଖା କରି ଏମ୍ଏମ୍ଟିଏସ୍ ଟ୍ରେନ ଆଗକୁ ବଢ଼ିବାରୁ ଏହି ଦୁର୍ଘଟଣା ହୋଇଥିଲା।

## ■ ରିଭ୍ୟୁ ପିଟିଶନ ଦାଏର ନେଇ ୧୭ରେ ନିଷ୍ପତ୍ତି ନେବ ଏଆଇଏମ୍ପିଏଲ୍ବି
# ଜମି ଗ୍ରହଣ ପ୍ରସ୍ତାବକୁ ଅଯୋଧ୍ୟା ମୁସଲମାନଙ୍କ ପ୍ରତ୍ୟାଖ୍ୟାନ

ନୂଆଦିଲ୍ଲୀ,୧୧।୧୧(ପି.ଟି./ଆଇଏଏନ୍ଏସ୍)

ଅଯୋଧ୍ୟା ଜମି ବିବାଦ ମାମଲାର ରାୟ ବିରୋଧରେ ରିଭ୍ୟୁ ପିଟିଶନ ଦାଏର ଲାଗି ଅଲ୍ ଇଣ୍ଡିଆ ମୁସ୍ଲିମ୍ ପର୍ସନାଲ ଲ ବୋର୍ଡ (ଏଆଇଏମ୍ପିଏଲ୍ବି) ଆସନ୍ତା ୧୭ ତାରିଖ ବୈଠକରେ ନିଷ୍ପତ୍ତି ନେବ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସାମ୍ବିଧାନିକ ପୀଠ ଅଯୋଧ୍ୟା ମାମଲାରେ ଐତିହାସିକ ରାୟ ପ୍ରଦାନ କରି ବିବାଦୀୟ ସ୍ଥାନରେ ରାମ ମନ୍ଦିର ନିର୍ମାଣ ଲାଗି ନିର୍ଦ୍ଦେଶ ଦେବା ସହ ସୁନ୍ନୀ ୱାକଫ୍ ବୋର୍ଡକୁ ଅନ୍ୟତ୍ର ମସ୍ଜିଦ ନିର୍ମାଣ ଲାଗି ୫ ଏକର ଜମି ଯୋଗାଇ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟର ସମୀକ୍ଷା କରାଯିବ କି ନାହିଁ ତାହା ଉପରେ ୧୭ ତାରିଖ ବୈଠକରେ ନିଷ୍ପତ୍ତି ହେବ ବୋଲି ବରିଷ୍ଠ ଆଇନଜୀବୀ ଜଫରୟାବ ଜିଲାନି ସୋମବାର କହିଛନ୍ତି। ଉତ୍ତରପ୍ରଦେଶର ସୁନ୍ନୀ ୱାକଫ୍ ବୋର୍ଡ ସମେତ ଅନ୍ୟ ମୁସଲିମ୍ ପକ୍ଷଙ୍କ ପାଇଁ ଜିଲାନି ତଳକୋର୍ଟ, ଆଲ୍ଲାହାବାଦ ହାଇକୋର୍ଟ ଏବଂ ସର୍ବୋଚ୍ଚ ଅଦାଲତରେ ମାମଲା ଲଢ଼ୁଥିଲେ।

ମସ୍ଜିଦ ନିର୍ମାଣ ଲାଗି ୫ ଏକର ଜମି ଗ୍ରହଣ କରିବାକୁ ଅଯୋଧ୍ୟାର ପ୍ରମୁଖ ନେତାମାନେ ମନା କରିଛନ୍ତି। ମାମଲାର ଅନ୍ୟତମ ପକ୍ଷ ଥିବା ଜମାଏତ୍ ଉଲେମା-ଇ-ହିନ୍ଦ୍ ସଂଗଠନର ଅଧ୍ୟକ୍ଷ ମୌଲାନା ବାଦଶାହ ଖାନ୍ କହିଛନ୍ତି, ସେମାନେ ବାବ୍ରୀ ମସ୍ଜିଦ ଜମି ପାଇଁ ମାମଲା ଲଢ଼ୁଥିଲେ, ଅନ୍ୟତ୍ର ଜମି ନେବାକୁ ନୁହେଁ। ଆମେ ଅନ୍ୟତ୍ର ଜମି ନେବାକୁ ଚାହୁଁନୁ, ବରଂ ଉକ୍ତ ଜମିକୁ ଆମେ ରାମମନ୍ଦିରକୁ ଦାନ କରିବୁ ବୋଲି ସେ କହିଛନ୍ତି। ମୁସଲମାନମାନେ ଜମି କିଣି ମସ୍ଜିଦ ନିର୍ମାଣ କରିପାରିବେ। ସେମାନେ କୌଣସି ସରକାରଙ୍କ ଉପରେ ନିର୍ଭର କରିବାକୁ ଚାହୁଁନାହାନ୍ତି। ଯଦି ଅଦାଲତ କିମ୍ବା ସରକାର ଆମକୁ ଜମି ଦେବାକୁ ଚାହାନ୍ତି ତେବେ ଦରଘା ଓ ଶ୍ମଶାନ ପାଇଁ ଅଧିଗ୍ରହଣ ହୋଇଥିବା ଜମିକୁ ଦିଅନ୍ତୁ ବୋଲି ସ୍ଥାନୀୟ ମୌଲାନା ଜଲାଲ ଅଶ୍ରଫ୍ କହିଛନ୍ତି।

### ରାୟର ସମୀକ୍ଷା ଆବଶ୍ୟକ: ହବିବୁଲ୍ଲା

ନୂଆଦିଲ୍ଲୀ,୧୧।୧୧(ପି.ଟି.)



ଅଯୋଧ୍ୟା ରାୟକୁ ନେଇ ଜାତୀୟ ସଂଖ୍ୟାଲଘୁ କମିଶନର ପୂର୍ବତନ ଅଧ୍ୟକ୍ଷ ୱାଜାହତ୍ ହବିବୁଲ୍ଲା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରାୟର ସମୀକ୍ଷା ହେବା ଦରକାର ବୋଲି ସେ ମତ ଦେଇଛନ୍ତି। ଦେଶର ପ୍ରଥମ ମୁଖ୍ୟ ସୂଚନା କମିଶନର ଥିବା ହବବୁଲ୍ଲା କହିଛନ୍ତି, ସର୍ବୋଚ୍ଚ ଅଦାଲତ ତାଙ୍କ ରାୟରେ ଦୁଇ ସମ୍ପ୍ରଦାୟର ଉଦ୍ବେଗକୁ କମାଇବା ଲାଗି ଉଦ୍ୟମ କରିଛନ୍ତି। ତେବେ ରାୟ ତ୍ରୁଟିଯୁକ୍ତ ବୋଲି ସେ ଅନୁଭବ କରୁଥିବା କହିଛନ୍ତି।



ସୌନ୍ଦର୍ଯ୍ୟ

# ଭେଜିଟେବଲ ଆଇସ୍ କ୍ୟୁବ୍

ଥଣ୍ଡା ଥଣ୍ଡା ଆଇସ୍ କ୍ୟୁବ୍‌କୁ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବି ବ୍ୟବହାର କରିପାରିବେ। ଏହା ବିଭିନ୍ନ ପନିପରିବା ରସରେ ତିଆରି ହୋଇଥିବାରୁ ତ୍ୱଚା ପାଇଁ ବରଦାନ ପାଲଟିଯିବ। ଜାଣନ୍ତୁ କିପରି...

- ଆଳୁ,ଟମାଟୋ ଏବଂ କାକୁଡ଼ି ରସର ମିଶ୍ରଣରେ ପ୍ରସ୍ତୁତ ଆଇସ୍ କ୍ୟୁବ୍ ତ୍ୱଚାରୁ ବ୍ରଣ, କଳା ଓ ଧଳା ଦାଗ ଏବଂ ଅଣ୍ଡର ଆର୍ମସ୍‌ରେ ଥିବା କଳାଦାଗ ଦୂର କରିଥାଏ।
- ଟମାଟୋ ଏବଂ ଲେମ୍ବୁ ରସକୁ ଆଇସ୍ ଟ୍ରେରେ ରଖି ଆଇସ୍ କ୍ୟୁବ୍ ପ୍ରସ୍ତୁତ କରନ୍ତୁ। ଏକ ସୂତା କପଡ଼ାରେ ଏହାକୁ ରଖି ଦିନକୁ ୨ ଥର ତ୍ୱଚାର ଡାର୍କ ସର୍କଲରେ ଧୀରେ ଧୀରେ ଘଷନ୍ତୁ। ଏହା ତ୍ୱଚାକୁ ଆର୍ଦ୍ର ତଥା କୋମଳ ରଖିବା ସହ କ୍ଲିଞ୍ଜର ଏବଂ ଟୋନରର କାମ କରିଥାଏ। ତ୍ୱଚାରୁ କଳାଦାଗ ବି କମିଥାଏ।
- ଆଳୁରସରେ ପ୍ରସ୍ତୁତ ଆଇସ୍ କ୍ୟୁବ୍ ତ୍ୱଚାରେ ମସାଜ୍ କରନ୍ତୁ। ଏପରି କଲେ ପୋର୍ସ ଖୋଲିଯିବା ସହ ତ୍ୱଚା ଟାଇଟ୍ ହୋଇଥାଏ। ଆଖି ତଳର କଳାଦାଗ ବି ଦୂର ହୋଇଥାଏ।
- ଟ୍ୟାନିଂ, ମୁହଁରେ ଥିବା କଳା ବା ଧଳା ଦାଗ, ବ୍ରଣ ଆଦି ସମସ୍ୟାରୁ ରକ୍ଷା ପାଇବା ପାଇଁ କାକୁଡ଼ି ଏବଂ ନିମ୍ବପତ୍ରର ରସ ମିଶାଇ ଆଇସ୍ କ୍ୟୁବ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ, ବେକ, ହାତ ଏବଂ କହୁଣିରେ ଲଗାଇ ଘଷନ୍ତୁ। ୧୫ରୁ ୨୦ ମିନିଟ୍ ପରେ ଏହାକୁ ଧୋଇଦିଅନ୍ତୁ। ଏହା ସହ ଆପଣ ଲେମ୍ବୁରସ ବି ମିଶାଇପାରିବେ।
- ଏଲୋଭେରା ଜେଲ୍‌କୁ ଆଇସ୍ ଟ୍ରେରେ ରଖି ଆଇସ୍ କ୍ୟୁବ୍ ପ୍ରସ୍ତୁତ କରନ୍ତୁ। ଏହି କ୍ୟୁବ୍‌କୁ ଆଖି ଏବଂ ମୁହଁରେ ୧୦ ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଘଷନ୍ତୁ। ଏହାଦ୍ୱାରା ଆଖିର ଥକାପଣ ବି ଦୂର ହୋଇଥାଏ। ତ୍ୱଚାରେ ଚମକ ବି ଆସିଥାଏ।
- ଟ୍ୟାନିଂ ଏବଂ ବ୍ରଣ ଦୂରକରିବା ପାଇଁ କାକୁଡ଼ିରସ ସହ ଗୋଲାପଜଳ ମିଶାଇ ଆଇସ୍ କ୍ୟୁବ୍ ପ୍ରସ୍ତୁତ କରନ୍ତୁ। ଆଉ ତାକୁ ମୁହଁରେ ମସାଜ କରନ୍ତୁ। କିଛିଦିନ ଏପରି କଲେ ଫରକ୍ ନିଜେ ଜାଣିପାରିବେ।



# ଆଙ୍କ୍‌ଲେଟ୍ ଫ୍ୟାଶନ



ଆଜିକାଲି ମହିଳାମାନେ ସିଲ୍‌ଭର ପାଉଁଜି ବଦଳରେ ଆର୍ଟିଫିସିଆଲ ଏବଂ ଷ୍ଟାଇଲିଶ୍ ଆଙ୍କ୍‌ଲେଟ୍ ପିନ୍ଧିବାକୁ ପସନ୍ଦ କରୁଛନ୍ତି। ମଡର୍ନ ହେଉ ଅବା ଟ୍ରାଡିସନାଲ ଡ୍ରେସ୍ ଯେକୌଣସି ଗେଟ୍‌ଅପ୍‌ରେ ଏହା ବେଶ୍ ମାନିଥାଏ। କ୍ୟାପ୍ରି, ସ୍କର୍ଟ, ଜିନ୍ସ ଆଦି ସହ ବି ଆପଣ ଏହାକୁ ପିନ୍ଧିପାରିବେ।

**ଆଙ୍କ୍‌ଲେଟ୍ ଭେରାଇଟି:** ଷ୍ଟାଇଲିଶ୍ ଆଙ୍କ୍‌ଲେଟ୍ ସମସ୍ତ ଗେଟ୍‌ଅପ୍‌ରେ ମ୍ୟାଚ୍ କରିଥାଏ। ମାର୍କେଟରେ ଲାଟେଷ୍ଟ ଭେରାଇଟିର ଆଙ୍କ୍‌ଲେଟ୍ ମିଳୁଛି। କଉଡ଼ିରେ ତିଆରି ହୋଇଥିବା ଆଙ୍କ୍‌ଲେଟ୍, ଫ୍ଲୋରାଲ ଡିଜାଇନ, କଲରଫୁଲ୍ ବିଡ୍‌ସରେ ସଜାଯାଇଥିବା ଆଙ୍କ୍‌ଲେଟ୍, ମେଟାଲ, ସିଲ୍‌ଭର ଚେନ୍ ଆଙ୍କ୍‌ଲେଟ୍, ଛୋଟ ଛୋଟ କ୍ରିଷ୍ଟାଲ ଲାଗିଥିବା ଆଙ୍କ୍‌ଲେଟ୍, ଡ୍ରେସ୍ ସହ ମ୍ୟାଚ୍ କରୁଥିବା ଆଙ୍କ୍‌ଲେଟ୍, ହ୍ୱାଇଟ୍ ପର୍ଲରେ ପ୍ରସ୍ତୁତ ଆଙ୍କ୍‌ଲେଟ୍ ଆପଣଙ୍କ ପାଦକୁ ଖୁବ୍ ମାନିବ।



**ଆଙ୍କ୍‌ଲେଟ୍ ପିନ୍ଧିବା ପୂର୍ବରୁ:-** ଆଙ୍କ୍‌ଲେଟ୍ ପିନ୍ଧିବା ପୂର୍ବରୁ ପ୍ରଥମେ ପେଡିକିଓର କରନ୍ତୁ। ଏହାଦ୍ୱାରା ଆପଣଙ୍କ ପାଦ କୋମଳ ଏବଂ ପରିଷ୍କାର ରହିବ।

- ଗରମପାଣିରେ ହାଇଡ୍ରୋଜେନ୍ ପାରକ୍ସାଇଡ୍ କିମ୍ବା ଲେମ୍ବୁରସ, ଗୋଲାପ ପାଖୁଡ଼ା ପକାନ୍ତୁ। ଏକ ବ୍ରସ୍ ସାହାଯ୍ୟରେ ପାଦକୁ ପରିଷ୍କାରକରି ନେଲ୍ ଫାଇଲ୍ କରିବା ପରେ ବୋଲ୍ଡ କଲର ବା ଡ୍ରେସ୍‌କୁ ମ୍ୟାଚିଂକରି ନେଲ୍ ପେଣ୍ଟ କରନ୍ତୁ। ନେଲ୍ ଆର୍ଟ ବି କରିପାରିବେ।
- ଆପଣ ଚାହିଁଲେ ଘରେ ଆଙ୍କ୍‌ଲେଟ୍ ଖୁବ୍ ସହଜରେ ତିଆରି କରିପାରିବେ। ଦରକାରରେ ଆସୁ ନ ଥିବା ଷ୍ଟୋନ୍, ପର୍ଲ, ଚେନ୍, ଇୟର ରିଙ୍ଗସ ଯାହାର ଗୋଟିଏ ପେୟାର ନ ଥିବ ତାକୁ ଉପଯୋଗ କରିପାରିବେ। ଏଥିରେ କ୍ରିଷ୍ଟାଲ, ଷ୍ଟାର ଚେନ୍‌ର ବି ବ୍ୟବହାର କରିପାରିବେ। ଏହା ଆପଣଙ୍କ ଉପରେ ନିର୍ଭର କରେ ଆପଣ କିପରି ଲୁକ୍‌ଦେବାକୁ ଚାହୁଁଛନ୍ତି।

ଖା|ଦ୍ୟ|ରୁ|ଚି

# ମେକ୍ସିକାନ୍ ସୁପ୍

**ଆବଶ୍ୟକ ସାମଗ୍ରୀ –** ଟମାଟୋ ପ୍ୟୁରି – ୧ କପ୍, ଛୋଟ ଛୋଟ ଆକାରରେ କଟାଯାଇଥିବା ପନିପରିବା (ବନ୍ଧାକୋବି, କ୍ୟାପ୍‌ସିକମ୍, ଗାଜର ଆଦି) – ୧/୨ କପ୍, ରସୁଣ କୋଳା – ୧ ଚାମଚ, ଭିନେଗାର – ୧ ଚାମଚ, ଅଲିଭ୍ ଅଏଲ୍ – ୧ ଚାମଚ, ଟମାଟୋ ସସ୍ – ୧ ଚାମଚ, ସିଝା ପାସ୍ତା, ଲଙ୍କାଗୁଣ୍ଡ – ୧/୨ ଚାମଚ, ସ୍ୱାଦାନୁସାରେ ଲୁଣ, ଭେଜିଟେବୁଲ ଷ୍ଟକ୍ – ୩/୪ କପ୍।

**ପ୍ରସ୍ତୁତି ପ୍ରଣାଳୀ –** ପ୍ରଥମେ ପ୍ୟାନ୍‌ରେ ତେଲ ଗରମ କରନ୍ତୁ। ଏଥିରେ ରସୁଣ ପକାଇ ଭାଜନ୍ତୁ। ଏବେ ସମସ୍ତ ପନିପରିବାକୁ ଏଥିରେ ପକାଇ ୨ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ। ଟମାଟୋ ପ୍ୟୁରି, ଭେଜିଟେବୁଲ ଷ୍ଟକ୍ ଏବଂ ପୂର୍ବରୁ ସିଝାଯାଇଥିବା ପାସ୍ତା ପକାନ୍ତୁ। ଏହାପରେ କିଛି ମାତ୍ରାରେ ପାଣି ପକାଇ ୫–୭ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ସେଥିରେ ଟମାଟୋ ସସ୍, ଲଙ୍କାଗୁଣ୍ଡ ଏବଂ ଭିନେଗାର ମିଶାଇ ପୁଣି ୧–୨ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ଶେଷରେ ଆଞ୍ଚ ବନ୍ଦ କରିଦିଅନ୍ତୁ। ଏବେ ପ୍ରସ୍ତୁତ ହେଲା ମେକ୍ସିକାନ୍ ସୁପ୍। ଗରମ ଗରମ ଏହାକୁ ପରଷନ୍ତୁ।



# ମହିଳା ଓ ମଧୁମେହ

ଡା. ସରୋଜିନୀ ଷଡ଼ଙ୍ଗୀ



ମଧୁମେହ ରୋଗୀଙ୍କର ହେଉଥିବା ବିଭିନ୍ନ ଜଟିଳତା ଏବଂ ଏହାର ଭୟାବହତାକୁ ଦୃଷ୍ଟିରେ ରଖି ଏହାର ନିରାକରଣ ଓ ଚିକିତ୍ସା ନିମନ୍ତେ ସଚେତନତା ସୃଷ୍ଟି କରିବା ସହ ଏ ରୋଗ କମାଇବା ପାଇଁ ନଭେମ୍ବର ୧୪ ତାରିଖରେ 'ବିଶ୍ୱ ମଧୁମେହ ଦିବସ' ପାଳନ କରାଯାଉଛି। ଚଳିତ ବର୍ଷର ଥିମ୍ ହେଉଛି, 'ପରିବାର ଓ ମଧୁମେହ ରୋଗ'।

ପୃଥିବୀର ସବୁ ଦେଶରେ ଏବେ ମଧୁମେହ ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଛି। ପରିସଂଖ୍ୟାନରୁ ଜଣାଯାଇଛି ଯେ, ଏହି ରୋଗୀଙ୍କ ସଂଖ୍ୟା ଆମ ଦେଶରେ ସର୍ବାଧିକ। ସାରା ବିଶ୍ୱରେ ୪୨.୫ କୋଟି ଲୋକ ମଧୁମେହ ରୋଗ ଭୋଗୁଥିଲା ବେଳେ ପ୍ରାୟ ୨୦ କୋଟି ମହିଳା ଏହି ରୋଗରେ ଆକ୍ରାନ୍ତ । ୨୦୪୦ ସୁଦ୍ଧା ମହିଳା ମଧୁମେହ ରୋଗୀଙ୍କ ସଂଖ୍ୟା ବଢ଼ି ୩୧.୬ କୋଟିରେ ପହଞ୍ଚିବ। ତେଣୁ ମହିଳାମାନେ କିପରି ସୁସ୍ଥ ରହିବା ଲାଗି ସୁଷମ ଖାଦ୍ୟ ଖାଇବା ସହ ବ୍ୟାୟାମ କରିବା ଏବଂ ନୂତନ ଜୀବନଶୈଳୀକୁ ଆପଣାଇବା ଆବଶ୍ୟକ। ତେବେ ପରିବାରରେ ଜଣକୁ ମଧ୍ୟ ମଧୁମେହ ରୋଗ ହେଲେ ସାରା ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇ ପଡ଼ିଥାନ୍ତି ଏବଂ ଏଥିରେ ସନ୍ତାନସନ୍ତତିମାନେ ମଧ୍ୟ ବଂଶଗତ ଦୃଷ୍ଟିରୁ ଏହି ରୋଗ ଭୋଗିବା ଆଶଙ୍କା ଥାଏ। ତେଣୁ ନିଜ ସହ ପରିବାରରେ ସମସ୍ତଙ୍କ ସ୍ୱାସ୍ଥ୍ୟ କିପରି ଠିକ୍ ରହିବ ସେଥିପ୍ରତି ମହିଳାମାନେ ବିଶେଷ ଦୃଷ୍ଟିଦେବା ଆବଶ୍ୟକ , ଏହା ମହିଳାମାନଙ୍କ ଦାୟିତ୍ୱ।

ପୃଥିବୀରେ ସମସ୍ତ ମହିଳା ରୋଗୀଙ୍କ ମଧ୍ୟରୁ ପ୍ରାୟ ୫ କୋଟି ମହିଳା ପ୍ରଜନନ ବୟସ ସୀମାରେ ଥାନ୍ତି। ଏହି ରୋଗ ମହିଳା ମୃତ୍ୟୁର ପ୍ରମୁଖ କାରଣ, ଯେଉଁଥିରେ ପ୍ରାୟ ୨୦ ଲକ୍ଷ ମହିଳାଙ୍କର ମୃତ୍ୟୁ ଘଟିଥାଏ। ଟାଇପ୍-୨ ମହିଳା ମଧୁମେହ ରୋଗୀମାନେ ୧୦ ଗୁଣ ଅଧିକ କରୋନାରି ହାର୍ଟ ଡିଜିଜ୍ ବା ହୃତ୍‌ପିଣ୍ଡ ଧମନୀ ଜନିତ ରୋଗରେ ପୀଡ଼ିତ ହୁଅନ୍ତି। ୧୫–୪୫ ବର୍ଷ ମଧ୍ୟରେ ତାଙ୍କୁ ସ୍ତ୍ରୀ ହର୍‌ମୋନ ଇଷ୍ଟ୍ରୋଜେନ୍ ଏକ ରକ୍ଷାକବଚ ଭଳି କାମ କରି ତାଙ୍କୁ ହୃଦ୍‌ରୋଗରୁ ରକ୍ଷା କରିଥାଏ। ତେଣୁ ମାସିକ ରକ୍ତସ୍ରାବର ବିରତି(ମେନୋପଜ୍) ପରେ ଏହି ରୋଗର ଆଶଙ୍କା ବଢ଼ୁଥିବାରୁ ମହିଳାମାନେ ଏ ସମୟରେ ନିଜ ଦେହର ଯତ୍ନ ନେବା ଖୁବ୍ ଜରୁରୀ। ସେମାନେ ରୁଟିନ୍ ବ୍ଲଡ୍‌ସୁଗାର ଏବଂ କୋଲେଷ୍ଟେରଲ ଆଦି ଟେଷ୍ଟ କରିବା ସହ ଉଚ୍ଚ ରକ୍ତଚାପ ଥିଲେ ତା'ର ଚିକିତ୍ସା କରିବା ଆବଶ୍ୟକ। ହୃଦ୍‌ଘାତର ସବୁଠାରୁ ବଡ଼ ରିସ୍କ ଫ୍ୟାକ୍ଟର ହେଉଛି ମଧୁମେହ ରୋଗ। ବେଳେବେଳେ ବେଶି ଛାତି ବ୍ୟଥା ବା ଆଞ୍ଜାଇନ୍ ନ ହୋଇ ମଧ୍ୟ 'ନୀରବ ହୃଦ୍‌ଘାତ' ହୋଇଥାଏ।

ମଧୁମେହ ରୋଗ ହୃତ୍‌ପିଣ୍ଡରେ ଥିବା ବୃହତ୍ ଧମନୀ (କରୋନାରି ଧମନୀ) ତଥା କ୍ଷୁଦ୍ର ଧମନୀରେ ଜଟିଳତା ସୃଷ୍ଟି କରିଥାଏ। ତେଣୁ ହୃଦ୍‌ଘାତ ଓ ମସ୍ତିଷ୍କ ଘାତ (ଷ୍ଟ୍ରୋକ୍) ଡାଇବେଟିକ୍ ରେଟିନୋପାଥି (ଆଖିରେ ଜଟିଳତା), ଡାଇବେଟିକ୍ ନେଫ୍ରୋପାଥି (ବୃକ୍କରେ ଜଟିଳତା) ତଥା କାର୍ଡିଓ ମାଇଓପାଥି (ହୃତ୍‌ପିଣ୍ଡରେ ଜଟିଳତା) ଦେଖାଦେଇଥାଏ । ତେଣୁ ମହିଳା ମଧୁମେହ ରୋଗୀମାନେ ତେଲ ଓ ଘିଅ, ଛଣାଛଣି ଓ ଚର୍ବିଜାତୀୟ ଖାଦ୍ୟ ନ ଖାଇ ଫଳ, ତଟକା ପନିପରିବା, ସନ୍ତୁଳିତ ଆହାର ଗ୍ରହଣ କରିବା ସହ ବ୍ୟାୟାମ ବା ଶାରୀରିକ ପରିଶ୍ରମ କରିବା ଦରକାର । ଏହାଛଡ଼ା ନିଜର ଜୀବନଶୈଳୀ ବଦଳାଇବା ବି ଆବଶ୍ୟକ।





**ଗର୍ଭାବସ୍ଥାରେ ମଧୁମେହ ରୋଗ:**

ଗର୍ଭାବସ୍ଥାରେ ମଧୁମେହ ରୋଗ ମା' ଓ ଶିଶୁ ଉଭୟଙ୍କ ପାଇଁ ଜଟିଳତା ସୃଷ୍ଟି କରିଥାଏ । ଟାଇପ୍-୨ ମଧୁମେହ ରୋଗୀ ଅପେକ୍ଷା ଟାଇପ-୧ ମଧୁମେହ ରୋଗୀଙ୍କର ଗର୍ଭନଷ୍ଟ ଓ ଗର୍ଭସ୍ଥ ଶିଶୁ ବିକଳାଙ୍ଗ ହେବା ସମ୍ଭାବନା ବେଶି ଥାଏ । ପ୍ରତ୍ୟେକ ୭ଟି ଶିଶୁ ମଧ୍ୟରୁ ଗୋଟିଏ ଶିଶୁ ଗର୍ଭାବସ୍ଥାରେ ମଧୁମେହ ରୋଗ ପାଇଁ ପ୍ରଭାବିତ ହୋଇଥାନ୍ତି ଏବଂ ଗର୍ଭାବସ୍ଥାରେ ମଧୁମେହ ରୋଗୀମାନଙ୍କ ମଧ୍ୟରୁ ଶତକଡ଼ା ୫୦ ଭାଗ ମା' ପ୍ରସବର ୫ ରୁ ୧୦ ବର୍ଷ ମଧ୍ୟରେ ଟାଇପ-୨ ମଧୁମେହ ରୋଗ ଭୋଗିଥାନ୍ତି । ଏହା ସାଧାରଣତଃ ଦୁଇ ପ୍ରକାର-ଆଗରୁ ମଧୁମେହ ରୋଗ ଥାଇ ଗର୍ଭଧାରଣ ଏବଂ ଗର୍ଭାବସ୍ଥା ଯୋଗୁ ମଧୁମେହ ରୋଗ। ତେଣୁ ଗର୍ଭାବସ୍ଥା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ସହ ପ୍ରିନାଟାଲ କାଉନସେଲିଂ ଏବଂ ଗର୍ଭାବସ୍ଥାରେ ସ୍କ୍ରିନିଂ ଖୁବ୍ ଜରୁରୀ । ତେଣୁ ମଧୁମେହ ରୋଗୀମାନେ ତାଙ୍କର ବ୍ଲଡ୍‌ସୁଗାର କମାଇ ଗର୍ଭଧାରଣ କରିବା ଆବଶ୍ୟକ। ଗର୍ଭଧାରଣର ପ୍ରଥମ ୩ ମାସ ମଧ୍ୟରେ ବ୍ଲଡ୍‌ସୁଗାର ବେଶି ଥିଲେ, ବିକଳାଙ୍ଗ ଶିଶୁ ହେବା ସମ୍ଭାବନା ବେଶି ଥାଏ। ଯେଉଁ ଗର୍ଭବତୀ ମହିଳାଙ୍କ ବୟସ ୩୦–୩୫ ବର୍ଷରୁ ବେଶି ହୋଇଥାଏ, ଯେଉଁମାନଙ୍କର ଓଜନ ଅଧିକ ଥାଏ ବା ପରିବାରରେ ଭାଇ, ଭଉଣୀ, ବାପା, ମା' ବା କୌଣସି ରକ୍ତ ସମ୍ପର୍କୀୟଙ୍କର ମଧୁମେହ ରୋଗ ଥାଏ, ଯେଉଁମାନଙ୍କର ଆଗରୁ ବେଶି ଓଜନର ଶିଶୁ ଜନ୍ମ ନେଇଥାଏ, ଗର୍ଭରେ ଶିଶୁ ମୃତ୍ୟୁ, ବିକଳାଙ୍ଗ ଶିଶୁ, ପ୍ରସବ ପରେ ଶିଶୁ ମୃତ୍ୟୁ ବାରମ୍ବାର ଗର୍ଭନଷ୍ଟ, ଗର୍ଭାଶୟରେ ପାଣି ଜମିଯିବା, ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ ବା ବାରମ୍ବାର ପରିସ୍ରା ସଂକ୍ରମଣ ଓ ସାଦା ସ୍ରାବ ହୋଇଥାଏ, ସେମାନଙ୍କର ଗ୍ଲୁକୋଜ୍ ଚ୍ୟାଲେଞ୍ଜ ଟେଷ୍ଟ ଓ ମଧୁମେହ ରୋଗ ପାଇଁ ସ୍କ୍ରିନିଂ କରାଯାଏ । ଏହାଛଡ଼ା ସେମାନଙ୍କର ଗର୍ଭସ୍ଥ ଶିଶୁର ବିକଳାଙ୍ଗର ପରୀକ୍ଷା ପାଇଁ ଡୁଆଲ୍ ଓ ଟ୍ରିପଲ ମାର୍କର ଟେଷ୍ଟ, ଏନ୍‌ଟି ସ୍କାନ୍ ଓ ୫ ମାସରେ 'ଟିଫା ସ୍କାନ୍' କରାଯାଏ ଏବଂ ଶିଶୁର ଇକୋକାର୍ଡିଓଗ୍ରାମ କରି ହୃତ୍‌ପିଣ୍ଡରେ ଅସୁବିଧା ଅଛି କି ନାହିଁ ଦେଖିବାକୁ ହୋଇଥାଏ । ଗର୍ଭାବସ୍ଥାରେ ମଧୁମେହ ରୋଗ ଥିଲେ ବାରମ୍ବାର ଗର୍ଭନଷ୍ଟ, ଗର୍ଭଥଳୀରେ ପାଣି ଜମିବା, ଅପରିଣତ ପ୍ରସବ, ସିଜରିଆନ୍ ସେକସନ୍ ଆଦିର ଭୟ ଥାଏ। ଏହା ବ୍ୟତୀତ ବିକଳାଙ୍ଗ ଶିଶୁ, ବଡ଼ ଶିଶୁ, ମୁଣ୍ଡ ନ ଥିବା ଶିଶୁ(ଆନେନ୍ କେଫାଲସ୍), ବଡ଼ ମୁଣ୍ଡ ଶିଶୁ (ହାଇଡ୍ରୋ କେଫାଲସ୍), ହୃତ୍‌ପିଣ୍ଡରେ ଛିଦ୍ର, ବୃକ୍କ ତଥା ଖାଦ୍ୟନଳୀରେ ଅସୁବିଧା ଥିବା ଶିଶୁ ଜନ୍ମ ହୋଇଥାଏ । ତେଣୁ ପ୍ରସବ ସମୟରେ ସତର୍କତା ଅବଲମ୍ବନ କରି ମା' ଓ ଶିଶୁକୁ ଜଟିଳତାରୁ ରକ୍ଷାକରିବା ଆବଶ୍ୟକ।

ଲିଙ୍କ୍‌ରୋଡ୍, କଟକ–୧୨
ମୋ: ୯୪୩୭୦୫୫୦୦୭



# ଗ୍ୟାସ୍ ବଞ୍ଚାଇବାକୁ ଚାହୁଁଥିଲେ..

- ରୋଷେଇ ଆରମ୍ଭ କରିବା ପୂର୍ବରୁ ସମସ୍ତ ଆବଶ୍ୟକ ସାମଗ୍ରୀ ଏକାଠିକରି ରଖନ୍ତୁ। ଏହାଦ୍ୱାରା ଉଭୟ ଗ୍ୟାସ୍ ଓ ସମୟ ବଞ୍ଚିଥାଏ।
- ଥଣ୍ଡା କ୍ଷୀର, ପନିପରିବା ଏବଂ ଫ୍ରୋଜନ୍ ଫୁଡ୍ ଆଦିକୁ ବ୍ୟବହାର କରିବାକୁ ଥିଲେ ୧ ଘଣ୍ଟା ପୂର୍ବରୁ ଫ୍ରିଜ୍‌ରୁ ବାହାରକରି ରଖନ୍ତୁ।
- ବିନା ଢାଙ୍କୁଣିରେ ଖାଦ୍ୟ ପ୍ରସ୍ତୁତ କଲେ ଗ୍ୟାସ୍ ତିନିଗୁଣା ଅଧିକ ଖର୍ଚ୍ଚ ହୋଇଥାଏ। ତେଣୁ ସବୁବେଳେ ଢାଙ୍କୁଣି ଘୋଡ଼ାଇ ରୋଷେଇ କରନ୍ତୁ।
- କଡ଼େଇ ଏବଂ ପ୍ୟାନ୍ ବଦଳରେ ପ୍ରେସର କୁକରରେ ରୋଷେଇ କରନ୍ତୁ। କୁକରରେ ରୋଷେଇ ଶୀଘ୍ର ହୋଇଥାଏ ଏବଂ ଗ୍ୟାସ୍ ବି କମ୍ ଖର୍ଚ୍ଚ ହୋଇଥାଏ।
- ଖାଦ୍ୟ ପ୍ରସ୍ତୁତି ସମୟରେ ଆବଶ୍ୟକ ଅନୁସାରେ ପାଣି ଦିଅନ୍ତୁ। ଅଧିକ ପାଣି ଦେବା ଦ୍ୱାରା ରୋଷେଇ ଅଧିକ ସମୟ ଲାଗିଥାଏ ଏବଂ ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଏ।
- ପନିପରିବା, ଡାଲି ଏବଂ ମାଂସ ଆଦି ସିଝିବା ପାଇଁ ଗ୍ୟାସ୍ ଅଧିକ ଖର୍ଚ୍ଚ ହୋଇଥାଏ। ଏସବୁକୁ ସେମି କୁକ୍ କରିବା ପାଇଁ ମାଇକ୍ରୋୱେଭ୍ ବ୍ୟବହାର କରନ୍ତୁ। ଗ୍ୟାସ୍ ତୁଳନାରେ ମାଇକ୍ରୋୱେଭ୍‌ରେ ମାଂସ ଶୀଘ୍ର ସିଝିଥାଏ।
- ମିଡିୟମ ଆଞ୍ଚରେ ସବୁବେଳେ ଖାଦ୍ୟ ପ୍ରସ୍ତୁତ କରନ୍ତୁ। କାରଣ ଅଧିକ ଆଞ୍ଚରେ ଖାଦ୍ୟ ପୋଡ଼ିଯାଏ ଏବଂ କମ୍ ଆଞ୍ଚରେ ଗ୍ୟାସ୍ ଅଧିକ ଖର୍ଚ୍ଚ ହୋଇଥାଏ।
- ରୋଷେଇ ତଥା ଚା' କିମ୍ବା ଅନ୍ୟ ଖାଦ୍ୟ ପ୍ରସ୍ତୁତିବେଳେ ବାରମ୍ବାର ପାଣି ଗରମ ନ କରି ତା' ବଦଳରେ ଗୋଟିଏ ଥର ଅଧିକ ପାଣି ଗରମକରି ଏକ ଫ୍ଲାସ୍କରେ ରଖନ୍ତୁ।
- ଶୀତଦିନେ ବାରମ୍ବାର ଗ୍ୟାସ୍‌ରେ ପାଣି ଗରମ କରିବା ବଦଳରେ ସୋଲାର ୱାଟର ହିଟର ବ୍ୟବହାର କରନ୍ତୁ।
- ଖାଦ୍ୟ ପ୍ରସ୍ତୁତି ପାଇଁ ଉପଯୁକ୍ତ ସାଇଜର କଡ଼େଇ ବା ପ୍ୟାନ୍ ବ୍ୟବହାର କରନ୍ତୁ। ଛୋଟ ସାଇଜ କଡ଼େଇ ବ୍ୟବହାର କରିବା ଦ୍ୱାରା ଗ୍ୟାସ୍‌ର ଆଞ୍ଚ କଡ଼େଇର ବାହାରକୁ ଆସିଥାଏ ଏବଂ ବଡ଼ ସାଇଜର କଡ଼େଇ ବ୍ୟବହାର ଦ୍ୱାରା ଗରମ ହେବା ପାଇଁ ଗ୍ୟାସ୍ ଅଧିକ ଖର୍ଚ୍ଚ ହୋଇଥାଏ।
- ବର୍ନର ହଳଦିଆ ଫ୍ଲେମ୍‌ରେ ଜଳିଲେ ଏହାକୁ ପରିଷ୍କାର କରିବା ସଙ୍କେତ ମିଳିଥାଏ। ତେଣୁ ସମୟ ଅନ୍ତରରେ ରେଗୁଲେଟର, ପାଇପ୍ ଏବଂ ବର୍ନର ଆଦିର ଚେକ୍ କରି ନିଅନ୍ତୁ। ନଚେତ୍ ଗ୍ୟାସ୍ ଲିକ୍ ହେବା ସମ୍ଭାବନା ରହିଛି।

“ପେଟିଏମ୍ ଭାରତର ପରିବର୍ତ୍ତିତ ତଥା ଅଭିନବ ଏଣ୍ଟରପ୍ରିନିୟର ଇକୋସିଷ୍ଟମ ଉପରେ ବିଶ୍ୱାସ ରଖିଛି।

–ବିକାଶ ଗର୍ଗ, ଉପମୁଖ୍ୟ ବିତ୍ତ ଅଧିକାରୀ, ପେଟିଏମ୍



“ଏମ୍ଏସ୍ଏମ୍ଇଗୁଡ଼ିକର କ୍ରେଡିଟ୍ ରେଟିଂ ଲାଗି ସରକାର ନୀତି ଆଣିବାକୁ ଯୋଜନା ରଖିଛନ୍ତି।

–ନୀତିନ ଗଡକରୀ, କେନ୍ଦ୍ର ଏମ୍ଏସ୍ଏମ୍ଇ ମନ୍ତ୍ରୀ



## ସଂକ୍ଷେପରେ

### ବିଏସ୍ଏନ୍ଏଲ୍ ଭିଆର୍ଏସ୍ ଲାଗି ୭୦ ହଜାର ଆବେଦନ

ନୂଆଦିଲ୍ଲୀ,୧୧-୧୧

ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍ଏନ୍ଏଲ୍) କର୍ମଚାରୀଙ୍କ ଲାଗି ନିକଟରେ ଆସିଥିବା ସ୍ୱେଚ୍ଛାକୃତ ଅବସର ଯୋଜନା(ଭିଆର୍ଏସ୍)ର ଲାଭ ନେବାକୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୭୦ ହଜାର କର୍ମଚାରୀ ଆବେଦନ କରିଛନ୍ତି। ଗତ ସପ୍ତାହରେ ଆସିଥିବା ଏହି ସ୍କିମରେ ୭୭ ହଜାର କର୍ମଚାରୀଙ୍କୁ ସୁବିଧା ଦେବା ନେଇ ସରକାର ଯୋଜନା ରଖିଥିବା ବିଏସ୍ଏନ୍ଏଲ୍ ଏମ୍ଡି ପି.କେ. ପୁରୱାର ସୋମବାର ସୂଚନା ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏ ନେଇ ଏକ ସୁଚିନ୍ତିତ ଯୋଜନା କରାଯାଇଥିବା ବେଳେ ଏହାକୁ କର୍ମଚାରୀଙ୍କଠାରୁ ବିପୁଳ ରେସ୍ପନ୍ସ ମିଳୁଥିବା ସେ କହିଛନ୍ତି। ଭିଆର୍ଏସ୍ ସ୍କିମ ଲାଗୁ ପରେ କମ୍ପାନୀ ବିଭିନ୍ନ ଆନୁଷଙ୍ଗିକ ଖର୍ଚ୍ଚ ବାବଦକୁ ପ୍ରାୟ ୭ ହଜାର କୋଟି ଟଙ୍କା ସଞ୍ଚୟ କରିବାକୁ ସକ୍ଷମ ହେବ ବୋଲି ସୂଚନା ଦେଇଛି।

### ଜେଟ୍ ବିରୋଧରେ ହେବ ଏସ୍ଏଫ୍ଆଇଓ ତଦନ୍ତ

ନୂଆଦିଲ୍ଲୀ,୧୧-୧୧

ନରେଶ ଗୋଏଲଙ୍କ ଦ୍ୱାରା ପ୍ରତିଷ୍ଠିତ ଜେଟ୍ ଏୟାରୱେଜ ବିମାନ କମ୍ପାନୀ ଲାଗି ଅଡୁଆ ବଢ଼ିଛି। ବିଭିନ୍ନ କାରଣ ଲାଗି ଏହି ବିମାନ କମ୍ପାନୀ ବର୍ତ୍ତମାନ ବନ୍ଦ ହୋଇ ପଡ଼ିଛି। ବିମାନ କମ୍ପାନୀର ଜେନେରାଲ ସେଲ୍ସ ଏଜେଣ୍ଟ (ଜିଏସ୍ଏ) ମଡେଲ ଦ୍ୱାରା ଗୋଏଲ ଅର୍ଥ ହେରଫେର କରିଥିବା ଅଭିଯୋଗ ଆସିଛି। ଏହି ଆଧାରରେ କମ୍ପାନୀ ବିରୋଧରେ ସିରିୟସ ଫ୍ରଡ ଇନଭେଷ୍ଟିଗେଶନ ଅଫିସ୍ (ଏସ୍ଏଫ୍ଆଇଓ) ତଦନ୍ତ କରିବ ବୋଲି ଜଣାପଡ଼ିଛି। ବିଭିନ୍ନ କମ୍ପାନୀଙ୍କ ସହାୟତାରେ ଅର୍ଥ ହେରଫେର ହୋଇଥିବା ତଦନ୍ତକାରୀ ଏଜେନ୍ସି ସୂତ୍ରରୁ ସୂଚନା ରହିଛି।

# ୮ ବର୍ଷର ନିମ୍ନ ସ୍ତରରେ ଔଦ୍ୟୋଗିକ ଉତ୍ପାଦନ

ନୂଆଦିଲ୍ଲୀ,୧୧-୧୧

## ସେପ୍ଟେମ୍ବରରେ ୪.୩% ଖସିଲା



ଦେଶରେ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଚଳିତ ବର୍ଷ ସେପ୍ଟେମ୍ବର ମାସରେ ଔଦ୍ୟୋଗିକ ଉତ୍ପାଦନ ୪.୩% ହ୍ରାସ ଘଟିଛି। ଏହି ସମୟରେ ଘରୋଇ ବଜାରର ଶିଳ୍ପ ଉତ୍ପାଦନ ୮ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଥିବା ଜଣାପଡ଼ିଛି। ମାନୁଫାକ୍ଚରିଂ, ଖଣି, ବିଦ୍ୟୁତ ଭଳି କ୍ଷେତ୍ରରେ ଉତ୍ପାଦନ ହ୍ରାସ ହେବାରୁ ଏଭଳି ସ୍ଥିତି ଉପୁଜିଥିବା ସୋମବାର ପ୍ରକାଶିତ ସରକାରୀ ତଥ୍ୟରୁ ସାମ୍ନାକୁ ଆସିଛି। ଲଗାତର ଭାବେ ଦ୍ୱିତୀୟ ମାସ ଲାଗି ଶିଳ୍ପ କ୍ଷେତ୍ର ଉତ୍ପାଦନ ହ୍ରାସ ହେଉଥିବାରୁ ଦେଶର ଆର୍ଥିକ ମାନ୍ଦାବସ୍ଥା ଜଟିଳ ହେଉଥିବା ବଜାର ବିଶେଷଜ୍ଞମାନେ କହିଛନ୍ତି। ଅଗଷ୍ଟରେ ଏହା ୧.୧% ହ୍ରାସ ହୋଇଥିବା ବେଳେ ସେପ୍ଟେମ୍ବରରେ ବଢ଼ି ୪.୩% ଖସିଥିବାରୁ ଚିନ୍ତାର କାରଣ ପାଲଟିଛି। ମାନ୍ଦାବସ୍ଥା ଲାଗି ରହିଥିବାରୁ ଡିସେମ୍ବରରେ ରିଜର୍ଭ ବ୍ୟାଙ୍କ ପୁଣିଥରେ ସୁଧହାର ହ୍ରାସ କରିବା ନେଇ ସମ୍ଭାବନା ଉପୁଜିଛି।

କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍ଓ)ର ୨୦୧୧-୧୨ ସିରିଜ ଡାଟା ମୁତାବକ ଔଦ୍ୟୋଗିକ ଉତ୍ପାଦନ ସୂଚୀ(ଆଇଆଇପି) ୨୦୧୨ ପରଠାରୁ ସର୍ବନିମ୍ନ ସ୍ତରରେ ରହିଛି। ୨୦୧୭ ମେ ମାସରେ ଆଇଆଇପିର ନୂଆ ସିରିଜ ସରକାର ଆରମ୍ଭ କରିଥିଲେ। ୨୦୧୨ ଏପ୍ରିଲରେ ଆଇଆଇପି ୦.୭% ହ୍ରାସ ଘଟିଥିଲା। ସାଧାରଣତଃ ଶିଳ୍ପ କ୍ଷେତ୍ର ଉତ୍ପାଦନ ଆଇଆଇପି ସୂଚୀ ଦ୍ୱାରା ନିର୍ଦ୍ଧାରିତ କରାଯାଇଥାଏ। ଏହାଗତ ବର୍ଷ ସେପ୍ଟେମ୍ବରରେ ୪.୬% ବୃଦ୍ଧି ଘଟିଥିଲା। ଗତ ମାସରେ ଆସିଥିବା ଡାଟା ମୁତାବକ ଚଳିତ ବର୍ଷ ଅଗଷ୍ଟରେ ଆଇଆଇପି ୧.୧% ହ୍ରାସ ହୋଇଥିବା କୁହାଯାଇଥିଲା। ହେଲେ ପରିବର୍ତ୍ତିତ ଡାଟା ମୁତାବକ ଏହା ୧.୪% ଖସିଛି। ଚଳିତ ବର୍ଷ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଶିଳ୍ପ ଅଭିବୃଦ୍ଧି ସ୍ଥିର ରହିବା ସହ ୧.୩% ସ୍ତରରେ ରହିଛି। ଗତ ବର୍ଷ ସମାନ ସମୟରେ ଏହା ୫.୨% ରହିଥିଲା।

ମାନୁଫାକଚରିଂ କ୍ଷେତ୍ରରେ ମାନ୍ଦାବସ୍ଥା ଯୋଗୁ ଉକ୍ତ କ୍ଷେତ୍ରରେ ୩.୯% ହ୍ରାସ ଘଟିଛି। ଏହା ଗତ ବର୍ଷ ସମାନ ସମୟରେ ୪.୮% ରହିଥିଲା। ଶକ୍ତି ଉତ୍ପାଦନ ୨.୬% ହ୍ରାସ ଘଟିଛି। ଏହା ଗତ ବର୍ଷ ସେପ୍ଟେମ୍ବରରେ ୮.୨% ଅଭିବୃଦ୍ଧି ହାସଲ କରିଥିଲା। ଏହାବାଦ ଖଣି କ୍ଷେତ୍ର କାର୍ଯ୍ୟକଳାପ ୮.୫% ଖସିଛି। ୨୦୧୮ ସେପ୍ଟେମ୍ବରରେ ଏହା ୦.୧% ଅଭିବୃଦ୍ଧି ହାସଲ କରିଥିଲା। କ୍ୟାପିଟାଲ ଗୁଡ୍ସ ଉତ୍ପାଦନ ୨୦.୭% ହ୍ରାସ ଘଟିଛି। ଏହା ଗତ ବର୍ଷ ସେପ୍ଟେମ୍ବରରେ ୬.୯% ବଢ଼ିଥିଲା। ସେହିଭଳି ପ୍ରାଥମିକ ସାମଗ୍ରୀ କ୍ଷେତ୍ରରେ ଏହା (-) ୫.୧%, ମାଧ୍ୟମିକ ସାମଗ୍ରୀ କ୍ଷେତ୍ରରେ ୭% ଏବଂ ଭିତ୍ତିଭୂମି ତଥା ନିର୍ମାଣ ସାମଗ୍ରୀ କ୍ଷେତ୍ରରେ ଅଭିବୃଦ୍ଧି(-) ୬.୪% ରହିଛି। କଞ୍ଜ୍ୟୁମର ଡ୍ୟୁରେବଲ କ୍ଷେତ୍ରରେ ଏହା (-)୯.୯% ଏବଂ ଅଣ କଞ୍ଜ୍ୟୁମର ଡ୍ୟୁରେବଲ କ୍ଷେତ୍ରରେ ଅଭିବୃଦ୍ଧି (-) ୦.୪% ରହିଛି। ୨୩ ଇଣ୍ଡଷ୍ଟ୍ରି ଗ୍ରୁପ ମଧ୍ୟରେ ୧୭ର ଅଭିବୃଦ୍ଧି ନକାରାତ୍ମକ ରହିଛି।

### ଅକ୍ଟୋବରରେ ପାସେଞ୍ଜର ଯାନ ବିକ୍ରି ୦.୨୮% ବୃଦ୍ଧି

ନୂଆଦିଲ୍ଲୀ,୧୧-୧୧

ଅକ୍ଟୋବରରେ ପାସେଞ୍ଜର ଯାନ ବିକ୍ରିରେ ୦.୨୮% ବୃଦ୍ଧି ଘଟିଥିବା ସୋସାଇଟି ଅଫ୍ ଇଣ୍ଡିଆନ୍ ଅଟୋମୋବାଇଲ ମାନୁଫାକ୍ଚରର୍ସ ସୋସାଇଟି(ସିଆମ୍) ପକ୍ଷରୁ ସୂଚନା ଦିଆଯାଇଛି। ପାର୍ବଣ ସମୟ ବିକ୍ରି, ନୂଆ ମଡେଲ ଲଞ୍ଚ ଯୋଗୁ ବିକ୍ରି ସାମାନ୍ୟ ବଢ଼ିଥିବା ସିଆମ୍ ପକ୍ଷରୁ ପ୍ରକାଶ ପାଇଛି। ଅକ୍ଟୋବରରେ ଯାତ୍ରୀବାହୀ ଯାନ ବିକ୍ରି ୨.୮୫ ଲକ୍ଷ ୟୁନିଟକୁ ବଢ଼ିଛି। ଏହା ଗତ ବର୍ଷ ସମାନ ସମୟରେ ୨.୮୪ ଲକ୍ଷ ୟୁନିଟ ରହିଥିଲା। ସବୁ ବର୍ଗରେ ଯାନ ବିକ୍ରି କଥା ବିଚାର କରିଲେ ଏହା ୧୨.୭୬% ହ୍ରାସ ଘଟିଛି। ଚଳିତ ବର୍ଷ ଅକ୍ଟୋବରରେ ୨୧.୭୬ ଲକ୍ଷ ୟୁନିଟ ଯାନ ବିକ୍ରି ହୋଇଛି। ଏହା ଗତ ବର୍ଷ ସମାନ ସମୟରେ ୨୪.୯୪ ଲକ୍ଷ ୟୁନିଟ ଥିବା ସିଆମ ରିପୋର୍ଟରେ ଉଲ୍ଲେଖ ରହିଛି। ଗତ ମାସରେ ମୋଟର ସାଇକେଲ ବିକ୍ରି ୧୫.୮୮% ହ୍ରାସ ଘଟି ୧୧.୧୬ ଲକ୍ଷ ୟୁନିଟ ରହିଛି। ଏହା ଗତବର୍ଷ ସମାନ ସମୟରେ ୧୩.୨୭ ଲକ୍ଷ ୟୁନିଟ ରହିଥିଲା। ନଭେମ୍ବର ଏବଂ ଡିସେମ୍ବରରେ ଯାନ ବିକ୍ରି ଉନ୍ନତ ରହିବା ନେଇ ସିଆମ୍ ଆଶାବାଦୀ ରହିଛି। ସେହିଭଳି ଆଗାମୀ ଦିନରେ ଅଟୋମୋବାଇଲ ଶିଳ୍ପ ମାନ୍ଦାବସ୍ଥାରୁ ବାହାରକୁ ଆସିବାକୁ ସକ୍ଷମ ହେବ ବୋଲି ଏହା ଆଶା ପ୍ରକଟ କରିଛି। ସୂଚନା ମୁତାବକ ଏପ୍ରିଲ-ଅକ୍ଟୋବର ପାସେଞ୍ଜର ଯାନ ବିକ୍ରି ୨୦% କମିଛି।

■ଆୟକର ସ୍ଲାବ୍‌ରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ପ୍ରସ୍ତାବ

# ରାଜକୋଷକୁ ଆସିପାରେ ଅଧିକ ୫୦ ହଜାର କୋଟି

ନୂଆଦିଲ୍ଲୀ,୧୧-୧୧




ଆୟକର ସ୍ଲାବ୍ ଏବଂ କ୍ୟାପିଟାଲ ଗେନ୍ସ ଟାକ୍ସ କ୍ଷେତ୍ରରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ନେଇ ଟାସ୍କଫୋର୍ସ ସରକାରଙ୍କୁ ପ୍ରସ୍ତାବ ଦେଇଛି। ଏହା ଲାଗୁ ହେଲେ ରାଜକୋଷକୁ ଅଧିକ ୫୦,୦୦୦ କୋଟି ଟଙ୍କାର ରାଜସ୍ୱ ଆସିବା ନେଇ ସମ୍ଭାବନା ରହିଛି। ପ୍ରକ୍ରିୟା ସହ ଜଡ଼ିତ ସରକାରଙ୍କ ୨ ଉଚ୍ଚ ପଦସ୍ଥ ଅଧିକାରୀ ଏହି ସୂଚନା ଦେଇଛନ୍ତି। ପ୍ରତ୍ୟକ୍ଷ ଟିକସ ଟାସ୍କଫୋର୍ସ କମିଟିର ପ୍ରସ୍ତାବ ଉପରେ ସରକାର ବର୍ତ୍ତମାନ ବିଚାର ବିମର୍ଶ କରୁଛନ୍ତି। ଏହାର ଚୂଡ଼ାନ୍ତ ପ୍ରସ୍ତାବ ଆଗାମୀ ବଜେଟ୍‌ରେ ସ୍ଥାନ ପାଇବା ନେଇ ଆଶା କରାଯାଉଛି। ସମ୍ପତ୍ତି ଘୋଷଣା, ଉଚ୍ଚ ହାରରେ ଟିକସ ପ୍ରଦାନ କରିଥିବା ମାମଲାଗୁଡ଼ିକରେ କୌଣସି କାର୍ଯ୍ୟାନୁଷ୍ଠାନ କିମ୍ବା ପୁଣି ଥରେ ଆସେସ୍‌ମେଣ୍ଟ ନ କରାଇବା ଲାଗି ଭଳି ବିଭିନ୍ନ ପ୍ରସ୍ତାବ ଦିଆଯାଇଛି। ଗତ ୬ ବର୍ଷ ପର୍ଯ୍ୟନ୍ତ ମାମଲା, ସୁଧ ଏବଂ ୫୦% ଜରିମାନା ଦେଇଥିବା ଟିକସ ମାମଲାଗୁଡ଼ିକ ଲାଗି ଏଭଳି ପ୍ରସ୍ତାବ ରହିଛି। ମାତ୍ର ପ୍ରସ୍ତାବଗୁଡ଼ିକୁ ଏବେ ଯାଏ ସାର୍ବଜନୀନ କରାଯାଇ ନ ଥିବା ଜଣାପଡ଼ିଛି।

ଏଭଳି ବିଭିନ୍ନ ପ୍ରସ୍ତାବ ଉପରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍ଓ) ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ ଏବଂ ନୀତି ଆୟୋଗ ସହ ଆଲୋଚନା କରୁଛି। ଲଙ୍ଗ୍‌ଟର୍ମ କ୍ୟାପିଟାଲ ଗେନ୍ସ(ଏଲ୍‌ଟିସିଜି)ର ବର୍ତ୍ତମାନ ଟିକସ ଢାଞ୍ଚା ଉପରେ ମଧ୍ୟ ବିଚାର କରାଯାଉଥିବା ଏକ ଗଣମାଧ୍ୟମ ରିପୋର୍ଟରେ ଉଲ୍ଲେଖ ରହିଛି। ଟାସ୍କଫୋର୍ସ ଆୟକର ସ୍ଲାବ ନେଇ ବିଭିନ୍ନ ପ୍ରସ୍ତାବ ଦେଇଛନ୍ତି। ବାର୍ଷିକ ୧୦ ଲକ୍ଷ ପର୍ଯ୍ୟନ୍ତ ଆୟ କରୁଥିବା ବ୍ୟକ୍ତି ବିଶେଷଙ୍କ ଲାଗି ୧୦% ଟିକସ, ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଏବଂ ୨୦ ଲକ୍ଷ ପର୍ଯ୍ୟନ୍ତ ଆୟ ଉପରେ ୨୦% ଟିକସ ଲାଗୁ ନେଇ ପ୍ରସ୍ତାବ ରହିଛି। ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଏବଂ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ୩୦% ଏବଂ ୨ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଆୟ କ୍ଷେତ୍ରରେ ୩୫% ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ଟିକସ ଲାଗୁ କରାଇବା ପାଇଁ ଟାସ୍କଫୋର୍ସ ପ୍ରସ୍ତାବ ରଖିଛି।


ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
(ରାସ୍ତା ଓ ଗୃହ) ବିଭାଜନ ନଂ.୧, ଭୁବନେଶ୍ୱର
OFFICE OF THE EXECUTIVE ENGINEER
BHUBANESWAR (R & B) DIVISION NO. I, BHUBANESWAR
Email: - eebbsr1@yahoo.co.in, Phone : 06742597097

No.B-293 :-
INVITATION FOR BIDS (IFB)
Bid Identification No. CC (R&B)-01 — Tender Call Notice No. 21/2019-20

1. The Executive Engineer, Bhubaneswar (R & B) Division No. I, Bhubaneswar on behalf of Governor of Odisha invites Percentage Rate bids in Double Cover System for the work(s) as detailed below from eligible Tenderer/Bidder registered with the State Government and Contractors of equivalent grade/ class registered with Central Government/ MES/ Railway or Other Licensing Authority for execution of Building works on production of definite proof from the appropriate authority.

| Sl. No. | Name of work | Value of the work. (In Rs.) | Class of Contractor | Bid Security (In Rs.) | Cost of bid documents (Non-refundable) (In Rs.) | Period of Completion (in Calendar months) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Provision of facade lighting system of Odisha Legislative Assembly Building, Bhubaneswar, | 7487600/- (Excluding GST) | 'MV' & 'HT' | 74,900/- (Online) | 10,000/- (Online) | 3 (Three Months) |

2. The tenderer should have executed three stage lighting or similar type work whose total value equal the value of work applied for during last seven years preferably with Govt. of Odisha/Govt. undertaking Institutions 3. The tenderer should furnished proof of its execution with the tender documents in shape of work completion certificate from the competent authority. 4. The tenderer must upload the audited balance sheet of his /her /their associates for the last three years. 5. The bidder should offer sound equipment from reputed manufacturer for better quality and reliability i.e. Canara/Effectron/PLS. 6. If the bidder is not an manufacturer, should be an authorized dealer of the Original Equipment Manufacturer (OEM). The Contractor/bidder intending to participate in the bid is required to submit authorization from manufacturer (OEM) for the work mentioned. 7. The Tenderer /contractor should have valid MV/HT license / supervisor license issue from ELBO Govt. of Odisha at the time of tender / during execution of works as per rules of Govt. 8. The bidders should have office and technical personnel alongwith Service Engineer to be stationed at Cuttack/Bhubaneswar to provide prompt and timely after sales service as and when required, EPF/ ESI copies of GST registration certificate should be submitted with the tender.

QUALIFICATION CRITERIA:
• The bid shall include following information and documents.
a. Copy of valid P A N card, GSTIN Registration, EPF Registration, NSIC Certificate should accompany the technical bid. b. Copies of original documents defining the constitution or legal status, place of registration, and principal place of business. c. Detail of office with proof i.e. GSTIN registration with Govt, of Odisha and technical staff to be stationed in Bhubaneswar, Odisha. d. Details of work under progress. e. Details of work for which has been completed successfully. f. Authorization from OEM for the work mentioned. g. The Bidder should furnish the Experience Certificate/Agreement of three similar type work executed three whose total value equal the value of work applied for during last seven years preferably with Govt. of Odisha. h. EPF:- Each tender should be accompanied with the attested photocopy of the valid EPF registration certificate issued from RPFC Bhubaneswar or submit an affidavit that he will follow the 'Employees Provident Fund and misc provision act, 1952" and rules/schemes made there under in that affidavit, the concerned contractor will state that in case he is awarded with the contract then he will submit after execution of work and before payment of any bill, the detail list of labourers, such as their (i) name (ii) fathers name (iii) place of permanent residence, (iv) statement of wages paid to them till the completion of contract work in the said affidavit the contractor shall also state that authorities will be at liberty to deduct about 26% out of the labour component amount of the contract and shall be kept as an additional security. As soon as the contractor will submit the EPF registration certificate. Then the additional security to be hold by the Dept. will be released to the contractor without any interest subject to fulfillment of other compliances Conditions. The contractors who have valid EPF Registration certificate may not submit the affidavit but submit only attested photocopy of the valid certificate and in that case no additional security will be deducted from their work bill. i. All literatures, catalogues, technical details of equipment and systems and explanatory notes.
9. The bidders have to participate in "online" bidding only. 10. Bidding documents will be available in website https// tendersodisha.gov.in with effect from 11.00 hrs of 14.11.2019 to 17.00 hrs of 27.11.2019 and the tender will be opened on 28.11.2019 at 14.00 hrs. 11. The bidder must possess compactable Digital Signature Certificate (DSC).
Note: Corrigendum/ Addendum/ Amendments/ Clarifications etc. with respect to the works, if any shall be hosted in the above portal. Interested Bidders/ Agencies are advised to visit the above e-procurement site regularly as no separate information/ advertisement shall be published in the Newspaper in this regard including any postponement of tender opening date.

Sd./- Executive Engineer
Bhubaneswar (R&B) Division No. I
34076/11/0004/1920



'e' - Procurement Notice — No.C-304
Tender Reference No.TCRM-78/2019-20
Bid Identification No.2019_ORULB_
No. 2515 / Dt.07.11.2019

Bid documents consisting of works with their estimated cost, cost of tender paper, EMD, time of completion, Class of Contractor and the set of terms & conditions of Contract and other necessary documents can be seen in Govt. website i.e. www.tendersorissa.gov.in

1) Name of the Work :- Civil work as mentioned in the website.
2) No. of works :- 07 Nos.
3) Estimated Cost :- Rs.2.76 lakhs to 19.995 lakhs
4) Period of Completion :- As per DTCN
5) Date & time of availability of Bid document in the portal :- from dt.11.11.2019 to dt.21.11.2019 upto 5.00 PM
6) Last date & time for receipt of Bid in the portal :- upto 5.00 PM of dt.21.11.2019
7) Last date for receipt of financial document. :- upto 1.00 PM of dt.22.11.2019
8) Bid received on line shall be opened on :- dt.22.11.2019 at 3.00 PM
9) Name & Address of the Officer inviting the bid :- Executive Officer, Talcher Municipality

Further details can be seen from the procurement portal i.e. www.tendersorissa.gov.in
13077/11/0010/1920 — Sd./- Executive Officer, Talcher Municipality



No. B-294
GOVERNMENT OF ODISHA
Office of the Executive Engineer
Bhanjanagar (R&B) Division, Bhanjanagar.
(Phone/Fax: (06821) 241133 / E -mail: eernbbngr@yahoo.in)
Ltr. No.7682 // Dtd.08.11.2019.
1st. Corrigendum to Tender Call Notice
E-Procurement Bid Identification No.E.E –BNJ-R&B- 10 / 2019-20 No.7363 // Dtd.01.11.2019
The following changes have been made in E-Procurement Bid Identification No.E.E.-BNJ-R&B-10/2019-20.
1. The Bid documents will be available in the website http://tendersodisha.gov.in from 12 Noon on dtd.15.11.2019 to 5.00 PM of 29.11.2019 instead of from 12 Noon on dtd.08.11.2019 to 5.00 PM of 22.11.2019.
2. The tender will be opened at 11.00 A.M. on dtd.30.11.2019 instead of 11.00 A.M. on dtd.25.11.2019.
All other terms and conditions remain unchanged.
Further details can be seen from the e-Procurement portal www.tendersodisha.gov.in.
Sd./- Executive Engineer
Bhanjanagar (R&B) Division
34015/11/0007/1920



अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
F.No. J-11070(014)/2019-20/S&P — Date: 07-11-2019
E-TENDER CALL NOTICE
Director, All India Institute of Medical Sciences (AIIMS) Bhubaneswar Odisha, GOI, invites e-tender for "(1) Biosafety Cabinet Class II A2 at AIIMS, Bhubaneswar" in Two Bid System". The e-tender document along with last date of submission of the tender can be viewed and downloaded from the official website i.e. www.aiimsbhubaneswar.nic.in / www.tenderwizard.com and CPP Portal www.eprocure.gov.in. The sealed e-Tender will be received through Speed post/Reg. post/Courier/by hand only on or before due date & time by office of Sr. Procurement-Cum Store Officer, AIIMS, Bhubaneswar and the said e-tender will be opened on due date & time mentioned in the tender document in presence of bidders or their authorised representatives in the office chamber of undersigned. Incomplete tender document/ tender received after scheduled date & time shall be rejected. Director, AIIMS, Bhubaneswar reserves the right to reject any or all the e-tenders without assigning any reason thereof.
Sd/-
Sr. Procurement-Cum Store Officer
AIIMS, Bhubaneswar



No. O-500
GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISON-I MALKANGIRI
e-mail :rwd_malkangiri@yahoo.co.in
NATIONAL COMPETITIVE BIDDING THROUGH e-Procurement
Identification No. Online Tender 03/MKG/2019-20

1. Name of the work : Road, Bridge &Building works (Detailed in Annexure)
2. Total Number of Works : 13 (Thirteen) Number
3. Tender Cost : Rs. 21.22 Lakhs to Rs. 46.41 Lakhs
4. Class of Contractor : 'C''B' &'A' Class contractors
5. Period of Completion : (As Per Detailed in Annexure)
6. Other Details:-

| Procurement Officer | Bid Identification No. | No of Works | Availability of Tender on-line for bidding | | Last Date & Time of seeking tender clarification | Date and time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender /03 / RWD-I, MKG/ 2019-20 | 13 (Thirteen) Nos of Road, Bridge &Building works | 19.11.2019 from 11.00 AM | 03.12.2019 upto 5.00 PM | 02.12.2019 upto 5.00 P.M. | 06.12.2019 at 11.30 AM |

Further details can be seen from the Website www.tenderorissa.gov.in
Executive Engineer
R.W. Division-I, Malkangiri
25058/11/0005/1920



OFFICE OF THE
MUNICIPAL COUNCIL, BHADRAK
BHADRAK-756100 (ODISHA)
Tel. No. 06784-251519(O), Fax No. 06784-251221
Email: bhadrakm.hud@nic.in
TENDER CALL NOTICE
No. 9393 — Date: 11.11.2019
Sealed tenders are invited from the intending Manufacturers / Authorized dealers / reputed order suppliers for supply of Wheel Borrow & Trolley Rickshaw with body fitting and Fiber Dustbin for Bhadrak Municipality for the year 2019-20. The tenderers are required to submit the rate of 1 No. of wheel Borrow & Trolley Rickshaw with Fiber Dustbin excluding Taxes, Loading & unloading charges and inscribing the name of Bhadrak Municipality in English. The tender paper will be available in the office website of Bhadrak Municipality and Bhadrak NIC site from 12.11.19 to 26.11.19 upto 5.00PM on payment of Rs. 1000.00 (Rupees One Thousand) + 18% GST through DD and it will be opened on 30.11.19 at 4.00PM in presence of the Tenderer or their authorized agent. The tenders will be received by the undersigned during office hours till 29.11.19 upto 3.00PM by Registered Post / Speed Post only. The tenders should be accompanied with the xerox copies of PAN Card, GST Reg. Certificate & authorized dealer / sub-dealer certificate failing which the Tender will not be taken into the consideration. The Tenderer should furnish EMD of Rs. 15000.00 (Rupees Fifteen Thousand) only and Tender Paper Cost Rs. 1000.00 + 18% GST Rs. 180.00 total Rs. 1180.00 in shape of Demand Draft / Pay order drawn in favour of the Executive Officer, Bhadrak Municipality payable at Bhadrak. If any tender is not received within due time in the office of the Municipality due to postal delay or any other reason, the undersigned will not be responsible for such delay and the Tender received after due time shall not be taken into consideration. The authority reserves the right to cancel or reject any or all the Tenders without assigning any reason thereof.
Sd./- Executive Officer, Bhadrak Municipality



No. C-303
GOVERNMENT OF ODISHA
OFFICE OF THE SUPERINTENDING ENGINEER,
P.H. CIRCLE, NAYABAZAR, CUTTACK-753004
Ph.-0671-2440841, Fax- 0671-2440841, E-mail : sephctc@gmail.com
NATIONAL COMPETITIVE BIDDING THROUGH e-Procurement
Invitation For Bids (IFB) No.SEPHCTC-05/2019-20 Dtd.08.11.2019

| Sl. No. | Name of the work | Estimated cost (Approx) |
|---|---|---|
| 1. | Laying of distribution net work in Ward No.4,5,12,19 & 20 of Jagatsinghpur Municipality under State Plan 2019-20. | ₹120.21 lakh |
| 2. | Laying of distribution net work near Tarenigada in Ward No.5 of Paradeep of Paradeep Municipality under State Plan 2019-20. | ₹156.58 lakh |
| 3. | Laying of water supply pipe line in uncovered area of Ward No.12 of Choudwar Municipality. | ₹289.94 lakh |
| 4. | Laying of distribution pipe line in Ward No.10,12 & 14 including sinking and commissioning of production well, Jajpur. | ₹130.81 lakh |

1. Date & time of availability of bid document in the portal :- 11.00 hours of dt.19.11.2019 to 17.30 hours of dt.03.12.2019.
2. Last date / time of receipt of bids in the portal :- 03.12.2019 upto 05.30 P.M.
3. Date & time of opening of bids :- 04.12.2019 at 12.30 P.M.
4. Name and address of the Officer Inviting Bid :- The Superintending Engineer, P.H. Circle, Nayabazar, Cuttack-753004, Odisha, Ph.(0671)2440841, email:sephctc@gmail.com

Further details can be seen from the web site www.tendersorissa.gov.in
Superintending Engineer,
Public Health Circle, Cuttack.
13029/11/0005/1920



THE ODISHA MINING CORPORATION LIMITED
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES
No.40/OMC — Date : 11.11.2019
ADVERTISEMENT FOR RECRUITMENT OF EXECUTIVE IN OMC LTD.
The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. The Corporation has achieved an annual turnover of Rs.4053 crores in the FY 2018-19. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries.
The Corporation invites application from dynamic & competent professionals for the following post :

| Sl. No. | Name of the Post | Total Post | Initial Basic Pay (in Rs.) | Age as on 31.10.2019 |
|---|---|---|---|---|
| 1 | General Manager (Personnel), E-7 grade | 01 (UR) | 1,38,800/- | 55 years |

Interested eligible candidates are requested to download the application format from OMC website : https://omcltd.in and submit the same duly filled in & signed along with attested copies of Certificates / Testimonials, experience certificate in support of their eligibility by Speed Post /Courier in a cover superscribed "APPLICATION FOR THE POST OF __________ AGAINST ADVERTISEMENT NO. 40 DATED 11.11.2019" so as to reach the General Manager (P&A), The Odisha Mining Corporation Ltd., OMC House, Bhubaneswar - 751001 by 07.12.2019 positively. Applications received after the last date due to delay in postal/courier or any other reason shall not be entertained and will be rejected.
The OMC Management reserves the right to cancel, amend or alter the above advertisement without assigning any reason thereof.
Sd/-
Director (Personnel)

“ ରିୟଲ ମାଡ୍ରିଡର ସମସ୍ତ ସଦସ୍ୟ ଯଦି ନିଜକୁ ଦଳର ପ୍ରମୁଖ ସଦସ୍ୟ ମନେ କରି ଖେଳିବେ ତେବେ ବଡ଼ ସଫଳତା ହାସଲ କରିହେବ ।
–ଜିନେଡିନ୍ ଜିଡାନ, କୋଚ୍



“ ଭାରତୀୟ କ୍ରିକେଟ ଦଳର ବ୍ୟାଟିଂ ଅର୍ଡରରେ ୪ନମ୍ବର ସ୍ଥାନ ପାଇଁ ମୁଁ ଫିଟ୍ ବୋଲି ଟିମ୍ ମ୍ୟାନେଜମେଣ୍ଟର ଦୃଢ଼ବୋଧ ହୋଇଛି ।
–ଶ୍ରେୟାସ ଆୟାର, ଭାରତୀୟ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ସଫ୍ଟବଲ ଟୁର୍ନାମେଣ୍ଟରେ ଓଡ଼ିଶା ଚାମ୍ପିୟନ

**କଟକ ଅଫିସ,୧୧।୧୧:** ମଣିପୁରର ଇମ୍ଫାଲରେ ଅନୁଷ୍ଠିତ ପୂର୍ବାଞ୍ଚଳ ସିନିୟର ସଫ୍ଟବଲ ପ୍ରତିଯୋଗିତାରେ ଓଡ଼ିଶା ଉଭୟ ମହିଳା ଓ ପୁରୁଷ ବିଭାଗରେ ଚାମ୍ପିୟନ ହୋଇଛି। ରାଜ୍ୟ ପୁରୁଷ ଦଳ ଫାଇନାଲରେ ଆୟୋଜକ ମଣିପୁରକୁ ୭-୦ ରନ୍‌ରେ ପରାସ୍ତ କରିଥିଲା। ପୁରୁଷ ଦଳ ବିହାରକୁ ୧୦-୦, ଅରୁଣାଚଳପ୍ରଦେଶକୁ ୧୨-୦ ଓ ନାଗାଲାଣ୍ଡକୁ ୮-୦ ରନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଓଡ଼ିଶା ମହିଳା ଦଳ ଫାଇନାଲରେ ପଶ୍ଚିମବଙ୍ଗକୁ ୫-୦ ରନରେ ହରାଇ ଟାଇଟଲ ହାସଲ କରିଛି । ଅରୁଣାଚଳପ୍ରଦେଶ ଓ ମଣିପୁର ଉଭୟ ଦଳକୁ ୧୦-୦ ରନରେ ପରାସ୍ତ କରି ଓଡ଼ିଶା ଫାଇନାଲରେ ପ୍ରବେଶ କରିଥିଲା । ରାଜ୍ୟ ସଂଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ଉଭୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

### ପିଏସ୍ଏ ବିଶ୍ୱ ଚାମ୍ପିୟନଶିପ୍
### ଘୋଷାଲ ପ୍ରି-କ୍ୱାର୍ଟରରେ

**ଦୋହା, ୧୧।୧୧ (ପି.ଟି.):** ଭାରତର ସୌରଭ ଘୋଷାଲ ଏଠାରେ ଚାଲିଥିବା ପିଏସ୍ଏ ପୁରୁଷ ବିଶ୍ୱ ଚାମ୍ପିୟନଶିପ୍‌ରେ ଟାଇଟଲ ହାସଲ କରିଛନ୍ତି। ସେ ଫ୍ରାନ୍ସର ଲୁକାସ ସେରମିଙ୍କୁ ୧୧-୮, ୧୧-୫, ୧୧-୫ରେ ହରାଇ ଦେଇଛନ୍ତି। ଭାରତର ନମ୍ବର ୱାନ ଖେଳାଳି ଘୋଷାଲ ଏପର୍ଯ୍ୟନ୍ତ ତାଙ୍କ କ୍ୟାରିୟରରେ ଫ୍ରେଞ୍ଚ୍ ଖେଳାଳିଙ୍କ ବିପକ୍ଷରେ ମାତ୍ର ୨ଥର ଖେଳିଛନ୍ତି। ପୂର୍ବରୁ ଗତ ଫେବୃୟାରୀରେ ଚିକାଗୋଠାରେ ଅନୁଷ୍ଠିତ ପିଏସ୍ଏ ବିଶ୍ୱ ଚାମ୍ପିୟନଶିପ୍‌ର ଦ୍ୱିତୀୟ ରାଉଣ୍ଡରେ ଦୁଇ ଖେଳାଳି ପରସ୍ପରକୁ ଭେଟିଥିଲେ। ମଙ୍ଗଳବାର ପ୍ରି-କ୍ୱାର୍ଟରରେ ଘୋଷାଲ ବିଶ୍ୱର ୨ ନମ୍ବର ଖେଳାଳି ତଥା ଇଜିପ୍ଟର ମହମ୍ମଦ ଏଲ୍ ଶୋର୍‌ବାଗିଙ୍କ ସହିତ ମୁକାବିଲା କରିବେ।

### ଆଇଏସ୍ଏଲ୍: ବେଙ୍ଗାଲୁରୁର ପ୍ରଥମ ବିଜୟ

**ବେଙ୍ଗାଲୁରୁ, ୧୧।୧୧ (ପି.ଟି.):** ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍ଏଲ୍)ରେ ରବିବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ବେଙ୍ଗାଲୁରୁ ଏଫ୍‌ସି ୩-୦ ଗୋଲରେ ଚିର ପ୍ରତିଦ୍ୱନ୍ଦ୍ୱୀ ଚେନ୍ନାଇନ ଏଫ୍‌ସିକୁ ପରାସ୍ତ କରିଛି। ମ୍ୟାଚ୍‌ର ୧୪ତମ ମିନିଟ୍‌ରେ ଅଷ୍ଟ୍ରେଲିଆ ମିଡ୍‌ଫିଲ୍ଡର ଏରିକ୍ ପାର୍ଟାଲୁଙ୍କ ଗୋଲ ବଳରେ ବେଙ୍ଗାଲୁରୁ ୧-୦ରେ ଅଗ୍ରଣୀ ହାସଲ କରିଥିଲା। ଏହାର ୧୧ ମିନିଟ୍ ପରେ ଅଧିନାୟକ ତଥା ତାରକା ଷ୍ଟ୍ରାଇକର ସୁନୀଲ ଛେତ୍ରୀ (୨୫ତମ ମିନିଟ)ଙ୍କ ଗୋଲସ୍କୋର ବ୍ୟବଧାନକୁ ଡବଲ୍ କରିଥିଲେ। ପ୍ରଥମାର୍ଦ୍ଧରେ ୨-୦ରେ ଅଗ୍ରଣୀ ରହିଥିବା ବେଙ୍ଗାଲୁରୁ ପାଇଁ ଥୋଙ୍ଗଖୋସିମ ହାଓକିପ ଅନ୍ତିମ ତଥା ୩ୟ ଗୋଲଟି କରିଥିଲେ। ସେ ମ୍ୟାଚ୍‌ର ୮୪ତମ ମିନିଟ୍‌ରେ ଏହି ଗୋଲଟି ଦେଇଥିଲେ। ଚଳିତ ସିଜନରେ ବେଙ୍ଗାଲୁରୁର ଏହା ପ୍ରଥମ ବିଜୟ ଥିଲା। ଏହି ବିଜୟ ସହ ଦଳ ୫ମ ସ୍ଥାନକୁ ଉଠିଛି। ଅପରପକ୍ଷରେ ସିଜନରେ ଗୋଟିଏ ବି ଗୋଲସ୍କୋର କରିବାରେ ବିଫଳ ରହିଥିବା ଚେନ୍ନାଇନ ଏଫ୍‌ସି ପଏଣ୍ଟ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି।

# ‘ଅଲିମ୍ପିକ୍ କ୍ୱାଲିଫାୟର୍ସ ଗୋଲ୍ ସ୍ୱପ୍ନିଳ ଅନୁଭବ’

**ନୂଆଦିଲ୍ଲୀ, ୧୧।୧୧(ପି.ଟି.)**

୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଆମେରିକା ବିପକ୍ଷ କ୍ୱାଲିଫାୟର୍ସରେ ଭାରତୀୟ ଅଧିନାୟିକା ରାଣୀ ରାମପାଲଙ୍କ ଗୋଲ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ୨ ମ୍ୟାଚ ବିଶିଷ୍ଟ କ୍ୱାଲିଫାୟର୍ସରେ ଭାରତ ରାଣୀଙ୍କ ଗୋଲ ବଳରେ ଆମେରିକାକୁ ୬–୫ରେ ପଛରେ ପକାଇ ଦେବାରେ ସକ୍ଷମ ହୋଇଥିଲା। ଏହି ନିର୍ଣ୍ଣାୟକ ଗୋଲ ‘ସ୍ୱପ୍ନିଳ ଅନୁଭବ’ ବୋଲି ରାଣୀ ପ୍ରକାଶ କରିଛନ୍ତି। ‘‘ମୁଁ ଏକାଗ୍ରତାର ସହିତ ମନକୁ ଶାନ୍ତ ରଖି ଗୋଲ ଫିନିଶ୍ କରିଥିଲି। ସାଥୀ ଖେଳାଳିମାନେ ମୋତେ ଯେପରି ଅଭିନନ୍ଦନ ଜଣାଇ ଖୁସି ମନାଇଲେ ତାହା ସ୍ୱପ୍ନପରି ଲାଗୁଛି’’ ବୋଲି ରାଣୀ କହିଛନ୍ତି। ମ୍ୟାଚ ଶେଷ ହେବାକୁ ୧୫ ମିନିଟ ଥିବାବେଳେ ମନରେ ଭିନ୍ନ ଚିନ୍ତା ଆସିଥିଲା। ଦୀର୍ଘ ୩ ବର୍ଷ ଧରି ଆମେ କରି ଆସିଥିବା କଠିନ ପରିଶ୍ରମ ବେକାର ଯିବବୋଲି ଭାବିଥିଲି। ମାତ୍ର ପ୍ରତିପକ୍ଷ ସର୍କଲ ଭିତରେ ମୁଁ ଯେତେବେଳେ ବଲ୍ ପାଇଲି ଆଗରେ କିଛି ଗ୍ୟାପ୍ ଥିବା ଜାଣିଲି ଏବଂ ସମ୍ପୂର୍ଣ୍ଣ ଭାବେ ଗେମ୍ ଉପରେ ଫୋକସ କରି ଲକ୍ଷ୍ୟ ହାସଲରେ ସଫଳ ହେଲି ବୋଲି ରାଣୀ କହିଛନ୍ତି। ଆମେ ଯୋଗ୍ୟତା ହାସଲ କରିଥିବାରୁ ଏବେ ଟୋକିଓ ଅଲିମ୍ପିକ୍ସରେ ପୋଡିୟମ ଫିନିଶ୍ ଆମର ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି। ଆମେରିକା ବିପକ୍ଷ କ୍ୱାଲିଫାୟର୍ସର ଦ୍ୱିତୀୟ ମ୍ୟାଚରେ ଭାରତ ୧–୪ ଗୋଲରେ ପରାଜିତ ହୋଇଥିଲେ ହେଁ ପ୍ରଥମ ମ୍ୟାଚରେ ୫–୧ ଗୋଲରେ ବିଜୟୀ ହୋଇଥିବାରୁ ଅଲିମ୍ପିକ୍ସ ଯୋଗ୍ୟତା ପାଇଥିଲା।

ସଂଯୋଗ ବଶତଃ ଦୀର୍ଘ ୩୬ ବର୍ଷ ବ୍ୟବଧାନରେ ୨୦୧୫ରେ ଭାରତୀୟ ମହିଳା ଦଳ ଯେତେବେଳେ ରିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କଲା ସେତେବେଳେ ମଧ୍ୟ ଜାପାନ ବିପକ୍ଷ ନିର୍ଣ୍ଣାୟକ ମ୍ୟାଚରେ ରାଣୀ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତେବେ ରିଓରେ ଭାରତୀୟ ଦଳର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଥିଲା। ‘‘ରିଓରେ ଆମେ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରି ନ ଥିଲୁ ସତ, ମାତ୍ର ଅଲିମ୍ପିକ୍ସରେ ଖେଳିବାର ଅଭିଜ୍ଞତା ହାସଲ କରିଥିଲୁ। ରିଓରେ ଖେଳିଥିବା ୧୦ ଖେଳାଳି ବର୍ତ୍ତମାନ ମଧ୍ୟ ଦଳରେ ରହିଛନ୍ତି। ପୂର୍ବ ଅଲିମ୍ପିକ୍ସ ପରେ ଆମ ଦଳୀୟ ପ୍ରଦର୍ଶନରେ ଅନେକ ଉନ୍ନତି ହୋଇଛି। ତେଣୁ ଟୋକିଓରେ ପୋଡିୟମ ଫିନିଶ୍ ନେଇ ମୁଁ ଦୃଢ଼ ଆଶାବାଦୀ’’ ବୋଲି ରାଣୀ କହିଛନ୍ତି। ବର୍ଷ ପ୍ରାରମ୍ଭରେ ଆମେ ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟରେ ଭାଗନେଇ ବିଜୟ ହାସଲ କରିଥିଲୁ। ସେଠାକାର ପରିବେଶରେ ଖେଳିବାର ଅଭିଜ୍ଞତା ମଧ୍ୟ ହାସଲ କରିଥିଲୁ। ୨୦୨୦ ଗେମ୍ସ ବେଳକୁ ଏହା ଆମକୁ ସହାୟକ ହେବ ବୋଲି ଅଧିନାୟିକା ପ୍ରକାଶ କରିଛନ୍ତି।



ଭାରତୀୟ ହକି ଅଧିନାୟିକା ରାଣୀ ରାମପାଲ

୨୦୨୨ ମହିଳା ହକି ବିଶ୍ୱକପ ନେଦରଲାଣ୍ଡ ଓ ସ୍ପେନରେ ମିଳିତଭାବେ ଆୟୋଜନ ହେବ ବୋଲି ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫଆଇଏଚ୍) ଘୋଷଣା କରିଛି। ଏ ସମ୍ପର୍କରେ ରାଣୀ କହିଛନ୍ତି ଯେ, ‘‘ଆମେ ଗତବର୍ଷ ଇଂଲଣ୍ଡ ବିଶ୍ୱକପରେ ଭଲ ଖେଳି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲୁ। ଆୟର୍ଲାଣ୍ଡ ନିକଟରୁ ପେନାଲ୍ଟି ଶୁଟ୍‌ଆଉଟରେ ପରାଜୟ ଆମକୁ ନିରାଶ କରିଥିଲା ସତ, ମାତ୍ର ସେମିଫାଇନାଲରେ ପ୍ରବେଶ ପାଇଁ ଗୋଟିଏ ବିଜୟ ଦୂରରେ ରହି ଯାଇଥିଲୁ ବୋଲି ପ୍ରମାଣିତ କରିଥିଲୁ। ଆଗାମୀ ବିଶ୍ୱକପରେ ଆମେ ଅଧୁରା ସ୍ୱପ୍ନକୁ ସାକାର କରିବାକୁ ଚେଷ୍ଟା କରିବୁ। ଆମେ ନିକଟ ଅତୀତରେ ସ୍ପେନରେ ଅନେକ ମ୍ୟାଚ ଖେଳିଛୁ। ସେଠାକାର ପରିବେଶ ସହିତ ଆମେ ଭଲଭାବେ ଅଭ୍ୟସ୍ତ। ତେବେ ବିଶ୍ୱକପ ଉପରେ ଫୋକସ କରିବା ପୂର୍ବରୁ ଆମେ ଏବେ କେବଳ ଟୋକିଓ ଅଲିମ୍ପିକ୍ସ କଥା ଚିନ୍ତା କରୁଛୁ’’। ଅଲିମ୍ପିକ୍ କ୍ୱାଲିଫାୟର୍ସ ପରେ ଭାରତୀୟ ମହିଳା ହକି ଦଳକୁ ଏବେ ବ୍ରେକ୍ ମିଳିଛି। ଚଳିତମାସ ୧୮ରୁ ବେଙ୍ଗାଲୁରୁଠାରେ କଣ୍ଡିଶନିଂ କ୍ୟାମ୍ପରେ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଆରମ୍ଭ ହେବ।

### ପ୍ରଥମ ମ୍ୟାଚରେ ଲାୟନ୍ସେସ ବିଜୟୀ

**କଲ୍ୟାଣୀ, ୧୧।୧୧:** ପଶ୍ଚିମବଙ୍ଗର କଲ୍ୟାଣୀଠାରେ ସୋମବାର ୧୭ ବର୍ଷରୁ କମ୍ ମହିଳା ଫୁଟବଲ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଏହାର ପ୍ରଥମ ମ୍ୟାଚରେ ଆଲେକ୍ସ ଆମ୍ବ୍ରେସଙ୍କ ପ୍ରଶିକ୍ଷଣପ୍ରାପ୍ତ ଲାୟନ୍ସେସ୍ ୩–୦ ଗୋଲରେ ପାନ୍ଥର୍ସକୁ ପରାସ୍ତ କରିଛି। ସୁଧା ତିର୍କୀ ୧୭ତମ ମିନିଟରେ ଆତ୍ମଘାତୀ ଗୋଲ ଦେଇ ପାନ୍ଥର୍ସ ଦଳକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଏହାପରେ ଲାୟନ୍ସେସର ଲିନ୍‌ଲା କୋମ୍ ୩୫ ଓ ପ୍ରିୟଙ୍କା ସୁଜେଶ ପୋଟ୍ଟେକାଟ ୭୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇ ଦଳପାଇଁ ପୂରା ପଏଣ୍ଟ ସ୍ପଷ୍ଟ କରିଥିଲେ। ଫୁଟବଲ ସ୍ପୋର୍ଟ୍ସ ଡେଭ୍‌ଲପ୍‌ମେଣ୍ଟ ଲିମିଟେଡଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆସନ୍ତା ବର୍ଷ ହେବାକୁଥିବା ଫିଫା ୧୭ ବର୍ଷରୁ କମ୍ ମହିଳା ଫୁଟବଲ ବିଶ୍ୱକପ ପାଇଁ ପ୍ରତିଭା ଅନୁସନ୍ଧାନ କରିବା। ଯାହା ଫଳରେ ଭାରତୀୟ ଦଳ ଚୟନ ସହଜ ହୋଇ ପାରିବ। ଭାରତୀୟ ୧୭ ବର୍ଷରୁ କମ୍ ମହିଳା ଫୁଟବଲ ଦଳର ନବ ନିଯୁକ୍ତ କୋଚ୍ ଥୋମାସ ଡେନର୍ବି ଷ୍ଟାଣ୍ଡରେ ଉପସ୍ଥିତ ରହି ମ୍ୟାଚ ଉପରେ ତୀକ୍ଷଣ ଦୃଷ୍ଟି ରଖିଛନ୍ତି।

ଅନ୍ୟ ଏକ ମ୍ୟାଚରେ ଟାଇଗ୍ରେସେସ ୨–୧ ଗୋଲରେ ଚିତାସ୍‌ଙ୍କୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଅମିଶା ବାଖଲା ୩ୟ ଓ କରିନ ଇଷ୍ଟ୍ରୋସିଓ ୬ଷ୍ଠ ମିନିଟରେ ଗୋଲ ଦେଇଥିଲେ। ଚିତାସ ପକ୍ଷରୁ ରୀତ୍ କାଶ୍ୟପ ୬୭ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

# ରେକର୍ଡ ବୋଲିଂ ପରେ ଚହରଙ୍କ ମାନ୍ୟତା ବୃଦ୍ଧି


ଦୀପକ ଚହର

**ଦୁବାଇ, ୧୧।୧୧(ପି.ଟି.)**

ବାଂଲାଦେଶ ବିପକ୍ଷ ଅନ୍ତିମ ତଥା ୩ୟ ଟି୨୦ ମ୍ୟାଚ୍‌ରେ ୭ ରନ୍‌ରେ ୬ ଉଇକେଟ୍ ଅକ୍ତିଆର କରି ବିଶ୍ୱ ରେକର୍ଡ କରିଥିବା ଭାରତୀୟ ଦ୍ରୁତ ବୋଲର ଦୀପକ ଚହରଙ୍କ ମାନ୍ୟତାରେ ଆଖିଦୃଶିଆ ଉନ୍ନତି ଘଟିଛି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ସଦ୍ୟ ପ୍ରକାଶିତ ଟି୨୦ ବୋଲିଂ ର୍ୟାଙ୍କିଂରେ ଦୀପକ ଏକାବେଳେ ୮୮ଟି ପାହାଚ ଉପରକୁ ଉଠି ୪୨ତମ ସ୍ଥାନରେ ରହିଛନ୍ତି। ବାଂଲାଦେଶ ବିପକ୍ଷରେ ରବିବାର ନାଗପୁରରେ ଖେଳାଯାଇଥିବା ୩ୟ ଟି୨୦ରେ ଚହର ତାଙ୍କ ୪ ଓଭର ସ୍ପେଲ୍‌ରେ ୭ ରନ ବ୍ୟୟକରି ୬ ଉଇକେଟ୍ ନେଇଥିଲେ, ଯେଉଁଥିରେ ଏକ ହ୍ୟାଟ୍ରିକ ସାମିଲ ରହିଛି। ଏଥିସହ ଟି୨୦ କ୍ରିକେଟ୍‌ରେ ପ୍ରଥମ ଭାରତୀୟ ଭାବେ ସେ ହ୍ୟାଟ୍ରିକ ନେବାର କୃତିତ୍ୱ ହାସଲ କରିଛନ୍ତି। ଚହରଙ୍କ ଏହି ମାରାତ୍ମକ ସ୍ପେଲ୍ ଯୋଗୁ ଭାରତ ୩୦ ରନ୍‌ରେ ମ୍ୟାଚ୍‌କୁ ଜିତିବା ସହ ସିରିଜ ୨–୧ରେ ହାତେଇ ନେଇଛି।

ସେହିଭଳି ବୋଲିଂ ବିଭାଗରେ ସ୍ଲୋ ବୋଲରଙ୍କ ରାଜୁତି ଦେଖିବାକୁ ମିଳିଛି। ଶ୍ରେଷ୍ଠ–୫ ତଥା ଶ୍ରେଷ୍ଠ–୯ ଜଣଙ୍କ ମଧ୍ୟରେ ୮ଜଣ ସ୍ପିନର ରହିଛନ୍ତି। ନ୍ୟୁଜିଲାଣ୍ଡର ମିଚେଲ ସାଣ୍ଟନର ତାଲିକାରେ ଆଫଗାନିସ୍ତାନର ରଶିଦ ଖାଁଙ୍କ ପଛକୁ ୨ୟ ସ୍ଥାନରେ ରହିଛନ୍ତି। ଅପରପକ୍ଷରେ ବ୍ୟାଟିଂ ତାଲିକାରେ ‘ହିଟ୍‌ମ୍ୟାନ’ ଭାବେ ପରିଚିତ ରୋହିତ୍ ଶର୍ମା ୭ମ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ସେହିଭଳି ରବିବାର ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଥିବା ଲୋକେଶ ରାହୁଲ ଗୋଟିଏ ପାହାଚ ଉପରକୁ ଉଠି ୮ମ ସ୍ଥାନ ଲାଭ କରିଛନ୍ତି। ଇଂଲଣ୍ଡର ଡେଭିଡ୍ ମଲାନ ତାଲିକାର ୩ୟ ସ୍ଥାନକୁ ଉଠିଛନ୍ତି। ପାକିସ୍ତାନର ବାବର ଆଜାମ ଓ ଅଷ୍ଟ୍ରେଲିଆର ବିସ୍ଫୋରକ ବ୍ୟାଟ୍ସମ୍ୟାନ ଆରୋନ ଫିଞ୍ଚ୍ ଯଥାକ୍ରମେ ତାଲିକାର ପ୍ରଥମ ଓ ୨ୟ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ ଓ ନ୍ୟୁଜିଲାଣ୍ଡ ଓପ୍‌ନର ମାର୍ଟିନ ଗୁପ୍‌ଟିଲ ଯୁଗ୍ମଭାବେ ୯ମ ସ୍ଥାନରେ ରହିଥିବାବେଳେ ଜନ୍ନୀ ବେୟାରଷ୍ଟୋ ପ୍ରଥମଥର ଲାଗି ଶ୍ରେଷ୍ଠ–୪୦ ମଧ୍ୟରେ ପ୍ରବେଶ କରିଛନ୍ତି। ଅଲରାଉଣ୍ଡ ତାଲିକାରେ ଅଷ୍ଟ୍ରେଲିଆର ଗ୍ଲେନ୍ ମ୍ୟାକ୍ସୱେଲଙ୍କୁ ପଛରେ ପକାଇ ଆଫଗାନିସ୍ତାନର ମହମ୍ମଦ ନବି ଶୀର୍ଷସ୍ଥାନ ହାସଲ କରିଛନ୍ତି। ସେହିଭଳି ଟିମ୍ ତାଲିକାରେ ପାକିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଓ ଭାରତ ଯଥାକ୍ରମେ ଶ୍ରେଷ୍ଠ–୫ ମଧ୍ୟରେ ରହିଛନ୍ତି। ନିକଟରେ ଅଷ୍ଟ୍ରେଲିଆ–ପାକିସ୍ତାନ, ନ୍ୟୁଜିଲାଣ୍ଡ–ଇଂଲଣ୍ଡ ଏବଂ ଭାରତ ଓ ବାଂଲାଦେଶ ମଧ୍ୟରେ ସିରିଜ ଶେଷ ହେବାପରେ ଆଇସିସି ପକ୍ଷରୁ ଏହି ର୍ୟାଙ୍କିଙ୍ଗ୍ ପ୍ରକାଶ କରାଯାଇଛି।

**ଆଇସିସି ଟି୨୦ ର୍ୟାଙ୍କିଙ୍ଗ୍**

### ଫିକ୍ସିଂ,ବେଟିଂ ନିୟମକୁ କଠୋର କଲା ଶ୍ରୀଲଙ୍କା

**କଲମ୍ବୋ, ୧୧।୧୧ (ଏଏଫ୍‌ପି):** କ୍ରିକେଟରୁ ଦୁର୍ନୀତି ହଟାଇବା ପରିପ୍ରେକ୍ଷୀରେ ଶ୍ରୀଲଙ୍କା ମ୍ୟାଚ ଫିକ୍ସିଂ ପାଇଁ କଠୋର ଦଣ୍ଡ ବ୍ୟବସ୍ଥା କରିବା ସହ କ୍ରୀଡ଼ା କ୍ଷେତ୍ରରେ ବେଟିଂକୁ ନେଇ କଟକଣା ଜାରି କରିଛି। ବର୍ଷ ହେଲା ଶ୍ରୀଲଙ୍କା କ୍ରିକେଟରେ ବ୍ୟାପକ ଦୁର୍ନୀତି ଚାଲିଥିବା ଗତ କିଛି ବର୍ଷ ହେଲା ଅଭିଯୋଗ ହୋଇଆସୁଛି। ଗତବର୍ଷ ଇଂଲଣ୍ଡ ବିପକ୍ଷରେ ଏକ ଅନ୍ତର୍ଜାତୀୟ ଟେଷ୍ଟ ମ୍ୟାଚ ପୂର୍ବରୁ ମ୍ୟାଚ ଫିକ୍ସିଂ ହୋଇଥିବା ଅଭିଯୋଗ ସାମିଲ। ଅନେକ ଏହି ବିଧେୟକକୁ କାର୍ଯ୍ୟକାରୀ କରି ନ ଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ମୁଁ ଖୁସି ଯେ ସୋମବାର ଏହି ଆଇନ ପାର୍ଲାମେଣ୍ଟରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିବା ଦେଶର କ୍ରୀଡ଼ା ମନ୍ତ୍ରୀ ହାରିନ୍ ଫର୍ନାଣ୍ଡୋ ପ୍ରକାଶ କରିଛନ୍ତି। ଶ୍ରୀଲଙ୍କା ତରଫରୁ ଆୟୋଜିତ ମ୍ୟାଚଗୁଡ଼ିକରେ ବେଟିଂ ପୂର୍ବରୁ ନିଷିଦ୍ଧ କରାଯାଇଛି। କିନ୍ତୁ ନୂଆ ନିୟମରେ ବିଦେଶରେ ଖେଳାଯାଉଥିବା ମ୍ୟାଚଗୁଡ଼ିକ ଲାଗି ଶ୍ରୀଲଙ୍କାରେ ବେଟିଂ କଟକଣା ରହିବ। ମ୍ୟାଚ ଫିକ୍ସିଂରେ ଦୋଷୀ ସାବ୍ୟସ୍ତ ହେଲେ ୧୦ବର୍ଷପର୍ଯ୍ୟନ୍ତ ଜେଲ ଏବଂ ୧୦୦ ନିୟୁତ ଟଙ୍କା (୫୫୫,୦୦୦ ଡଲାର) ପର୍ଯ୍ୟନ୍ତ ଆର୍ଥିକ ଦଣ୍ଡର ବ୍ୟବସ୍ଥା ରହିଛି। ସ୍ଥାନୀୟ କ୍ରୀଡ଼ା ଗଭର୍ନିଂବଡିରେ କାର୍ଯ୍ୟକରୁଥିବା କୌଣସି ବ୍ୟକ୍ତି ଗ୍ୟାମ୍ବଲିଂ ସହିତ ସମ୍ପୃକ୍ତ ଥିବା ଜଣାପଡ଼ିଲେ ସମ୍ପୃକ୍ତ ବ୍ୟକ୍ତି ଏବଂ ତାଙ୍କ ପରିବାରକୁ ବାସନ୍ଦ କରାଯିବ। ନୂଆ ଆଇନ ସମ୍ଭବତଃ ଶ୍ରୀଲଙ୍କା କ୍ରିକେଟର ପୂର୍ବତନ ସଭାପତି ଥିଲାଙ୍ଗା ସୁମାଥିପାଲାଙ୍କୁ ଟାର୍ଗେଟ କରି କରାଯାଇଛି।

# ବିଶ୍ୱ ଟାଇଟଲ ବଜାୟ ରଖିଲେ ସୁନ୍ଦର



ସୁନ୍ଦର ସିଂ ଗୁର୍ଜାର

**ଦୁବାଇ, ୧୧।୧୧ (ପି.ଟି.)**

ଭାରତର ସୁନ୍ଦର ସିଂ ଗୁର୍ଜାର ପୁରୁଷ ଏଫ୍୪୬ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ବିଶ୍ୱ ପାରା ଆଥଲେଟିକ୍ସ ଟାଇଟଲ ବଜାୟ ରଖିଛନ୍ତି। ଏଥିସହିତ ସେ ଟୋକିଓ ଅଲିମ୍ପିକ୍ ଗେମ୍ସ କୋଟା ହାସଲ କରିପାରିଛନ୍ତି। ଶ୍ରୀଲଙ୍କାର ଦୀନେଶ ପି. ହେରାଥ୍ (୬୦.୫୯ ମିଟର) ଦ୍ୱିତୀୟ ହୋଇଛନ୍ତି। ଭାରତର ଅଜିତ୍ ସିଂ ବ୍ରୋଞ୍ଜ ପଦକ ଜିତିଛନ୍ତି। ଗୁର୍ଜାର ସିଜନର ଶ୍ରେଷ୍ଠ ପ୍ରଦର୍ଶନ ସହ ଶ୍ରେଷ୍ଠ ପ୍ରଚେଷ୍ଟା ‘୬୧.୨୨ ମିଟର ସହ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଅଜିତ୍ ସିଂ ୫୯.୪୬ ମିଟର ଦୂର ଜାଭେଲିନ୍ ଫିଙ୍ଗିବା ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ରିଙ୍କୁ ଚତୁର୍ଥ ସ୍ଥାନରେ ରହିଥିଲେ। ଏହି ଦୁଇଜଣ ମଧ୍ୟ ଅଲିମ୍ପିକ କୋଟା ହାସଲ କରିଛନ୍ତି। ଇଣ୍ଟରନ୍ୟାନାଲ ପାରା ଅଲିମ୍ପିକ ନିୟମାନୁସାରେ ୨୦୧୯ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଶ୍ରେଷ୍ଠ ୪ ର୍ୟାଙ୍କିଙ୍ଗପ୍ରାପ୍ତ ଆଥଲେଟ୍ ଟୋକିଓ ୨୦୨୦ ପାରା ଅଲିମ୍ପିକ ପ୍ରୋଗ୍ରାମ୍ (ମାରାଥନକୁ ବାଦ୍ ଦେଇ) ସେମାନଙ୍କ ଦେଶ ତରଫରୁ ପ୍ରତିନିଧିତ୍ୱ ଯୋଗ୍ୟତା ଅର୍ଜନ କରିବେ। ୨୩ ବର୍ଷୀୟ ଗୁର୍ଜାର ୨୦୧୭ ଲଣ୍ଡନ ବିଶ୍ୱ ଟାଇଟଲ ବଜାୟ ରଖିବା ସହ ଦୁଇ ଥର ବିଶ୍ୱ ଚାମ୍ପିୟନଶିପ୍ ପଦକ ଜିତିବାରେ ଦ୍ୱିତୀୟ ଭାରତୀୟ ହୋଇ ପାରିଛନ୍ତି। ପୂର୍ବରୁ ଦେବେନ୍ଦ୍ର ଝାଝାରିଆ ଯଥାକ୍ରମେ ୨୦୧୩ ଲିଅନ ଏବଂ ୨୦୧୫ ଦୋହା ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଏବଂ ରୌପ୍ୟ ଜିତିଥିଲେ।

# ଭାରତୀୟ ମହିଳା ୧୦ ଉଇକେଟରେ ବିଜୟୀ

## ଦ୍ୱିତୀୟ ଟି୨୦: ଶେଫାଳି, ଦୀପ୍ତିଙ୍କ ଚମତ୍କାର ପ୍ରଦର୍ଶନ

**ଗ୍ରସ୍ ଆଇଲେଟ (ସେଣ୍ଟ ଲୁସିଆ), ୧୧।୧୧:** ଅଫ୍ ସ୍ପିନର ଦୀପ୍ତି ଶର୍ମାଙ୍କ କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ (୪-୦-୧୦-୪) ଓ ଶେଫାଳି ବର୍ମାଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଭାରତୀୟ ମହିଳା ଦଳ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ୫୭ଟି ବଲ ବାକି ରଖି ୧୦ ଉଇକେଟରେ ବିଜୟ ହାସଲ କରିଛି।


ଦୀପ୍ତି ଶର୍ମା

ଏହି ମୁକାବିଲାରେ ଟସ୍ ଜିତି ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ହରାଇ ୧୦୩ ରନ ସଂଗ୍ରହ କରିଥିଲା। ଚେଡିନ ନେସନ ୩୨, ଓପନର ହେଲି ମାଥ୍ୟୁସ୍ ୨୩ ରନ୍ କରିଥିଲେ। ଭାରତ ପକ୍ଷରୁ ଦୀପ୍ତି ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ଜବାବରେ ଭାରତ ୧୦.୩ ଓଭରରେ କୌଣସି ଉଇକେଟ ନ ହରାଇ ଲକ୍ଷ୍ୟ ହାସଲ କରି ନେଇଥିଲା। ଭାରତ ୫ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜରେ ୨–୦ରେ ଅଗ୍ରଣୀ ହାସଲ କରିଛି। ପ୍ରଥମ ଟି୨୦ରେ ୧୫ ବର୍ଷୀୟା ଶେଫାଳି ୭୩ ରନର ଅର୍ଦ୍ଧଶତକୀୟ ପାଳି ଖେଳି ରେକର୍ଡ କରିଥିଲେ। ସେ ଦେଶର ସର୍ବକନିଷ୍ଠ ଖେଳାଳିଭାବେ ଅନ୍ତର୍ଜାତୀୟ କ୍ରିକେଟର ଅର୍ଦ୍ଧଶତକ ହାସଲ କରି ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇଥିଲେ। ଏଥିସହିତ ଶେଫାଳି କ୍ରମାଗତ ଦ୍ୱିତୀୟ ଅର୍ଦ୍ଧଶତକ ଅର୍ଜନ କରି ମ୍ୟାଚ୍ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତେବେ ଦୀପ୍ତି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ତୃତୀୟ ଟି୨୦ ୧୪ରେ ଗୁୟାନାରେ ଖେଳାଯିବ।

୧୦୪ ରନର ଲକ୍ଷ୍ୟର ପିଛା କରି ଭାରତ ବିନା ଅସୁବିଧାରେ ବିଜୟୀ ହୋଇଥିଲା। ଓପନିଂ କରିବାକୁ ଆସିଥିବା ଶେଫାଳି ମାତ୍ର ୩୫ଟି ବଲର ସମ୍ମୁଖୀନ ହୋଇ ୧୦ ଚୌକା ଓ ୨ ଛକା ସହ ୬୯ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। ସ୍ମୃତି ମନ୍ଧାନା ୩୦ ରନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

- ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୧୦୩/୭, (ନେଶନ- ୩୨, ମାଥ୍ୟୁସ- ୨୩, ମ୍ୟାକଲିନ- ୧୭, ଦୀପ୍ତି- ୪/୧୦, ଶିଖା- ୧/୧୮, ରାଧା- ୧/୨୦, ବସ୍ତ୍ରକାର- ୧/୨୩)।
- ଭାରତ ୧୦.୩ ଓଭରରେ ୧୦୪/୦, (ଶେଫାଳି- ୬୯, ମନ୍ଧାନା- ୩୦)।


ହିମାଚଳ ପ୍ରଦେଶର ସିମ୍‌ଲାଠାରେ ନଭେମ୍ବର ୧୫ରୁ ୧୯ ପର୍ଯ୍ୟନ୍ତ ହେବାକୁ ଯାଉଥିବା ବେସାମରିକ କବାଡ଼ି ପ୍ରତିଯୋଗିତାରେ ଭାଗ ନେବା ପାଇଁ ସୋମବାର ଭୁବନେଶ୍ୱର ଛାଡ଼ିବା ପୂର୍ବରୁ ଓଡ଼ିଶା ମହିଳା ଓ ପୁରୁଷ କବାଡ଼ି ଦଳ।

ଟି୨୦ ଏଭଳି ଏକ ଫର୍ମାଟ ଯଦି ମ୍ୟାଚର କୌଣସି ମୁହୂର୍ତ୍ତରେ ଅଟକିଗଲ ତେବେ ପ୍ରତ୍ୟାବର୍ତ୍ତନ କରିବା କଷ୍ଟକର ।
—ମହମୁଦୁଲ୍ଲା, ବାଂଲାଦେଶ ଅଧିନାୟକ



ଚେନ୍ନାଇ ସୁପର କିଙ୍ଗ୍ସ ତରଫରୁ ଖେଳିବା ଦ୍ୱାରା କାକର ଓ ଅଧିକ ତାପମାତ୍ରା ପରିବେଶକୁ କିପରି ସାମ୍ନା କରିବାକୁ ହୁଏ ତାହା ଜାଣିପାରିଲି ।
—ଦୀପକ ଚହର, ଭାରତୀୟ ବୋଲର



## ସଂକ୍ଷେପରେ

ସ୍ପେଶାଲ୍ ଅଲିମ୍ପିକ୍ସ ଏସିଆ ପାସିଫିକ୍ ୟୁନିଫାଏଡ୍ ବ୍ୟାଡ୍‌ମିଣ୍ଟନ

### ଓଡ଼ିଶାରୁ ପ୍ରଭାତ, ବିବେକାନନ୍ଦ ଭାଗନେବେ



**ଭୁବନେଶ୍ୱର, ୧୧।୧୧(କ୍ରୀଡ଼ା ପ୍ରତିନିଧି):** ସ୍ପେଶାଲ୍ ଅଲିମ୍ପିକ୍ସ ଏସିଆ ପାଶିଫିକ୍ ୟୁନିଫାଏଡ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମଙ୍ଗଳବାରଠାରୁ ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଆରମ୍ଭ ହେବାକୁ ଯାଉଛି। ୧୬ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରଭାତ ବରାଳ ଓ ବିବେକାନନ୍ଦ ମହାନ୍ତି ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଭାରତରୁ ପୁରୁଷ ବିଭାଗରେ କେବଳ ଏହି ଦୁଇଜଣ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ପ୍ରଭାତ ଓ ବିବେକାନନ୍ଦ ସୋମବାର ରାତିରେ କଲିକତାରୁ ବିମାନ ଯୋଗେ ବ୍ୟାଙ୍କକ୍ ଯାତ୍ରା କରିଛନ୍ତି। ସୂଚନାଯୋଗ୍ୟ ଯେ ପ୍ରଭାତ ଗତ ମାର୍ଚ୍ଚରେ ଆବୁଧାବିରେ ଅନୁଷ୍ଠିତ ବିଶ୍ୱପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସ୍ପେଶାଲ ଅଲିମ୍ପିକ୍ସ ଭାରତ ଓ ସ୍ପେଶାଲ୍ ଅଲିମ୍ପିକ୍ସ ଭାରତ ଓଡ଼ିଶା ପକ୍ଷରୁ ଏହି ଦୁଇ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ରାଜ୍ୟ ସିନିୟର କବାଡ଼ି ଚାମ୍ପିୟନଶିପ ୩୦ରୁ

**କଟକ ଅଫିସ,୧୧।୧୧:** ଓଡ଼ିଶା କବାଡ଼ି ଆସୋସିଏଶନ ଓ ଝାରସୁଗୁଡ଼ା ଜିଲା କ୍ରୀଡ଼ା ସଂସଦର ମିଳିତ ଆନୁକୂଲ୍ୟରେ ଆସନ୍ତା ୩୦ରୁ ଝାରସୁଗୁଡ଼ାଠାରେ ୬୭ତମ ରାଜ୍ୟ ସିନିୟର କବାଡ଼ି ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଡିସେମ୍ବର ୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗୀ ଭାଗ ନେବେ। ରାଜ୍ୟ ସଂଘ ସହ ଅନୁବନ୍ଧିତ ସମସ୍ତ ଜିଲା, ଅନୁଷ୍ଠାନ ଦଳ ଗଠନ କରି ଆସନ୍ତା ୨୫ ତାରିଖ ସୁଦ୍ଧା ନିଜର ସ୍ଥିତି ସ୍ପଷ୍ଟ କରିବାକୁ ରାଜ୍ୟ ସଂଘ ସମ୍ପାଦକ ଅଜୟ କୁମାର ବେହେରା ନିବେଦନ କରିଛନ୍ତି। ଏ ସଂକ୍ରାନ୍ତରେ ଝାରସୁଗୁଡ଼ା ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ତାପସ ରାୟ ଚୌଧୁରୀ, ପରିଚାଳନା ସମ୍ପାଦକ ଗଣେଷ ଚନ୍ଦ୍ର ନାୟକଙ୍କ ସହ ଯୋଗାଯୋଗ କରିବାକୁ ରାଜ୍ୟ ସଂଘ ପକ୍ଷରୁ କୁହାଯାଇଛି। ଏହାଛଡ଼ା ଅଂଶ ଗ୍ରହଣ କରିବାକୁ ଥିବା ସମସ୍ତ ଦଳ ଖେଳାଳିଙ୍କ ପ୍ରମାଣପତ୍ର ଓ ଫଟୋ ଆସନ୍ତା ୩୦ ତାରିଖ ସୁଦ୍ଧା ଦାଖଲ କରିବାକୁ କୁହାଯାଇଛି। ଅଧିକ ବିବରଣୀ ପାଇଁ ଝାରସୁଗୁଡ଼ା ଜିଲା କ୍ରୀଡ଼ା ସଂସଦର କବାଡ଼ି ସମ୍ପାଦକ ମନୋଜ କୁମାର ଦାସ, ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ପୃଥ୍ୱୀରାଜ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାକୁ ରାଜ୍ୟ ସଂଘ ପକ୍ଷରୁ କୁହାଯାଇଛି।

### ୱାଶିଂଟନ୍‌ଙ୍କ ଖେଲୁଆଡ଼ ମନୋଭାବ

**ଥିରୁଭାନନ୍ତପୁରମ, ୧୧।୧୧ (ପି.ଟି.):** ତାମିଲନାଡୁ ସ୍ପିନର ୱାଶିଂଟନ ସୁନ୍ଦର ତାଙ୍କ ଖେଲୁଆଡ଼ ମନୋଭାବ ନେଇ ଏବେ ଚର୍ଚ୍ଚାରେ ରହିଛନ୍ତି। ବାଂଲାଦେଶ ବିପକ୍ଷ ଟି୨୦ ସିରିଜ ଲାଗି ସୁନ୍ଦର ଭାରତୀୟ ଦଳର ସଦସ୍ୟ ରହିଥିଲେ। ଏପରି କି ନାଗପୁରରେ ରବିବାର ଅନୁଷ୍ଠିତ ଅନ୍ତିମ ତଥା ୩ୟ ମ୍ୟାଚ୍‌ରେ ସେ ଅନ୍ତିମ ଏକାଦଶରେ ସ୍ଥାନ ପାଇଥିଲେ। ତେବେ ଖେଳ ସରିବା ମାତ୍ରେ ସେ ରାତାରାତି ନାଗପୁରରୁ ଆସି ସୋମବାର ଏହି ମ୍ୟାଚ୍ ଲାଗି କେରଳରେ ତାମିଲନାଡୁ ଦଳରେ ଯୋଗଦେଇଥିଲେ। ରବିବାର ରାତିରେ ପୁରସ୍କାର ବିତରଣୀ ଉତ୍ସବ ଶେଷ ହେବା ପରେ ସେ ସିଧା କେରଳ ଅଭିମୁଖେ ବାହାରିଥିଲେ। ଉତ୍ତର ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ସେ ୨ ଓଭର ବୋଲିଂ କରି ୧୬ ରନ୍ ବ୍ୟୟ କରିଥିଲେ ମଧ କୌଣସି ଉଇକେଟ୍ ପାଇ ନ ଥିଲେ।

# କଟକରେ ହେବ ଏସୀୟ ସିନିୟର କୁସ୍ତି

**କଟକ ଅଫିସ,୧୧।୧୧**

ଓଡ଼ିଶାକୁ ମିଳିଛି ଆଉ ଏକ ଅନ୍ତର୍ଜାତୀୟ ସ୍ତରୀୟ କ୍ରୀଡ଼ା ଆୟୋଜନର ସୁଯୋଗ। ୨୦୨୦ ଫେବୃୟାରୀ ୧୮ରୁ ୨୩ ପର୍ଯ୍ୟନ୍ତ କଟକର ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଏସୀୟ ସିନିୟର କୁସ୍ତି ଚାମ୍ପିୟନଶିପ ଅନୁଷ୍ଠିତ ହେବ। ବିଶ୍ୱ କୁସ୍ତି ମହାସଂଘ ଓ ଭାରତୀୟ କୁସ୍ତି ମହାସଂଘର ସଦସ୍ୟମାନେ ସୋମବାର ଭିତ୍ତିଭୂମି ଓ ସୁବିଧା ସୁଯୋଗ ଅନୁଧ୍ୟାନ କରି ଫେରିଛନ୍ତି। ଏଥିରେ ବିଶ୍ୱ କୁସ୍ତି ମହାସଂଘ ମ୍ୟାନେଜର ରାମିଲ ଅହମ୍ମଦ, ମହାସଂଘର କମର୍ସିଆଲ ପାର୍ଟନର ଆଶିଷ ଚଢ଼ାଙ୍କ ସମେତ ଭାରତୀୟ କୁସ୍ତି ମହାସଂଘ ଓ ରାଜ୍ୟ ସଂଘର ସଦସ୍ୟ ସାମିଲ ଥିଲେ ।
ଲଗାତର ଓଡ଼ିଶାରେ ବିଶ୍ୱସ୍ତରୀୟ କ୍ରୀଡ଼ା ଆୟୋଜନ କରାଯାଉଛି । ନିକଟ ଅତୀତରେ କଟକର ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ସଫଳତାର ସହ ଆୟୋଜନ ହୋଇଥିଲା। ଏହି ଷ୍ଟାଡିୟମରେ ସିନିୟର ଏସୀୟ କୁସ୍ତି ଟୁର୍ନାମେଣ୍ଟ ହେବାକୁ ସ୍ଥିର କରାଯାଇଛି। ଏସୀୟ କୁସ୍ତିର ଆଗାମୀ ସଂସ୍କରଣ ଭାରତରେ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ଉକ୍ତ ଟୁର୍ନାମେଣ୍ଟ କରାଯିବାକୁ ରାଜି ହୋଇଥିଲା ଭାରତୀୟ କୁସ୍ତି ମହାସଂଘ। ବାରବାଟୀ ଷ୍ଟାଡିୟମ ପରିସରସ୍ଥିତ ସଚିନ ତେନ୍ଦୁଲକର ଇନଡୋର ହଲକୁ ଅଭ୍ୟାସ ନିମନ୍ତେ ବ୍ୟବହାର କରାଯିବ। ସାମୁଦ୍ରିକ ଝଡ଼ ଫନୀ ପ୍ରଭାବରେ ଏହି ଷ୍ଟାଡିୟମ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ରାଜ୍ୟଗୋଷ୍ଠୀ ଟିଟି ପୂର୍ବରୁ ଏହାକୁ ରାଜ୍ୟ ସରକାର ମରାମତି କରି ଦେଇଛନ୍ତି। ଏହାଛଡ଼ା ଏବେ ଏହି ଷ୍ଟାଡିୟମରେ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ଏଣୁ ଏସୀୟ କ୍ରୀଡ଼ା ଆୟୋଜନ କରିବାରେ କୌଣସି ସମସ୍ୟା ହେବନି ବୋଲି ପରିଦର୍ଶନରେ ଆସିଥିବା ଅଧିକାରୀମାନେ ଆଶା ପ୍ରକଟ କରିଛନ୍ତି। ଅଧିକାରୀମାନେ ଭୁବନେଶ୍ୱରର ବିଭିନ୍ନ ହୋଟେଲ ମଧ୍ୟ ବୁଲି ଦେଖିଥିବା ଜଣାପଡ଼ିଛି। ଏହି ଅବସରରେ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମର ଭାରପ୍ରାପ୍ତ ଅଧିକାରୀ ଅଜୟ କୁମାର ବେହେରା, ଜିଲା କ୍ରୀଡ଼ା ଅଧିକାରୀ ରଶ୍ମୀରଞ୍ଜନ ସାମନ୍ତରାୟ ଉପସ୍ଥିତ ଥିଲେ।



ଜବାହରଲାଲ୍ ଇନ୍‌ଡୋର ଷ୍ଟାଡ଼ିୟମ୍ ପରିଦର୍ଶନ ଅବସରରେ ବିଶ୍ୱ କୁସ୍ତି ମହାସଂଘ ଓ ଭାରତୀୟ କୁସ୍ତି ମହାସଂଘର ସଦସ୍ୟମାନେ।

## ପ୍ରଥମ ଟେଷ୍ଟ

### ଇନ୍ଦୋରରେ ପହଞ୍ଚିଲେ ଭାରତ, ବାଂଲାଦେଶ ଦଳ

**ଇନ୍ଦୋର,୧୧।୧୧(ପି.ଟି.):** ଆସନ୍ତା ୧୪ ତାରିଖରେ ଆରମ୍ଭ ହେବାକୁ ଯାଉଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିବାକୁ ଭାରତ ଓ ବାଂଲାଦେଶ କ୍ରିକେଟ ଦଳ ସୋମବାର ଇନ୍ଦୋରରେ ପହଞ୍ଚିଛନ୍ତି। ନାଗପୁରରୁ ଆସି ସ୍ୱତନ୍ତ୍ର ବିମାନ ଯୋଗେ ଦେବୀ ଅହଲ୍ୟାବାଈ ହୋଲକାର ବିମାନବନ୍ଦରରେ ଦୁଇଦଳ ପହଞ୍ଚିଛନ୍ତି। ନାଗପୁରରେ ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍ ଖେଳାଯାଇଥିଲା। ଏଠାରେ ପହଞ୍ଚିବା ପରେ ଦୁଇ ଦଳ ସେମାନଙ୍କ ଟିମ୍ ହୋଟେଲକୁ ପ୍ରସ୍ଥାନ କରିଛନ୍ତି ବୋଲି ମଧ୍ୟ ପ୍ରଦେଶ କ୍ରିକେଟ ଆସୋସିଏଶନ (ଏମ୍‌ପିସିଏ)ର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ନିଜ ଫେଭରାଇଟ କ୍ରିକେଟରଙ୍କୁ ଦେଖିବା ପାଇଁ ବିମାନ ବନ୍ଦରରେ ପ୍ରଶଂସକଙ୍କ ଭିଡ ଦେଖିବାକୁ ମିଳିଥିଲା।

# ଜାତୀୟ ଦିବାରାତ୍ର ଭଲିବଲ ୧୬ରୁ



କର୍ମକର୍ତ୍ତାମାନେ ଟ୍ରଫି ଓ ଜର୍ସି ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୧୧।୧୧(କ୍ରୀଡ଼ା ପ୍ରତିନିଧି)**

ଲିଙ୍ଗରାଜ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚଳିତମାସ ୧୬ ଓ ୧୭ ତାରିଖ ଦୁଇଦିନଧରି ଦ୍ୱାଦଶ ଜାତୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଲିଙ୍ଗରାଜ ବିହାର ପୋଖରୀପୁଟଠାରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ୨ଟି ଦଳ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ଓ ରାଉରକେଲା ରାଇଜିଂ କ୍ଲବ ବ୍ୟତୀତ ରାଜ୍ୟ ବାହାରର ଆନ୍ଧ୍ର ପ୍ରଦେଶ, ଇଷ୍ଟର୍ନ ରେଲୱେ, ଡିଏଲଡବ୍ଲ୍ୟୁ ବାରଣାସୀ, ତାମିଲନାଡୁ ସ୍ପୋର୍ଟ୍ସ ହଷ୍ଟେଲ ଭାଗନେବେ। ପ୍ରତିଯୋଗିତାର ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫,୦୦୦ ଓ ରନର୍ସଅପ୍ ଦଳକୁ ୧୦,୦୦୦ଟଙ୍କା ପ୍ରଦାନ କରାଯିବ। ଏହା ବ୍ୟତୀତ ସମସ୍ତ ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯିବ। ପ୍ରଥମ ଦିବସରେ ୪ଟି ଲିଗ୍ ମ୍ୟାଚ ଏବଂ ଦ୍ୱିତୀୟ ଦିବସରେ ୨ଟି ଲିଗ୍ ସହିତ ସେମିଫାଇନାଲ ଓ ଫାଇନାଲ ଅନୁଷ୍ଠିତ ହେବ ବୋଲି ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକମାନେ ସୂଚନା ଦେଇଛନ୍ତି। ଏହି ଅବସରରେ ପ୍ରତିଯୋଗିତାର ଟ୍ରଫି ଉନ୍ମୋଚିତ ହୋଇଥିଲା। ଆସୋସିଏଶନ ସଭାପତି ବାବୁ ସିଂ ଓ ସମ୍ପାଦକ ରଜତ ତ୍ରିପାଠୀ ଉପସ୍ଥିତ ରହି ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଶନର କର୍ମକର୍ତ୍ତା ସୁବାସ ମିଶ୍ର, ସଞ୍ଜୟ ଦାଶ, ନିହାର ମହାନ୍ତି, ସୀତାକାନ୍ତ ନନ୍ଦ, ମାନଭଞ୍ଜନ ସାହୁ, ଅଭିମନ୍ୟୁ ପ୍ରଧାନ, ଅଭିରାନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରାହୁଲ, ଐଶକାନ୍ତଙ୍କ ଚମତ୍କାର ବୋଲିଂ: ଓଡ଼ିଶା ବିଜୟୀ

**କଟକ ଅଫିସ, ୧୧।୧୧:** ଡେରାଡୁନଠାରେ ଚାଲିଥିବା ୨୩ବର୍ଷରୁ କମ୍ ପୁରୁଷ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଓଡ଼ିଶା ବିଜୟୀ ହୋଇଛି। ବୋଲରମାନଙ୍କ ଚମତ୍କାରର ପ୍ରଦର୍ଶନ ସହାୟତାରେ ଓଡ଼ିଶା ୬ ଉଇକେଟରେ ହରିୟାଣାକୁ ପରାସ୍ତ କରଛି। ରାହୁଲ ଚୌଧୁରୀ ୫ଟି ଓ ଐଶକାନ୍ତ ସାହୁ ୪ଟି ଉଇକେଟ ହାସଲ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଟସ୍ ଜିତି ହରିୟାଣାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା ଓଡ଼ିଶା। ଶୁଭମ ସିଂ ହରିୟାଣା ପକ୍ଷରୁ ସର୍ବାଧିକ ୩୫ରନ କରିଥିଲେ। ୫ରନରେ ପ୍ରଥମ ଉଇକେଟ ହରାଇଥିବା ହରିୟାଣା ୮୪ରନରେ ଅଲଆଉଟ ହୋଇଥିଲା। ୨୫ରନ ବିନିମୟରେ ରାହୁଲ ୫ଟି ଓ ୩୨ରନ ବିନିମୟରେ ଐଶକାନ୍ତ ୪ଟି ଉଇକେଟ ଅକ୍ତିଆର କରିଥିଲେ। ପ୍ରୀତ କନୱର ସିଂ ଚୌହ୍ୱାନଙ୍କୁ ଗୋଟିଏ ଉଇକେଟ ମିଳିଥିଲା। ୪ ଉଇକେଟ ହରାଇ ଓଡ଼ିଶା ଧାର୍ଯ୍ୟ ବିଜୟ ଲକ୍ଷ୍ୟ ୨୧ତମ ଓଭରରେ ହାସଲ କରିଥିଲା। ସୋମେନ ଚାନ୍ଦ ୨୯, କ୍ଷମାସାଗର ବଳ ୨୦ରନ କରିଥିବା ବେଳେ ସ୍ୱସ୍ତିକ ସାମଲ ୧୯ରନର ଅପରାଜିତ ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ଆସନ୍ତା ୧୩ ତାରିଖରେ ଓଡ଼ିଶା ଏହାର ଅନ୍ତିମ ମ୍ୟାଚ୍ ଗୋଆ ବିପକ୍ଷରେ ଖେଳିବ। ଏଲିଟ୍ ଗ୍ରୁପ-ସିରେ ସ୍ଥାନ ପାଇଥିବା ଓଡ଼ିଶା ୬ଟି ମ୍ୟାଚ ଖେଳି ୨ ବିଜୟ ୪ ପରାଜୟ ସହ ୮ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ରହିଛି।

## ଇମ୍ରାନ ମେମୋରିଆଲ ଟ୍ୱିନ୍‌ସିଟି କ୍ରିକେଟ
# ୟୁନିୟନ ସ୍ପୋର୍ଟିଂ ଫାଇନାଲରେ



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ବିନାୟକ ମହାନ୍ତି।

**ଭୁବନେଶ୍ୱର, ୧୧। ୧୧ (କ୍ରୀଡ଼ା ପ୍ରତିନିଧି):** ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ଖେଳ ପଡ଼ିଆରେ ଚାଲିଥିବା ମହମ୍ମଦ ଇମ୍ରାନ ମେମୋରିଆଲ ଟ୍ୱିନ୍‌ସିଟି ୧୭ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟରେ ପ୍ରଥମ ଦଳ ଭାବେ ୟୁନିୟନ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ସେମିଫାଇନାଲରେ ଏହି ଦଳ ୧୫ ରନରେ ଜୁଭେନାଇଲ କ୍ରିକେଟ ଏକାଡେମୀକୁ ପରାସ୍ତ କରିଛି।
ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ୟୁନିୟନ ସ୍ପୋର୍ଟିଂ ୩୦ ଓଭରରେ ୮ ଉଇକେଟ ହରାଇ ୧୫୩ ରନ କରିଥିଲା। ଦଳ ପକ୍ଷରୁ ବିନାୟକ ମହାନ୍ତି ସର୍ବାଧିକ ୫୪ ଓ ଚିତ୍ତରଞ୍ଜନ ବେହେରା ୩୨ ରନ କରିଥିଲେ। ପ୍ରତିପକ୍ଷ ଦଳର ଦୀପ୍ତାଂଶୁ ଦାସ ୪ ଓଭରରେ ୨୨ ରନ ଦେଇ ୪ଟି ଉଇକେଟ ଅକ୍ତିଆର କରିଥିଲେ। ୧୫୪ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଜୁଭେନାଇଲ ୨୭.୫ ଓଭରରେ ୧୩୮ ରନ କରି ଅଲଆଉଟ ହୋଇ ଯାଇଥିଲା। କେଭିନ ଖ୍ରିଷ୍ଟୋଫର ୩୭ ଓ ଦୀପ୍ତାଂଶୁ ୩୧ ରନ କରିବାକୁ ସକ୍ଷମ ହୋଇଥିଲେ। ବିଜୟୀ ଦଳ ପକ୍ଷରୁ ବିନାୟକ ମହାନ୍ତି ୫ ଓଭରରେ ୨୫ ରନ ଦେଇ ୩ଟି ଏବଂ ନୀତୀଶ ମୁଦୁଲି ୪.୫ ଓଭରରେ ୨୫ ରନ ଦେଇ ୩ଟି ଉଇକେଟ ନେଇଥିଲେ। ସହିଦ ସ୍ପୋର୍ଟିଂ କ୍ଲବ ସମ୍ପାଦକ ପଙ୍କଜ ପଟ୍ଟନାୟକ ଏବଂ ସ୍କାନ ସ୍ପୋର୍ଟିଂ ସମ୍ପାଦକ ପ୍ରବୋଧ କୁମାର ଦାସ ଅତିଥିଭାବେ ଯୋଗଦେଇ ବିନାୟକ ମହାନ୍ତିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ପ୍ରୀତିରଞ୍ଜନ ବିଜୟ ସିଂ ଓ ଖଗେଶ୍ୱର ମଲିକ ଅମ୍ପାୟର, ଜିତେନ୍ଦ୍ର ସେନାପତି ସ୍କୋରର, ସୁଶୀଲ ସୁନ୍ଦରାୟ ଅନ୍‌ଲାଇନ୍ ସ୍କୋରର ଏବଂ ମାନୁ ମହାପାତ୍ର ମ୍ୟାଚ ରେଫରି ଦାୟିତ୍ୱ ତୁଲାଇଥିଲେ।

# ଏସିଆନ ଶୁଟିଂ ଚାମ୍ପିୟନଶିପ୍: ସୌରଭଙ୍କୁ ରୌପ୍ୟ

**ଦୋହା, ୧୧।୧୧(ପି.ଟି.):** ଭାରତୀୟ ଟିନ୍‌ଏଜ୍ ଶୁଟର ସୌରଭ ଚୌଧାରୀ ଏଠାରେ ଚାଲିଥିବା ୧୪ତମ ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ସୋମବାର ଅନୁଷ୍ଠିତ ପୁରୁଷ ୧୦ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ୧୭ ବର୍ଷୀୟ ସୌରଭ ୨୪୪.୫ ପଏଣ୍ଟ ଶୁଟ୍ କରି ଦ୍ୱିତୀୟ ସ୍ଥାନରେ ରହିବା ସହ ଏହି ସଫଳତା ପାଇଛନ୍ତି। ଅନ୍ୟପଟେ ଉତ୍ତର କୋରିଆର କିମ୍ ସଙ୍ଗ ଗୁକ୍ ୨୪୬.୫ ପଏଣ୍ଟ ସ୍କୋର କରି ବିଶ୍ୱ ରେକର୍ଡ କରିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଇରାନର ଫୋରେଉଘି ଜାଭେଦ ୨୨୧.୮ ପଏଣ୍ଟ ସ୍କୋର କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।
୫୮୩ ସ୍କୋର କରି ସୌରଭ ଓ ଅଭିଷେକ ବର୍ମା ଯଥାକ୍ରମେ ସପ୍ତମ ଓ ଷଷ୍ଠ ସ୍ଥାନରେ ରହି ଫାଇନାଲରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଥିଲେ।

# ତାମିଲନାଡୁକୁ ହରାଇଲା ୟୁପି



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଦୀନେଶ କାର୍ତ୍ତିକ।

**ଥିରୁଭାନନ୍ତପୁରମ, ୧୧।୧୧ (ପି.ଟି.)**

ସ୍ଥାନୀୟ ଗ୍ରୀନ୍‌ଫିଲ୍ଡ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ସୋମବାର ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଉତ୍ତର ପ୍ରଦେଶ (ୟୁପି) ୫ ଉଇକେଟ୍‌ରେ ତାମିଲନାଡୁକୁ ପରାସ୍ତ କରିଛି। ଗ୍ରୁପ୍-ବି'ର ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ତାମିଲନାଡୁ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୬୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଦୀନେଶ କାର୍ତ୍ତିକ (୬୧ ରନ୍, ୪୧ ବଲ୍, ୫ ଚୌକା, ୪ ଛକା) ଏବଂ ଓପ୍‌ନର ମୁରଲୀ ବିଜୟ (୫୧ ରନ୍, ୪୨ ବଲ) ଅର୍ଦ୍ଧଶତକ ହାସଲ କରିଥିଲେ। ଉତ୍ତର ପ୍ରଦେଶ ପକ୍ଷରୁ ଅଙ୍କିତ ରାଜପୁତ, ମୋହସିନ ଖାଁ ଓ କୁଲଦୀପ ଯାଦବ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଉତ୍ତର ପ୍ରଦେଶ ଉଇକେଟ୍‌କିପର ଉପେନ୍ଦ୍ର ସିଂ ଯାଦବଙ୍କ ୪୧ ବଲରୁ ୭୦ ରନ୍‌ର ଦ୍ରୁତ ଇନିଂସ୍ ବଳରେ ଗୋଟିଏ ବଲ୍ ପୂର୍ବରୁ ୫ ଉଇକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

# ସିକ୍କିମ ବିପକ୍ଷରେ ଓଡ଼ିଶାର ସହଜ ବିଜୟ

## ସୟଦ ମୁସ୍ତାକ ଅଲ୍ଲୀ ଟି୨୦

**କଟକ ଅଫିସ,୧୧।୧୧**

ସୁରଟର ଲାଲଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟର ଏକ ମ୍ୟାଚରେ ଓଡ଼ିଶା ୭ ଉଇକେଟରେ ସିକ୍କିମ୍‌କୁ ପରାସ୍ତ କରିଛି। ସିକ୍କିମ ପକ୍ଷରୁ ଧାର୍ଯ୍ୟ ୧୨୨ ରନର ବିଜୟ ଲକ୍ଷ୍ୟର ପିଛା କରି ଓଡ଼ିଶା ୧୭.୧ ଓଭରରେ ୩ ଉଇକେଟ ହରାଇ ୧୨୫ ରନ ସଂଗ୍ରହ କରି ନେଇଥିଲା।
ପ୍ରତିଯୋଗିତାରେ ଓଡ଼ିଶାର ଏହା ଥିଲା ପ୍ରଥମ ବିଜୟ। ପୂର୍ବରୁ ଝାଡ଼ଖଣ୍ଡ ଓ ଦିଲ୍ଲୀ ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିବା ବେଳେ ଉଭୟ ଦଳ ମଧ୍ୟରେ ପଏଣ୍ଟ ଭାଗ ହୋଇଛି। ମଙ୍ଗଳବାର ଜମ୍ମୁ-କାଶ୍ମୀର ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ ।
ସିକ୍କିମ୍ ବିପକ୍ଷ ମ୍ୟାଚ୍‌ରେ ଉଇକେଟ କିପର ପ୍ରବୀଣ ଲୋହାଙ୍କୁ ପଦାର୍ପଣ ସୁଯୋଗ ଦିଆଯାଇଥିଲା। ସିକ୍କିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୪ର୍ଥ ଓଭର ଶେଷ ବଲରେ ସ୍ପିନର ପପୁ ରାୟ ଓପନର ବିବେକ ଦିୱାଲିଙ୍କୁ ଉଇକେଟ କିପର ପ୍ରବୀଣଙ୍କ ଦ୍ୱାରା କ୍ୟାଚ୍ ଆଉଟ କରାଇଥିଲେ। ବିବେକ ୧୦ରନରେ ଆଉଟ ହୋଇଥିବା ବେଳେ ସିକ୍କିମ୍‌ର ଦଳୀୟ ସ୍କୋର ଥିଲା ୨୧। ଅନ୍ୟତମ ଓପନର ଆଶିଷ ଥାପ୍ପା ଓ ବ୍ୟାଟିଂ କ୍ରମ ୩ନଂରେ ଆସିଥିବା ଯଶପାଲ ସିଂ ସତର୍କତାର ସହ ବ୍ୟାଟିଂ କରି ଦଳୀୟ ସ୍କୋରକୁ ୫୦ ଅତିକ୍ରମ କରାଇଥିଲେ । ଆଶିଷ ଧିମା ଗତିରେ ବ୍ୟାଟିଂ କରୁଥିବା ଦେଖିବାକୁ ମିଳିଥିଲା। ୩୬ବଲରୁ ୨୬ରନ କରିଥିବା ବେଳେ ଆଶିଷ ସନ୍ଦୀପ ପଟ୍ଟନାୟକଙ୍କ ଦ୍ୱାରା ରନଆଉଟ ହୋଇଥିଲେ। ଅଧିନାୟକ ଇକବାଲ ଅବଦୁଲା ୭ରନ ଓ ପାଲଜୋର ତମାଙ୍ଗ ୫ରନରେ ଯଥାକ୍ରମେ ସୂର୍ଯ୍ୟକାନ୍ତ ପ୍ରଧାନ ଓ ଅଙ୍କିତ ଯାଦବଙ୍କ ଶିକାର ହୋଇଥିଲେ। ଯଶପାଲ ୬୩ ଓ ଇଶ୍ୱର ଚୌଧୁରୀ ୬ରନକରି ଅନ୍ତିମ ପର୍ଯ୍ୟନ୍ତ ଅପରାଜିତ ଥିଲେ। ସିକ୍କିମ୍ ୪ ଉଇକେଟ ହରାଇ ୧୨୧ରନ କରିଥିଲା। ଅଙ୍କିତ ଯାଦବଙ୍କ ୪ ଓଭର ବୋଲିଂ ସ୍ପେଲ ପ୍ରଭାବଶାଳୀ ଥିଲା। ୧୭ରନ ବିନିମୟରେ ଅଙ୍କିତ ଗୋଟିଏ ଉଇକେଟ ଦଖଲ କରିଥିଲେ। ସୂର୍ଯ୍ୟକାନ୍ତ ଓ ପପୁ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ୩ ଉଇକେଟ ହରାଇବା ସହ ୧୭ଟି ବଲ ବାକି ରଖି ଓଡ଼ିଶା ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଦଳ ପକ୍ଷରୁ ଶୁଭ୍ରାଂଶୁ ସେନାପତି ସର୍ବାଧିକ ୪୪ରନ କରିଥିଲେ। ସେ ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ଓପନିଂରେ ଆସିଥିବା ଅଧିନାୟକ ଗୋବିନ୍ଦ ପୋଦ୍ଦାର ୨୪ ଓ ସନ୍ଦୀପ ପଟ୍ଟନାୟକ ୨୦ରନର ଦ୍ରୁତ ଇନିଂସ ଖେଳିଥିଲେ। ବିପ୍ଲବ ସାମନ୍ତରାୟ ମଧ୍ୟକ୍ରମରେ ୩୦ରନର ଉପଯୋଗୀ ଇନିଂସ ଖେଳିଥିଲେ। ସିକ୍କିମର ପାଲଜୋର ତମାଙ୍ଗ ୨୦ରନ ବିନିମୟରେ ସର୍ବାଧିକ ୨ଟି ଉଇକେଟ ଅକ୍ତିଆର କରିଥିବା ବେଳେ ଅଧିନାୟକ ଇକବାଲଙ୍କୁ ଗୋଟିଏ ଉଇକେଟ ମିଳିଥିଲା ।



ଶୁଭ୍ରାଂଶୁ ସେନାପତି

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. | ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୨/୨୦୧୯ | Bhubaneswar, Tuesday, November 12/ 2019

## ସଂକ୍ଷେପରେ

### ରାସ୍ତାକଡ଼ରୁ ନବଜାତ ଶିଶୁକନ୍ୟା ଉଦ୍ଧାର

**ରସୁଲପୁର,୧୧।୧୧(ଡିଏନଏ):** ଯାଜପୁର ଜିଲା ରସୁଲପୁର ବ୍ଲକ ଖଣ୍ଡାସ ପୋଲ ନିକଟରୁ ୭/୭ ଦିନର ଏକ ଶିଶୁକନ୍ୟାକୁ ରବିବାର ବିଳମ୍ବିତ ରାତିରେ ଉଦ୍ଧାର କରାଯାଇଛି। ଶିଶୁଟି ରାସ୍ତାକଡ଼ରେ ପଡ଼ିଥିବା ମାସୁମ୍ ସଂଗଠନର କର୍ମକର୍ତ୍ତା ମଣ୍ଟୁ ଦାସ ଦେଖିଥିଲେ। ଏହାପରେ ସେ ୧୦୨ ଆମ୍ବୁଲାନ୍ସ ଯୋଗେ ଶିଶୁକନ୍ୟାଟିକୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଶିଶୁଟିର ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ଜଣାପଡ଼ିଛି। ବର୍ତ୍ତମାନ ଶିଶୁଟିକୁ ସଖୀ କେନ୍ଦ୍ରରେ ରଖାଯାଇଛି। ସୋମବାର ଖବର ପାଇ ଜିଲା ଶିଶୁ ମଙ୍ଗଳ କମିଟି ଓ ଯାଜପୁର ଜିଲା ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତ୍ତାମାନେ ଡାକ୍ତରଖାନାରେ ପହଞ୍ଚି ଶିଶୁଟିର ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଏହାସହିତ ବ୍ରହ୍ମବରଦା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଥାଉକି, ପୂର୍ବରୁ ମଧ ଯାଜପୁର ଜିଲାରେ ବହୁବାର ପରିତ୍ୟକ୍ତ ସ୍ଥାନରୁ ନବଜାତ ଶିଶୁ କନ୍ୟାକୁ ଉଦ୍ଧାର କରାଯାଇ ଆସିଛି। ସେମାନଙ୍କ ମଧରୁ ଚର୍ଚ୍ଚିତ ଥିଲା ଧର୍ମଶାଳା ବ୍ଲକର ପାଉଁଶ ଗଦାରୁ ଉଦ୍ଧାର ହୋଇଥିବା ଶିଶୁ କନ୍ୟା ଧରିତ୍ରୀ ଘଟଣା। ବହୁ ସଚେତନତା ସତ୍ତ୍ୱେ ବିଭିନ୍ନ ପରିତ୍ୟକ୍ତ ସ୍ଥାନରୁ ଶିଶୁକନ୍ୟାକୁ ଉଦ୍ଧାର କରାଯିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

### ୧୭ରୁ ଜିଲାସ୍ତରୀୟ ବିଜ୍ଞାନ ମେଳା

**ଏରସମା,୧୧।୧୧(ସ୍ୱ.ପ୍ର.):** ଆସନ୍ତା ୧୭ ଓ ୧୮ ତାରିଖ ଦୁଇଦିନ ଧରି ଜିଲାସ୍ତରୀୟ ବିଜ୍ଞାନମେଳା ଏରସମା ହାଇସ୍କୁଲ ପରିସରରେ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଉତ୍ତମ ଚରଣ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସିଆରସିସି ସରୋଜ ବେହେରା, ଦୁର୍ଯ୍ୟୋଧନ ସେଠୀ, ମଧୁରୀ ସେଠୀ, ଧୀରେନ୍ଦ୍ର ଚୌଧୁରୀ, ପ୍ରବୀର ପଣ୍ଡା, ଜୟନ୍ତ ସେଠୀ, ଆଞ୍ଚଳିକ ଯୁବ ପରିଷଦ ସଭାପତି ଜ୍ୟୋତିରଞ୍ଜନ କୁଅଁର, ସୁରେନ୍ଦ୍ର ସାମଲ, ଜ୍ଞାନରଞ୍ଜନ ସ୍ୱାଇଁ, ସତ୍ୟବ୍ରତ ତରାଇ, ସୁଶୀଲ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମେଳାରେ ମୋଟ ୮୦ ମନୋନୀତ ପ୍ରକଳ୍ପ ପ୍ରଦର୍ଶିତ ହେବା ପାଇଁ ନିଷ୍ପତ୍ତି ନିଆଯାଇଛି।

### ପାଟନାଳ ପଠାରେ କୁମ୍ଭୀର ଦେଖି ଲୋକେ ଆତଙ୍କିତ

**ରତ୍ନଗିରି,୧୧।୧୧(ଡି.ଏନ୍.ଏ.):** ଯାଜପୁର ଜିଲା ବରୀ ବ୍ଲକ ଅନ୍ତର୍ଗତ ତନ୍ତିଘାଇ ନଦୀ ଶାଖା ପାଟନାଳ ପଠାରେ ସୋମବାର ସକାଳେ ଏକ କୁମ୍ଭୀର ଶୋଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଗ୍ରାମରେ ଆତଙ୍କ ଦେଖାଦେଇଛି। ଚାଷୀମାନେ ଚାଷ କାର୍ଯ୍ୟ ପାଇଁ ନଦୀ ପାର ହେବାକୁ ଭୟ କରୁଥିବାବେଳେ ଲୋକେ ନଦୀକୁ ଯିବାକୁ ମଧ ଭୟ କରୁଛନ୍ତି। ସକାଳେ କେତେଜଣ ଲୋକ ନଦୀକୁ ଶୌଚ ପାଇଁ ଯାଉଥିବାବେଳେ ନାଳ ନିକଟରେ କୁମ୍ଭୀରଟିଏ ଶୋଇଥିବା ଦେଖିଥିଲେ। ପରେ ସେମାନେ ଚିତ୍କାର କରିବାରୁ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚିବା ପରେ କୁମ୍ଭୀରଟି ନଦୀ ଗର୍ଭକୁ ଚାଲି ଯାଇଥିଲା। ଏହି ନାଳ ପାର ହୋଇ ବାଲିବିଲ, ଅନ୍ୟାସପୁର, ଭବାନୀପୁର, ଅଲିପୁର ପ୍ରଭୃତି ଗ୍ରାମର ବହୁ କୃଷକ ଚାଷ କାର୍ଯ୍ୟ ପାଇଁ ଯାତାୟାତ କରିଥାନ୍ତି। କିନ୍ତୁ କୁମ୍ଭୀର ଆତଙ୍କ ଯୋଗୁ କୃଷକ ନଦୀର ଆରପଟରେ ପାଚିଲା ଧାନ ଅମଳ କରିବା ପାଇଁ ଯିବାକୁ ଭୟ କରୁଥିବାରୁ ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଘଟଣାର ଗୁରୁତ୍ୱ ଦେଇ ବନ୍ୟ ପ୍ରାଣୀ ଅଧିକାରୀ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ବ୍ୟାଙ୍କ ଝରକା ଭାଙ୍ଗି ଡକାୟତି ଉଦ୍ୟମ

**ମାହାଙ୍ଗା,୧୧।୧୧(ସ୍ୱ.ପ୍ର.):** ମାହାଙ୍ଗା ଥାନା ଭଦ୍ରେଶ୍ୱର ଫାଣ୍ଡି ଅଧୀନ ଭଦ୍ରେଶ୍ୱରସ୍ଥିତ ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆର ଭଦ୍ରେଶ୍ୱର ଶାଖାରୁ ରବିବାର ରାତିରେ ଡକାୟତି ଉଦ୍ୟମ ହୋଇଛି। ଏନେଇ ସୋମବାର ଫାଣ୍ଡିରେ ଅଭିଯୋଗ ହୋଇଛି। ବିଳମ୍ବିତ ରାତିରେ ଦୁର୍ବୃତ୍ତ ବ୍ୟାଙ୍କ ଶାଖାର ଝରକା ଭାଙ୍ଗି ପ୍ରବେଶ କରିଥିଲେ। ହେଲେ ଲୁଟ୍ କରିବାରେ ବିଫଳ ହୋଇଥିଲେ।

## ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟିତ

# ଗଣପର୍ବରେ ପରିଣତ ହୋଇଛି କଳିଙ୍ଗ ବାଲିଯାତ୍ରା

**ପାରାଦୀପ,୧୧।୧୧(ସ୍ୱ.ପ୍ର.)**

- ଖୋଲି ପାରିଲାନି ଷ୍ଟଲ
- ଅନୁପସ୍ଥିତ ରହିଲେ ୨ ବିଧାୟକ

ପାରାଦୀପ ସମୁଦ୍ର ବେଳାଭୂମି ବିଜୁ ମଇଦାନଠାରେ ସୋମବାର ସନ୍ଧ୍ୟାରେ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ପ୍ରତୀକ ଏହି ମହୋତ୍ସବ ଏବେ ସାଂସ୍କୃତିକ ଗଣପର୍ବରେ ପରଣିତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ରଘୁନନ୍ଦନ ଦାସ, ଏମ୍‌ପି ରାଜଶ୍ରୀ ମଲ୍ଲିକ, ବିଧାୟକ ସମ୍ବିତ ରାଉତରାୟ, ଜିଲାପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଏସ୍‌ପି ପ୍ରକାଶ ଆର୍, ଇଫ୍‌କୋ କାରଖାନା ମୁଖ୍ୟ କେ.ଜେ ପଟେଲ, ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, ବନ୍ଦର ମୁଖ୍ୟଯନ୍ତ୍ରୀ ସରୋଜ କୁମାର ଦାଶ, ପୌର ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବାତ୍ୟା ବୁଲ୍‌ବୁଲ୍ ଯୋଗୁ ନିର୍ମିତ ଷ୍ଟଲ ଭୁଶୁଡ଼ି ପଡ଼ିଥିବାରୁ କୌଣସି ଷ୍ଟଲ ଖୋଲି ପାରି ନ ଥିଲା। ଅର୍ଦ୍ଧନିର୍ମିତ ସରକାରୀ-ବେସରକାରୀ ଷ୍ଟଲ, ପାରାଦୀପ ବନ୍ଦର, ବନ୍ଦର ଚିକିତ୍ସାଳୟ, ଇଫ୍‌କୋ, ପିପିଏଲ୍, ମତ୍ସ୍ୟ ବିଭାଗ, ସୂଚନା ବିଭାଗ, ପଲ୍ଲିଶ୍ରୀ ମେଳା ଓ ଜିଲା ଶିଳ୍ପ କେନ୍ଦ୍ରର ଷ୍ଟଲକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ମହୋତ୍ସବକୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଉଦ୍‌ଘାଟନ କରିବାର ଥିଲେ ମଧ ସେ ଅନୁପସ୍ଥିତ ଥିଲେ।



କଳିଙ୍ଗ ବାଲିଯାତ୍ରା ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

### ଚର୍ଚ୍ଚାରେ ଭାଜପା ବିଧାୟକଙ୍କ ଗସ୍ତ ଓ ବାତ୍ୟା ସମୀକ୍ଷା

ବାଲିଯାତ୍ରା ପଡ଼ିଆରେ ବିଜେଡି ନେତାମାନେ ଅତିଥି ହୋଇଥିବାବେଳେ ଭାଜପା ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ପୂର୍ବତନ ଏମ୍‌ପି ବିଭୂପ୍ରସାଦ ତରାଇ, ସ୍ଥାନୀୟ ଯୁବନେତା ସମ୍ପଦ ସ୍ୱାଇଁ ଓ ଅନ୍ୟମାନେ ଷଣ୍ଢକୁଦ ବସ୍ତିରେ ବୁଲ୍‌ବୁଲ୍ ବାତ୍ୟାର ସମୀକ୍ଷା କରିଥିଲେ। ଏହି ସମୀକ୍ଷାକୁ ନେଇ ନାନା ଚର୍ଚ୍ଚା ହୋଇଛି। କାରଣ ବାଲିଯାତ୍ରା ଟେଣ୍ଡର ବିବାଦକୁ ନେଇ ଭାଜପା କର୍ମୀମାନେ ୮ଦିନ ଧରି ଧାରଣା ଦେଇଥିଲେ। ଜିଲାପାଳ ଆସି ହସ୍ତକ୍ଷେପ କରିବା ପରେ ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା।



ଭାଜପା କର୍ମୀମାନେ ବାତ୍ୟା ସମ୍ପର୍କରେ ସମୀକ୍ଷା କରୁଛନ୍ତି।

### ମହୋତ୍ସବର ଏପାଖ ସେପାଖ ...




ଷ୍ଟଲ ନିର୍ମାଣ କାର୍ଯ୍ୟ ଜାରି ରହିଛି।

#### ଜିଲାପାଳଙ୍କୁ ଅପେକ୍ଷା

ପ୍ରାକୃତିକ ବିପର୍ଯ୍ୟୟ ଓ ଅନେକ ବିବାଦ ସତ୍ତ୍ୱେ ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନ ସମୟ ସନ୍ଧ୍ୟା ୫ଟା ଥିଲେ ମଧ ରାତି ୮ଟା ୩୦ରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଫଳରେ ରାତି ୧୦ଟା ପର୍ଯ୍ୟନ୍ତ ମଞ୍ଚରେ ଭାଷଣ ଚାଲିଥିଲା। ରାଜନେତାମାନେ ରାତି ୭ଟାରେ ଆସି ପହଞ୍ଚିଥିଲେ। କିନ୍ତୁ ଜିଲାପାଳ ତଥା ବାଲିଯାତ୍ରା କମିଟି ଅଧ୍ୟକ୍ଷ ଆସି ନ ଥିବାରୁ ତାଙ୍କ ପାଇଁ ଘଣ୍ଟାଏ କାଳ ଅପେକ୍ଷା କରିବାକୁ ପଡ଼ିଥିଲା। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ ସହ ଭିଡିଓ କନ୍‌ଫରେନସିଂରେ ବାତ୍ୟା ସମ୍ପର୍କରେ କଥା ହେଉଥିବାରୁ ଆସିବାରେ ବିଳମ୍ବ ହେଲା ବୋଲି କୁହାଯାଇଥିଲା।

#### ଶେଷ ଦିନର ଅତିଥି ପ୍ରଥମ ଦିନରେ

ମହୋତ୍ସବକୁ ଉଦ୍‌ଘାଟନ କରିବା ପାଇଁ ବାଚସ୍ପତି ଆସିବାର କାର୍ଯ୍ୟକ୍ରମ ରହିଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମନ୍ତ୍ରୀ ପ୍ରତାପ ଜେନା ଯୋଗ ଦେବାର ଥିଲା। ମାତ୍ର ବାଚସ୍ପତି ସରକାରୀ ଗସ୍ତରେ ପଞ୍ଜାବ ଯାଇଥିବାରୁ ମନ୍ତ୍ରୀ ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଷ୍ଣୁ ଦାସ, ପ୍ରଶାନ୍ତ ମୁଦୁଲି ବାଲିଯାତ୍ରା କମିଟି ସଦସ୍ୟ ଥିଲେ ମଧ ଆସି ନ ଥିଲେ।

### ଆଜିଠାରୁ ଚେଲିତୋଳ ବାଲିଯାତ୍ରା ମହୋତ୍ସବ

**ତିର୍ତ୍ତୋଲ,୧୧।୧୧(ଡି.ଏନ.ଏ.)**

ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ପରମ୍ପରାସ୍ମୃତିକୁ ଉଜ୍ଜୀବିତ କରୁଥିବା ତିର୍ତ୍ତୋଲର ଐତିହାସିକ ଚେଲିତୋଳ ବାଲିଯାତ୍ରା ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହେବ। ତିର୍ତ୍ତୋଲ ନିକଟ ମହାନଦୀ ଜଳରାଶିର ଗୋପିଆକୁଦଠାରେ ପ୍ରାତଃ ସମୟରେ ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ସାଧବପୁଅ ଭାବେ ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଚରଣ ଦାସ ବୋଇତ ଭସାଇବେ। ୭ଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହେବ। ମହୋତ୍ସବକୁ ସନ୍ଧ୍ୟାରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଉଦ୍‌ଘାଟନ କରିବେ। ମୁଖ୍ୟ ଅତଥିଭାବେ ଏମ୍‌ପି ରାଜଶ୍ରୀ ମଲ୍ଲିକ, ସମ୍ମାନିତ ଅତିଥି ମହିଳା କମିଶନ ଅଧ୍ୟକ୍ଷା ଡ. ମିନତୀ ବେହେରା, ଅତିଥିଭାବେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଯୋଗଦେବେ। ଚେଲିତୋଳ ବୋଇତ ବନ୍ଦାଣ ପରିଷଦର ସଭାପତି ତଥା ବିଧାୟକ ଦାସ ସଭାପତିତ୍ୱ କରିବେ।

### ବାଇକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ସାଲେପୁର, ୧୧।୧୧(ଡି.ଏନ୍.ଏ)**

ସାଲେପୁର ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର ଭାତପଡ଼ାଠାରେ ସୋମବାର ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ କଖଡ଼ି ଗ୍ରାମର ଲୋକନାଥ ବେଦାନ୍ତ ଓରଫ କାଳିଆ( ୪୫)। କାଳିଆ ରାସ୍ତାପାର ହେଉଥିବା ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ସାଲେପୁର ଦମକଳବାହିନୀ କର୍ମଚାରୀ ତାଙ୍କୁ ଉଦ୍ଧାର କରି କଟକ ବଡ ଡାକରଖାନାକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପୂର୍ବତନ ଅର୍ଥମନ୍ତ୍ରୀଙ୍କ ନଗଡ଼ା ଗସ୍ତ

# 'ଏବେ ବି ସ୍ୱାସ୍ଥ୍ୟ, ଗମନାଗମନ ସେବାରୁ ବଞ୍ଚିତ ଅଞ୍ଚଳବାସୀ'

**କାଳିଆପାଣି,୧୧।୧୧(ଡି.ଏନ୍.ଏ.)**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅଧୀନ ନଗଡ଼ାର ବିକାଶ ପାଇଁ ରାଜ୍ୟ ସରକାର ବହୁ ଯୋଜନା କରିଛନ୍ତି। ଏହାର ବିକାଶ ପାଇଁ ୩ ବର୍ଷ ମଧ୍ୟରେ ବହୁ ଅର୍ଥ ବ୍ୟୟ କରାଯାଇଥିଲେ ମଧ ଆଜିବି ନଗଡାବାସୀ ସ୍ୱାସ୍ଥ୍ୟ ଓ ଗମନାଗମନ ସେବା ପାଇବାରୁ ବଞ୍ଚିତ ହୋଇଥିବା ସୋମବାର ନଗଡ଼ା ଗସ୍ତକରି ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ କହିଛନ୍ତି। ପ୍ରଥମେ ନଗଡାରେ ପହଞ୍ଚି ଘରଘର ବୁଲି ଜୁଆଙ୍ଗଙ୍କ ସମସ୍ୟା ସମ୍ବନ୍ଧରେ ପଚାରି ବୁଝିଥିଲେ। ଏଥିସହ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ପଚାରିଲେ। ପ୍ରତି ପରିବାରରେ ଆଜିବି ଶିଶୁଙ୍କ ସମସ୍ୟା ସୁଧୁରି ନ ଥିବାବେଳେ କେତେଜଣ ପିଲାଙ୍କୁ ବିଭିନ୍ନ ଚର୍ମରୋଗ ହୋଇଥିବା ଦେଖିବାକୁ ପାଇଥିଲେ। ପ୍ରତି ସପ୍ତାହରେ ଡାକ୍ତରୀ ଦଳ ନଗଡ଼ା ଆସି ଶିଶୁ ଓ ଗର୍ଭବତୀ ମା'ଙ୍କର ସେବା କରୁଥିବା ସରକାରୀସ୍ତରରେ ଦର୍ଶାଯାଉଛି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ପରିବର୍ତ୍ତନ ନ ହେବା ନେଇ ଘଡ଼ାଇ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ୧୫ କୋଟି ଟଙ୍କା ଅର୍ଥ ବିନିମୟରେ ହୋଇଥିବା ରାସ୍ତାଟି ଗମନାଗମନ ପାଇଁ ଅନୁପଯୋଗୀ ହୋଇଯାଇଥିବାରୁ ବିଭାଗୀୟ ଅଧିକାରୀଙ୍କ ନଜରକୁ କିପରି ଆସୁ ନ ଥିବା ନେଇ ପ୍ରଶ୍ନ କରିଛନ୍ତି। ଗସ୍ତ କାର୍ଯ୍ୟକ୍ରମବେଳେ ନଗଡ଼ାବାସୀଙ୍କୁ କିଛି ଅତ୍ୟାବଶକ ସାମଗ୍ରୀ ପ୍ରଦାନ କରିଥିଲେ। ଘଡ଼ାଇଙ୍କ ସହ ଗସ୍ତରେ ୩୭ ନମ୍ବର ଜୋନ୍ ଜିଲାପରିସଦ ସଭ୍ୟା ପ୍ରତାପ ପାତ୍ର, ଶ୍ରମିକ ସଂଘ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ପ୍ରଭାତ ପ୍ରଧାନ, ସରପଞ୍ଚ ବିଶ୍ୱଜିତ ମହାନ୍ତିଙ୍କ ସମେତ ବହୁ ଶ୍ରମିକ ସଂଘ କର୍ମକର୍ତ୍ତା ସାମିଲ ହୋଇଥିଲେ।



ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡାଇ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

### ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଟିକାକରଣ ଆରମ୍ଭ

**ଜଗତ୍‌ସିଂହପୁର ଅଫିସ,୧୧।୧୧**

ଜଗତ୍‌ସିଂହପୁର ଜିଲାରେ ସୋମବାରରୁ ଜାପାନିଜ ଏନ୍‌ସେଫାଲାଇଟିସ୍ ଟିକାକରଣ ଅଭିଯାନ ଆରମ୍ଭ ହୋଇଛି। ତରିକୁନ୍ଦସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ ଅଭିଯାନ ଶତ ପ୍ରତିଶତ ସଫଳ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ ପଣ୍ଡା, ଡିପିଏମ୍ ଚକ୍ରଧର ଜେନା, ଡା. ବିଜୟ ସାହୁ, ରଘୁନାଥପୁର ବିଡିଓ ପଞ୍ଚାନନ ପଟ୍ଟାୟତ, କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଏ. କେ. ପ୍ରଧାନ, ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୁକାନ୍ତ ଦଳାଇ, ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ, ବିରେନ୍ଦ୍ର ନାୟକ, ସୁକାନ୍ତ ପ୍ରଧାନଙ୍କ ସମେତ ଏକାଧିକ ଶିକ୍ଷୟିତ୍ରୀଶିକ୍ଷକ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଲିସ କର୍ମଚାରୀଙ୍କୁ ମାଡ଼ ମାରି ଜେଲ୍ ଗଲେ ୨ ଯୁବକ

**କୋରେଇ,୧୧।୧୧(ସ୍ୱ.ପ୍ର.)**

ଜଣେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ରବିବାର ପାଣିକୋଇଲି ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରିଥିଲା। ଏଥିସହ ଏକ ବାଇକ୍‌କୁ ଜବତ କରିଥିଲା। ଏ ନେଇ ସୋମବାର ଏକ ମାମଲା (ନଂ.୨୧୭/୧୯) ରୁଜୁ କରି କୋର୍ଟ ଚାଲାଣ କରିଥିଲା। ସେଠାରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଗଡିସ୍ଥିତ ଯାଜପୁରରୋଡ ଉପକାରାଗାରକୁ ପଠାଯାଇଥିବା ଜଣାପଡିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ ଅଳତିରି ଗ୍ରାମର ସେକ୍ ନିଜାମୁଦ୍ଦିନ(୨୯) ଓ ଯାଜପୁରରୋଡ ଥାନା ଅନ୍ତର୍ଗତ ଗୋଳିଆଚାନ୍ଦ ଗ୍ରାମର ସିକନ୍ଦର ଖାଁ (୨୪)। ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ପାଣିକୋଇଲି ବଜାରରେ ସାଦା ପୋଷାକରେ ଓଏପିଏଫ (ଓଡ଼ିଶା ଆର୍ମ ପୋଲିସ ଫୋର୍ସ) ନାରାୟଣ ଦେହୁରୀ ଡ୍ୟୁଟି କରୁଥିଲେ। ଏହି ସମୟରେ ୨ ଜଣ ଯୁବକ ଏକ ନାଲି ଆପାଚି ବାଇକ୍‌ରେ ଆସି ରାସ୍ତା ଉପରେ ବାଇକ୍ ରଖିଥିଲେ। ଏହାକୁ ଓଏପିଏଫ ଦେହୁରୀ ବାରଣ କରିବାରୁ ତାଙ୍କୁ ଯୁବକ ଦ୍ୱୟ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଖବର ପାଇ କିଛିବାଟ ଦୂରରେ ଥିବା ଅନ୍ୟ ପୋଲିସ କର୍ମଚାରୀ ପହଞ୍ଚି ଯୁବକ ଦ୍ୱୟଙ୍କୁ କାବୁ କରି ଥାନାକୁ ଆଣିଥିଲେ। ଏଥିସହ ବାଇକ୍‌କୁ ମଧ ପୋଲିସ ଜବତ କରିଥିଲା।

## ଆଞ୍ଚଳିକ ପୂଜ୍ୟପୂଜା ସଂସଦର ପ୍ରତିଷ୍ଠା ଦିବସ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

**ଏରସମା,୧୧।୧୧(ସ୍ୱ.ପ୍ର.)**

ପୂଜ୍ୟପୂଜା ପ୍ରତି ସମ୍ବେଦନଶୀଳ ନ ହୋଇ ପାରିଲେ ଏକ ସଂହତି ସମ୍ପର୍ଣ୍ଣ ସମାଜର ପରିକଳ୍ପନା କରାଯାଇ ପାରିବ ନାହିଁ। ଏଥିପାଇଁ ଯୁବପିଢ଼ି ସଚେତନ ହେବା ଆବଶ୍ୟକ ରହିଛି ବୋଲି ଏରସମା ବ୍ଲକ ଅଧୀନ ସିହା ଗ୍ରାମରେ ଅନୁଷ୍ଠିତ ଆଞ୍ଚଳିକ ପୂଜ୍ୟପୂଜା ସଂସଦ ପ୍ରତିଷ୍ଠା ଦିବସରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ ମତବ୍ୟକ୍ତ କରିଛନ୍ତି। ସଂସଦ ସଭାପତି ଅକ୍ଷୟ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବରଗଡ଼ ଧନୁଯାତ୍ରାର ମହାରାଜ କଂସ ଭୂମିକାରେ ଅଭିନୟ କରୁଥିବା କଳାକାର ଭୁବନେଶ୍ୱର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୂଜ୍ୟପୂଜା ଓଡ଼ିଶାର ସଂସ୍କୃତିକୁ ବଞ୍ଚାଇ ରଖେ ବୋଲି କହିଥିଲେ। ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଅକ୍ଷୟ ରାଉତ, ରାଜା ନିରଞ୍ଜନ ପ୍ରସାଦ ଦାସ, ଆଇନାର ସମ୍ପାଦକ କ୍ଷେତ୍ରବାସୀ ସାହୁ, ବରଗଡ ଧନୁଯାତ୍ରାରେ ମହାରାଣୀ ଭୂମିକାରେ ଅଭିନୟ କରୁଥିବା ବନଜାରାଣୀ ବେହେରା, ଝଙ୍କଡ଼ ସାହିତ୍ୟ ସଂସଦ ସମ୍ପାଦକ ଗୋଲେକ ବିହାରୀ ପଲାଇ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏଥିରେ ସଂସଦର ମୁଖପତ୍ର ପୂଣ୍ୟ ପ୍ରୟାସ ଅନାବରଣ କରାଯାଇଥିଲା। ଏଥି ସହିତ ଆଦର୍ଶ ବିଦ୍ୟାଳୟ ଭାବରେ ମକରଧ୍ୱଜ ପବ୍ଲିକ ସ୍କୁଲକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୟାନିଧୀ କୁଅଁର, ଅନୁପମା ପଣ୍ଡା, ଗୀତିକାର ଶୁଭନାରାୟଣ ସ୍ୱାଇଁ, ରାମଚନ୍ଦ୍ର ସେଠୀ, ଅନିରୁଦ୍ଧ ଖଣ୍ଡୁଆଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନଗେନ୍ଦ୍ରନାଥ ସାଇଁ ଅତିଥିପରିଚୟ ପ୍ରଦାନ କରିଥିଲେ।

## ନାଉଗାଁ ବ୍ଲକରେ ଜିଲାପାଳଙ୍କ ଜନଶୁଣାଣି ଶିବିର

# ୨୫୭ ଅଭିଯୋଗ, ୫ରେ ତତ୍କାଳ ସମାଧାନ

**ନାଉଗାଁ,୧୧।୧୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସଂଗ୍ରାମକେଶରୀ ମହାପାତ୍ର ଯୋଗଦେଇ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଶିବିରରେ ମୋଟ୍ ୨୫୭ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ଗ୍ରାମ୍ୟ ସମସ୍ୟା ୮, ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ସହାୟତା ପାଇଁ ୩, ଆବାସ ଯୋଜନା ସମ୍ପର୍କିତ ୧୬୭, ଭତ୍ତା ୧୬, ଖାଉଟି ସାମଗ୍ରୀ ୨୯, ଆଇନ ସହାୟତା ୩, ଫନୀ ସହାୟତା ୧୩ ଓ ଅନ୍ୟାନ୍ୟ ୧୩ ଅଭିଯୋଗ ରହିଥିଲା। ଅଭିଯୋଗଗୁଡ଼ିକ ମଧ୍ୟରୁ ୫ଟିର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟଅଭିଯୋଗ ଗୁଡ଼ିକର ଶୀଘ୍ର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ନାଉଗାଁ ବ୍ଲକରେ ଥିବା ଆଧାର କାର୍ଡ କେନ୍ଦ୍ର ବନ୍ଦ ରହିଛି। ଫଳରେ ଲୋକେ ଆଧାର କାର୍ଡ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଆଉ ଏକ କେନ୍ଦ୍ର ଖୋଲିବା ପାଇଁ ବାଂଶ ପଞ୍ଚାୟତର ଅଜୟ ଦାସ ଅଭିଯୋଗ କରିଥିଲେ। ଜିଲାପାଳ ଶୀଘ୍ର ଏଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ପାରାଦୀପ ପୋର୍ଟର ପୂର୍ବତନ ଟ୍ରଷ୍ଟି ପ୍ରତାପ ମିଶ୍ର ଗରିବ ହିତାଧିକାରୀଙ୍କୁ ଚିହ୍ନଟକରି ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଦାବି କରିଥିଲେ। ସେହିପରି ଉକ୍ତ ବ୍ଲକରେ କେନ୍ଦ୍ର ସରକାରଙ୍କ ଯୋଜନା ବାଟବଣା ହେଉଥିବା ଅଭିଯୋଗ କରିଥିଲେ। ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ କୃଷକ ନେତା ଆଶୋକ ସ୍ୱାଇଁ ଫନୀ ଓ ବୁଲବୁଲ ବାତ୍ୟାରେ ଚାଷୀଙ୍କ ହୋଇଥିବା କ୍ଷତିର ଠିକ ତଦନ୍ତ କରି କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ନନ୍ଦିଗ୍ରାମରେ ସରକାରୀ ଯୋଜନା ବିଫଳ ପ୍ରସଙ୍ଗରେ ଦୀଲିପ ପାଢ଼ୀ ଅଭିଯୋଗ କରିଥିଲେ। ତିରୁଣା ସେବା ସମବାୟ ସମିତିରେ ଜଣେ ହିତାଧିକାରୀଙ୍କ ଅଜ୍ଞାତରେ ତାଙ୍କ ନାମରେ ଋଣ କରାଯାଇଥିବା ଅଭିଯୋଗ ହୋଇଥିଲା। ନାରସିମା ଗ୍ରାମ୍ୟରାସ୍ତା ଅବରୋଧ କରାଯାଇଥିବା ନେଇ ସୁଦାମ ଭୋଇ, ବିଭୁତି ଭୋଇ ଅଭିଯୋଗ କରିଥିଲେ। ଅଲଣା ପଞ୍ଚାୟତ କୁଣ୍ଡେଶ୍ୱର ଗ୍ରାମର ରମେଶ ମହାନ୍ତି ୫ ମାସ ହେବ ଖାଉଟି ସାମଗ୍ରୀ ପାଇ ନ ଥିବା, ବାଂଶର ସୋମନାଥ ପର୍ବତ କଳାକାର ଭତ୍ତା ପାଇ ନ ଥିବା, ବଛାଳୋର ଓଁକାର ପରିଡ଼ା ଟ୍ରାଇ ସାଇକେଲ ପାଇଁ ଅଭିଯୋଗ କରିଥିଲେ। ଶିବିରରେ ଜିଲାପାଳଙ୍କ ସମେତ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରକାଶ ଆର, ଡିଏସପି ଏସ୍‌ଏନ୍ ପଟ୍ଟନାୟକ, ବିଡିଓ ରଶ୍ମିରେଖା ମଲ୍ଲିକ, ତହସିଲଦାର ଜେ.କଳ୍ପନା, ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ଦାସ ଓ ପ୍ରଦୀପ୍ତ ବାରିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ଜିଲାପାଳ ଓ ଅନ୍ୟ ଅଧିକାରୀ ଅଭିଯୋଗ ଶୁଣାଣି କରୁଛନ୍ତି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ଶତପଥୀ

## ସଂକ୍ଷେପରେ

### ପୁଣି କଳା ପଲ୍‌ସର ଆତଙ୍କ
## ଶିକ୍ଷୟିତ୍ରୀଙ୍କଠାରୁ ଝାମ୍ପି ନେଲେ ଲକ୍ଷେ ଟଙ୍କା

**ଯାଜପୁର ଟାଉନ,୧୧।୧୧(ଡିଏନଏ):** ଯାଜପୁର ସହରରେ ପୁଣି କଳା ପଲସର୍ ଆତଙ୍କ ଦେଖାଦେଇଛି। ପୂର୍ବରୁ କଳା ପଲ୍‌ସରରେ ଆସି ଲୁଟ୍ କରିବା ଭଳି ଅନେକ ଘଟଣା ଘଟିଥିବାବେଳେ ସୋମବାର ବଡ଼ ବଜାରରେ ଆଉ ଏକ ଲୁଟ ହୋଇଛି। କଳା ପଲସରରେ ଲୁଟେରାମାନେ ଆସି ଶିକ୍ଷୟିତ୍ରୀଙ୍କଠାରୁ ଲକ୍ଷେ ଟଙ୍କା ଝାମ୍ପି ନେଇଥିବା ଜଣାପଡିଛି। ପ୍ରକାଶ ଯେ, ସୋମବାର ଆଶାଲତା ମିଶ୍ର ଅପରାହ୍ନରେ ତାଙ୍କ ସ୍ୱାମୀଙ୍କ ସହ ଯାଜପୁର ଷ୍ଟେଟ୍‌ବ୍ୟାଙ୍କରୁ ଲକ୍ଷେ ଟଙ୍କା ଉଠାଇ ଯାଉଥିବାବେଳେ ୨ଜଣ ଦୁର୍ବୃତ୍ତ କଳା ପଲସର୍‌ରେ ଆସି ତାଙ୍କ ଭ୍ୟାନିଟି ବ୍ୟାଗଟିକୁ ଛଡାଇ ନେଇଥିଲେ। ଘଟଣାଟି ଏତେ ଶୀଘ୍ର ଘଟିଥିଲା ଯେ, ସ୍ଥାନୀୟ ଲୋକେ ହଠାତ୍ କିଛି ବୁଝିପାରି ନ ଥିଲେ। ପରେ ୨ଜଣ ସ୍ଥାନୀୟ ଯୁବକ ଏହି ପଲ୍‌ସରକୁ ପିଛା କରିଥିଲେ ମଧ ଲୁଟେରାଙ୍କ ସନ୍ଧାନ ପାଇପାରି ନ ଥିଲେ। ଏ ସମ୍ପର୍କରେ ଯାଜପୁର ଥାନାରେ ଏକ ମାମଲା (ନଂ.୩୫୦/୧୯) ରୁଜୁ ହୋଇଛି। ଗତ ୪ ମାସ ମଧରେ ୬ରୁ ଉର୍ଦ୍ଧ୍ୱ ଲୁଟ୍ ଘଟଣା ଘଟିଥିଲେ ମଧ ଏପର୍ଯ୍ୟନ୍ତ ଲୁଟେରାଙ୍କୁ ଧରିବା ପାଇଁ ପୋଲିସ ସକ୍ଷମ ହୋଇପାରି ନାହିଁ।

## ପୂର୍ବଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ

**କଳିଙ୍ଗନଗର,୧୧।୧୧(ଡି.ଏନ୍.ଏ.):** କଳିଙ୍ଗନଗର ଥାନା ଅଧୀନ ବିଆର୍‌ପିଏଲ୍ ଛକରେ ସୋମବାର ଜଣେ ବ୍ୟକ୍ତିଙ୍କୁ ମରାଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଜାରି ରଖିଥିବା ଜଣାପଡିଛି। ପ୍ରକାଶ ଯେ, ଖୁରୁଣ୍ଟି ଅଞ୍ଚଳର ଦିବାକର ମଳିକ(୫୦) ବିସ୍ଥାପିତ ହୋଇ ତ୍ରିଜଙ୍ଗା କଲୋନିରେ ରହୁଛନ୍ତି। ସକାଳେ ସେ ବାଇକ୍‌ରେ ଠିକାଦାରି କାମ ବୁଝିବା ନିମନ୍ତେ ବିଆରପିଏଲ ଛକକୁ ଆସିଥିଲେ। ଏହି ସମୟରେ ଖୁରଣ୍ଟି ନିକଟରେ ଥିବା ଏକ ପରିତ୍ୟକ୍ତ ସ୍କୁଲରୁ ୩ ଜଣ ଯୁବକ ଆସି ତାଙ୍କୁ ପଛ ପଟୁ ଭୁଜାଲିରେ ଆକ୍ରମଣ କରିଥିଲେ। ଦିବାକରଙ୍କ ପାଟି ଶୁଣି ଲୋକେ ଘଟଣା ସ୍ଥଳରେ ପହଞ୍ଚିବାରୁ ଆକ୍ରମଣକାରୀ ବାଇକ୍‌ରେ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଦିବାକରଙ୍କୁ ଟାଟା ମେଡିକା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ପୁଅ ପ୍ରଭାକର ମଳିକ କଳିଙ୍ଗନଗର ଥାନାରେ ଅଭିଯୋଗ କରିଛନ୍ତି। ତେବେ ପୂର୍ବ ଶତ୍ରୁତାକୁ ନେଇ ଏହି ଘଟଣା ଘଟିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

### ଉଦୟଗିରିରେ ମ୍ୟୁଜିୟମ ପ୍ରତିଷ୍ଠା, କୀର୍ତ୍ତିରାଜିର ସୁରକ୍ଷା ଚିନ୍ତା
# କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

**ଚଣ୍ଡିଖୋଲ,୧୧।୧୧(ଡ଼ି.ଏନ.ଏ)**

ଓଡ଼ିଶାରୁ ଆବିଷ୍କୃତ ବୌଦ୍ଧ କୀର୍ତ୍ତିରାଜି ଅନ୍ୟତ୍ର କେଉଁଠି ଦେଖାଯାଏ ନାହିଁ। ତେଣୁ ବିଶ୍ୱ ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରିରୁ ଆବିଷ୍କୃତ କୀର୍ତ୍ତିରାଜିର ସୁରକ୍ଷା, ସଂରକ୍ଷଣ ଓ ପ୍ରଦର୍ଶନ ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ କେନ୍ଦ୍ର ବାଷ୍ପ, ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ୬ତାରିଖରେ କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ୍‌ଙ୍କୁ ଚିଠି ଲେଖିଛନ୍ତି। ଏଠାରେ ଏକ ମ୍ୟୁଜିୟମ ପ୍ରତିଷ୍ଠା ସହ କିପରି କୀର୍ତ୍ତିରାଜିଗୁଡ଼ିକର ସୁରକ୍ଷା କରାଯିବ ଓ ଉଦୟଗିରିର ବିକାଶ କରାଯିବ ସେନେଇ ପ୍ରସ୍ତାବ ରଖିଛନ୍ତି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ତରଫରୁ ଉଦୟଗିରିରୁ ଆବିଷ୍କୃତ ହୋଇଥିବା ବିରଳ କୀର୍ତ୍ତିରାଜି ସମ୍ପର୍କରେ ସେ ଉଲ୍ଲେଖ କରିଛନ୍ତି। ସୂଚନାଥାଉକି, ୨୦୦୪ରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଉଦୟଗିରିରେ ଉତ୍‌ଖନନ କାର୍ଯ୍ୟ ବନ୍ଦ କରିଥିଲା। ଏହି ସମୟ ପର୍ଯ୍ୟନ୍ତ ଏଠାରୁ ୨ଟି ବୌଦ୍ଧ ବିହାର ଆବିଷ୍କୃତ ହୋଇଥିଲା। ଗୋଟିଏ ସିଂହପ୍ରସ୍ଥ ମହାବିହାର ହୋଇଥିବାବେଳେ ଅନ୍ୟଟି ମାଧବପୁର ମହାବିହାର ନାମରେ ପରିଚିତ। ବୌଦ୍ଧ ଭିକ୍ଷୁମାନେ ବ୍ୟବହାର କରୁଥିବା ବିଭିନ୍ନ ଶିଳାଲିପି, ତାମ୍ରଲିପି, ପଥର ଫରୁଆ ଆଦି ମାଟିତଳୁ ମିଳିସାରିଛି। ସେହିଭଳି ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ମଧ୍ୟ ଏଠାରୁ ମିଳିସାରିଛି। ମ୍ୟୁଜିୟମ ନ ଥିବା ଓ ସଂରକ୍ଷଣ ଅଭାବରୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଆବିଷ୍କୃତ କୀର୍ତ୍ତିରାଜିକୁ ଗୋଦାମ ଘରେ ଗଚ୍ଛିତ କରି ରଖିଛନ୍ତି। କେନ୍ଦ୍ର ସରକାରଙ୍କ ନୀତି ଅନୁସାରେ ପର୍ଯ୍ୟଟନର ଅଭିବୃଦ୍ଧି, ଐତିହାସିକଙ୍କ ଗବେଷଣା ପାଇଁ ପ୍ରାଚୀନ ଐତିହ୍ୟ ଓ କୀର୍ତ୍ତିରାଜିର ଆବଶ୍ୟକତା ରହିଛି। ଉଦୟଗିରିର ପ୍ରାକୃତିକ ଶୋଭାରାଜି ଅନନ୍ୟ। ଏଠାରେ ସୂର୍ଯ୍ୟଙ୍କ ଉଦୟ ଓ ଅସ୍ତ ସମୟ ବେଶ୍ ଆମୋଦିତ କରିଥାଏ। ଏହା ସହ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରିଥାଏ। ସେଥିପାଇଁ ଏଠାରେ ୩ଥର ଆନ୍ତର୍ଜାତିକ ବୌଦ୍ଧ ମହୋତ୍ସବର ଆୟୋଜନ କରାଯାଇଛି। ଯେଉଁଥିପାଇଁ ଦେଶ ବିଦେଶର ବହୁ ଗବେଷକ ଓ ଐତିହାସିକମାନେ ଏଠାକୁ ଆସି ଗବେଷଣା କରିଛନ୍ତି। ସେଥିପାଇଁ ଉଦୟଗିରିର ବିକାଶ ଅତ୍ୟନ୍ତ ଆବଶ୍ୟକ। ତେଣୁ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ବ୍ୟକ୍ତିଗତଭାବେ ଏଥିପ୍ରତି ଦୃଷ୍ଟି ଦେବାପାଇଁ ସେ ତାଙ୍କ ପତ୍ରରେ ଲେଖିବା ସହିତ ଉପଯୁକ୍ତ ସଂରକ୍ଷଣ ଅଭାବରୁ ଆବିଷ୍କୃତ କୀର୍ତ୍ତିରାଜି ନଷ୍ଟ ହୋଇ ହୋଇଯାଉଛି ବୋଲି ଦର୍ଶାଇଛନ୍ତି। ଏ ସମସ୍ତ ବିଷୟ ସମ୍ପର୍କରେ ସ୍ଥାନୀୟ ଯୁବନେତା ଅମର ନାୟକ ଓ ଉଦୟଗିରି ବୁଦ୍ଧ ମହୋତ୍ସବ ସମିତିର ଆବାହକ ମହେଶ୍ୱର ବଳ ଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ଅବଗତ କରିବା ପରେ ସେ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖି ଉଦୟଗିରିଠାରେ ମ୍ୟୁଜିୟମ ପ୍ରତିଷ୍ଠା ଓ କୀର୍ତ୍ତିରାଜିର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଛନ୍ତି।


ଉଦୟଗିରିର ମାଧବପୁର ମହାବିହାର।

### ଯାଜପୁର ଜିଲା ଠିକାଦାର ସଂଘର ବୈଠକ
# ରୟାଲଟି ନ କାଟିବାକୁ ଦାବି



ବୈଠକରେ ଉପସ୍ଥିତ ଜିଲା ଠିକାଦାର ସଂଘର ସଦସ୍ୟମାନେ।

**ଯାଜପୁର ଟାଉନ,୧୧।୧୧(ଡିଏନଏ)**

ଯାଜପୁର ଜିଲା ଠିକାଦାର ସଂଘର ବୈଠକ ସୋମବାର ସ୍ଥାନୀୟ ଶାନ୍ତିମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟସରକାର ଠିକାଦାରଙ୍କ ବିଲ୍‌ରୁ ରୟାଲଟି ଓ ମାଇନର ମିନେରାଲର ମୂଲ୍ୟ କାଟିବା ପାଇଁ କରିଥିବା ନିୟମ ଉଠାଇ ନେବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ଜିଲାର ୩ଶହ ଠିକାଦାର ଏହି ବୈଠକରେ ଯୋଗ ଦେଇଥିବାବେଳେ ସର୍ବସମ୍ମତି କ୍ରମେ ସଂଜୀବ ପରିଡାଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ଚୟନ କରାଯାଇଛି। ଏହି ବୈଠକରେ ଠିକାଦାରମାନେ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାର ସମସ୍ତ ବିଧାୟିକା, ବିଧାୟକ ଓ ଏମ୍‌ପିଙ୍କ ଜରିଆରେ ଠିକାଦାର ବିଲ୍‌ରୁ ରୟାଲଟି ଓ ମାଇନର ମିନେରାଲ ମୂଲ୍ୟ ନ କାଟିବା ପାଇଁ ଦାବିପତ୍ର ପ୍ରଦାନ କରାଯିବ। ଏହାଛଡା ମୁଖ୍ୟ ଶାସନ ସଚିବ , ଜିଲାପାଳ ଓ ବିଭିନ୍ନ ଅଧିକାରୀମାନଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଜ୍ଞାନୀ ଜାଣେନା କିଛି;
ଅମଣିଷ ମାନେନା କିଛି ।**

ଯିଏ ଅଜ୍ଞାନୀ, ବିଚାର ବୁଦ୍ଧି ହୀନ ସିଏ କିଛି ଭଲମନ୍ଦ ଜାଣିପାରି ନ ଥାଏ। ଅତି ସାଧାରଣ ବିଷୟରେ ମଧ ତା'ର ଜ୍ଞାନ ନ ଥାଏ। ସେହିପରି ଯିଏ ଅମଣିଷ ତାକୁ ବାଟକୁ ଆଣିବା କଷ୍ଟକର ହୋଇଯାଇଥାଏ। କାହା କଥାକୁ ଏମାନଙ୍କ ଭ୍ରୁକ୍ଷେପ ନ ଥାଏ କି କାହାର ହିତୋପଦେଶ ଏମାନଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅନ୍ତରରେ ଗୁହ,
ଆଖିରେ ଲୁହ ।**

ଆପଣାର ଭାବ ଦେଖାଇ ମୁହଁ ସାମ୍ନାରେ ଚାଟୁବଚନ, ପରୋକ୍ଷରେ ଶତ୍ରୁତା ଆଚରଣ । ଯିଏ ପଛରୁ ଛୁରି ଭୁସେ, ସାମ୍ନାରେ ଭଲେଇ ହୋଇ ପଛରେ ଅନିଷ୍ଟ ଘଟାଏ ସେ ସବୁଠାରୁ କ୍ଷତିକାରକ ଏବଂ ଘୃଣ୍ୟ ବ୍ୟକ୍ତି ରୂପେ ପରିଗଣିତ ହୋଇଥାଏ। କିଛି ବ୍ୟକ୍ତି ମୁହଁରେ ଭଲେଇ ହୋଇ କଥାକହି ବିଶ୍ୱାସ ଜନ୍ମେଇଥାନ୍ତି। କିନ୍ତୁ ପଛରେ ଗାତଖୋଳି ଖାଲରେ ପକାଇବାକୁ ଚେଷ୍ଟା ଚଳେଇଥାନ୍ତି। ମୁହଁରେ ହସ ପେଟରେ ବିଷ ଭରି ରହିଥିବା ଏପରି କପଟାଚାରୀ ବିଶ୍ୱାସଘାତକ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ବରିଷ୍ଠ ନାଗରିକ ସଂଗଠନ ପକ୍ଷରୁ ଫର୍ମ ଦାଖଲ

**ରସୁଲପୁର,୧୧।୧୧(ଡିଏନଏ)**

ରସୁଲପୁର ବ୍ଲକ କୁଆଖିଆ ବାଜରର ସାରଙ୍ଗପୁରସ୍ଥିତ ବାପୁଜୀ ବରିଷ୍ଠ ନାଗରିକ ସଂଗଠନ ପକ୍ଷରୁ ସଦସ୍ୟ ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ସୋମବାର ସଂଗଠନ ପକ୍ଷରୁ ସଭାପତି ଜଳଧର ସାହୁଙ୍କ ନେତୃତ୍ୱରେ, ବଟକୃଷ୍ଣ ସାହୁ, ଯୋଗିନ୍ଦ୍ର ପଣ୍ଡା, ଅର୍ଜୁନ ସାହୁ, ବିଜୟ ଦାସ, ନରୋତ୍ତମ ସାହୁ ପ୍ରମୁଖ ବ୍ଲକ ଅଞ୍ଚଳର ୪୩ଜଣ ବରିଷ୍ଠ ନାଗରିକଙ୍କ ଫର୍ମ ପୂରଣ କରାଯାଇ କୁଆଖିଆ ଥାନାଧିକାରୀଙ୍କ ନିକଟରେ ଦାଖଲ କରାଯାଇଛି। ଫର୍ମଗୁଡିକ ଯାଞ୍ଚ କରାଯାଇ ଯୋଗ୍ୟତା ଆଧାରରେ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯିବ। ଉକ୍ତ ପରିଚୟପତ୍ର ଜରିଆରେ ବରିଷ୍ଠ ନାଗରିକଙ୍କୁ ସରକାରୀ ସହାୟତା ଯଥା ମେଡିକାଲ ସହାୟତା, ଟ୍ରେନ୍ ଓ ବସ୍ ଯାତ୍ରାରେ ରିହାତି, ସମାଜରେ ବିଭିନ୍ନ ଅନୁଷ୍ଠାନରେ ବରିଷ୍ଠ ନାଗରିକଙ୍କୁ ସୁବିଧା ସୁଯୋଗ ପ୍ରଦାନ କରାଯିବା ନେଇ ବ୍ୟବସ୍ଥା ରହିଛି। ଉକ୍ତ ଫର୍ମର ଦାଖଲ ପ୍ରମାଣପତ୍ରକୁ ଯାଞ୍ଚ କରିବା ପରେ ଯୋଗ୍ୟଙ୍କୁ ପରିଚୟପତ୍ର ପ୍ରଦାନ କରାଯିବ।

## ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର

**ଯାଜପୁର ଟାଉନ,୧୧।୧୧(ଡିଏନଏ)**

ଯାଜପୁର ବ୍ଲକର ଜାହାନପୁର ପଞ୍ଚାୟତ କାର୍ଯ୍ୟାଳୟରେ ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରପ୍ରାପ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଅଧ୍ୟକ୍ଷତା କରିବା ସହ ଶିବିରକୁ ଆସୁଥିବା ଅଭିଯୋଗକାରୀଙ୍କ ସମସ୍ୟାର ସମାଧାନ ତ୍ୱରାନ୍ୱିତ ପ୍ରକ୍ରିୟାରେ କରିବାକୁ ପରାମର୍ଶ ଦେଇଥିଲେ। ଏହି ଶୁଣାଣିରେ ମିଳିଥିବା ମୋଟ ୧୬୧ଟିଅଭିଯୋଗ ମଧ୍ୟରୁ ୧୫୧ଟି ବ୍ୟକ୍ତିଗତ, ୫ଟି ସାମୁହିକ ଆବେଦନ ପତ୍ର ରହିଥିଲା। ରେଡକ୍ରସ ସହାୟତା ପାଇଁ ୪ଟି ଆବେଦନ ମିଳିଥିବାବେଳେ ଚିକିତ୍ସା ସହାୟତା ପାଇଁ ୨୫ହଜାର ଟଙ୍କା ଓ ମୁଖ୍ୟମନ୍ତ୍ରୀଙ୍କ ରିଲଫ ପାଣ୍ଠିରୁ ଗୋଟିଏ ଆବେଦନ ପତ୍ର ମିଳିଥିବାବେଳେ ଆବେଦନକାରୀଙ୍କୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଶିବିରରେ ତତ୍‌କ୍ଷଣାତ୍ ୮୩ଟି ଅଭିଯୋଗର ସମାଧାନ କରାଯାଇଥିଲା। ନଭେମ୍ବର ୧୮ରେ ବ୍ୟାସନଗର ପୌରପାଳିକା କାର୍ଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣି ଶିବିର, ୨୫ରେ ବରୀ ବ୍ଲକ କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି ଓ କୃଷି ସମାଧାନ ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତୀ ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।

## ନାବାଳିକା ଉଦ୍ଧାର, ଅଭିଯୁକ୍ତ କୋର୍ଟ ଚାଲାଣ

**କଳିଙ୍ଗନଗର,୧୧।୧୧(ଡି.ଏନ୍.ଏ.)**

ଯଖପୁରା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ହୋଇଥିବା ନେଇ ଗତ ୨୨ ତାରିଖରେ ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ. ୮୦/୧୯ ) ରୁଜୁକରି ରବିବାର ଢେଙ୍କାନାଳ ଜିଲାରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅପହରଣ କରିଥିବା ଯୁବକଙ୍କୁ ଗିରଫ କରିଥିଲା। ସୋମବାର ଅଭିଯୁକ୍ତ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି। ଯୁବକ ଜଣଙ୍କ ଅରାସାହି ଗ୍ରାମର ଶଶିକାନ୍ତ ମଳିକ (୨୦)। ନାବାଳିକା ଜଣଙ୍କ କଲେଜରୁ ଫେରିବାବେଳେ ବାଟରୁ ଶଶିକାନ୍ତ ଅପହରଣ କରିଥିବା ଅଭିଯୋଗ ହୋଇଥିଲା।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
MICRO FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8278449759
8901395759
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

LOAN DHAMAKA
1) Mudra Loan
2) Term Loan
3) Cash Credit
4) Vehicle Loan
5) Housing Loan
6) Agriculture Loan
7) Used Car Loan
8) Mortgaged Loan
PD ASSOCIATE
91, Kharvela Nagar, BBSR
8895436156

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ |40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

BUSINESS

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ 90 ଲକ୍ଷ, ଭଡ଼ା 60 ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

EDUCATION

LAST DATE OF ADMISSION ON 10/11/2019
B.Ed
Acharya Nagarjuna University
Equivalent to Govt. of Odisha
FREE Practical, Study Material, Formfillup fees & Weekend Class
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

DHARITRI Career appointment Every Wednesday and Saturday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ନିକିତିର ଗୋଟିଏ ପାଖରେ ସପ୍ତସ୍ୱର୍ଗ ସୁଖ ଓ ମୋକ୍ଷକୁ ରଖି ଅନ୍ୟ ପାଖରେ ସତ୍‌ସଙ୍ଗ ସୁଖକୁ ରଖିଲେ, ସତ୍‌ସଙ୍ଗ ସୁଖ ପାଖଟି ଅଧିକ ଓଜନ ହେବ ।
- ସନ୍ଥ ତୁଳସୀ ଦାସ



**ସଂକ୍ଷେପରେ**

## ୟୁନିଅନ ବ୍ୟାଙ୍କ ପକ୍ଷରୁ ରକ୍ତଦାନ ଶିବିର

**ଯାଜପୁର ଟାଉନ,୧୧।୧୧(ଡିଏନଏ):** ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଶହେବର୍ଷ ପୂର୍ତ୍ତି ଉପଲକ୍ଷେ ଯାଜପୁର ଟାଉନ ଶାଖା ପ୍ରବନ୍ଧକ ପ୍ରଦୀପ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ବ୍ୟାଙ୍କ ଗ୍ରାହକଙ୍କୁ ସଞ୍ଚୟ ଜମାଖାତା, ସ୍ଥାୟୀ ଜମାଖାତା ଏବଂ ବିଭିନ୍ନ ଗୃହ ଋଣ, ଯାନବାହନ ଋଣ ଓ ବ୍ୟବସାୟ ଋଣ ତଥା ଅଟଳ ପେନସନ୍ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ପ୍ରଭୃତି ବିଷୟରେ ସୂଚନା ପ୍ରଦାନ କରାଯାଇଥିଲା । ଶହେବର୍ଷ ପୂର୍ତ୍ତି ଉପଲକ୍ଷେ ବ୍ୟାଙ୍କରେ ତୋରଣ ସଜ୍ଜା ଓ କେକ୍ କଟାଯାଇଥିଲା । ରକ୍ତ ଅଭାବରୁ କାହାରିକୁ ମରିବାକୁ ଦିଆଯିବ ନାହିଁ ଉକ୍ତିକୁ ଯଥାର୍ଥଭାବେ ପ୍ରତିପାଦିତ କରିବାକୁ ଯାଇ ବ୍ୟାଙ୍କ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ୧୫ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଉତ୍ସବରେ ମାଣିକଲାଲ ମୁର୍ମୁ, ସୁମନ ସିଂ ସାମଲ, ସଞ୍ଜୟ ମହାନ୍ତି, ମହେନ୍ଦ୍ର ଜେନା, ସାଗରିକା ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ବର୍ଷେ ପରେ ବସିଲା ପଞ୍ଚାୟତ ସମିତି ବୈଠକ

**ଦଶରଥପୁର,୧୧।୧୧(ଡିଏନ୍ଏ)**

ପଞ୍ଚାୟତ ସମିତି ବୈଠକ ପ୍ରତି ମାସରେ ଥରେ ବସିବାର ନିୟମ ଥିବାବେଳେ ଦଶରଥପୁର ପଞ୍ଚାୟତ ସମିତି ସଭାଗୃହରେ ବର୍ଷକ ପରେ ବସିଛି ପଞ୍ଚାୟତ ସମିତିର ୬ଷ୍ଠ ସାଧାରଣ ବୈଠକ । ବିଡିଓ ନାରାୟଣ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ବୈଠକରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ, ଦଶରଥପୁର ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ, ଉପାଧ୍ୟକ୍ଷ ରଞ୍ଜନ ପୃଷ୍ଟି ପ୍ରମୁଖ ଯୋଗଦେଇ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ସମୀକ୍ଷା କରିବା ସହ ସମାଧାନ ଉପରେ ଆଲୋଚନା କରିଥିଲେ । ଯାଜପୁର ନିର୍ବାଚନ ମଣ୍ଡଳୀର ୨୦ ଏବଂ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ୧୫ ପଞ୍ଚାୟତରେ ସରପଞ୍ଚ ଏବଂ ସମିତି ସଭ୍ୟାସଭ୍ୟମାନେ ବୈଠକରେ ଅଂଶ ଗ୍ରହଣ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜୋନ୍ ସଭ୍ୟ ସରୋଜ ମହାପାତ୍ର, ରଞ୍ଜିତା ରାଉତ ଓ ମାମିନା ମଲ୍ଲିକ୍ ପ୍ରମୁଖ ଯୋଗ ଦେଇଥିଲେ । କୟାଁ ପଞ୍ଚାୟତର ସମିତି ସଭ୍ୟ ମଳୟ ପଣ୍ଡା ବର୍ଷକ ପରେ ବୈଠକ ବସୁଥିବା ଉପରେ ପ୍ରତିକ୍ରିୟା ରଖିବାରୁ କେତେକ ତ୍ରୁଟି ପାଇଁ ବୈଠକ ବସିପାରି ନ ଥିବା ସ୍ୱୀକାର କରିଥିଲେ । ବୈଠକ ଆରମ୍ଭରେ ବୁଲ୍‌ବୁଲ୍ ବାତ୍ୟାରେ ଦଶରଥପୁର ବ୍ଲକରେ ଚାଷରେ ହୋଇଥିବା କ୍ଷତିକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା । ବିଧାୟିକା ମଲ୍ଲିକ ବ୍ଲକ କୃଷି ଅଧିକାରୀ ସମରେନ୍ଦ୍ର ବେହେରାଙ୍କୁ ଚାଷରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ପଚାରିବାରୁ ଦଶରଥପୁର କୃଷି ବିଭାଗ ଟିମ୍ ଏବଂ ଦଶରଥପୁର ତହସିଲଦାର କୈଳାଶ ଚନ୍ଦ୍ର ମହାଳିକଙ୍କ ସହ ମିଶି ବ୍ଲକର ବିଭିନ୍ନ ଚାଷ ଜମିକୁ ଯାଇ ତଦନ୍ତ କରି ସାରିଥିବା କହିଥିଲେ ହେଁ ତାଙ୍କ ଉତ୍ତରରେ ଜନପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଆଉଥରେ ପ୍ରତ୍ୟେକ

**ଦଶରଥପୁର ବ୍ଲକ**



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଅତିଥି ।

- **ବୁଲବୁଲ୍ ଯୋଗୁ ଚାଷରେ ହୋଇଥିବା କ୍ଷତିକୁ ନେଇ ଉଦ୍‌ବେଗ**
- **ଜନପ୍ରତିନିଧିଙ୍କୁ ନେଇ କାମ କରିବାକୁ ଅଧିକାରୀଙ୍କୁ ତାଗିଦ୍**

ପଞ୍ଚାୟତକୁ ଯାଇ ଠିକ୍‌ରେ ରିପୋର୍ଟ ପ୍ରଦାନ କରିବାକୁ ବିଧାୟିକା କହିଥିଲେ । ମହିଳା ମିଶନ ଶକ୍ତି ପାଇଁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଆର୍ଥିକ ସହାୟତାକୁ ଦାୟିତ୍ୱରେ ରହୁଥିବା ବିଭାଗୀୟ ଅଧିକାରୀମାନେ ପଞ୍ଚାୟତ ଜନପ୍ରତିନିଧିଙ୍କୁ ନ ଜଣାଇ ନିଜ ଇଚ୍ଛା ଅନୁଯାୟୀ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଥିଲା । ଏହାଛଡା ବ୍ଲକର ସମନ୍ୱିତ ମହିଳା ଶିଶୁ ବିକାଶ ଯୋଜନାରେ ବ୍ୟାପକ ତ୍ରୁଟି ସମ୍ପର୍କରେ ପ୍ରାୟ ପଞ୍ଚାୟତର ଜନପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିଥିଲେ । ବିରିପଟା ପଞ୍ଚାୟତରେ କେତେକ ଅଙ୍ଗନୱାଡି ସେଣ୍ଟରକୁ ଜଣେ ଦୁଇଜଣ ପିଲା ଆସୁଥିବାବେଳେ ସୁପରଭାଇଜର ପ୍ରତ୍ୟେକ ସେଣ୍ଟରରୁ ୫ଶହ ଟଙ୍କା ଆଦାୟ କରି ସେଣ୍ଟର ଠିକ୍‌ଠାକ୍ ଚାଲିଥିବା ରିପୋର୍ଟ ଦେଉଥିବା ସରପଞ୍ଚ ମନୋରଞ୍ଜନ ଦାସ ଅଭିଯୋଗ କରିଥିଲେ । ସେହିପରି ପ୍ରାଣୀ ଚିକିତ୍ସା ସେବା ସମ୍ପୂର୍ଣ୍ଣ ଭୁଶୁଡି ପଡିଥିବାନେଇ ନନ୍ଦିପୁର ସରପଞ୍ଚ ନବକିଶୋର ମଲ୍ଲିକ୍ ଅଭିଯୋଗ କରିଥିଲେ । ଏହା ଉପରେ ଦଶରଥପୁର ବିଡିଓ ବିଶ୍ୱମ୍ଭର ଦାସ କୌଣସି ସନ୍ତୋଷଜନକ ଉତ୍ତର ରଖି ନ ପାରିବାରୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ ଯାଜପୁର ବିଧାୟକଙ୍କ ପ୍ରତିନିଧି କ୍ଷୋଭ ପ୍ରକାଶ କରିଥିଲେ । ନିଜାମପୁର ପଞ୍ଚାୟତ କୂଳସାହିରେ ଏକ ପାଚିକା ନିଯୁକ୍ତି ସମ୍ପର୍କରେ ସିଡିପିଓଙ୍କ ମତାମତ ଓ ବ୍ଲକର କାନ୍ଥ କବାଟରେ ପଡିଥିବା ପାନଛେପ ଉପରେ ଏମପି ସେଠୀ ଜଳ ଓ ପରିମଳ ଯୋଜନାର ଏସ୍‌ଡିଓଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏହାଛଡା ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର ଯୋଜନାରେ ହିତାଧିକାରୀମାନେ ବିଲ୍ ପାଇବାରେ ବିଳମ୍ବ ହେଉଥିବା ନେଇ କେତେକ ଜନପ୍ରତିନିଧି ଅଭିଯୋଗ କରିଥିଲେ । ବିଡିଓ ନାୟକ ଉତ୍ତରରେ କହିଥିଲେ ଯେ, ପ୍ରଥମ ପର୍ଯ୍ୟାୟରେ ଚିତାଳୋ, ଅକରପଡା ଓ ଖଣ୍ଡରା ଏପରି ହିସାବରେ ସମସ୍ତ ପଞ୍ଚାୟତରେ ଆବାସ ଯୋଜନାର ବିଲ୍ ସମସ୍ୟା ସମାଧାନ କରାଯିବ । ବ୍ଲକର ଜଳ ପରିମଳ, ସମନ୍ୱିତ ଶିଶୁବିକାଶ ଯୋଜନା, ମହିଳା ମିଶନ ଶକ୍ତି, କୃଷି ବିଭାଗ ଏପରି ଅନ୍ୟାନ୍ୟ ବିଭାଗର ସରକାରୀ ଅଧିକାରୀମାନେ ଉନ୍ନୟନ କାର୍ଯ୍ୟରେ ପଞ୍ଚାୟତ ଜନପ୍ରତିନିଧିଙ୍କ ବିନା ସହଯୋଗରେ ଉନ୍ନୟନ କାର୍ଯ୍ୟ କରୁଥିବାରୁ ସେମାନଙ୍କ ସହଯୋଗ ନେଇ କାର୍ଯ୍ୟ ଆଗକୁ ବଢାଇବାକୁ ବିଧାୟିକା ଚେତାବନୀ ଦେଇଥିଲେ । ଶେଷରେ ବ୍ଲକ ଉପାଧ୍ୟକ୍ଷ ଧନ୍ୟବାଦ ଦେଇ ବୈଠକ ଶେଷ କରିଥିଲେ ।

'ଆହ୍ୱାନ' ରଙ୍ଗ ମହୋତ୍ସବ-୨୦୧୯ର ଦ୍ୱିତୀୟ ସନ୍ଧ୍ୟା

## 'ନାଟକ ଜୀବନର ଗତିପଥ ବଦଳାଇ ଦିଏ'




ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

**ଯାଜପୁର ଟାଉନ,୧୧।୧୧(ଡିଏନଏ)**

ଯାଜପୁରର ଗୌତମବୁଦ୍ଧ ସଂସ୍କୃତି ଭବନଠାରେ 'ଆହ୍ୱାନ' ନାଟ୍ୟସଂସ୍ଥା ତରଫରୁ ଆହ୍ୱାନ ରଙ୍ଗ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ସାମାଜିକ କର୍ମୀ ହୃଷିକେଶ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଯାଜପୁର ଜିଲାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅକ୍ଷୟ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ମା' ବିରଜାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ସାଂସ୍କୃତିକ ସମ୍ପାଦକ ଶୁଭ୍ରଜିତ ସାହୁ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ବିଶ୍ୱଜିତ ସାହୁ ଉତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥିଭାବେ ଦାସ ଯୋଗଦେଇ ନାଟକ ଜୀବନର ଗତିପଥକୁ ବଦଳାଇ ଦିଏ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ଯାଜପୁର ପ୍ରେସ୍ କ୍ଲବ୍ ସଭାପତି ଆଇନଜୀବୀ ରାଜୀବ ମହାନ୍ତି ଯୋଗଦେଇ ନାଟକ କେବଳ ମନୋରଞ୍ଜନ ଯୋଗାଇ ଦିଏ ନାହିଁ ବରଂ ଏହା ତତ୍କାଳୀନ ସମୟର ଚିତ୍ରକୁ ନିଖୁଣଭାବେ ପ୍ରତିଫଳିତ କରେ ବୋଲି କହିଥିଲେ । ବିଚିତ୍ରପୁରର ଯୁବ ସରପଞ୍ଚ ସଞ୍ଜୀବ କୁମାର ସାହୁ ଏବଂ ଯାଜପୁର ଜିଲାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅକ୍ଷୟ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସତ୍ୟଜିତ ସାହୁ, ଅକ୍ଷୟ ପୃଷ୍ଟି, ରତିକାନ୍ତ ମଲ୍ଲିକ, ମଧୁସ୍ମିତା ବାରିକ, ମହେଶ ମହାନ୍ତି, ରାଜେନ୍ଦ୍ର ସାହୁ, ତିଲୋତ୍ତମା ଜେନା, ନକୁଳଦେବ ସାହୁ, ଜଗନ୍ନାଥ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ଝାଡ଼ଖଣ୍ଡର ନାଟ୍ୟସଂସ୍ଥା 'ଦେବଯାନୀ' ନାଟକ ପରିବେଷଣ କରିଥିଲେ । ଶେଷରେ ସବ୍ୟସାଚୀ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECT.),
E.H.T. (O&M) DIVISION, JAJPUR ROAD, P.O: Sobra, Dist: Jajpur, Pin: 755019 (Odisha), Phone/Fax No: 06726-220218, E-mail: ehtm.div.jjp@optcl.co.in,
CIN: U40102OR2004SGC007553
TENDER CALL NOTICE NO. 01/19-20
Sealed tenders are invited by the undersigned from the eligible reputed travel agencies/ vehicle owners for supply of Diesel run Hired vehicle (Non AC Bolero or equivalent) for 220/132/33 KV Grid S/S Duburi. Cost of tender paper is Rs. 2240/-, EMD is Rs. 3,000/-. Sale of tender documents is from Dt. 13.11.2019 to Dt. 27.11.2019 (during office hours). Last date of submission of tender is Dt. 28.11.2019 upto 01.00 PM. Date of opening of tender is Dt. 28.11.2019 at 3.30 PM. For details visit our website www.optcl.co.in.
Corrigendum if any will be published in the website only.
Sd./- Dy. General Manager (Ele.),
EHT O/M Divn., OPTCL, Jajpur Road

କରନ୍ତୁ ନିଜ ବୈବାହିକ ଜୀବନକୁ ଆହୁରି ମଜାଦାର...




ଉତ୍ତମ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ ।
ପୁରୁଷଙ୍କଠାରେ ଦେଖାଦେଉଥିବା "ପୌରୁଷ ସମସ୍ୟା", ଶୀଘ୍ରପତନକୁ ଦୂରକରିବା, ନପୁଂସକତା ଓ ଏପରି ଅନ୍ୟାନ୍ୟ ସମସ୍ତ ସମସ୍ୟାକୁ ଦୂରକରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାବେଳେ ନିୟମିତ ସେବନ କରନ୍ତୁ । ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ମାଲିସ କରନ୍ତୁ ଏବଂ ଏପରି ବୈବାହିକ ସମସ୍ୟାରୁ
SS : Mahendra Pharma / ODD
ପ୍ଲେ-ୱିନ୍ କ୍ୟାପ୍‌ସୁଲ
୧ କ୍ୟାପ୍‌ସୁଲ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ | www.playwincapsule.com
ଜୋଶ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ

ଜିଲାପାଳଙ୍କ ନିଷ୍ପତ୍ତିକୁ ବିରୋଧ

# ଧର୍ମଶାଳାର ୬ଷ୍ଠ ସମିତି ବୈଠକ ବାତିଲ

**ଧର୍ମଶାଳା,୧୧।୧୧(ଡି.ଏନ.ଏ.)**

ଯାଜପୁର ଜିଲା ଧର୍ମଶାଳା ପଞ୍ଚାୟତ ସମିତି ବୈଠକକୁ ସମିତି ସଭ୍ୟ, ସରପଞ୍ଚ ଓ ଜିଲା ପରିଷଦ ସଭ୍ୟମାନେ ହୋହାଲ୍ଲା କରି ବର୍ଜନ କରିଛନ୍ତି । ଜିଲାପାଳଙ୍କ ନିଷ୍ପତ୍ତି ବିରୋଧରେ ଏଭଳି କଠୋର ପଦକ୍ଷେପ ନିଆଯାଇଥିବା ଜଣାପଡିଛି । ସୋମବାର ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ୯୫ଜଣ ସଦସ୍ୟା ସଦସ୍ୟଙ୍କ ମଧ୍ୟରୁ ୯୦ରୁ ଊର୍ଦ୍ଧ୍ୱ ଜଣ ବୈଠକକୁ ବିରୋଧ କରିଥିଲେ । ବ୍ଲକ ପରିସର ସଭାଗୃହରେ ୪ଟି ପିଲାର ରହିଛି । ଏପରିକି ଇକୋ ହେଉଥିବାରୁ ବୈଠକରେ ଆଲୋଚିତ ବିଷୟବସ୍ତୁ ଠିକ୍‌ଭାବେ ଶୁଣାଯାଏ ନାହିଁ । ଏଣୁ ପୂର୍ବରୁ ପଞ୍ଚାୟତ ସମିତି ବୈଠକ ଷ୍ଟାଡିୟମର ଗ୍ରାଉଣ୍ଡ ଫ୍ଲୋରରେ ଥିବା ଏକ ହଲ୍‌ରେ କରିବାକୁ ବିଧିବଦ୍ଧ ଭାବେ ନିଷ୍ପତ୍ତି ନିଆଯାଇଥିଲା । ପଞ୍ଚାୟତ ସମିତି ଅଧୀନରେ ନିର୍ମାଣ ହୋଇଥିବା କଳ୍ପତରୁ ଦାସ ଇନ୍‌ଡୋର ଷ୍ଟାଡିୟମଠାରେ ୪ର୍ଥ ଓ ୫ମ ବୈଠକ ଅନୁଷ୍ଠିତ ହୋଇଥିଲା । ଏହାକୁ ବିରୋଧ କରି ସମିତିସଭ୍ୟ ମନୋଜ ରାଉତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଡବ୍ଲ୍ୟୁପିସି ୬୩୦୮/୧୯ରେ ଏହି ମାମଲା ଦାୟର ହୋଇଥିଲା । ହାଇକୋର୍ଟ ଗତ ମାର୍ଚ୍ଚ ୨୯ରେ ଶୁଣାଣି କରି ଉଭୟ ପକ୍ଷଙ୍କୁ ଡକାଇ ପଞ୍ଚାୟତ ସମିତି ଆଇନ ଅନୁଯାୟୀ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏନେଇ ଯାଜପୁର ଜିଲାପାଳ ମିସ୍ କେସ ନମ୍ବର ୨୨/୮।୫।୨୦୧୯ ରୁଜୁ କରିଥିଲେ । ଜିଲାପାଳ ପତ୍ର ସଂଖ୍ୟା ୨୪୦/୬।୯।୨୦୧୯ରେ ଶୁଣାଣି କରି ସମିତି ବୈଠକ ବ୍ଲକ ପରିସରରେ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଜିଲାପାଳ ପଞ୍ଚାୟତ ସମିତିର ରିଜୋଲ୍ୟୁଶନ ନ ପଢି କିମ୍ବା ପରିସ୍ଥିତିକୁ ଅନୁଧ୍ୟାନ ନ କରି ଏକ ତରଫା ନିଷ୍ପତ୍ତି ନେଇଥିଲେ ବୋଲି ଅଭିଯୋଗ ହୋଇଛି । ଏହାପରେ ଜିଲାପାଳଙ୍କ ଜନଶୁଣାଣିରେ ସମିତି ସଭ୍ୟାସଭ୍ୟମାନେ ଏନେଇ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲେ । କିନ୍ତୁ ଜିଲାପାଳ କାହାରି କଥା ଶୁଣି ନ ଥିଲେ । ତେବେ ସୋମବାର ଅନୁଷ୍ଠିତ ୬ଷ୍ଠ ସମିତି ବୈଠକରେ ବିଡିଓ ପୂର୍ବ ବୈଠକର ବିବରଣୀ ପାଠ କରିବାବେଳେ ପାଖର ପଞ୍ଚାୟତ ସମିତିସଭ୍ୟା ବନୋଜିନୀ ପରିଡା ଜିଲାପାଳଙ୍କ ଆଦେଶକୁ ବିରୋଧ କରି ସମିତି ବୈଠକରେ ହୋ ହାଲା କରି ଧାରଣା ଦେଇଥିଲେ । ଏହି ଧାରଣାକୁ ଶାସକ ଦଳର ସବୁ ସଭ୍ୟାସଭ୍ୟମାନେ ସମର୍ଥନ ଜଣାଇ ହୋ ହାଲା କରିବା ସହିତ ବ୍ଲକ ପରିସରରେ ଥିବା ସଭା କକ୍ଷ ବୈଠକ ପାଇଁ ଉପଯୁକ୍ତ ନୁହେଁ ବୋଲି ଦାବି କରିବା ସହିତ ଇନଡୋର ହଲରେ କାହିଁକି ନ ହେବ ବୋଲି ପ୍ରଶ୍ନ କରିଥିଲେ । ବିଡିଓ ହେମନ୍ତ କୁମାର ସ୍ୱାଇଁ ସଭ୍ୟଙ୍କୁ ଜିଲାପାଳଙ୍କ ଆଦେଶ ଅନୁସାରେ ବୁଝେଇବାକୁ ଚେଷ୍ଟା କରିଥିଲେ ହେଁ ସଭ୍ୟମାନେ ହୋ ହାଲା କରି ବୈଠକ ଛାଡି ପଳାଇ ଯାଇଥିଲେ । ଫଳରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ବୈଠକ ବାତିଲ ହେଲାବୋଲି ଘୋଷଣା କରିଥିଲେ । ବୈଠକରେ ଯାଜପୁର ଏମପି ସର୍ମିଷ୍ଠା ସେଠୀ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଉପସ୍ଥିତ ଥିଲେ ।

## ଭାଗବତ ସପ୍ତାହ ଉଦ୍‌ଯାପିତ

**ଧର୍ମଶାଳା, ୧୧।୧୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଦେଓଦା ଗ୍ରାମର ବଳଦେବଜୀଉ ମଠ ଦାଉଜୀଧାମ ଆଧ୍ୟତ୍ମିକ ପରିବେଶରେ ୧୯ତମ ଶ୍ରୀମଦ୍ ଭାଗବତ ସପ୍ତାହ ଜ୍ଞାନଯଜ୍ଞ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ମଠାଧୀଶ କୃଷ୍ଣ ବାବାଙ୍କ ଉଦ୍ୟମ କ୍ରମେ ପ୍ରତ୍ୟହ ପ୍ରାତଃମଙ୍ଗଳା ଆଳତୀ, ଗୋ ପୂଜା, ମଙ୍ଗଳା ଚରଣ, ସନ୍ଥସେବା, ଦେବନୀତି ଓ ଭାଗବତ ପାଠ ସହିତ ଗୁରୁବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ସନ୍ଧ୍ୟାରେ ବିଶିଷ୍ଟ ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିଲା । ପ୍ରବଚକ ଅଧ୍ୟାପକ ଶରତ ରାଉତରାୟ, ବସନ୍ତ ନାୟକ, ବିଶ୍ୱଜିତ ନାୟକ ଓ ଦାମୋଦର ଦାସଜୀ ପ୍ରମୁଖ ପୁରାଣ କଥାବସ୍ତୁ ଉପରେ ପ୍ରବଚନ ଦେଇଥିଲେ । କଣ୍ଠଶିଳ୍ପୀ ସୁଧାକର ମିଶ୍ର ଓ ପଣ୍ଡିତ ରାମଚନ୍ଦ୍ର ପଣ୍ଡା ପ୍ରମୁଖ ସଙ୍ଗୀତ ସହିତ ଦେବପାଠ କରିଥିଲେ । ଦେଓଦା ପଞ୍ଚାୟତ ସମେତ ବିଭିନ୍ନ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଜ୍ଞାନଯଜ୍ଞ କାର୍ଯ୍ୟରେ ଯୋଗଦେଇଥିଲେ ।

# ୪ ହଜାର ହେକ୍ଟର ଖରିଫ ଧାନ ଫସଲ ନଷ୍ଟ

**ବରୀ,୧୧।୧୧(ସ୍ୱ.ପ୍ର.)**

ବରୀ ଅଞ୍ଚଳରେ ବାତ୍ୟା ବୁଲ୍‌ବୁଲ୍ ପ୍ରଭାବରେ ୪ହଜାର ହେକ୍ଟର ଖରିଫ ଧାନ ଫସଲ ନଷ୍ଟ ହୋଇଥିବାବେଳେ ୨ହଜାର ହେକ୍ଟର ଜମିରେ ପନିପରିବା ଓ ରବି ଫସଲ ନଷ୍ଟ ହୋଇଛି । ଏ ନେଇ ସୋମବାର ଏକ ରିପୋର୍ଟ ବରୀ ବ୍ଲକ କୃଷୀ ଅଧିକାରୀ ସଞ୍ଜୟ ରାଉତ ଜିଲା କୃଷୀ ଅଧିକାରୀଙ୍କ ନିକଟକୁ ପଠାଇଥିବା ଜଣାପଡିଛି । ଏହି ବ୍ଲକ୍‌ର ୨୯ ପଞ୍ଚାୟତର ୧୧୧ ଗ୍ରାମରେ ୧୨ହଜାର ହେକ୍ଟର ଚାଷଜମିରେ ଧାନ ଓ ରବି ଫସଲ କରାଯାଇଥିଲା । ତେବେ ହୁଡହୁଡ, ଫାଇଲିନ୍, ତିତଲି, ଫନୀରେ ବରୀ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ବୁଲ୍‌ବୁଲ୍ କ୍ଷୟକ୍ଷତି ଚାଷୀଙ୍କ ମୁଣ୍ଡରେ ଚଡ଼କ ପକାଇଛି । ସେହିପରି ବିରି ଗଜା ହୋଇ ଆସୁଥିଲା ବେଳେ ପାଣି ପଶି ପଚି ଯାଇଛି । ଅପରପକ୍ଷେ ରାଜସ୍ୱ ବିଭାଗ ଓ କୃଷି ବିଭାଗ ମିଳିତ ଉଦ୍ୟମରେ ମଙ୍ଗଳବାର ଠାରୁ ପୁନର୍ବାର ଚାଷୀଙ୍କୁ ଚିହ୍ନଟ କରିବା ସହିତ କ୍ଷୟକ୍ଷତି ଆକଳନ କରାଯିବ ବୋଲି ଜଣାପଡିଛି ।

**ପୂର୍ବ ତଟ ରେଳପଥ**
**ବ୍ରାହ୍ମଣୀ ଏବଂ ଧଉଳି ମୁହାଁ ପାସେଞ୍ଜର ହଲ୍ଟ ନିମନ୍ତେ ହଲ୍ଟ ଏଜେଣ୍ଟ ନିଯୁକ୍ତି ପାଇଁ ଅଧିସୂଚନା**
ବିଜ୍ଞପ୍ତି ସଂଖ୍ୟା.G.51/P.H/BRMI & DLMH, ତା. 07.11.2019
ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ବ୍ରାହ୍ମଣୀ ପାସେଞ୍ଜର ହଲ୍ଟ (ଜଖପୁରା ଓ ଜେନାପୁର ମଧ୍ୟରେ) ଏବଂ ଧଉଳି ମୁହାଁ ପାସେଞ୍ଜର ହଲ୍ଟ (କାଇପଦର ରୋଡ୍ ଓ ଟାପଙ୍ଗ ମଧ୍ୟରେ) ଷ୍ଟେସନଗୁଡ଼ିକଠାରେ ଟିକଟ ବିକ୍ରୟ ନିମନ୍ତେ ପାସେଞ୍ଜର ହଲ୍ଟ ଏଜେଣ୍ଟ ଭାବେ ନିଯୁକ୍ତି ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷଙ୍କ ଠାରୁ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି ।
ହଲ୍ଟ ଏଜେଣ୍ଟଙ୍କୁ ପ୍ରଦାନଯୋଗ୍ୟ କମିଶନ ନିମ୍ନପ୍ରକାର କରାଯିବ :
ମାସିକ ଟିକଟ ବିକ୍ରୟ ପରିମାଣ ଏବଂ ଦେୟ କମିଶନ : • ଟ.1-15,000/- : 15%, • ଟ.15,001-50,000/- : 12%, • ଟ.50,001-1,00,000/- : 9%, • ଟ.1,00,001-2,00,000/- : 6%, • ଟ.2,00,001 ଏବଂ ତଦୂର୍ଦ୍ଧ୍ୱ : 3%
ସୁରକ୍ଷା ଜମା ରାଶି : ଟ.2,500/- (ସୁରକ୍ଷା ଜମା ବାବଦକୁ ଟ.2,000/- + ରେଳବାଇ ସାମଗ୍ରୀ ମୂଲ୍ୟର 50% ବାବଦକୁ ଟ.500/-) ।
କିପରି ଆବେଦନ କରିବେ : ଆବାସ ଦୃଷ୍ଟିକୋଣରୁ ଯୋଗ୍ୟ ସାବ୍ୟସ୍ତ ହୋଇଥିବା ପ୍ରାର୍ଥୀମାନେ ଉପରୋକ୍ତ ପାସେଞ୍ଜର ହଲ୍ଟ ନିମନ୍ତେ ନିର୍ଦ୍ଧାରିତ ଫର୍ମାଟ୍‌ରେ **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ୍, ପୋଷ୍ଟ-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ପିନ୍-752050** ଙ୍କ ଠିକଣାରେ ଆବେଦନ କରିବେ ଏବଂ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ୍, ପୋଷ୍ଟ-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା କାର୍ଯ୍ୟାଳୟରେ ଏହି ଉଦ୍ଦେଶ୍ୟରେ ରଖା ଯାଇଥିବା ବାକ୍ସରେ ପକାଇ ପାରିବେ । ଡାକ ସେବା କିମ୍ବା କୌଣସି ଅନ୍ୟାନ୍ୟ ସେବା ମାଧ୍ୟମରେ ଆସିଥିବା ଆବେଦନପତ୍ରଗୁଡ଼ିକୁ ଗ୍ରହଣ କରାଯିବ ନାହିଁ ।
ଉପଯୁକ୍ତ ଭାବେ ଫର୍ମାଟ୍ ଅନୁଯାୟୀ ପୂରଣ କରାଯାଇଥିବା ଆବେଦନ ପତ୍ରଗୁଡ଼ିକୁ ଏହି କାର୍ଯ୍ୟାଳୟରେ ତା.13.12.2019ରିଖ (ଶୁକ୍ରବାର) 1500 ଘଟିକା କିମ୍ବା ତା ପୂର୍ବରୁ ପହଞ୍ଚିବା ଆବଶ୍ୟକ । ଯଦି ଅନ୍ତିମ ଦିବସ ଅର୍ଥାତ୍ ତା.13.12.2019ରିଖ ଦିନ ଛୁଟି ଦିବସ ରୂପେ ଘୋଷିତ ହୁଏ, ତେବେ ଦରଖାସ୍ତଗୁଡ଼ିକ ପରବର୍ତ୍ତୀ କାର୍ଯ୍ୟ ଦିବସର ସେହି ସମୟ ମଧ୍ୟରେ ଗ୍ରହଣ କରାଯିବ । ଗ୍ରହଣ କରାଯାଇଥିବା ଆବେଦନ ପତ୍ର ତା.13.12.2019ରିଖ (ଶୁକ୍ରବାର) 1530 ଘଟିକାରେ ଖୋଲାଯିବ ।
ରେଳବାଇ ପ୍ରଶାସନ ଯେକୌଣସି ଦରଖାସ୍ତକୁ କୌଣସି କାରଣ ନ ଦର୍ଶାଇ ଗ୍ରହଣ କିମ୍ବା ଖାରଜ କରିବାର ଅଧିକାର ନିଜ ପାଖରେ ସୁରକ୍ଷିତ ରଖିଛନ୍ତି ।
ସବିଶେଷ ବିବରଣୀ, ନିୟମ ଏବଂ ସର୍ତ୍ତାବଳୀ ତଥା ଦରଖାସ୍ତ ଫର୍ମାଟ୍ ପାଇଁ ୱେବସାଇଟ୍ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।
PR-507/K/19-20 | ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ଖୋର୍ଦ୍ଧା ରୋଡ୍

## ଭାଗବତ କଥାମୃତ ଆଲୋଚନାର ୫ମ ସନ୍ଧ୍ୟା

**ଯାଜପୁର ଟାଉନ,୧୧।୧୧(ଡିଏନଏ)**

ଯାଜପୁରର ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଗୀତା ଜାଗରଣ ପରିଷଦ ଦ୍ୱାରା ଆୟୋଜିତ ଭାଗବତ କଥାମୃତ ଆଲୋଚନାର ୫ମ ସନ୍ଧ୍ୟାକୁ ପରିଷଦର ସଭାନେତ୍ରୀ ପ୍ରତିମା କର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ସହିତ ସଭାରେ ଅଧ୍ୟକ୍ଷତା କରିଥିଲେ । ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ ସ୍ତୋତ୍ର ପାଠ କରିଥିଲେ, ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଯସ୍ମିନ୍ ରାଉତ ଓ ଅଂଶୁମାନ ରାଉତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ଆଇନଜୀବୀ ପ୍ରମୋଦ କୁମାର ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ । ବିଶିଷ୍ଟ ପ୍ରବଚକ ପଣ୍ଡିତ ବିନୋଦ ବିହାରୀ ନାୟକ ପ୍ରବଚନ ମାଧ୍ୟମରେ ନିଜକୁ ଭଗବାନଙ୍କ ନିକଟରେ ସମର୍ପଣ କଲେ ସେ ସହାୟ ହୁଅନ୍ତି ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ବୃନ୍ଦାବନ ମିଶ୍ର, ଗଦାଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ସଭ୍ୟ ସଂନ୍ତୋଷ ସ୍ୱର୍ଣ୍ଣକାର ଧନ୍ୟବାଦ ଦେଇଥିଲେ ।

**ପାରାଦୀପ ବନ୍ଦର ନ୍ୟାସ**
**ପସନ୍ଦିତ ବନ୍ଦର**
SAGARMALA
ଏକ ଆଇଏସ୍‌ଓ ୯୦୦୧-୨୦୧୫ ପ୍ରମାଣିତ ଓ ଆଇଏସ୍‌ପିଏସ୍ ମାନ୍ୟ ବନ୍ଦର
୧୨ ନଭେମ୍ବର, ୨୦୧୯ ଦିନ
**ବନ୍ଦର ଦିବସ**
ପାଳନ ଅବସରରେ ସମସ୍ତ ହିତାଧିକାରୀମାନଙ୍କୁ ଶୁଭ ଅଭିନନ୍ଦନ

- ଭାରତର ପୂର୍ବତଟର ସାମୁଦ୍ରିକ ପ୍ରବେଶପଥରେ ଏହାର ଅବସ୍ଥିତି ।
- ଗୋଟିଏ ସ୍ଥଳରେ ସମସ୍ତ ସେବା ଉପଲବ୍ଧ ।
- ପଣ୍ୟ କାରବାର ନିମିତ୍ତ ଆଧୁନିକ ଯନ୍ତ୍ରପାତିର ସୁବ୍ୟବସ୍ଥା ।
- ଦକ୍ଷ ଏବଂ ସୁଲଭ ସେବା ଉପଲବ୍ଧ ।
- ବର୍ତ୍ତମାନ କେପ୍ ସାଇଜ ଜାହାଜ ଅଭ୍ୟନ୍ତରୀଣ ପୋତାଶ୍ରୟ ମଧ୍ୟରେ ଏବଂ ୩,୫୦,୦୦୦ ଡିଡବ୍ଲୁଟି କ୍ଷମତା ବିଶିଷ୍ଟ ଜାହାଜ ସିଙ୍ଗଲ୍ ପଏଣ୍ଟ୍ ମୁରିଂ (ଏସ୍‌ପିଏମ୍)ଠାରେ କାରବାର କରାଯାଉଅଛି ।
- ପାରାଦୀପ ବନ୍ଦରରେ ସାର ପଣ୍ୟର କାରବାର କରାଯାଉଅଛି ।
- ପାର୍ଶ୍ୱ ବ୍ୟବସାୟିକ କ୍ଷେତ୍ର ସହିତ ରେଳ ଓ ସଡ଼କର ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ।
- ଶୁଷ୍କ ପୋତାଶ୍ରୟ (ଡ୍ରାଏ ଡକ୍) ସୁବିଧା ଉପଲବ୍ଧ ।
- କମ୍ପ୍ୟୁଟରଭିତ୍ତିକ କାର୍ଯ୍ୟ ପରିଚାଳନା ସହ ଇଲେକ୍‌ଟ୍ରୋନିକ୍ ଡାଟା ଇଣ୍ଟରଚେଞ୍ଜ (ଇ.ଡି.ଆଇ) ବ୍ୟବସ୍ଥା ଉପଲବ୍ଧ ।
- ଜାହାଜ ଯାତାୟତ ପ୍ରବନ୍ଧନ (ଭି.ଟି.ଏମ୍.ଏସ୍) ବ୍ୟବସ୍ଥା ଉପଲବ୍ଧ ।
- ଆର୍ଥିକବର୍ଷ ୨୦୧୮-୧୯ ରେ ୧୦୯.୨୭ ନିୟୁତ ଟନ୍ ପଣ୍ୟ କାରବାର କରାଯାଇଛି ।
- ଆଗାମୀ ୨୦୨୦ରେ ବନ୍ଦରର ପଣ୍ୟ କାରବାର କ୍ଷମତା ୩୨୫ ନିୟୁତ ମେଟ୍ରିକ୍ ଟନ୍‌ରେ ପହଞ୍ଚିବ ।
- ଦେଶର ସମସ୍ତ ବୃହତ ବନ୍ଦରଗୁଡ଼ିକ ମଧ୍ୟରେ ପଣ୍ୟ କାରବାରରେ ପାରାଦୀପ ବନ୍ଦର ନିଜର ଦ୍ୱିତୀୟ ସ୍ଥାନ ବଜାୟ ରଖିଛି ।
- ସମ୍ଭବତଃ ଦେଶରେ ପ୍ରଥମ ଥର ପାଇଁ ପାରାଦୀପ ବନ୍ଦରରେ ଭୂମଧ୍ୟସାଗରୀୟ ମୁରିଂ ପଦ୍ଧତିରେ ପଣ୍ୟ ଖଲାସ ପ୍ରକ୍ରିୟା ଆରମ୍ଭ କରାଯାଇଛି ଓ ଏହି ପଦ୍ଧତିରେ ବିନା ବର୍ଥରେ ଜାହାଜରୁ ଖାଇବା ତେଲ ଖଲାସ କରଯାଉଛି ।







SIDDHARTHA ADVERTISING
paradipport.gov.in www.paradipport.gov.in paradipport

**ଭାରତ ସରକାର**
**କାର୍ମିକ, ଜନ ଅଭିଯୋଗ ଏବଂ ପେନ୍‌ସନ ମନ୍ତ୍ରଣାଳୟ**
**ପ୍ରଶାସନିକ ସଂସ୍କାର ଏବଂ ଜନ ଅଭିଯୋଗ ବିଭାଗ**
**ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାର ୨୦୧୯-୨୦**
**ନାମାଙ୍କନ ଆମନ୍ତ୍ରଣକାରୀ ବିଜ୍ଞପ୍ତି**
ଇ-ଗଭର୍ଣ୍ଣାନ୍ସ ପ୍ରୟାସଗୁଡ଼ିକର ରୂପାୟନରେ ଉତ୍କର୍ଷତାକୁ ସ୍ୱୀକୃତି ପ୍ରଦାନ କରିବା ଓ ପ୍ରୋତ୍ସାହିତ କରିବା ପାଇଁ, ଭାରତ ସରକାର ପ୍ରତିବର୍ଷ ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାର ବିତରଣ କରିଥାନ୍ତି ।
ପୁରସ୍କାର ଯୋଜନାରେ ବିସ୍ତୃତ ଭାବେ ଦର୍ଶାଯାଇଥିବା ଯୋଗ୍ୟତା ମାନଦଣ୍ଡ ଅନୁଯାୟୀ ୬ଟି ବର୍ଗରେ ବିଚାର ପାଇଁ କେନ୍ଦ୍ରୀୟ ମନ୍ତ୍ରଣାଳୟ/ବିଭାଗ, ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ସରକାର, ଜିଲ୍ଲା, ସ୍ଥାନୀୟ ନିକାଶ, କେନ୍ଦ୍ରୀୟ ଏବଂ ରାଜ୍ୟ ପିଏସ୍‌ୟୁ, ଶିକ୍ଷାଗତ ଏବଂ ଗବେଷଣା ଅନୁଷ୍ଠାନ (ସରକାରୀ ହୁଅନ୍ତୁ କି ବେସରକାରୀ), ଷ୍ଟାର୍ଟଅପ୍ ସମେତ ବେସରକାରୀ ଅନୁଷ୍ଠାନ (ଯାହାଦ୍ୱାରା ଜନସଂଖ୍ୟା ବହୁସଂଖ୍ୟାରେ ଉପକୃତ ହେଉଥିବେ)ଗୁଡ଼ିକଠାରୁ ନାମାଙ୍କନ ଆମନ୍ତ୍ରଣ କରାଯାଉଛି ।
ନାମାଙ୍କନ ପଠାଇବାର ପଦ୍ଧତି ସମେତ ପୁରସ୍କାର ଯୋଜନାର ଦିଗ୍‌ନିର୍ଦ୍ଦେଶାବଳୀ ଏବଂ ଅନ୍ୟାନ୍ୟ ବିବରଣୀ ବିଭାଗର ୱେବ୍‌ସାଇଟ୍ www.darpg.gov.in/ www.nceg.gov.inରେ ଉପଲବ୍ଧ । ସମସ୍ତ ନାମାଙ୍କନ କେବଳ ପୁରସ୍କାର ଯୋଜନାରେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ ଦାଖଲ କରାଯିବ । ହାତ/ଡାକ/କୋରିୟର୍/ଫ୍ୟାକ୍ସ କିମ୍ବା ଅନ୍ୟକୌଣସି ହାର୍ଡ କପି ଆକାରରେ ପଠାଯାଇଥିବା ନାମାଙ୍କନଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ । ଦାଖଲର ଶେଷ ତାରିଖ ପର୍ଯ୍ୟନ୍ତ ସମ୍ପାଦନ/ପରିବର୍ତ୍ତନ ଅନୁମତିଯୋଗ୍ୟ ହେବ ।
ନାମାଙ୍କନ ଦାଖଲର ଶେଷ ତାରିଖ: - ୦୯।୧୨।୨୦୧୯
ଯୋଗାଯୋଗ ବିବରଣୀ: ଶ୍ରୀମତୀ ବିଭୂତି ପଞ୍ଜିୟାର, ଅନୁସଚିବ (ଇ-ଗଭ୍), ପ୍ରଶାସନିକ ସଂସ୍କାର ଏବଂ ଜନ ଅଭିଯୋଗ ବିଭାଗ, ୫ମ ମହଲା, ସର୍ଦ୍ଦାର ପଟେଲ ଭବନ, ସଂସଦ ମାର୍ଗ, ନୂଆଦିଲ୍ଲୀ-୧୧୦୦୦୧ ।
ଇମେଲ୍: vibhuti.panjiyar@nic.in; ଟେଲି. +୯୧-୧୧-୨୩୪୦୧୪୫୬ davp 32101/11/0001/1920

## ମହିଳା ମଣ୍ଡଳ ଦ୍ୱାରା ହନୁମାନ ଚାଳିଶା ପାଠ

ଭାପୁର,୧୧।୧୧(ଡି.ଏନ.ଏ.)

ଭାପୁର ବ୍ଲକ ଖଇରଗାଡ଼ିଆ ଗ୍ରାମରେ ଚାଲିଥିବା ସପ୍ତାଙ୍ଗ ଧାର୍ମିକ କାର୍ଯ୍ୟକ୍ରମରେ ବଡ଼ଓଷା ଉପଲକ୍ଷେ ମହିଳା ମଣ୍ଡଳ ଦ୍ୱାରା ହନୁମାନ ଚାଳିଶା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ବ୍ଲକ ମାଧପୁର ଗ୍ରାମର ବନବାସୀ ମିଶ୍ର ଓ ଭରତ ଚରଣ ସାହୁଙ୍କ ନେତୃତ୍ୱରେ ଏକ ନାମଧାରୀ ଦଳ ମହାବୀରଙ୍କ ପୀଠରେ ହନୁମାନ ଚାଳିଶା ପାଠ କରିଥିଲେ। ଗାୟିକା ମମତା ମିଶ୍ର ଓ ମାମିନା ମିଶ୍ରଙ୍କ ଦ୍ୱାରା ପରିବେଷିତ ହନୁମାନ ଚାଳିଶା ସମସ୍ତଙ୍କ ମନ ମୋହିଥିଲା। ଏହି ଦଳରେ ଗଙ୍ଗାଧର ଦାଶ, ରବୀନ୍ଦ୍ର ମୁଦୁଲି, ଅନାଥ ବନ୍ଧୁ ମହାପାତ୍ର, ତୁଷାରକାନ୍ତ ନାୟକ, ବାସୁଦେବ ବେହେରା ଓ ପପୁ ଦାଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ୨୭ ବର୍ଷ ଏହି ଦଳ ନୟାଗଡ଼ ଜିଲା ତଥା ଆଖପାଖ ଜିଲାମାନଙ୍କରେ ହନୁମାନ ଚାଳିଶା ପାଠ କରିଆସୁଛନ୍ତି। କାର୍ତ୍ତିକ ପଞ୍ଚୁକ ଉପଲକ୍ଷେ ନିହଲପ୍ରସାଦ, ବଡ଼ସହରା, ଭାପୁର, କରବର, ଫତେଗଡ଼ ଆଦି ଗ୍ରାମର ଧାର୍ମିକ ପୀଠରେ ଯାତ୍ରା ଚାଲୁ ରହିଛି।

# ୨ ଗ୍ରାମ୍ ବ୍ରାଉନସୁଗାର ଜବତ: ୩ ଗିରଫ

ନୟାଗଡ଼ ଅଫିସ, ୧୧।୧୧



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।



ଜବତ ବ୍ରାଉନସୁଗାର ।

ନୟାଗଡ଼ ଟାଉନ ପୋଲିସ ସୋମବାର ପୂର୍ବାହ୍ନରେ ଯଯାଙ୍ଗି ସାହିରେ ଚଢ଼ାଉ କରି ୧.୯ ଗ୍ରାମ୍ (ପାଖାପାଖି ୨ ଗ୍ରାମ୍)ର ବ୍ରାଉନସୁଗାର ଜବତ କରିଛି। ଏହାକୁ ବିକ୍ରି ଅଭିଯୋଗରେ ୩ ଯୁବକଙ୍କୁ ପୋଲିସ ଗିରଫ କରିଥିବାବେଳେ ଅନ୍ୟ ଜଣେ ଫେରାର ଅଛନ୍ତି। ଗିରଫ ଯୁବକମାନେ ହେଲେ ଶରଣକୁଳ ଥାନା ସୁରସାହିର ଦିପୁ ମହାପାତ୍ର ଓରଫ ଟୁଗୁଲୁ, ବଡ଼ଗୋରଡ଼ା ଗ୍ରାମର ପ୍ରଦୀପ୍ତ କୁମାର ପ୍ରଧାନ ଓରଫ ବାପି ଓ ନୟାଗଡ଼ ଟାଉନ ଥାନା ଦୁର୍ଗାପ୍ରସାଦ ଗ୍ରାମର ପ୍ରିୟରଞ୍ଜନ ପାଳ ଓରଫ ଚଇନ। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ନୟାଗଡ଼ ଟାଉନ ଥାନା ଅଧୀନ ମୁଣ୍ଡିଆ ସାହିର ନିରଞ୍ଜନ ମହାରଣା ତାଙ୍କ ବାଇକ୍ (ନଂ.ଓଆର ୨୫ ସି ୭୦୮୬)ଛାଡ଼ି ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ଏସ୍‌ପି ଶଶିଭୂଷଣ ଶତପଥୀ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସମ୍ପୃକ୍ତ ଯୁବକମାନେ ଜିଲା ବାହାରୁ ବ୍ରାଉନସୁଗାର ଆଣି ତାହାକୁ ଭାଗକରି ବିକ୍ରି କରିଥାଆନ୍ତି। ସେମାନେ ସୋମବାର ଯଯାଙ୍ଗି ସାହିଠାରେ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ପରେ ସେଠାରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଥିଲା। ଟୁଗୁଲୁଙ୍କଠାରୁ ୦.୭ ଗ୍ରାମ୍, ବାପିଙ୍କଠାରୁ ୦.୭ ଗ୍ରାମ୍ ଏବଂ ଚଇନଙ୍କଠାରୁ ୦.୫ ଗ୍ରାମ୍ ଏହିଭଳି ମୋଟ ୧.୯ ଗ୍ରାମ୍ ବ୍ରାଉନସୁଗାର ପୋଲିସ ଜବତ କରିଛି। ସେମାନଙ୍କଠାରୁ ୨୦୧୦ ଟଙ୍କା ଓ ୩ଟି ମୋବାଇଲ୍ ମଧ୍ୟ ଜବତ କରାଯାଇଛି। ଏ ନେଇ ଥାନାରେ ୧୬୪/୧୯ରେ ଏକ ମାମଲା ରୁଜୁ କରାଯାଇଛି। ସେମାନେ କେଉଁଠାରୁ ବ୍ରାଉନ୍‌ସୁଗାର ଆଣୁଥିଲେ ତାହାର ତଦନ୍ତ କରାଯାଉଥିବା ଏସ୍‌ପି ଶତପଥୀ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତି ଉପସ୍ଥିତ ଥିଲେ।

ପ୍ରକାଶ ଯେ, ଜିଲାରେ ଦିନକୁ ଦିନ ବ୍ରାଉନସୁଗାର(ଧଳା ଜହର )କାୟା ବିସ୍ତାର କରିବାରେ ଲାଗିଛି। ୧୧ ଅଗଷ୍ଟ ୨୦୧୮ରେ ନୟାଗଡ଼ ଜିଲାରେ ପ୍ରଥମଥର ପାଇଁ ଏହି ଧଳା ଜହର ଜବତ ହୋଇଥିଲା। ଟାଉନ ଥାନା ପୋଲିସ ସାଗର ପୋଖରୀ କୂଳରୁ ଦୁଇଜଣ ଯୁବକଙ୍କୁ ଏ ନେଇ ଗିରଫ କରିଥିଲା। ଏହାପରେ ରଣପୁର ଅଞ୍ଚଳରୁ ମଧ୍ୟ ବ୍ରାଉନସୁଗାର ଜବତ ହୋଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଜ୍ଞାନୀ ଜାଣେନା କିଛି;**
**ଅମଣିଷ ମାନେନା କିଛି ।**

ଯିଏ ଅଜ୍ଞାନୀ, ବିଚାର ବୁଦ୍ଧି ହୀନ ସିଏ କିଛି ଭଲମନ୍ଦ ଜାଣିପାରି ନ ଥାଏ। ଅତି ସାଧାରଣ ବିଷୟରେ ମଧ୍ୟ ତା'ର ଜ୍ଞାନ ନ ଥାଏ। ସେହିପରି ଯିଏ ଅମଣିଷ ତାକୁ ବାଟକୁ ଆଣିବା କଷ୍ଟକର ହୋଇଯାଇଥାଏ। କାହା କଥାକୁ ଏମାନଙ୍କ ଭ୍ରୂକ୍ଷେପ ନ ଥାଏ କି କାହାର ହିତୋପଦେଶ ଏମାନଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅନ୍ତରରେ ଗୁହ,**
**ଆଖିରେ ଲୁହ ।**

ଆପଣାର ଭାବ ଦେଖାଇ ମୁହଁ ସାମ୍ନାରେ ଚାଟୁବଚନ, ପରୋକ୍ଷରେ ଶତ୍ରୁତା ଆଚରଣ । ଯିଏ ପଛରୁ ଛୁରି ଭୁସେ, ସାମ୍ନାରେ ଭଲେଇ ହୋଇ ପଛରେ ଅନିଷ୍ଟ ଘଟାଏ ସେ ସବୁଠାରୁ କ୍ଷତିକାରକ ଏବଂ ଘୃଣ୍ୟ ବ୍ୟକ୍ତି ରୂପେ ପରିଗଣିତ ହୋଇଥାଏ। କିଛି ବ୍ୟକ୍ତି ମୁହଁରେ ଭଲେଇ ହୋଇ କଥାକହି ବିଶ୍ୱାସ ଜନ୍ମେଇଥାନ୍ତି। କିନ୍ତୁ ପଛରେ ଗାତଖୋଳି ଖାଲରେ ପକାଇବାକୁ ଚେଷ୍ଟା ଚଳେଇଥାନ୍ତି। ମୁହଁରେ ହସ ପେଟରେ ବିଷ ଭରି ରହିଥିବା ଏପରି କପଟାଚାରୀ ବିଶ୍ୱାସଘାତକ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## କାର୍ତ୍ତିକ ପୂର୍ଣ୍ଣିମାରେ ଉଦ୍‌ଯାପିତ ହେବ ଏକଲକ୍ଷ ଆଠ ଦୀପଦାନ

ଗଣିଆ,୧୧।୧୧(ଡି.ଏନ.ଏ.)



ରାଉତପଡା ଭୋଳେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କ ଦୀପଦାନ।

ପବିତ୍ର ପଞ୍ଚୁକ ଅବସରରେ ପ୍ରତ୍ୟହ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଗଣିଆ ଅଞ୍ଚଳର ବିଭିନ୍ନ ମନ୍ଦିରରେ ଦେବଦର୍ଶନ ନିମିତ୍ତ ଶ୍ରଦ୍ଧାଳୁମାନଙ୍କ ଗହଳି ଲାଗିରହିଛି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ରାଉତପଡାସ୍ଥିତ ଭୋଳେଶ୍ୱର ମହାଦେବ ପୀଠରେ କାର୍ତ୍ତିକ ମାସବ୍ୟାପୀ ଚାଲୁରହିଥିବା ଏକଲକ୍ଷ ଆଠ ଦୀପଦାନ କାର୍ଯ୍ୟକ୍ରମ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହେବ ବୋଲି ମନ୍ଦିର ପରିଚାଳନା କମିଟି ତରଫରୁ ସୂଚନା ମିଳିଛି । ଏଠାରେ ଦୈନିକ ସନ୍ଧ୍ୟାରେ ୩୩୩୩ ଦୀପଦାନ କରାଯାଇଥିବା ବେଳେ ପଞ୍ଚୁକ ଅବସରରେ ୧୮ଟି ମହାଦୀପ ଦାନ କରାଯାଇଥିଲା। ଏହି ପୀଠକୁ ଦୀପଦାନ ନିମିତ୍ତ ଗଣିଆ ଓ ବାହାରୁ ବହୁ ମାନସିକଧାରୀ ଶ୍ରଦ୍ଧାଳୁ ଆସିଥିବା ଦେଖିବାକୁ ମିଳୁଛି। ପ୍ରତ୍ୟହ ଜଳାଭିଷେକ, ଅଖଣ୍ଡ ହନୁମାନ ଚାଳିଶା, ଶ୍ରୀରାମ ଚରିତ ମାନସ, ନାମ ଭଜନ, ପ୍ରବଚନ, ଗୀତାଯଜ୍ଞ, ଅନ୍ନଯଜ୍ଞ ଓ ଧର୍ମୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ଗଣିଆ ବ୍ଲକର ଗଣିଆ, କିଶୋରପ୍ରସାଦ, ପତଣ୍ଡା, ଇନ୍ଦିପଚ୍ଚା, ଜଗନ୍ନାଥପ୍ରସାଦ, ଧୂଆମଡା, ମାଳତିପୁଟ, ବେଲପଡା, ବିଜୟନଗର, ରାସଙ୍ଗ, କାଦୁଆ, ଡଙ୍କାରିସାହି, ଈଶ୍ୱରପୁର, ଛାମୁଣ୍ଡିଆ, ହରିପୁର, ବଡମୂଳ ଓ ବେଠିଆସାହି ଗ୍ରାମର ମନ୍ଦିରଗୁଡିକରେ ଶ୍ରଦ୍ଧାଳୁମାନେ ଦୀପଦାନ କରିଥିଲେ। ଡଙ୍କାରିସାହିସ୍ଥିତ ଗଣପତିଶ୍ୱର ପୀଠରେ ଗ୍ରାମବାସୀଙ୍କ ତରଫରୁ ପୂର୍ଣ୍ଣମୀ ଯାତ୍ରା ନିମିତ୍ତ ବ୍ୟାପକ ପ୍ରସ୍ତୁତି ଚାଲୁରହିଛି ।

## ବଡଓଷାରେ ଦେବାଳୟ ଉତ୍ସବ ମୁଖର

ବୋଲଗଡ,୧୧।୧୧(ଡି.ଏନ.ଏ.)

ବଡଓଷା ଅବସରରେ ସୋମବାର ବୋଲଗଡବ୍ଲକଅଞ୍ଚଳରେଥିବାଦେବାଳୟ ଗୁଡିକ ଉତ୍ସବ ମୁଖର ହୋଇଉଠିଛି । ନୀଳ କଣ୍ଠେଶ୍ୱରଦେବ ମନ୍ଦିର, ପଶ୍ଚିମେଶ୍ୱରଦେବ, ସିଂଘେଶ୍ୱରଦେବ ମନ୍ଦିର ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେଉଛି। ସେହିପରି ତାରେଶ୍ୱରଦେବଙ୍କ ମନ୍ଦିର, ବାଲୁଙ୍କେଶ୍ୱରଦେବ, ଅମୃତେଶ୍ୱରଦେବ ମନ୍ଦିର, ସୋମନାଥଦେବ ମନ୍ଦିର, ଚନ୍ଦ୍ରଶେଖର ଦେବ, ଭୁବନେଶ୍ୱର ଦେବ,ଧଳାପଥର ସ୍ଥିତ ଧବଳେଶ୍ୱରଦେବ ପୀଠରେ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଛି।

## କିଆଝର ପାଟଣାରେ କୃଷ୍ଣଜନ୍ମ ପାଳନ

ଖଣ୍ଡପଡ଼ା,୧୧।୧୧(ସ୍ୱ.ପ୍ର.)

୨ଖଣ୍ଡପଡ଼ା ବ୍ଲକ କିଆଝର ପଞ୍ଚାୟତ କିଆଝରପାଟଣା ଗ୍ରାମରେ କାର୍ତ୍ତିକ ସପ୍ତାଙ୍ଗ ତଥା ଯଜ୍ଞ ଉତ୍ସବ ଆରମ୍ଭ ହୋଇଛି। ଜୀବଜଗତର କଲ୍ୟାଣ ନିମିତ୍ତ ଆୟୋଜିତ ଏହି ପବିତ୍ର ସପ୍ତାଙ୍ଗ ଯଜ୍ଞ ଦର୍ଶନ ପାଇଁ ପ୍ରାତଃ କାଳରୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ରବିବାର ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ 'କୃଷ୍ଣ ଜନ୍ମ' ଅବସରରେ ଗ୍ରାମବାସୀ ଛୋଟ ପିଲାଙ୍କୁ କୃଷ୍ଣ, ବଳରାମ ସହ ସୁଦାମା, ସୁବଳ ଆଦି ସାଙ୍ଗସାଥି ବେଶରେ ସଜ୍ଜିତ କରି ନନ୍ଦରାଜାଙ୍କ ସହ ଗ୍ରାମ ପରିକ୍ରମା କରାଇଥିଲେ । ଏହି ସମୟରେ ଗ୍ରାମର ହଜାର ହଜାର ମହିଳାପୁରୁଷ କୃଷ୍ଣ, ବଳରାମଙ୍କୁ ପୂଜାର୍ଚ୍ଚନା କରିବା ସହ ସେମାନଙ୍କୁ ସୁସ୍ୱାଦୁ ଭୋଜନ ପ୍ରଦାନ କରିଥିଲେ। ନନ୍ଦ ମହାରାଜା ଓ ସାଙ୍ଗସାଥୀଙ୍କ ଗହଣରେ କୃଷ୍ଣ ବଳରାମଙ୍କ ଗ୍ରାମଦାଣ୍ଡରେ ନୃତ୍ୟ ଲୋକମାନଙ୍କୁ ଅଭିଭୂତ କରିଥିଲା। ଆସନ୍ତା ବୁଧବାର କାର୍ଯ୍ୟକ୍ରମର ପୂର୍ଣ୍ଣାହୁତି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କିଆଝର ସରପଞ୍ଚ ଚନ୍ଦ୍ରକାନ୍ତ ବଳିୟାର ସିଂ ସୂଚନା ଦେଇଛନ୍ତି।

## ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି

# ଗ୍ରାମାଞ୍ଚଳ ପ୍ରତିଭାର ବିକାଶ ପାଇଁ ପ୍ରକୃଷ୍ଟ ମଞ୍ଚ

ନୟାଗଡ଼ ଅଫିସ,୧୧।୧୧



ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭା ଓ ଜ୍ଞାନର ବିକାଶ ପାଇଁ ଉଦ୍ଦିଷ୍ଟ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ସୋମବାର ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲା ଶିକ୍ଷା ଅଧିକାରୀ ଶିବଶଙ୍କର ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା କୃଷି ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଡ.ଅରୁଣ କୁମାର ସାହୁ ଯୋଗଦେଇଥିଲେ। ଗ୍ରାମାଞ୍ଚଳ ପିଲାମାନଙ୍କ ପ୍ରତିଭାର ବିକାଶ ପାଇଁ ସୁରଭି ଏକ ପ୍ରକୃଷ୍ଟ ମଞ୍ଚ ବୋଲି ସେ ପ୍ରକାଶ କରିଥିଲେ। ଛାତ୍ର,ଶିକ୍ଷକ, ଅଭିଭାବକ ଏହି ୩ ଜଣ ସମନ୍ୱିତ ଭାବେ କାର୍ଯ୍ୟ କରିବା ଦରକାର ।ତାହେଲେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିବ। ଅଭିଭାବକମାନେ ପିଲାମାନଙ୍କ ଉପରେ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ ଲଦି ଦେବା ଅନୁଚିତ, ସେମାନଙ୍କ ଯାହା ଇଚ୍ଛା ସେହି ଅନୁସାରେ ପାଠ ପଢ଼ିଲେ ଭଲ କରିବେ ବୋଲି ମନ୍ତ୍ରୀ ସାହୁ ପ୍ରକାଶ କରିଥିଲେ। ଜିଲାପାଳ ଡ. ପୋମା ଟୁଡୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତି ପିଲା ପାଖରେ କିଛି ନା କିଛି ଅନ୍ତର୍ନିହିତ ଗୁଣ ରହିଛି ସେ ଗୁଣକୁ ଶିକ୍ଷକମାନେ ଚିହ୍ନିବା ଦରକାର ଓ ନିଜସ୍ୱ ଶୈଳୀରେ ସେମାନଙ୍କ ଦକ୍ଷତାର ବିକାଶ ପାଇଁ ସୁଯୋଗ ଦେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ର, ହାଇସ୍କୁଲର ପ୍ରଧାନ ଶିକ୍ଷକ ଉମାକାନ୍ତ ସେଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଉଭୟ କନିଷ୍ଠ ଏବଂ ବରିଷ୍ଠ ବିଭାଗରେ ବକ୍ତୃତା, ଏଲୋକେଶନ, ଚିତ୍ରାଙ୍କନ, ପ୍ରବନ୍ଧ, କୁଇଜ, କଣ୍ଠସଙ୍ଗୀତ, ସୃଜନଶୀଳ ଲିଖନ, ଭିନ୍ନକ୍ଷମ ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦେବୀପ୍ରସାଦ ନନ୍ଦ, ଶୁଭଲକ୍ଷ୍ମୀ ପରିଡ଼ା, ଅରୋସ୍ମିତା ମାର୍ଥା, ଶ୍ରଦ୍ଧା ସୋହିନୀ ଆଚାର୍ଯ୍ୟ, ରୂପାଲି ରତ୍ନପର୍ଣ୍ଣା ସାହୁ, ଶୁଭଶ୍ରୀ ମିଶ୍ର, ରବିନାରାୟଣ ସାହୁ, ସ୍ମୃତି ପ୍ରିୟଦର୍ଶିନୀ ସାହୁ, ପ୍ରଭୁପାଦ ପାଣିଗ୍ରାହୀ, ନିକିତା ନାୟକ, ରଶ୍ମିତା ସାହୁ, ଶୁଭ୍ରାଜ୍ୟୋତି ମିଶ୍ର, ଅର୍ଚ୍ଚନା ପ୍ରିୟଦର୍ଶିନୀ ପ୍ରମୁଖ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ହୋଇଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୟାଗଡ଼ ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମନୋନୀତ ହୋଇଛି । ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଆସନ୍ତା ମାସ ୧୨ ତାରିଖରେ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ସୂଚନା ମିଳିଛି। ଶିକ୍ଷକ ଶେଖ ଅବଦୁଲ ଖାଲିକ ଏବଂ ବଟକିଶୋର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
MICRO FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8278449759
8901395759
B-34/7 A Block Vijay Enclave, Bururi, New Delhi

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

LOAN DHAMAKA
1) Mudra Loan
2) Term Loan
3) Cash Credit
4) Vehicle Loan
5) Housing Loan
6) Agriculture Loan
7) Used Car Loan
8) Mortgaged Loan
PD ASSOCIATE
91, Kharvela Nagar, BBSR
8895436156

BUSINESS

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା ୬୦ ହଜାର + ବାଇକ୍ ।
20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

EDUCATION

LAST DATE OF ADMISSION ON 10/11/2019
B.Ed
Acharya Nagarjuna University Equivalent to Govt. of Odisha
FREE Practical, Study Material, Formfillup fees & Weekend Class
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ |40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

DHARITRI
Career appointment
Every Wednesday and Saturday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |

on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

